# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୫/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, April 15/2026 Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 140 | ମୂଲ୍ୟ ₹୭/-







ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍‌କରଙ୍କ ୧୩୫ତମ ଜନ୍ମବାର୍ଷିକୀ ଅବସରରେ ମଙ୍ଗଳବାର ପାର୍ଲାମେଣ୍ଟ ଭବନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାବେଳେ ଅନ୍ୟ ନେତାମାନଙ୍କ ସହ କଥା ହେଉଛନ୍ତି। ପାଖରେ ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ସମ୍ରାଟ ଚୌଧରୀ ହେବେ ମୁଖ୍ୟମନ୍ତ୍ରୀ

## ନୀତୀଶ କୁମାରଙ୍କ ଇସ୍ତଫା

**ପାଟନା, ୧୪।୪**

ବିହାରକୁ ସର୍ବାଧିକ କାଳ ଶାସନ କରିଆସିଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚନ କରାଯାଇଛି। ଫଳରେ ସମ୍ରାଟ ରାଜ୍ୟର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବୁଧବାର ସେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିପାରନ୍ତି।

ଜେଡିୟୁ ସୁପ୍ରିମୋ ନୀତୀଶ ଗତ ସପ୍ତାହରେ ରାଜ୍ୟ ସଭା ସଦସ୍ୟ ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ପାଟନାସ୍ଥିତ ଲୋକଭବନ ଯାଇ ତାଙ୍କ ଇସ୍ତଫାପତ୍ର ରାଜ୍ୟପାଳ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟେଦ ଅତା ହାସନୈନଙ୍କୁ ପ୍ରଦାନ କରିବା ପରେ ରାଜ୍ୟରେ ପ୍ରଥମ ଭାଜପା ନେତୃତ୍ୱାଧୀନ ସରକାର ଗଠନ ଲାଗି ପଥ ପରିଷ୍କାର ହୋଇଯାଇଛି। ନୀତୀଶଙ୍କ ସହ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ଅନ୍ୟ ବରିଷ୍ଠ ନେତାମାନେ ଯାଇଥିଲେ। ଇସ୍ତଫା ଦେବା ପୂର୍ବରୁ ନୀତୀଶ ଆନୁଷ୍ଠାନିକ ଭାବେ କ୍ୟାବିନେଟ ଭଙ୍ଗ କରିଛନ୍ତି।

ଭାଜପା ବିଧାୟକ ଦଳ ନେତା ନିର୍ବାଚନ ଲାଗି ଦଳର ସଂସଦୀୟ ବୋର୍ଡ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିଲା। ସମ୍ରାଟ ସର୍ବସମ୍ମତକ୍ରମେ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବା ଶିବରାଜ କହିଛନ୍ତି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ୮୯ ବିଧାୟକ ଥିବା ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ।



ସମ୍ରାଟ ଚୌଧରୀ

ସମ୍ରାଟ ନେତା ନିର୍ବାଚିତ ହେବା ପରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ବିହାରର ନେତୃତ୍ୱ ନେବାକୁ ତାଙ୍କ ଉପରେ ଆସ୍ଥା ରଖିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ଏହା ତାଙ୍କ ପାଇଁ କେବଳ ଏକ ପଦବୀ ନୁହେଁ, ବରଂ ବିହାର ଲୋକଙ୍କୁ ସେବା କରିବା ଏବଂ ସେମାନଙ୍କ ବିଶ୍ୱାସ ଓ ଆଶା ଆକାଂକ୍ଷା ପୂରଣ କରିବା ନିମନ୍ତେ ଏକ ସୁଯୋଗ ବୋଲି ସେ କହିଛନ୍ତି। ସେ ପ୍ରତ୍ୟେକ ନାଗରିକଙ୍କ ଆଶା ପୂରଣ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା, ପ୍ରତିବଦ୍ଧତା ଓ ସତ୍ୟନିଷ୍ଠତାର ସହ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ମାର୍ଗଦର୍ଶନରେ ସେ ବିହାରକୁ ବିକାଶ, ସୁଶାସନ ଏବଂ ସମୃଦ୍ଧିର ନୂଆ ଉଚ୍ଚତାକୁ ନେଇଯିବା ଦିଗରେ କାର୍ଯ୍ୟ ଜାରି ରଖିବେ ବୋଲି Xରେ ଲେଖିଛନ୍ତି।

# ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍‌ୱେ ଉଦ୍‌ଘାଟିତ

**ଡେରାଡୁନ୍, ୧୪।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବହୁ ପ୍ରତୀକ୍ଷିତ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡରର ଉଦ୍‌ଘାଟନ କରିଛନ୍ତି। ଏହି ଏକ୍ସପ୍ରେସ୍‌ୱେ ୨ ସହର ମଧ୍ୟରେ ଯାତ୍ରା ସମୟ ହ୍ରାସ କରିବ। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଦ୍ୱାରା ନିର୍ମିତ ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍‌ୱେର ପ୍ରାଣୀମାନଙ୍କ ଯାତାୟାତ ପାଇଁ ବନ୍ୟପ୍ରାଣୀ କରିଡର ସମେତ ଅନେକ ଅନନ୍ୟ ବୈଶିଷ୍ଟ୍ୟ ରହିଛି। ଉକ୍ତ ଏକ୍ସପ୍ରେସ୍‌ୱେ ଉଦ୍‌ଘାଟନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଏହା ପାର୍ଶ୍ୱରେ ନିର୍ମିତ ବନ୍ୟପ୍ରାଣୀ ମାର୍ଗର ସମୀକ୍ଷା କରିଥିଲେ। ୨୧୩ କି.ମି. ଦୈର୍ଘ୍ୟ ୬ ଲେନ୍ ବିଶିଷ୍ଟ ଏହି ପ୍ରବେଶ ନିୟନ୍ତ୍ରଣ କରିଡର ୧୨,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ବର୍ତ୍ତମାନ ଦିଲ୍ଲୀରୁ ଡେରାଡୁନ୍ ଯାତ୍ରା ପାଇଁ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଥିବାବେଳେ ଏକ୍ସପ୍ରେସ୍‌ୱେରେ ଏଥିପାଇଁ ମାତ୍ର ୨.୫ ଘଣ୍ଟା ସମୟ ଲାଗିବ।

# ଲୋକ ସଭା ଆସନ ସଂଖ୍ୟା ୮୫୦କୁ ବଢ଼ିବ

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

କେନ୍ଦ୍ର ସରକାର ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଆଣିଛନ୍ତି। ଏହି ପଦକ୍ଷେପ ଦୀର୍ଘଦିନ ଧରି ଅଟକି ରହିଥିବା ମହିଳା ସ୍ଥାନ ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ବାଟ ଫିଟାଇବା ସହ ନିର୍ବାଚନମଣ୍ଡଳୀଗୁଡ଼ିକର ସାନି ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରିବା ନିମନ୍ତେ ଗୁରୁବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ପୂର୍ବ ଆଇନରେ ସଂଶୋଧନ ପାଇଁ ବିଲ୍ ଅଣାଯିବ। ୨୦୧୧ ଜନଗଣନା ତଥ୍ୟ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କରାଯିବ। ସମ୍ବିଧାନର ଅନୁଚ୍ଛେଦ ୮୧ରେ ସଂଶୋଧନ କରିବା ବିଲ୍‌ର ଉଦ୍ଦେଶ୍ୟ। ଏଥିରେ କୁହାଯାଇଛି, ଲୋକ ସଭାକୁ ରାଜ୍ୟଗୁଡ଼ିକର



ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ଭାବେ ୮୧୫ରୁ ଊର୍ଦ୍ଧ୍ୱ ସଦସ୍ୟ ନିର୍ବାଚିତ ହୋଇପାରିବେ ନାହିଁ। କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ୩୫ରୁ ଊର୍ଦ୍ଧ୍ୱ ସଦସ୍ୟ ପ୍ରତିନିଧିତ୍ୱ କରିବେ ନାହିଁ। ସଂସଦ ଦ୍ୱାରା ପ୍ରଣୀତ ଆଇନ ଅନୁଯାୟୀ ସେମାନେ ନିର୍ବାଚିତ ହେବେ। ବିଲ୍ ଅନୁଯାୟୀ, ଜନସଂଖ୍ୟା କହିଲେ ପ୍ରକାଶିତ ହୋଇଥିବା ସର୍ବଶେଷ ଜନଗଣନାରୁ ଦେଶର ଲୋକ ସଂଖ୍ୟାକୁ ବୁଝାଏ। ତଦନୁଯାୟୀ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ଥିବା ୨୦୧୧ ଜନସଂଖ୍ୟା ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯିବ। ୨୦୨୩ର ମହିଳା ସ୍ଥାନ ସଂରକ୍ଷଣ ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସରକାର ଗୁରୁବାର ଏକ ସମ୍ବିଧାନ ସଂଶୋଧନ ବିଧେୟକ, ସୀମା ନିର୍ଦ୍ଧାରଣ ବିଲ୍ ଏବଂ ଦିଲ୍ଲୀ, ଜମ୍ମୁ-କଶ୍ମୀର ଏବଂ ପଣ୍ଡିଚେରୀ ପାଇଁ ବିଲ୍ ଆଣିବାକୁ ଯୋଜନା କରିଛନ୍ତି। ପରବର୍ତ୍ତୀ ଜନଗଣନା ଏବଂ ଏହା ପରେ ସୀମା ନିର୍ଦ୍ଧାରଣ କାର୍ଯ୍ୟ କରାଗଲେ ବହୁତ ସମୟ ଲାଗିବ, ଯାହା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମହିଳାଙ୍କ ସଫଳ ଅଂଶଗ୍ରହଣରେ ବିଳମ୍ବ କରାଇବ। ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ପ୍ରସ୍ତାବିତ ବିଲ୍‌ର ଉଦ୍ଦେଶ୍ୟ, ଯେଉଁଥିରେ ଅନୁସୂଚିତ ଜାତି ଓ ଜନଜାତିର ମହିଳାଙ୍କୁ ମଧ୍ୟ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ପ୍ରତିନିଧିତ୍ୱ ମିଳିବ। ସେଥିପାଇଁ ପୂର୍ବରୁ ପ୍ରକାଶିତ ଜନଗଣନାର ଲୋକସଂଖ୍ୟା ତଥ୍ୟ ଆଧାରରେ ସୀମା ପୁନଃନିର୍ଦ୍ଧାରଣ କରାଯିବ ବୋଲି ଚିଠା ସମ୍ବିଧାନ ସଂଶୋଧନ ବିଲ୍‌ରେ କୁହାଯାଇଛି।

# ଇନ୍ଧନ, ସାର ଦର ଦୀର୍ଘଦିନ ଉଚ୍ଚା ରହିପାରେ: ଆଇଏମ୍‌ଏଫ୍, ବିଶ୍ୱବ୍ୟାଙ୍କ

**ୱାଶିଂଟନ, ୧୪।୪ (ପି.ଟି.)**

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ଇନ୍ଧନ ଏବଂ ସାର ଦର ଅଧିକ ଦିନ ଧରି ଉଚ୍ଚା ରହିପାରେ ବୋଲି ବିଶ୍ୱର ୩ ପ୍ରମୁଖ ସଂସ୍ଥା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍), ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ଚେତାବନୀ ଦେଇଛନ୍ତି। ଯୁଦ୍ଧ ଯୋଗୁ ଲୋକମାନେ ବାସହରା ହୋଇଛନ୍ତି, ପର୍ଯ୍ୟଟନ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ଲୋକ ନିଜର ଜୀବିକା ହରାଇଛନ୍ତି। ଏହାସହ ତୈଳ ଓ ଗ୍ୟାସ୍ ଉତ୍ତୋଳନ କରୁଥିବା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର ଭିତ୍ତିଭୂମି ନଷ୍ଟ ହୋଇଛି। ଇରାନ୍ ନିୟନ୍ତ୍ରଣରେ ଥିବା ଅନ୍ତର୍ଜାତୀୟ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହେବାରେ ଅନିଶ୍ଚିତତା ଦେଖାଦେଇଛି, ଯାହା ବିଶ୍ୱ ବାଣିଜ୍ୟ ପାଇଁ ବଡ଼ ସମସ୍ୟା ହୋଇ ଠିଆହୋଇଛି। ଏଥିଯୋଗୁ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଛି। ତେଣୁ ସ୍ଥିତି ସ୍ୱାଭାବିକ ହେବା ପରେ ମଧ୍ୟ ଇନ୍ଧନ (ତୈଳ ଓ ଗ୍ୟାସ୍) ଏବଂ ସାର ଦର କମିବା ପାଇଁ ଅଧିକ ସମୟ ଲାଗିବ। ଏହି ସମସ୍ୟାରୁ ମୁଖ୍ୟତଃ ଖାଦ୍ୟ ନିରାପତ୍ତା ପ୍ରତି ବିପଦ ଘନେଇଛି। କାରଣ ସାର ଦର ବଢ଼ିରହିଲେ ଚାଷ କାର୍ଯ୍ୟ ମହଙ୍ଗା ହେବ, ଯାହା ବିଶ୍ୱରେ ଖାଦ୍ୟ ସଙ୍କଟ ସୃଷ୍ଟି କରିପାରେ। ସେହିପରି ଭାରତ ଭଳି ଆମଦାନୀକାରୀ ଦେଶଗୁଡ଼ିକ ଇନ୍ଧନ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିବାରୁ ସେମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ। ବିଶେଷକରି ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକର ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ଉପରୋକ୍ତ ୩ ସଂସ୍ଥା ମିଳିତ ଭାବେ ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ପ୍ରଭାବିତ ଦେଶଗୁଡ଼ିକୁ ଆର୍ଥିକ ସହାୟତା ତଥା ନୀତିଗତ ପରାମର୍ଶ ଦେବା ପାଇଁ କାର୍ଯ୍ୟ କରୁଛନ୍ତି।

# ପୁଣି ହେବ ଆମେରିକା, ଇରାନ ଆଲୋଚନା

**ଇସ୍‌ଲାମାବାଦ/ୱାଶିଂଟନ, ୧୪।୪**

ପାକିସ୍ତାନର ଇସ୍‌ଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ୨୧ ଘଣ୍ଟା ଧରି ଚାଲିଥିବା ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ୨ ଦେଶ ମଧ୍ୟରେ ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ ଉଦ୍ୟମ ଜାରି ରହିଛି। ଅସ୍ତ୍ରବିରତି ସମୟସୀମା ୨୧ରେ ଶେଷ ହେଉଥିବାବେଳେ ଏହା ପୂର୍ବରୁ ୨ ଦେଶ ଆଲୋଚନା ଟେବୁଲକୁ ଆସିପାରନ୍ତି। ଆମେରିକା ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱାସ କରନ୍ତି ଯେ, ତେହରାନ୍ ଯଦି ତାଙ୍କ ଦାବି ମାନିବାକୁ ପ୍ରସ୍ତୁତ, ତେବେ ସେ ତୁରନ୍ତ ବ୍ୟକ୍ତିଗତ ଭାବେ ଆଲୋଚନା ଆରମ୍ଭ କରିବାକୁ ପ୍ରସ୍ତୁତ। ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ କଥାବାର୍ତ୍ତା ଜାରି ରହିଥିବା ୩ଟି ସୂତ୍ରରୁ ଆମେରିକୀୟ ଏଜେନ୍ସି ଜାଣିବାକୁ ପାଇଛି। ତେହରାନ୍ ଏବଂ ୱାଶିଂଟନ ଏଥିରେ ରାଜି ହୋଇଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି।

# ନଏଡାରେ ପୁଣି ହିଂସା: ୩୦୦ ଗିରଫ

## ୭ ଏତଲା, କ୍ୟୁଆର୍ କୋଡ୍ ଭିତ୍ତିକ ହ୍ୱାଟ୍ସଆପ୍ ସିଣ୍ଡିକେଟ୍‌କୁ ନେଇ ତଦନ୍ତ

**ନଏଡା, ୧୪।୪ (ପି.ଟି.)**

ନଏଡ଼ା ଫ୍ୟାକ୍ଟ୍ରି କର୍ମଚାରୀମାନଙ୍କ ସୋମବାର ହିଂସାତ୍ମକ ବିକ୍ଷୋଭ ପରେ ଉତ୍ତରପ୍ରଦେଶ ସରକାର ଅନ୍ତରୀଣ ବେତନ ବୃଦ୍ଧି କରିବା ସହ ବ୍ୟାପକ ପୋଲିସ ମୁତୟନ କରିଥିବା ସତ୍ତ୍ୱେ ମଙ୍ଗଳବାର ପୁନର୍ବାର ବିକ୍ଷୋଭ ହୋଇଛି। ଶିଳ୍ପାଞ୍ଚଳ ଏବଂ ଆବାସିକ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବଳ ସଜାଗ ରହିଛି। ମଙ୍ଗଳବାର ସକାଳୁ ବିଭିନ୍ନ ଅଞ୍ଚଳରେ ପୋଲିସ ରୁଟ୍‌ମ୍ୟାଚ୍ ଜାରି ରଖିଛି। କେତେକ ଅଞ୍ଚଳରେ ରୁଣ୍ଡ ହୋଇଥିବା ଶ୍ରମିକ, କର୍ମଚାରୀମାନଙ୍କୁ ଆଲୋଚନା ପରେ ତୁରନ୍ତ ହଟାଇ ଦିଆଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ ଜିଲାରେ ଆଇନ ଶୃଙ୍ଖଳା ପୁନଃସ୍ଥାପିତ ହୋଇଥିବା ଗୌତମ ବୁଦ୍ଧନଗର ପୋଲିସ କମିଶନର ଲକ୍ଷ୍ମୀ ସିଂ କହିଛନ୍ତି। ନଏଡ଼ା ହିଂସାରେ ସମ୍ପୃକ୍ତ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯିବା ସହ ୭ଟି ଏତଲା ଦାଏର ହୋଇଛି।

ପୋଲିସ କମିଶନରଙ୍କ କହିବା ଅନୁଯାୟୀ, ଗତ ୨ ଦିନ ହେଲା କ୍ୟୁଆର୍ କୋଡ୍ ବ୍ୟବହାର କରି ଅନେକ ହ୍ୱାଟ୍ସଆପ୍ ଗ୍ରୁପ୍ ସୃଷ୍ଟି କରାଯାଇଛି ଓ କର୍ମଚାରୀମାନଙ୍କୁ ସେଥିରେ ସାମିଲ କରାଯାଇଛି। ଏହା ପଛରେ ଏକ ସଂଗଠିତ ନେଟ୍‌ୱର୍କ କାର୍ଯ୍ୟ କରୁଥିବା ସୂଚନା ମିଳୁଛି। ଅଶାନ୍ତି ବଢ଼ାଇବାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଥିବାବେଳେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି ବୋଲି ପୋଲିସ କମିଶନର କହିଛନ୍ତି। କେଉଁ ଉତ୍ସରୁ ଏଥିପାଇଁ ପାଣ୍ଠି ଆସୁଛି, ତା'ର ତଦନ୍ତ କରାଯାଉଛି। ଆନ୍ଦୋଳନକାରୀମାନେ ରାଜ୍ୟ ତଥା ଦେଶ ବାହାରୁ ପାଣ୍ଠି ପାଉଥିଲେ, ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୋମବାରଠାରୁ ନଏଡ଼ାରେ ରହିଥିବା ଉଚ୍ଚ କ୍ଷମତାସମ୍ପନ୍ନ କମିଟି ସବୁ ଷ୍ଟେକ୍‌ହୋଲ୍ଡରଙ୍କ ସହ ବ୍ୟାପକ ତଥା ମାରାଥନ ବୈଠକ କରିଛନ୍ତି ଓ କେତେକ ସୁପାରିସ୍ ପ୍ରସ୍ତୁତ କରିଛନ୍ତି।

ସୂଚନାଯୋଗ୍ୟ, ବେତନ ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧା ଦାବିରେ ଫ୍ୟାକ୍ଟ୍ରି ଶ୍ରମିକ, କର୍ମଚାରୀମାନେ ସୋମବାର ହିଂସାତ୍ମକ ବିକ୍ଷୋଭ କରିଥିଲେ। ବିକ୍ଷୋଭକାରୀ ବହୁ ଗାଡ଼ିରେ ନିଆଁ ଲଗାଇଦେବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ବଳ ପ୍ରୟୋଗ କରିଥିଲା। ବହୁସଂଖ୍ୟାରେ କଳକାରଖାନା ଥିବା ନଏଡ଼ା ଫେଜ୍-୨ରେ ବିକ୍ଷୋଭକାରୀ ଶ୍ରମିକମାନେ ଏକ ପୋଲିସ ଭ୍ୟାନ୍ ସମେତ ଅନ୍ୟ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରୁଥିବାର ଦେଖିବାକୁ ମିଳିଥିଲା।

# ଆମେରିକାକୁ କ୍ୟୁବା ରାଷ୍ଟ୍ରପତିଙ୍କ ଚେତାବନୀ

**ସାନ୍ ଜୁଆନ୍, ୧୪।୪**

କ୍ୟୁବା ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ଏହାର ରାଷ୍ଟ୍ରପତିଙ୍କୁ କ୍ଷମତାଚ୍ୟୁତ କରିବା ଉଦ୍ୟମର କୌଣସି ବୈଧ କାରଣ ନାହିଁ ବୋଲି ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍-କାନେଲ କହିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, କ୍ୟୁବା ଆକ୍ରମଣ ପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ। ଯଦି ଆକ୍ରମଣ ହୁଏ, ତେବେ କ୍ୟୁବାବାସୀ ଏହାର ପ୍ରତିରୋଧ କରିବେ। ଆବଶ୍ୟକ ପଡ଼ିଲେ ସେମାନେ ଜୀବନ ଦେବାକୁ ପଛାଇବେ ନାହିଁ। କ୍ୟୁବା ବିରୋଧରେ ଆମେରିକା ସରକାର ପ୍ରତିକୂଳ ନୀତି କାର୍ଯ୍ୟକାରୀ କରୁଥିବା ମିଗୁଏଲ୍ କହିଛନ୍ତି।

# ଲତା ମଙ୍ଗେସ୍‌କର, ଆଶା ଭୋସ୍‌ଲେଙ୍କ ନାମରେ ଏସିଆର ସର୍ବବୃହତ୍ ହସ୍ପିଟାଲ ନିର୍ମାଣ ହେବ



**ମୁମ୍ବାଇ, ୧୪।୪**

ଭାରତର ୨ କିମ୍ବଦନ୍ତୀ ଗାୟିକା ଭଉଣୀ ଲତା ମଙ୍ଗେସ୍‌କର ଏବଂ ଆଶା ଭୋସ୍‌ଲେଙ୍କ ସମ୍ମାନରେ ସେମାନଙ୍କ ନାମରେ ଏସିଆର ସର୍ବବୃହତ୍ ହସ୍ପିଟାଲ ନିର୍ମାଣ ହେବ। ସେମାନଙ୍କ ଭାଇ ହୃଦୟନାଥ ମଙ୍ଗେସ୍‌କର ଏହି ହସ୍ପିଟାଲ ନିର୍ମାଣ କରିବେ ବୋଲି କହିଛନ୍ତି। ଏହାର ନାମ 'ଲତା-ଆଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ' କିମ୍ବା 'ଲତା-ଆଶା ମଙ୍ଗେସ୍‌କର ଆୟୁର୍ବିଦ୍ୟା ସଂସ୍ଥାନ' ରହିବ। ହସ୍ପିଟାଲ ବ୍ୟତୀତ ମଙ୍ଗେସ୍‌କର ପରିବାରର ଗୌରବମୟ ସଙ୍ଗୀତ ଯାତ୍ରାକୁ ନେଇ ଏକ ଉତ୍ସର୍ଗୀକୃତ ସଂଗ୍ରହାଳୟ କରାଯିବ। ଏଥିପାଇଁ ଜମି ସଂଗ୍ରହ କରାଯାଇଛି। ଏହା ଏସିଆର ସବୁଠୁ ବଡ଼ ହସ୍ପିଟାଲ ହେବ ବୋଲି ହୃଦୟନାଥ ଗଣମାଧ୍ୟମକୁ କହିଛନ୍ତି। ଆଶା ଭୋସ୍‌ଲେଙ୍କର ରବିବାର ୯୨ ବର୍ଷ ବୟସରେ ପରଲୋକ ହୋଇଥିଲା। ତାଙ୍କ ବଡ଼ ଭଉଣୀ ଲତାଙ୍କର ମଧ୍ୟ ସେହି ୯୨ ବର୍ଷ ବୟସରେ ୨୦୨୨ ଫେବୃଆରୀ ୬ରେ ଦେହାନ୍ତ ହୋଇଥିଲା।

# ଯୁଦ୍ଧ ବିରୋଧରେ କହିଚାଲିବି: ପୋପ୍

## ନିଜକୁ ଯିଶୁଖ୍ରୀଷ୍ଟ ଚିତ୍ରଣ କଲେ ଟ୍ରମ୍ପ୍

**ଅଲଜିଅର୍ସ, ୧୪।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୋପ୍ ଲିଓ ଚତୁର୍ଦ୍ଦଶଙ୍କୁ ସମାଲୋଚନା କରିବାରୁ ସେ କ୍ଷୁବ୍ଧ ହୋଇଛନ୍ତି। ଯୁଦ୍ଧ ବିରୋଧରେ ସେ କହିବା ଜାରି ରଖିବେ ବୋଲି ସୋମବାର ଅଲ୍‌ଜିଅର୍ସ ଯିବାବେଳେ ବିମାନରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଟ୍ରମ୍ପଙ୍କ ସହ ସେ ବିତର୍କ କରିବାକୁ ଚାହାଁନ୍ତି ନାହିଁ। କେତେକ ଲୋକ ଯେଭଳି କାର୍ଯ୍ୟ କରୁଛନ୍ତି, ସେହିଭଳି ବାଇବେଲ୍ ବାର୍ତ୍ତାର ଦୁରୁପଯୋଗ ହେବା ସେ ଚାହାନ୍ତି ନାହିଁ। ସେ ଯୁଦ୍ଧକୁ ବିରୋଧ କରିବା ସହ ଶାନ୍ତିର ପ୍ରସାର ଏବଂ ସମସ୍ୟାର ସମାଧାନ ପାଇ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆଲୋଚନା ଓ ପାରସ୍ପରିକ ସମ୍ପର୍କ ବଢ଼ାଇବା ପାଇଁ କହିଚାଲିବେ ବୋଲି ପୋପ୍ କହିଛନ୍ତି।

ଯୁଦ୍ଧରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଇଛି, ଆଜି ସାରା ବିଶ୍ୱର ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜଣେ କେହି ଏହା ବିରୋଧରେ ଛିଡ଼ାହୋଇ ଉତ୍ତମ ମାର୍ଗ ଦର୍ଶାଇବାର ଆବଶ୍ୟକତା ରହିଛି ବୋଲି ସେ ଭାବୁଥିବା ପୋପ୍ କହିଛନ୍ତି। ଇରାନ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧକୁ ପୋପ୍ ଲିଓ କଡ଼ା ସମାଲୋଚନା କରିବା ସହ ଏହାକୁ ଯୁଦ୍ଧର ପାଗଳାମୀ ବୋଲି ଶନିବାର କହିଥିଲେ। ପୋପ୍‌ଙ୍କ ସମାଲୋଚନାର ଜବାବ ଦେଇ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଥିଲେ, ପୋପ୍ ଅପରାଧ ରୋକିବାରେ ଦୁର୍ବଳ ଏବଂ ବିଦେଶ ନୀତି ପାଇଁ ବହୁତ ଖରାପ। ଏଥିସହିତ ଟ୍ରମ୍ପ୍ ନିଜକୁ ଯିଶୁଖ୍ରୀଷ୍ଟ ବେଶରେ ସଜାଇ ଏକ ଏଆଇ ପ୍ରସ୍ତୁତ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଯିଶୁଙ୍କ ଭଳି ପୋଷାକ ପିନ୍ଧି ଜଣେ ଲୋକଙ୍କୁ ଚିକିତ୍ସା କରୁଥିବା ଦେଖାଯାଇଥିଲା। ବିବାଦ ପରେ ଟ୍ରମ୍ପ୍ ଏହାକୁ ଡିଲିଟ୍ କରିଦେଇଥିଲେ। ଅନ୍ୟପକ୍ଷେ ଇରାନ ରାଷ୍ଟ୍ରପତି ମସୌଦ ପେଜେଶ୍କିଆନ୍ ପୋପ୍‌ଙ୍କ ନିର୍ଭୀକ ମନ୍ତବ୍ୟକୁ ପ୍ରଶଂସା କରିଛନ୍ତି।



ପୋପ୍ ଲିଓ ଚତୁର୍ଦ୍ଦଶ



ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୫/୨୦୨୬ | Bhubaneswar, Wednesday, April 15/2026 | ପୃଷ୍ଠା-୧



**ଛୁଟି କାଟୁଛନ୍ତି ଆଲିଆ**

ଆଲିଆ ଭଟ୍ଟ ଏବଂ ରଣବୀର କପୁର ଏବେ ସୁଇଜରଲାଣ୍ଡରେ ଛୁଟି କାଟୁଥିବାବେଳେ ସେଠାକାର ଫଟୋ ମଧ ଶେୟାର କରିଛନ୍ତି।

୦୯

୧୨

**ସାମ୍ସନ ପ୍ଲେୟର ଅଫ୍ ଦି ମଚ୍ଚ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ଦ୍ୱାରା ପ୍ଲେୟର ଅଫ୍ ଦି ମଚ୍ଚ ବିବେଚିତ ହୋଇଛନ୍ତି ଭାରତୀୟ ବ୍ୟାଟର ସଞ୍ଜୁ ସାମ୍ସନ।



# ଆଶ୍ରମ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ ପରେ ଉତ୍ତେଜନା

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ରବିବାର ବିଷାକ୍ତ ଖାଦ୍ୟଖାଇ ଅସୁସ୍ଥ ୧୪୬ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମଙ୍ଗଳବାର ସକାଳେ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା(୧୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବାରିପଦାସ୍ଥିତ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ରୂପାଲୀଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀଙ୍କ ପରିବାର ଏବଂ ସମ୍ପର୍କୀୟ ରୂପାଲୀଙ୍କ ମୃତଦେହ ରଖି କ୍ଷତିପୂରଣ ଦାବି କରିବା ସହ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ ନଳଗଜା ଓ କାକବନ୍ଧ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସେହିପରି କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଧସେଇ ପଶି ଉତ୍ୟକ୍ତ ଲୋକେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ କାକବନ୍ଧ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପାଣିଗ୍ରାହୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।



କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ସ୍କୁଲରେ ଅଭିଭାବକମାନେ ହୋହଲ୍ଲା କରୁଛନ୍ତି।

## ବିଷାକ୍ତ ଖାଦ୍ୟଖାଇ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

■ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଲମ୍ବିତ

ବାରିପଦା/ମୋରଡ଼ା/ରାସଗୋବିନ୍ଦପୁର,୧୪।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ସ୍ମାରକ ମାଝୀ/ସତ୍ୟବାଦୀ ପରିଡ଼ା)

କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ଥିବାବେଳେ ୨୯୦ଜଣ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ଗତ ରବିବାର ବିଦ୍ୟାଳୟ ହଷ୍ଟେଲରେ ସକାଳ ଖାଦ୍ୟ ଖାଇବା ପରେ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୨ଜଣ ଡାକ୍ତର ଓ କର୍ମଚାରୀ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରିବା ପାଇଁ ଉପଯୁକ୍ତ କର୍ମଚାରୀ ନ ଥିବା ବେଳେ ଗୁରୁତରଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ କୌଣସି ପଦକ୍ଷେପ ମଧ୍ୟ ତୁରନ୍ତ ଗ୍ରହଣ କରାଯାଇ ନ ଥିଲା। ତେବେ ଛାତ୍ରୀ ରୂପାଲୀଙ୍କ ଅବସ୍ଥା ଗୁରୁତର ହେବା ଦେଖି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ହଙ୍ଗେରୀ: ସମ୍ମାନ ଓ ସ୍ୱାଧୀନତା



କେନ୍ଦୁଝର ଜିଲା ଘଟଗାଁରେ ମଙ୍ଗଳବାର ମା' ତାରିଣୀଙ୍କ ଦର୍ଶନ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫେରୁଛନ୍ତି। ନିକଟରେ ଅଛନ୍ତି ତେଲକୋଇ ବିଧାୟକ ଡ. ଫକୀର ଚରଣ ନାୟକ ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ ଶାହା।

# ମା' ତାରିଣୀଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ

କେନ୍ଦୁଝର/ଘଟଗାଁ,୧୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର କୁମାର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ଦିନିଆ କେନ୍ଦୁଝର ଜିଲା ଗସ୍ତର ଶେଷଦିନ ମଙ୍ଗଳବାର ଘଟଗାଁ ପୀଠରେ ପହଞ୍ଚି ମା' ତାରିଣୀଙ୍କୁ ଦର୍ଶନ କରିବା ସହ ଓଡ଼ିଶାବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ଏହାପୂର୍ବରୁ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି. ଆର୍. ଆମ୍ବେଡ୍କରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଆମ୍ବେଡ୍କର, ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏଥିସହ ଦେଶ ଓ ଜାତି ଗଠନରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ଅତୁଳନୀୟ ଅବଦାନକୁ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

**କଟକ**
- ଉତ୍କଳ ସେବକ ସମାଜ ପକ୍ଷରୁ ବାଲ୍ୟବିବାହମୁକ୍ତ ଭାରତ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପୁରୁଣା ସର୍କିଟ୍ ହାଉସ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନବବର୍ଷ ସମିତି ପକ୍ଷରୁ ୯୨ତମ ବଙ୍ଗଳା ନୂଆ ବର୍ଷ ପାଳନ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ନାରୀଶକ୍ତି ବନ୍ଦନ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ : ସକାଳ ୭ଟା।
- ନାରୀ ସମ୍ମିଳନୀ, ସ୍ଥାନ : ଆୟୁଷ୍ମାନ ଭବନ, ଗୋପାଳ ଗାଁ, ବାଲେଶ୍ୱର, ସମୟ : ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାନଖୁଣ୍ଟି ବାଟମଙ୍ଗଳା ପୂଜା ମଣ୍ଡପ, ବସ୍ତା, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପୋଷଣ ପକ୍ଷ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ ହଲ୍, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ:ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

**ଭଦ୍ରକ**
- ବ୍ଲକ ପ୍ରଶାସନ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା, ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବନ୍ତ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ:ମୁଦୁଲିପଦା ବଣିଆରି, ସମୟ :ଅପରାହ୍ନ ୩ଟା।
- ଯୋଡ଼ା ମହୋତ୍ସବର ଉଦ୍‌ଯାପନୀ ଦିବସ ଅବସରରେ ସଭା କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡା, ସମୟ: ଅପରାହ୍ନ ୫ଟା।
- ମା' ଭଗବତୀଙ୍କ ପୀଠରେ ବାଦୀ ପାଲା, ସ୍ଥାନ: ବଳଭଦ୍ରପୁର,ହାଟଡିହୀ, ସମୟ:ରାତି ୮ଟା।

**ମୟୂରଭଞ୍ଜ**
- ଅଷ୍ଟମ ପ୍ରହର ନାମଯଜ୍ଞ,ସ୍ଥାନ: ଭା|ଟପୁର ଜଗଦ୍ଧାତ୍ରୀ ପଡ଼ିଆ. ବାରିପଦା, ସମୟ: ସକାଳ ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଟସରଡା ହାଟଛକ, ବାରିପଦା,ସମୟ:ସକାଳ ୯ଟା।
- ରକ୍ତଦାନ ଶିବିର,ସ୍ଥାନ: ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରିପୋଷି, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ପିଏସ୍ ମହାବିଦ୍ୟାଳୟ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ– ୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, ବାରିପଦା, ସକାଳ ୧୦ଟା।
- ଐତିହାସିକ ଉଡା ପର୍ବ, ସ୍ଥାନ: ବୈଶିଙ୍ଗା ଉପକଣ୍ଠ ମହୁରୀ,ସମୟ: ଅପରାହ୍ନ ୪ ଟା।
- ପଲ୍ଲିଶ୍ରୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ପଞ୍ଚପଦ ଅଧିଗମ ପଦ୍ଧତି କାର୍ଯ୍ୟଶାଳା, ସ୍ଥାନ: ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।

**ଗଞ୍ଜାମ**
- ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସଭା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଆରଟିଓ ଅଫିସ ପାଖ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜ୍ଞାନ କେନ୍ଦ୍ରରେ ଦର୍ପଣ ଗ୍ୟାଲେରୀ ଉଦ୍‌ଘାଟନ, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ସମୟ: ଅପରାହ୍ନ ୩ଟା ୩୦।
- କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ, ସ୍ଥାନ: ବହିମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ମଞ୍ଚସ୍ଥ ହେବ ନାଟକ 'ଢୋଲିଆ', ସ୍ଥାନ: ମହାବୀର ସାହି, ବଣସିଂହ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ନୋରୀ ସମ୍ମିଳନୀ ଶୋଭାଯାତ୍ରା ଓ ସଭା, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା।
- ଅନୁଗୋଳ ଜିଲା ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ସିଆଇଏସ୍ଏଫ୍ ଅଗ୍ନିଶମ ବିଭାଗ ପକ୍ଷରୁ ସ୍କୁଲ ପରିସରରେ ଆଗ୍ନିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ରାହାମାସ୍ଥିତ ମିନି ଷ୍ଟାଡିୟମ ପରିସର, ସମୟ: ସକାଳ ୯ଟା।
- ମହାବୀର ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାମନ୍ତରାପୁର, ତିର୍ତ୍ତୋଲ,ସମୟ: ଅପରାହ୍ନ ୫ଟା।

**କେନ୍ଦ୍ରାପଡ଼ା**
- ହନୁମନ୍ତ ପୂଜା କମିଟି ପକ୍ଷରୁ ଶ୍ରୀ ହନୁମାନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମହିଁଷାସୁର, ରାଜନଗର, ସମୟ: ସକାଳ ୮ଟା।
- ମା'ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ୱଲେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଜମ୍ବୁ ଦ୍ୱୀପ ମହୋତ୍ସବ, ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀହନୁମାନଜୀଉଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୋଷାଇ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀବଟମହାପୁରୁଷ ନାଟ୍ୟ ପରିଷଦ ପକ୍ଷରୁ ନାଟକ ଜନମ ନେଇଛି କାନ୍ଦିବା ପାଇଁ ପରିବେଷଣ, ସ୍ଥାନ: ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ସମୟ: ସକାଳ ୯ଟା।
- ଶ୍ରୀରାମ ଚରିତ ମାନସ ନର୍ବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ : ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନୀ ମଣ୍ଡପ, ସମୟ: ସନ୍ଧ୍ୟା୬ଟା।
- ମହା ବିଷୁବ ପଣା ସଂକ୍ରାନ୍ତି ପାଳନ ଅବସରରେ ପ୍ରବଚନ, ସ୍ଥାନ: ଧର୍ମଶାଳା ବ୍ଲକ ଉତ୍ତର ଶାସନସ୍ଥିତ ମା' ଅମରେଶ୍ୱରୀ ପୀଠ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୩ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ୨ୟ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ପ୍ରାତଃ ୫ଟା ୩୦ରୁ ରାତ୍ର ୧୧।
- ୧୯ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଢ଼ୋଲମରା ବନାମ ଘଣାଶାଳିଆ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ମହାବୀର ଜୟନ୍ତୀର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଗଣିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ୪୩ତମ ମହା ବିଷୁବ ପଣା ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସରେ ଆହୁତି ପ୍ରଦାନ, ସ୍ଥାନ: ଦଶପଲ୍ଲାର ଶ୍ରୀ ଶ୍ରୀ ସ୍ୱପ୍ନ ମହାବୀର ପୀଠ ଖୋଲ ମହାବୀର, ସମୟ:ମଧ୍ୟାହ୍ନ ୧୨ରୁ ଅପରାହ୍ନ ୬ଟା।।

**ନବରଙ୍ଗପୁର**
- ସୁଭଦ୍ରା ଶକ୍ତି କାଫେ, ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ଡିଜିଟାଲ ପାଠାଗାର, ବଜାର ଗୃହ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡ଼ଙ୍ଗରଭେଜା, ନନ୍ଦାହାଣ୍ଡି ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦।

**ସମ୍ବଲପୁର**
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ଭିଏସ୍ଏସ୍ ସଂଗ୍ରହାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଟାଉନ ହଲ, ସମୟ : ସକାଳ ୯ଟା।
- ଭ୍ରାମ୍ୟମାଣ ଜୋହା ସ୍କିଲ ହବ ଶୁଭାରମ୍ଭ କାର୍ଯ୍ୟକ୍ରମ, ବୁର୍ଲା ସ୍ଥିତ ଭିସୁଟ୍ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଗୌର କଥା କାର୍ଯ୍ୟକ୍ରମ, ସ୍ଥାନ : ମହାନ୍ତିପଡ଼ା ସ୍ଥିତ ନିତାଇ ଗୌର ମାତା ମଠ, ସମୟ : ଅପରାହ୍ନ ୩ଟା।

**ରାଉରକେଲା**
- ଅଖିଳ ଭାରତୀୟ ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।
- ଓଡିଆ ସ୍ୱାଭିମାନ ଓ କୁଳବୃଦ୍ଧ ମଧୁସୂଦନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ–ପଦ୍ମାବତୀ ମେମୋରିଆଲ ହଲ, ସମୟ: ଅପରାହ୍ନ ୫ଟା।

**ବରଗଡ଼**
- ନାରୀ ଶକ୍ତି ବନ୍ଦନ ପଦଯାତ୍ରା, ସ୍ଥାନ: ଅମ୍ବାପାଲି ଗୋପପୁର ଛକ, ବରଗଡ଼, ସମୟ:ସକାଳ ୭ଟା।
- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଏକ ଖବରଦାତା ସମ୍ମିଳନୀ, ସ୍ଥାନ: ମହାଲକ୍ଷ୍ମୀ ମନ୍ଦିର ପରିସର, କଲେଜ ରୋଡ, ବରଗଡ଼, ସମୟ: ଅପରାହ୍ନ ୫ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୪ଟା।

**ସୁବର୍ଣ୍ଣପୁର**
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ରାତ୍ରିକାଳୀନ କ୍ରିକେଟ ମ୍ୟାଚ, ସ୍ଥାନ: ତେଲିପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ବାବା ସାହେବ ଆମ୍ବେଡ଼କରଙ୍କ ଜୟନ୍ତୀ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ, ସ୍ଥାନ: ଭୀମଟିକିରା ଆମ୍ବେଦକର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ, ସମୟ: ସକାଳ ୭ଟା ୧୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ଚଉଁରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ଅପରାହ୍ନ ୧ଟା ୧୫।
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ମାନମହେଶ୍ୱର ପଞ୍ଚାୟତ ଖୋଲପଥର ଗାଁ, ସମୟ: ଦିବାରାତ୍ର ପ୍ରତି ୩ ଘଣ୍ଟାରେ।

**ଝାରସୁଗୁଡ଼ା**
- ଝାରସୁଗୁଡା : ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଝାରସୁଗୁଡ଼ା ସହର ଦ୍ୱିତୀୟ ଓଏସ୍ଏପି ପଡିଆ, ସମୟ: ସକାଳ ୮ଟା।
- ଉପନିଷଦ ଜ୍ଞାନାମୃତ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ପଡ଼ିଆ, ଝାରସୁଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

# ଭୁବନେଶ୍ୱରରେ ନିର୍ମାଣ ହେବ ଆମ୍ବେଡକର ଭବନ: ମୁଖ୍ୟମନ୍ତ୍ରୀ

## 'ଆମ୍ବେଡକର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା'

ଭୁବନେଶ୍ୱର,୧୪।୪(ବନ୍ଦନା ସେଠୀ)

ଆମ୍ବେଡକର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ। ସମତା ଓ ନ୍ୟାୟଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ସୂଚନା ଭବନରେ ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଖୁବ୍‌ଶୀଘ୍ର ଖାରବେଳନଗରଠାରେ ଆମ୍ବେଡକର ଭବନ ନିର୍ମାଣ ହେବ ବୋଲି ଘୋଷଣା କରିଛନ୍ତି। ଏଥିସହ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର୍ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆମ୍ବେଡକରଙ୍କ ଜୀବନ ସଂଘର୍ଷ ଓ ଶିକ୍ଷା ପ୍ରତି ତାଙ୍କର ନିଷ୍ଠାକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନ ସାରା ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ଆଜି ଡ. ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇଛି। ସମାଜର ସବୁଠାରୁ ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଉନ୍ନୟନ ପାଇଁ ଚଳିତ ୨୦୨୬–୨୭ ବଜେଟରେ ୬ ହଜାର ୬୪୯ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି। ଏଥିସହିତ ପିଭିଟିଜି ବର୍ଗଙ୍କ ବିକାଶ ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ସେହିପରି ୨୦୨୬–୨୭ ବଜେଟରେ ଏସ୍‌ସି ଓ ଏସ୍‌ଟି ବର୍ଗ ପାଇଁ ବଡ଼ ଆର୍ଥିକ ପ୍ରାବଧାନ ରହିଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାକୁ ଗୁରୁତ୍ୱ ଦିଆଯାଉଛି। ଇଞ୍ଜିନିୟରିଂ ଓ ମେଡିକାଲ କ୍ଷେତ୍ରରେ ନୂତନ ସଂରକ୍ଷଣ ବ୍ୟବସ୍ଥାକୁ ଐତିହାସିକ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିବା ସହ ପ୍ରତିଭା କୌଣସି ଜାତି ବା ଧର୍ମରେ ସୀମିତ ନୁହେଁ, ସୁଯୋଗ ମିଳିଲେ ସବୁଠୁ ଆଗକୁ ବଢ଼ିପାରିବେ ବୋଲି ମତ ରଖିଛନ୍ତି। ୧୯୯୦ରେ ଡ. ଆମ୍ବେଡକରଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରେ ଆମ୍ବେଡକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି। ପ୍ରଧାନମନ୍ତ୍ରୀ ଡ. ବାବା ସହେବଙ୍କ ଜୀବନୀ ସହିତ ଜଡ଼ିତ ୫ଟି ସ୍ଥାନକୁ ବିକଶିତ କରି ପଞ୍ଚତୀର୍ଥ ଭାବେ ନାମକରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ସୂଚନା ଭବନଠାରେ ମଙ୍ଗଳବାର ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିଗଣ।

## ଆଶ୍ରମ ସ୍କୁଲ ଛାତ୍ରୀଙ୍କ...

ପ୍ରଥମ ପୃଷ୍ଠାରୁ...

ତାଙ୍କୁ ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରୂପାଲୀଙ୍କ ମଙ୍ଗଳବାର ସକାଳ ୯ଟା ୧୦ମିନିଟରେ ମୃତ୍ୟୁ ଘଟିଥିଲା। ଖବର ପାଇ ମୃତା ଛାତ୍ରୀଙ୍କ ପରିବାର ଏବଂ ସମ୍ପର୍କୀୟମାନେ ହସ୍ପିଟାଲ ପରିସରରେ ହୋହଲ୍ଲା କରିବା ସହ କ୍ଷତିପୂରଣ ଦାବି କରିଥିଲେ। ଜିଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କରଞ୍ଜିଆ ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡା ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ବୁଝାଶୁଝା କରିଥିଲେ। ଦାବି ଅନୁଯାୟୀ ମୃତା ଛାତ୍ରୀଙ୍କ ପରିବାରକୁ ୭ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ସହ ମୃତକଙ୍କ ମା' ଓ ବାପାଙ୍କୁ ଚାକିରି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାରେ କାକବନ୍ଧ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

ମୃତ ଛାତ୍ରୀଙ୍କ ଘର ନଳଗଜା ନୁଣଚାଟି ଗ୍ରାମ ହୋଇଥିବାବେଳେ ନଳଗଜା ଓ କାକବନ୍ଧ ନିକଟରେ ଉତ୍ତ୍ୟକ୍ତ ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିବା ସହ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଧସେଇ ପଶି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆକ୍ରମଣ କରିଥିଲେ। ଅପରପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ବିଜେଡି ଜିଲା ସଭାପତି ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଜିଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, ବ୍ଲକ୍ ମଙ୍ଗଳ ଅଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ କରିବାକୁ ଦାବି କରିଥିଲେ। ବିକ୍ଷୋଭରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜ କିଶୋର ଦାସ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅମର ସେଠୀ, ଲଲାଟେନ୍ଦୁ ବେହେରା, ଦୁର୍ଗା ପ୍ରସାଦ ମାର୍ଣ୍ଡି, ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ମିଳିଥିବା ସୂଚନାନୁସାରେ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ୬୩ଜଣ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟ, ୪୦ଜଣ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ୪୩ଜଣ ସୁସ୍ଥ ହୋଇ ଆଶ୍ରମ ବିଦ୍ୟାଳୟକୁ ଫେରିଛନ୍ତି। ବିଦ୍ୟାଳୟରେ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ଅତିରିକ୍ତ ଏସ୍‌ପି ଦୀପକ ଗୋଚ୍ଛାୟତ, ବେତନଟୀ ଏସ୍‌ଡିପିଓ ମୀନତୀ ବିଶ୍ୱାଳ, ରାସଗୋବିନ୍ଦପୁର ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ମା' ତାରିଣୀଙ୍କୁ ଦର୍ଶନ...

ସ୍ମରଣ କରିଥିଲେ। ଗତ ଶନିବାରଠାରୁ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ମଙ୍ଗଳବାର ଭୁବନେଶ୍ୱର ଫେରିଯାଇଛନ୍ତି। ଘଟଗାଁ ପୀଠରେ ମା'ଙ୍କ ଚଇତି ପର୍ବ ଚାଲିଥିବା ବେଳେ ଭୁବନେଶ୍ୱର ଫେରିବା ବାଟରେ ସେ ମା'ଙ୍କ ସୁନାବେଶ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ହେଲିକପ୍ଟରରୁ ଅବତରଣ କରିଥିଲେ। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ. ଫକୀର ଚରଣ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଅଖିଳ ପାତ୍ର, ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ସାଧାରଣ ସମ୍ପାଦକ ଦୀପକ ଜେନା, ତାରିଣୀ ମନ୍ଦିର ପୂର୍ବତନ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ଜିଲା ଯାଦବ ସଂଘ ସଭାପତି ପ୍ରଦୀପ ବାରିକ, ଭାଜପା ମଣ୍ଡଳ ସଭାପତି ରବିନାରାୟଣ ଦେହୁରୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ମା' ତାରିଣୀ ଅତିଥି ନିବାସରେ ରହି ଚଇତି ପଣା ଓ ଭୋଗ ଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ ଶାହା, କେନ୍ଦୁଝର ଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ବେହେରା, ଉପଜିଲାପାଳ ଉମାଶଙ୍କର ଦଳେଇ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲା ବନଖଣ୍ଡ ଅଧିକାରୀ ଏଚ୍. ଡି. ଧନରାଜ, ବିଡିଓ ଖଗେଶ୍ୱର ବରାଳ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଙ୍ଗରା ମୁଣ୍ଡରେ ମହଣ ପାତିଆ
ଉଞ୍ଚ କପାଳରେ ଟିକିଲି
ଟାକୁଆ ଗାଲକୁ ବାହାଡ଼ା ଦାନ୍ତ
ନାକ ଛିଣ୍ଡିଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ, ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟଙ୍କାରେ ଋଣୀ ନା କାମରେ ଋଣୀ
ଚରିତ୍ର ସୂଚେଇ ଦେବ;
ଅଭାବରେ ଯଦି ସ୍ୱଭାବ ଯିବ
ଦରିଦ୍ର ବୋଲାଉ ଥିବ।**

ବ୍ୟକ୍ତିର ଚରିତ୍ର ହିଁ ତା' ଜୀବନର ଅସଲ ମାପକାଠି। ସେହିପରି ଅଭାବରେ ରହି ବ୍ୟକ୍ତି ଯଦି ନିଜର ସତ୍ ସ୍ୱଭାବକୁ ବଜାୟ ରଖି ଆଗକୁ ଯିବା ଲାଗି ଉଦ୍ୟମ ନ କରେ ତେବେ ଦାରିଦ୍ର୍ୟ ଭୋଗ କରିବା ଅବଶ୍ୟମ୍ଭାବୀ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସାମାଜିକ ସ୍ତରରେ ସମ୍ମାନ ସଙ୍ଗକୁ ବନ୍ଧୁମିଳନ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପାଇପାରନ୍ତି। ରାଜନୈତିକ, ଆନୁଷ୍ଠାନିକ ତଥା ସାଂଗଠନିକ ସ୍ଥିତି ମଜଭୁତ୍ ରହିବ। ଶୁକ୍ରଙ୍କ ପ୍ରଭାବରେ ମନୋହର କଥାରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିପାରିବେ। ବାଣିଜ୍ୟ, ପରିବହନରେ ମଧ୍ୟ ସନ୍ତୋଷଜନକ ସ୍ଥିତି ବଳବତ୍ତର ରହିବ।

**ବୃଷ**
ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେଲେ ମଧ୍ୟ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିପାରେ। ନିଜ ଲୋକମାନେ ବିରୋଧ କରୁଥିଲେ ମଧ୍ୟ ଶୁଭେଚ୍ଛୁମାନେ ଆପଣଙ୍କୁ ସୁହାଇଲା ଭଳି କଥା କହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ଆଇନ ଓ ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ।

**ମିଥୁନ**
ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଦିନଟି ପରିବାର, କର୍ମକ୍ଷେତ୍ର, ସାମାଜିକ ସ୍ଥିତି ଏବଂ ସଭାସମିତି ପାଇଁ ଅନୁକୂଳ ହେବ। ବନ୍ଧୁଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କିନ୍ତୁ ରାଶ୍ୟାଧିପତିଙ୍କ ଦୁର୍ବଳତା ସ୍ୱାସ୍ଥ୍ୟ ସକାଶେ ଅନୁକୂଳ ରହିବନାହିଁ।

**କର୍କଟ**
ଆଜି ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଦୀର୍ଘଦିନର ଆଶା ପୂରଣ ହୋଇଯିବ। ଯାତ୍ରାରେ ଦ୍ୱନ୍ଦ୍ୱ,ବ୍ୟବସାୟରେ ଝଗଡା, ବନ୍ଧୁଙ୍କ ସହ ବିବାଦଜନିତ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନା ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ତଥାପି ଶିଳ୍ପ, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତମାନର ଫଳ ପାଇବେ।

**ସିଂହ**
ଆଜି କୃତି ଓ କୃତିତ୍ୱ କାରଣରୁ ଉଚ୍ଚ ପଦବୀ, ସୁପରିକଳ୍ପିତ ଯୋଜନା ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ ହୋଇପାରେ। ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇପାରିବ ତଥାପି ପରୋକ୍ଷ ଶତ୍ରୁତାର ସୂଚନା ରହିଛି। ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ ସଙ୍ଗକୁ ଆମଦାନୀ କାରବାର ଭଲରେ ଚାଲିବ।

**କନ୍ୟା**
ପରିବାରରେ ମନାନ୍ତର ହେତୁ ଭ୍ରାତୃ ସମ୍ପର୍କରେ ଫାଟ ସୃଷ୍ଟି ହେବ। ସହକର୍ମୀ କାର୍ଯ୍ୟକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଦିଗରେ ବିଳମ୍ବ କରିପାରନ୍ତି। ନିଜ ପରିବେଶସ୍ଥ ବ୍ୟକ୍ତିବିଶେଷ ତଥା ପାରିବାରିକ ସହଯୋଗ ଆପଣଙ୍କ କାର୍ଯ୍ୟ ସକାଶେ ଅନୁକୂଳ ରହିବ। ବିରୋଧୀଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ।

**ତୁଳା**
ଉଚ୍ଚାରୋହୀ ରବି ଉଚ୍ଚ କ୍ଷମତାସମ୍ପନ୍ନ ପଦପଦବୀ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ପ୍ରଦାନ କରିବ। ରାଜନୈତିକ ସ୍ତରରେ ଗୌରବ ବିମଣ୍ଡିତ ହେବାର ପୂର୍ଣ୍ଣ ଆଶା,ଭରସା କରାଯାଇପାରେ। ପ୍ରଶାସନିକ, ଆନୁଷ୍ଠାନିକ,ସାମାଜିକ ଓ ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି। କିନ୍ତୁ ନିଜର ସମ୍ପର୍କୀୟମାନଙ୍କ ପୂର୍ଣ୍ଣ ସହଯୋଗର ଅଭାବ ପରିଲକ୍ଷିତ କରାଯାଇପାରେ।

**ବିଛା**
ଶୁକ୍ରଙ୍କ ଶୁଭ ପ୍ରଭାବରେ ମନ ଅନୁଯାୟୀ ମନୋରଞ୍ଜନ, ବନ୍ଧୁମିଳନ ଉପଭୋଗ୍ୟ ହୋଇପାରିବ। ନିକଟତମ ବନ୍ଧୁ ପାରିବାରିକ ସମସ୍ୟା ସୃଷ୍ଟିର କାରଣ ହେବେ। ଆର୍ଥିକସ୍ଥିତି ଭଲ ରହିବା ସଙ୍ଗକୁ ସାଂଗଠନିକ ସ୍ଥିତି ମଧ୍ୟ ମଜଭୁତ ରହିବ। ଧାର୍ମିକକାର୍ଯ୍ୟ, ଯାତ୍ରା, ବାଣିଜ୍ୟ, ସମ୍ପର୍କସ୍ଥାପନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇପାରେ।

**ଧନୁ**
ଆଜିର ଗ୍ରହସ୍ଥିତି ଆପଣଙ୍କ ଶାରୀରିକ ଓ ମାନସିକ ସ୍ଥିତି ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରେ। ଅନ୍ୟକୁ ପରାମର୍ଶ ଦେବାରେ ଯେତିକି ପ୍ରଶଂସିତ ହେବେ ତାହାଠାରୁ ଅଧିକ ନିଜ ପରିବାରଠାରୁ ଦୂରେଇ ଯିବେ। ଫଳତଃ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ଆପଣଙ୍କୁ ସମାଲୋଚିତ ହେବାକୁ ପଡ଼ିପାରେ।

**ମକର**
ଆପଣ ଯାହା ଯେମିତି ଆଶା କରୁଛନ୍ତି ସେପରି ହିଁ ହୋଇପାରିବ କିନ୍ତୁ ଟେନ୍ସନ ଜମା ପିଛା ଛାଡିବ ନାହିଁ। ଚନ୍ଦ୍ରଙ୍କ ପ୍ରଭାବରେ ମୁହଁରେ ହସ ଲାଖି ରହିବ ଏବଂ ପକେଟ ମଧ୍ୟ ଖାଲି ରହିବ ନାହିଁ। ବନ୍ଧୁଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରି କାମ କରିପାରିଲେ ତାହା ଆପଣଙ୍କ ଉପକାରରେ ଆସିପାରେ।

**କୁମ୍ଭ**
ଆଜିର ବନ୍ଧୁମିଳନ ଅବକାଶରେ ଅପ୍ରିୟସତ୍ୟ ଭାଷଣ ଆପଣଙ୍କ କାମକୁ ବିଗାଡ଼ି ଦେଇପାରେ। ସାହାଯ୍ୟ ସହଯୋଗ ପାଇଲେ ମଧ୍ୟ ଯଥାସାଧ୍ୟ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବାରେ ସମସ୍ୟା ଲାଗି ରହିବ। ଅର୍ଥ ସମ୍ପର୍କ, ବନ୍ଧୁଙ୍କ ସହ ଯୋଗାଯୋଗ, ସନ୍ତାନଙ୍କ ଶିକ୍ଷା,ସାମ୍ବାଦିକତା ପ୍ରଭୃତିରୁ ସନ୍ତୋଷ ଲାଭ କରିବେ।

**ମୀନ**
ଆଜିର ଗ୍ରହସ୍ଥିତି ବହୁଳାଂଶରେ ଭଲ ରହିଥିବାରୁ ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହୋଇପାରିବ। କିନ୍ତୁ ପରୋକ୍ଷ ଶତ୍ରୁତା, ସାମୟିକ ସମସ୍ୟା, ନୀଚଜନଙ୍କ ସହ ଝଗଡା ମାନସିକ ସ୍ଥିତିକୁ ବିଡମ୍ବିତ କରିଦେଇପାରେ। କେତେକ କ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

ଆଜି ଏପ୍ରିଲ ୧୫ ତାରିଖ, ବୈଶାଖ କୃଷ୍ଣ ତ୍ରୟୋଦଶୀ ବୁଧବାର। ରାଶିନକ୍ଷତ୍ର–ପୂର୍ବଭାଦ୍ର/କୁମ୍ଭ, ଦିବା ଘ.୦୯।୩୬ମି. ଗତେ ମୀନଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୫।୩୨ମି. ଗତେ ଘ.୦୭।୧୨ମି. ମଧ୍ୟେ, ଘ.୧୦।୧୩ମି. ଗତେ ଘ.୧୧।୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୪୬ମି. ଗତେ ଘ.୦୧।୨୦ମି. ମଧ୍ୟେ ରାହୁ କାଳ।

# ହର୍ମୁଜ୍‌ରେ ବାହ୍ୟ ହସ୍ତକ୍ଷେପ ଚଳିବନି

## ଆମେରିକାକୁ ଚାଇନାର ଚେତାବନୀ

- ମଧ୍ୟପ୍ରାଚ୍ୟର ସାର୍ବଭୌମତ୍ୱକୁ ପୂର୍ଣ୍ଣ ସମ୍ମାନ ଦିଅ: ଜିନ୍‌ପିଙ୍ଗ୍
- ଆମ ବ୍ୟାପାର ପ୍ରଭାବିତ ହେଲେ ବରଦାସ୍ତ କରିବୁ ନାହିଁ

**ମଧ୍ୟପ୍ରାଚ୍ୟ ଓ ଗଲ୍ଫ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱ, ନିରାପତ୍ତା ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ପୂର୍ଣ୍ଣ ସମ୍ମାନ ଦିଆଯିବା ଉଚିତ ବୋଲି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ମଙ୍ଗଳବାର ଆମେରିକା ଉଦ୍ଦେଶ୍ୟରେ କହିଛନ୍ତି। ଫେବୃଆରୀ ୨୮ରୁ ଆମେରିକା-ଇରାନ୍ ଯୁଦ୍ଧ ଚାଲିଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ସୋମବାରଠାରୁ ଅଚଳାବସ୍ଥା ଅଧିକ ଜଟିଳ ହୋଇଛି। ଫଳରେ ଏହି ସାମୁଦ୍ରିକ ଜଳପଥ ଦେଇ ସର୍ବାଧିକ ଅଶୋଧିତ ତୈଳ ଆମଦାନୀ କରୁଥିବା ଚାଇନାର ସ୍ୱାର୍ଥରେ ଆଞ୍ଚ ଆସିଛି। ପଶ୍ଚିମ ଏସିଆ ସାମରିକ ସଂଘର୍ଷ ପରେ ପ୍ରଥମ ଥର ପାଇଁ ଜିନ୍‌ପିଙ୍ଗ୍ ମୁହଁ ଖୋଲି ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହା ପରେ ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଡୋଙ୍ଗ୍ ଜୁନ୍ ଆଉ ପାଦେ ଆଗେଇ ଆସି ଆମେରିକାକୁ ହର୍ମୁଜ୍‌ରେ ମୁଣ୍ଡ ନ ଖେଳାଇବାକୁ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ଇରାନ୍ ଚାଇନାର ବାଣିଜ୍ୟିକ ସହଯୋଗୀ। ହର୍ମୁଜ୍ ପ୍ରଣାଳୀରେ ଚାଇନାର ଜାହାଜ ଚଳାଚଳ ବଜାୟ ରହିବ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ୍ ନିୟନ୍ତ୍ରଣ କରିଥାଏ ଏବଂ ଏହା ଆମ ପାଇଁ ଖୋଲା ରହିଛି। ତେଣୁ ଆମ ବ୍ୟାପାରରେ କୌଣସି ହସ୍ତକ୍ଷେପକୁ ବରଦାସ୍ତ କରିବୁ ନାହିଁ ବୋଲି ଡୋଙ୍ଗ୍ ଜୁନ୍ ଚେତାବନୀ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକୀୟ ନୌସେନା ହର୍ମୁଜ୍ ସଂଲଗ୍ନ ଆରବ ସାଗରସ୍ଥିତ ଇରାନୀୟ ବନ୍ଦରଗୁଡ଼ିକର ପଥ ଅବରୋଧ କରିବା ପରେ ଚାଇନା ପକ୍ଷରୁ ଏଭଳି ଖୋଲା ଚେତାବନୀ କୂଟନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଛି।**



ଶି ଜିନ୍‌ପିଙ୍ଗ୍

**ବେଜିଂ,୧୪।୪(ଏଜେନ୍ସି)**

ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଶାନ୍ତି ଆଲୋଚନାରୁ ନିଷ୍କର୍ଷ ନ ବାହାରିବାରୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଆମେରିକା ଓ ଇରାନ୍ ପୁଣି ମୁହାଁମୁହିଁ ହୋଇଛନ୍ତି। ଆମେରିକୀୟ ନୌସେନା ଏହି ଜଳପଥ ଦେଇ ମଧ୍ୟପ୍ରାଚ୍ୟର ସମସ୍ତ ଇରାନୀୟ ବନ୍ଦରକୁ ବନ୍ଦ କରିଦେଇଥିବାବେଳେ ତେହରାନ୍ ମଧ୍ୟ ଗଲ୍ଫ ଦେଶଗୁଡ଼ିକରେ ଥିବା ବନ୍ଦରଗୁଡ଼ିକୁ ବନ୍ଦ କରିବାକୁ ଚେତାବନୀ ଦେଇଛି। ଇତିମଧ୍ୟରେ ଆସନ୍ତା ସପ୍ତାହରେ ପୁନର୍ବାର ଇସ୍‌ଲାମାବାଦ ଆଲୋଚନା ହେବ ବୋଲି ସଙ୍କେତ ମିଳିଛି। କିନ୍ତୁ ହର୍ମୁଜ୍ ଦେଇ କ୍ରୁଡ୍ ଏବଂ ପ୍ରାକୃତିକ ବାଷ୍ପ ପରିବହନକାରୀ ଜାହାଜଗୁଡ଼ିକର ଚଳାଚଳ ବନ୍ଦ ରହିଛି।

ଚାଇନା ହେଉଛି ଇରାନୀୟ ତୈଳର ସବୁଠୁ ବଡ଼ କ୍ରେତା। ଯୁଦ୍ଧ ପୂର୍ବରୁ ଚାଇନା ଇରାନ୍‌ଠାରୁ ଦୈନିକ ପ୍ରାୟ ୧.୪ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରୁଥିଲା, ଯାହାକି ଇରାନ୍‌ର ମୋଟ ରପ୍ତାନିର ୮୦-୯୦%। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ଆମେରିକୀୟ ନୌସେନା ହର୍ମୁଜ୍‌ରେ ତୈଳ ପରିବହନ କରିବାକୁ କୌଣସି ସୁଯୋଗ ଦେଉନାହିଁ। ଏହାକୁ ନେଇ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କ୍ଷୁବ୍ଧ ହୋଇଛନ୍ତି। ମଙ୍ଗଳବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବି କ୍ରାଉନ୍ ପ୍ରିନ୍ସ ବେଜିଂ ଗସ୍ତ କରି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଜିନ୍‌ପିଙ୍ଗ୍ ଶାନ୍ତି ପାଇଁ ୪ ସୂତ୍ରୀ ପ୍ରସ୍ତାବ ରଖିଛନ୍ତି। ଏଥିସହ ପ୍ରଥମ ଥର ପାଇଁ ଆମେରିକା ବିରୋଧରେ ମୁହଁ ☞ପୃଷ୍ଠା-୯

## ୨୫ ଲକ୍ଷ ଭାରତୀୟଙ୍କୁ ଦରିଦ୍ର କରିଦେବ ଯୁଦ୍ଧ

**ଜାତିସଂଘ,୧୪।୪(ପି.ଟି.)**

ପଶ୍ଚିମ ଏସିଆରେ ସଂଘର୍ଷ ଓ ସାମରିକ ଉତ୍ତେଜନା ୨୫ ଲକ୍ଷ ଭାରତୀୟଙ୍କୁ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେବ ବୋଲି ମଙ୍ଗଳବାର ଜାତିସଂଘ ପକ୍ଷରୁ ସତର୍କ କରାଯାଇଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର 'ମିଲିଟାରି ଏସ୍କେଲେଶନ୍ ଇନ୍ ମିଡିଲ୍ ଇଷ୍ଟ: ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ ଇମ୍ପାକ୍ଟସ ଆକ୍ରସ୍ ଏସିଆ ଆଣ୍ଡ ଦି ପାସିଫିକ୍' ଶୀର୍ଷକ ଆକଳନ ରିପୋର୍ଟରେ ଏହି ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମାନବ ବିକାଶ ଜନିତ ଚାପ ବଢ଼ିବାରେ ଲାଗିଛି। ଏହା ଆଗକୁ ଆହୁରି ବ୍ୟାପକ ହୋଇପାରେ। ତୈଳ, ପରିବହନ, ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ହେତୁ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ପାଇବ। ଖାଦ୍ୟ ଅସୁରକ୍ଷା ସୃଷ୍ଟିହେବା ସହ ଜୀବନଧାରଣ ମାନ ହ୍ରାସ ପାଇବ। ଏହିସବୁ କାରଣରୁ ବିଶ୍ୱର ୮.୮ ନିୟୁତ ଲୋକ ଦାରିଦ୍ରେ ଭିତରକୁ ଠେଲିହୋଇଯିବେ ବୋଲି ଆକଳନ କରାଯାଇଛି। ପଶ୍ଚିମ ଏସିଆ ସାମରିକ ଉତ୍ତେଜନା ଏସିଆ-ପାସିଫିକ୍ ଅଞ୍ଚଳ ପାଇଁ ୨୨୯ ବିଲିୟନ୍ ଡଲାରର କ୍ଷତି ସାଧନ କରିପାରେ ବୋଲି ଏଥିରେ ଦର୍ଶାଯାଇଛି।



କଟକ ବକ୍ସିବଜାର ବଢ଼େଇ ସାହି ଶ୍ରୀ ଯୁଗଳ କିଶୋର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଭକ୍ତମାନେ ଝାମୁରେ ଚାଲୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

## ବେଦାନ୍ତ ବିଦ୍ୟୁତ୍ ପ୍ଲାଣ୍ଟରେ ବିସ୍ଫୋରଣ: ୧୦ ମୃତ, ୩୦ ଆହତ

**ସକ୍ତି(ଛତିଶଗଡ଼), ୧୪।୪(ପି.ଟି.)**

ଛତିଶଗଡ଼ର ସକ୍ତି ଜିଲାରେ ଥିବା ଏକ ବିଦ୍ୟୁତ୍ ପ୍ଲାଣ୍ଟ ବଏଲରରେ ମଙ୍ଗଳବାର ବିସ୍ଫୋରଣ ଘଟି ୧୦ ଜଣ କର୍ମଚାରୀଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ସିଙ୍ଘିତରାଇ ଗ୍ରାମରେ ଥିବା ବେଦାନ୍ତ ଲିମିଟେଡ୍ ବିଦ୍ୟୁତ୍ ପ୍ଲାଣ୍ଟର ବଏଲର ଟ୍ୟୁବ୍‌ରେ ବିସ୍ଫୋରଣ ଘଟିଥିଲା ବୋଲି ସକ୍ତି ଏସ୍‌ପି ପ୍ରଫୁଲ୍ଲ ଠାକୁର କହିଛନ୍ତି।

ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୭ ଜଣ ଆଖି ବୁଜିଥିଲେ। ଅନ୍ୟ ୩୦ ଆହତଙ୍କୁ ରାଇଗଡ଼ ଜିଲାର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବଏଲର ଆଖପାଖ ଅଞ୍ଚଳ ଅତ୍ୟନ୍ତ ଉତ୍ତପ୍ତ ଥିବାରୁ ଶ୍ରମିକ, କର୍ମଚାରୀମାନଙ୍କୁ ସେଠାରୁ ତୁରନ୍ତ ଖାଲି କରାଯାଇଥିଲା। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଏହି ଦୁର୍ଘଟଣାକୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କହିବା ସହ ସରକାର ମୃତକମାନଙ୍କ ପରିବାର ସହ ରହିଥିବା କହିଛନ୍ତି। ଘଟଣାର ତଦନ୍ତ କରାଯାଉଛି। ବିସ୍ଫୋରଣ ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଖବରଦାତାମାନଙ୍କୁ କହିଛନ୍ତି। ସିଙ୍ଘିତରାଇ ପ୍ଲାଣ୍ଟର ☞ପୃଷ୍ଠା-୯



*₹ 10.99 lakh for e VITARA Delta. Battery EMI: ₹ 3.99/km (subject to financier terms). Taxes and statutory charges are extra. Visit dealership for full T&Cs. | *As certified by Kantar IMRB for an OEM platform for end-to-end usage as on November 28, 2025. | *543 km range: Certified range; actual results may vary by driving conditions and usage. | *ADAS features are for driver assistance only. Driver is responsible for safe and attentive driving. | *Always wear your seatbelt. | *Mentioned ownership plan is for e VITARA Delta variant. Calculation is done assuming vehicle is running 60 km per day, excluding charging cost. Valid on retail sales for the e VITARA till 30th April '26, capped at 1 000 units of electricity (kWh) per customer or 1 Year from the purchase of the vehicle, whichever is earlier. Assured buyback plan is available on payment basis with the option of 3 years/45 000 km or 4 years/60 000 km ownership plans (whichever is earlier). The program is offered through an Insurance company. e VITARA comes with standard warranty of 3 years/1 00 000 km with an option of extending the same on payment basis to 5 years/1 40 000 km and service activated coverage for 6th to 8th year for EV related components.

# ହଙ୍ଗେରୀ: ସମ୍ମାନ ଓ ସ୍ୱାଧୀନତା

କେନ୍ଦ୍ରୀୟ ୟୁରୋପୀୟ ରାଷ୍ଟ୍ର ହଙ୍ଗେରୀ ଦୀର୍ଘ ୧୬ ବର୍ଷ ପରେ ନୂଆ ଶାସକ ଦେଖିବାକୁ ଯାଉଛି। ଉଗ୍ର ଦକ୍ଷିଣପନ୍ଥୀ ରାଜନୀତି ଚଳାଇ ଆସିଥିବା ଭିକ୍ଟର ଓର୍ବାନ୍‌ଙ୍କୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ୧୯୯୮ରୁ ୨୦୦୨ ଏବଂ ୨୦୧୦ରୁ ୨୦୨୬ ଯାଏ ମୋଟ ୨୦ ବର୍ଷ ସେ କ୍ଷମତା ଉପଭୋଗ କରିଥିଲେ। ୧୨ ଏପ୍ରିଲରେ ହୋଇଥିବା ନିର୍ବାଚନରେ ୧୯୯ ସଦସ୍ୟବିଶିଷ୍ଟ ଆସନ ମଧ୍ୟରୁ ପିଟର ମାଗ୍ୟାରଙ୍କ ତିସ୍‌ଜା ପାର୍ଟି ୧୩୭ ସିଟ୍ ଜିତି ସରକାର ଗଢ଼ିବାକୁ ଯାଉଛି। ଓର୍ବାନ୍‌ଙ୍କ ଫିଡେସ୍‌ଜ ଦଳ ୫୭ ଆସନ ଲାଭ କରିଥିବା ବେଳେ ଅତି ଉଗ୍ର ଦକ୍ଷିଣପନ୍ଥୀ ଦଳ ମି ହାଜାଙ୍କ ୬ ଆସନ ପାଇଛି। ସରକାରରେ ବ୍ୟାପକ ଦୁର୍ନୀତି, କ୍ରୋନି କ୍ୟାପିଟାଲିଜମ୍ (ବ୍ୟବସାୟିକ ବ୍ୟକ୍ତିଙ୍କ ସହ ଶାସନ ବ୍ୟବସ୍ଥା ଓତପ୍ରୋତ ଭାବେ ଜଡ଼ିତ ହେବା) ଏବଂ ୟୁରୋପୀୟ ସଂଘ (ଇୟୁ) ବିରୋଧୀ କାର୍ଯ୍ୟକଳାପ ଯୋଗୁ ଭୋଟରମାନେ ଓର୍ବାନ୍‌ଙ୍କୁ ଗାଦିଚ୍ୟୁତ କଲେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଓର୍ବାନ୍‌ଙ୍କ ଦଳର ପରାଜୟ ୟୁରୋପବ୍ୟାପୀ ଦକ୍ଷିଣପନ୍ଥୀ ରାଜନୀତି ପାଇଁ ଏକ ବଡ଼ ଧକ୍କା ପହଞ୍ଚାଇଛି। ଓର୍ବାନ ଦୀର୍ଘ ବର୍ଷ ଧରି ତାଙ୍କ ଉଗ୍ର ରାଜନୈତିକ ଶାସନ ଜରିଆରେ ଲୋକଙ୍କୁ ଦମନ କରିଆସୁଥିଲେ। ନିର୍ବାଚନ ପୂର୍ବରୁ ସେ ବିଶ୍ୱର ୩ ଶକ୍ତିଶାଳୀ ନେତାଙ୍କ ସମର୍ଥନ ହାସଲ କରିଥିଲେ। ସେମାନେ ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଏମାନେ ସମସ୍ତେ ବିଶ୍ୱରେ ଦେଖାଦେଉଥିବା ୩ ପ୍ରମୁଖ ଯୁଦ୍ଧରେ ଆକ୍ରମଣକାରୀ ଭାବରେ ଜଣାଶୁଣା। ଓର୍ବାନ୍‌ଙ୍କ ପରାଜୟ ଟ୍ରମ୍ପଙ୍କୁ ଏକ ଝଟକା ଦେଇଛି। କାରଣ ନିର୍ବାଚନ ପ୍ରଚାର ସମୟରେ ଓର୍ବାନ୍‌ଙ୍କୁ ଭୋଟ ଦେବା ଲାଗି ଟ୍ରମ୍ପ୍ ହଙ୍ଗେରୀୟମାନଙ୍କୁ ନିବେଦନ କରିଥିଲେ। ଏପରିକି ବୁଦାପେଷ୍ଟରେ ଏକ ନିର୍ବାଚନ ଶୋଭାଯାତ୍ରାରେ ଓର୍ବାନ୍‌ଙ୍କ ସହ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଦେଖିବାକୁ ମିଳିଥିଲା। ସେହିପରି ଓର୍ବାନ ରୁଷିଆକୁ ଖୋଲାଖୋଲି ସମର୍ଥନ ଦେବା ନୀତି ଗ୍ରହଣ କରିଥିଲେ, ଯେଉଁଥିରେ ୟୁକ୍ରେନ ଓ ତାଙ୍କ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ହଙ୍ଗେରୀର ମୁଖ୍ୟ ଶତ୍ରୁ ଭାବେ ଚିତ୍ରଣ କରିଥିଲେ। ହଙ୍ଗେରୀୟମାନେ ସାଧାରଣତଃ ୟୁକ୍ରେନୀୟଙ୍କୁ ସମର୍ଥନ କରି ନ ଥାଆନ୍ତି। କିନ୍ତୁ ସେମାନେ ଏହା ମଧ୍ୟ ବିଶ୍ୱାସ କରୁ ନାହାନ୍ତି ଯେ, ୟୁକ୍ରେନ ତାଙ୍କ ଦେଶ ପାଇଁ କୌଣସି ବିପଦ ସୃଷ୍ଟି କରିପାରିବ। ଓର୍ବାନ୍ ଖୋଲାଖୋଲି ୟୁକ୍ରେନ୍‌ଙ୍କୁ ବିରୋଧ କରିବା ତାଙ୍କ ନିର୍ବାଚନ ଫଳାଫଳକୁ ପ୍ରଭାବିତ କଲା। ଅନ୍ୟ ଏକ ଘଟଣାରେ ନେତାନ୍ୟାହୁଙ୍କ ବିରୋଧରେ ଯୁଦ୍ଧ ଅପରାଧର ଦାଗ ଲାଗିବା ପରେ ହଙ୍ଗେରୀ ଅନ୍ତର୍ଜାତୀୟ ଅପରାଧ କୋର୍ଟ (ଆଇସିସି)ରୁ ଓହରିଯିବା ଓର୍ବାନଙ୍କ ରାଜନୈତିକ ପଦକ୍ଷେପ ଥିଲା। ଆଲୋଚନା ହେଉଥିଲା ଓର୍ବାନ୍ ସଦ୍ୟ ଶେଷ ହୋଇଥିବା ନିର୍ବାଚନରେ ବିଜୟ ହୋଇଥିଲେ ଇୟୁରୁ ଓହରି ଯାଇଥାଆନ୍ତେ।

ହଙ୍ଗେରୀରେ ଶାସନ ପରିବର୍ତ୍ତନ ହେବ ବୋଲି ନିର୍ବାଚନ ପୂର୍ବରୁ ଅନୁମାନ କରାଯାଇଥିଲା। କାରଣ ଓର୍ବାନ୍‌ଙ୍କ ଶାସନରେ ହଙ୍ଗେରୀୟମାନେ ଅତିଷ୍ଠ ହୋଇ ପଡ଼ିଥିଲେ। ବାକ୍ ସ୍ୱାଧୀନତା ଦମନ କରିବା ସହ ନାଗରିକର ବ୍ୟକ୍ତିଗତ ସ୍ୱାଧୀନତା ସଙ୍କୁଚିତ କରିବାରେ ସେ ଲାଗିପଡ଼ିଥିଲେ। ଏଥିସହିତ ତାଙ୍କ ନୀତିକୁ ଆଇନଗତ ଭାବେ ଚ୍ୟାଲେଞ୍ଜ୍ କରାଗଲେ ତାହାକୁ ମଞ୍ଜୁର କରିବା ପାଇଁ ବିଚାରପତିଙ୍କ ନିଯୁକ୍ତି ଭଳି ଜନବିରୋଧୀ ପଦକ୍ଷେପ ନିଆଯାଇଥିଲା। ଏସବୁ ଅତ୍ୟନ୍ତ ଦକ୍ଷିଣପନ୍ଥୀ ରାଜନୀତିର ଲକ୍ଷଣ ଏବଂ ଏଥିରେ ଟ୍ରମ୍ପୀୟ ଛାପ ସ୍ପଷ୍ଟ ବାରିହୋଇ ପଡୁଥିଲା। ଲୋକଙ୍କ ଅସନ୍ତୋଷ ପ୍ରଥମେ ୨୦୨୨ଠାରୁ ଆରମ୍ଭ ହୋଇଥିଲା ଯେତେବେଳେ ମୁଦ୍ରାସ୍ଫୀତି ୪୦% ରୁ ଅଧିକ ହୋଇଥିଲା ଏବଂ ଦେଶର ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଥିଲା। ଦେଶରେ ବ୍ୟାପକ ଦୁର୍ନୀତି ଦେଖାଦେବାରୁ ବିଦେଶୀ ପୁଞ୍ଜିନିବେଶକଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତି ହଙ୍ଗେରୀୟ ଉଦ୍ୟୋଗିକତାକୁ ମଧ୍ୟ ନିରୁତ୍ସାହିତ କରିଥିଲା। ଅନେକ ଲୋକ ହଙ୍ଗେରୀର ସ୍ଥିତି ଓ ଭାରତର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ମଧ୍ୟରେ ସାମଞ୍ଜସ୍ୟ ଦେଖୁଛନ୍ତି। ପ୍ରତ୍ୟେକ ଦିନ ବିଦେଶୀ ପୁଞ୍ଜିନିବେଶକମାନେ ହଙ୍ଗେରୀ ଭଳି ଭାରତରୁ ପଳାୟନ କରୁଛନ୍ତି।

ପିଟର ମ୍ୟାଜର, ଯିଏ ହଙ୍ଗେରୀର ନେତୃତ୍ୱ ନେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି ଏକଦା ସେ ଓର୍ବାନ୍‌ଙ୍କ ଫିଡେସ୍‌ଜ ଦଳରେ ଥିଲେ। ଓର୍ବାନ୍‌ଙ୍କ ଭୁଲ୍ ନିଷ୍ପତ୍ତି ଓ ନୀତିକୁ ବିରୋଧ କରି ଦୁଇ ବର୍ଷ ତଳେ ସେ ଦଳରୁ ଇସ୍ତଫା ଦେଇଥିଲେ। ୨୦୨୦ରେ ଗଠିତ ହୋଇଥିବା ତିସ୍‌ଜା ପାର୍ଟି (ଯାହାର ଅନୁବାଦ ହେବ ସମ୍ମାନ ଓ ସ୍ୱାଧୀନତା ପାର୍ଟି)ରେ ପିଟର ଯୋଗଦେବା ପରେ ତାଙ୍କ ଲୋକପ୍ରିୟତା ବଢ଼ିଥିଲା। ସେ ଦେଶ ପାଇଁ ବାସ୍ତବବାଦୀ ନୀତି ପ୍ରଣୟନ ଉପରେ ଜୋର ଦେଉଛନ୍ତି। ପିଟର ହଙ୍ଗେରୀର ୟୁରୋପୀୟ ସଂଘ ସହ ବିଗିଡ଼ିଯାଇଥିବା ସମ୍ପର୍କକୁ ପୁନଃସ୍ଥାପନ କରିବା, ଦୁର୍ନୀତିର ବିରୋଧ କରିବା ଏବଂ ଦୀର୍ଘଦିନ ଉପେକ୍ଷିତ ସରକାରୀ ସେବା ପାଇଁ ଅର୍ଥ ବ୍ୟୟ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏସବୁ ପ୍ରତିଶ୍ରୁତି ପିଟରଙ୍କୁ ବେଶ୍ ସମର୍ଥନ ଦେଇଥିଲା। ବିଜୟ ପରେ ସେ ଉଲ୍ଲସିତ ହୋଇ କହିଥିଲେ ମୋ ପ୍ରିୟ ହଙ୍ଗେରୀବାସୀ, ଆମେ ଏହା କରିପାରିଲେ। ଡାନ୍ୟୁବ୍ ନଦୀ କୂଳରେ ଏକତ୍ରିତ ହୋଇଥିବା ପ୍ରାୟ ଦଶ ହଜାର ସମର୍ଥକଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଏବର ନିର୍ବାଚନ ଫଳ ଆଉ ଏକ ଶକ୍ତିଶାଳୀ ଦକ୍ଷିଣପନ୍ଥୀ ନେତାଙ୍କ ପତନକୁ ସୂଚାଉଛି।

ହଙ୍ଗେରୀର ଏହି ନିର୍ବାଚନ ଫଳାଫଳକୁ ବିଶ୍ୱର ନଜର ଥିଲା। ଅନେକ ଦକ୍ଷିଣପନ୍ଥୀ ନେତା ଓର୍ବାନଙ୍କୁ ଆଦର୍ଶ ମାନୁଥିଲେ। ଏପରିକି ଓର୍ବାନ ଫ୍ରାନ୍ସର ମାରିନ୍ ଲେ ପେନ୍ ଓ ଇଟାଲୀର ଜର୍ଜିଆ ମେଲୋନିଙ୍କ ସମର୍ଥନ ପାଇଥିଲେ। କିନ୍ତୁ ଓର୍ବାନଙ୍କ ପରାଜୟର ଗୁରୁତ୍ୱ ବୁଝି ମେଲୋନି ତୁରନ୍ତ ପିଟରଙ୍କୁ ଅଭିନନ୍ଦନ ଜଣାଇଥିବା ଦେଖିବାକୁ ମିଳିଛି। ୟୁରୋପସାରା ନେତାମାନେ ଏହି ଫଳାଫଳକୁ ସ୍ୱାଗତ କରିଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମର୍ ସୋସିଆଲ ମିଡିଆରେ ଏହାକୁ ହଙ୍ଗେରୀ ଏବଂ ସମଗ୍ର ୟୁରୋପୀୟ ଗଣତନ୍ତ୍ର ପାଇଁ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ହଙ୍ଗେରୀର ଏହି ଘଟଣା ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ୧୬ ବର୍ଷ ଧରି ପରୀକ୍ଷା କରାଯାଇଥିବା ଦକ୍ଷିଣପନ୍ଥୀ ରାଜନୀତି ଲୋକଙ୍କ ଜୀବିକା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସମସ୍ୟାର ସମାଧାନ କରିପାରି ନ ଥିଲା।

ହଙ୍ଗେରୀ ନିର୍ବାଚନ ବିଶ୍ୱକୁ ବାସ୍ତବବାଦୀ ବାର୍ତ୍ତା ଦେଇଛି। ଦିନେ ବାମପନ୍ଥୀ ଶାସନ ଓ ଚିନ୍ତାଧାରା ପୃଥିବୀରେ ତା'ର ଗୁରୁତ୍ୱ ବଢ଼ାଇଥିଲା। ଶାସକମାନଙ୍କ ଭୁଲ୍ ନୀତି ଓ ନିଷ୍ପତ୍ତି ସେହି ଚିନ୍ତାଧାରାକୁ ହଟେଇ ଦକ୍ଷିଣପନ୍ଥୀ ଭାବନାର ଅଭ୍ୟୁଦୟ କଲା। ହେଲେ ଏହି ଚିନ୍ତାଧାରା ଉଗ୍ର ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଯିବାରୁ ତାହା ଲୋକଙ୍କ ଗ୍ରହଣୀୟତା ହରାଇବାକୁ ଆରମ୍ଭ କରିଛି। ଏହା ଦେଖାଉଛି ଯେ ଦକ୍ଷିଣପନ୍ଥୀମାନେ ଏବେ ପଛକୁ ହଟୁଛନ୍ତି। ବିଭାଜନ ଓ ଧ୍ରୁବୀକରଣ ରାଜନୀତି ଗଣମାଧ୍ୟମ, ନ୍ୟାୟପାଳିକା ଏବଂ ଶକ୍ତି ପ୍ରୟୋଗର ମିଶ୍ରଣରେ ସମାଧାନର ସୂତ୍ର ବାହାର କରିବା ଅପେକ୍ଷା ଅଧିକ ସମସ୍ୟା ସୃଷ୍ଟି କରୁଛି। ଏଭଳି ସମସ୍ୟା ଭାରତ ସହିତ ଅନେକ ଦେଶରେ ରହିଛି। ଏବେ ହଙ୍ଗେରୀ ଦେଖାଇଦେଲା ଯେ ବିଶ୍ୱ କେଉଁ ଦିଗରେ ଯାଉଛି। ଏଠାରେ ବୁଝାଯିବା ଦରକାର ଯେ, ଗଣତାନ୍ତ୍ରିକ ନେତାଙ୍କ ପ୍ରକୃତ ପରୀକ୍ଷା କେବଳ ନିର୍ବାଚନ ଜିତିବା ନୁହେଁ, ବରଂ ସମଗ୍ର ଜନସଂଖ୍ୟାର ପ୍ରତିନିଧିତ୍ୱ କରି ସମସ୍ତଙ୍କ ପାଇଁ ଏକ ସୁସ୍ଥ ଓ ଉତ୍ତରଦାୟୀ ଶାସନ ପ୍ରଦାନ କରିବା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 9 | | | | | 2 | | 4 |
| | 8 | | | | | 1 | | |
| | 6 | 4 | | | | 9 | | 8 |
| | | | | 1 | 9 | 8 | | |
| | | | | | 7 | | | |
| | | 2 | | 5 | | | 1 | 7 |
| | 5 | | 9 | | 8 | | 4 | |
| | | | | | 1 | 7 | | |
| 4 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 7 | 4 | 1 | 8 | 2 | 5 |
| 2 | 4 | 5 | 9 | 3 | 8 | 7 | 1 | 6 |
| 8 | 1 | 7 | 5 | 6 | 2 | 3 | 9 | 4 |
| 9 | 8 | 4 | 2 | 1 | 5 | 6 | 3 | 7 |
| 1 | 2 | 6 | 3 | 7 | 4 | 9 | 5 | 8 |
| 7 | 5 | 3 | 8 | 9 | 6 | 1 | 4 | 2 |
| 5 | 7 | 2 | 1 | 8 | 9 | 4 | 6 | 3 |
| 6 | 9 | 8 | 4 | 2 | 3 | 5 | 7 | 1 |
| 4 | 3 | 1 | 6 | 5 | 7 | 2 | 8 | 9 |

ଗତକାଲିର ଉତ୍ତର

# ବିଦ୍ୟାଳୟ ଶିକ୍ଷାରେ ଡ୍ରପ୍‌ଆଉଟ୍ ସମସ୍ୟା



ଲୋକନାଥ ପଣ୍ଡା

ନିକଟରେ ଅନେକ ଦୈନିକ ଓଡ଼ିଆ ସମ୍ବାଦପତ୍ରରେ ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଅଧାରୁ ପାଠ ଛାଡୁଥିବା ଶିଶୁଙ୍କ ସଂଖ୍ୟା ଉଦ୍‌ବେଗଜନକ ବୋଲି ପ୍ରକାଶ ପାଇଛି। ପ୍ରଶାସନିକ ସ୍ତରରେ ମଧ୍ୟ ଏହାକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି। ସ୍ଥାନୀୟ ବିଇଓ, ସିଆର୍‌ସିସିଙ୍କ ପାଇଁ ଏହି ସମସ୍ୟା ମୁଣ୍ଡବ୍ୟଥାର କାରଣ ହେଉଛି। ବହୁଦିନ ଧରି ଆସୁ ନ ଥିବା ପାଠ ପଢ଼ିବା ବୟସର ଶିଶୁଙ୍କୁ ପୁଣିଥରେ ବିଦ୍ୟାଳୟରେ ଭର୍ତ୍ତି କରିବା ପାଇଁ ଆଦେଶ ଦିଆଯାଉଛି। ଡ୍ରପ୍‌ଆଉଟ୍ ସମସ୍ୟାର ନିରାକରଣ ପାଇଁ ଅନେକ ଶିଶୁଙ୍କୁ ନେଇ କୌଣସି ଆଶ୍ରମ ବିଦ୍ୟାଳୟରେ ଭର୍ତ୍ତି କରାଯିବା ଲାଗି ପ୍ରୟାସ ଲାଗିରହୁଛି। ବୃତ୍ତିଗତ ଶିକ୍ଷା ସହିତ ମଧ୍ୟ ଯୋଡ଼ିଦେବା ପାଇଁ ପ୍ରୟାସ କରାଯାଉଛି। ଡ୍ରପ୍‌ଆଉଟ୍ କମାଇବା ପାଇଁ ଆଦିବାସୀ ଅଞ୍ଚଳରେ ନିୟମିତ ଆବାସିକ ବିଦ୍ୟାଳୟରେ ସ୍ଥାନ ବୃଦ୍ଧି ପାଉଛି! ଏଥିରେ ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବାଳିକା ହଷ୍ଟେଲ କରାଯାଇଛି। ତଥାପି ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ଶିଶୁ ଅନେକ ସଂଖ୍ୟାରେ ରହୁଛନ୍ତି, ଯାହାକି ଚିନ୍ତାଜନକ। ପ୍ରାଥମିକ ସ୍ତରରେ ହେଉ କିମ୍ବା ହାଇସ୍କୁଲ ସ୍ତରରେ, ଶିଶୁ କାହିଁକି ବିଦ୍ୟାଳୟ ଛାଡୁଛନ୍ତି, ତାହାର ବିଶ୍ଳେଷଣ କରାଯାଉଛି। ଏହାକୁ ଆଧାର କରି ସରକାରଙ୍କ ତରଫରୁ ଅଧ୍ୟୟନ କରାଯାଇ ପଦକ୍ଷେପ ନିଆଗଲେ ମଧ୍ୟ ଫଳାଫଳ ବିଶେଷ ସନ୍ତୋଷଜନକ ହେଉନାହିଁ।

ଅନେକ ରିପୋର୍ଟ କହୁଛି ଏବଂ ମତ ମଧ୍ୟ ଆସେ, ଅଭିଭାବକଙ୍କ ସଚେତନତାର ଅଭାବ! କିନ୍ତୁ ବର୍ତ୍ତମାନ ଅଭିଭାବକ ଶିଶୁଙ୍କ ପାଠପଢ଼ା ନେଇ ଚିନ୍ତିତ। ଅନେକ ମାତାପିତା ଆଶ୍ରମ ସ୍କୁଲରେ ଶିଶୁକୁ ଛାଡ଼ିଦେଇ ବିନା ଚିନ୍ତାରେ ରହିବେ ବୋଲି ଭାବୁଛନ୍ତି! କାରଣ ସମସ୍ତ ଦାୟିତ୍ୱ ଶିକ୍ଷକଙ୍କର। ଅନେକ ମାତାପିତା ଆଶ୍ରମ ବିଦ୍ୟାଳୟରେ ନିଜର ଶିଶୁ ସିଟ୍ ପାଇବା ପାଇଁ ପ୍ରୟାସ କରିଥାଆନ୍ତି। ମାତାପିତାଙ୍କ ଆଗ୍ରହକୁ ଦେଖିଲେ ଏହି ପରିପ୍ରେକ୍ଷୀରେ ଆମେ ଶିଶୁ ଶିକ୍ଷା ନିମନ୍ତେ ସେମାନଙ୍କର ସଚେତନତାର ଅଭାବ ରହିଛି ବୋଲି କହିପାରିବା ନାହିଁ।

ଅନେକ ସମୟରେ ଦେଖାଯାଉଛି, ଆଦିବାସୀ ଶିଶୁଟିଏ ବାଧ୍ୟବାଧକତାରେ ବିଦ୍ୟାଳୟ ଛାଡୁଛି। ନିକଟରେ କନ୍ଧମାଳ ଜିଲାର ଗୋଟିଏ ବିଦ୍ୟାଳୟକୁ ଯାଇଥିଲି। ବିଦ୍ୟାଳୟ ଶ୍ରେଣୀଗୃହରେ ଏକ ସୁନ୍ଦର ଚିତ୍ର ଡିସ୍‌ପ୍ଲେ ବୋର୍ଡରେ ଲଟକା ହୋଇଥିଲା। ମୁଁ ପ୍ରଶ୍ନ କରିଥିଲି, ଏହି ଚିତ୍ର କିଏ କରିଛି? ଶ୍ରେଣୀଗୃହରେ ଥିବା ଶିଶୁମାନେ ୫ମ ଶ୍ରେଣୀରେ ପଢୁଥିବା ଶିଶୁର ନାମ କହିଥିଲେ। ମୁଁ ଶିଶୁମାନଙ୍କଠାରୁ ଶୁଣିଲି, ସେ କିଛି ଦିନ ହେଲା ବିଦ୍ୟାଳୟ ଆସୁନାହିଁ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ତା' ବିଷୟରେ ଆଲୋଚନା କଲି ଏବଂ କାଁ ଭାଁ ଆସୁଛି ବୋଲି ମତଦେଲେ। ମୁଁ ତାଙ୍କୁ ଅନୁରୋଧ କଲି, ଶିଶୁଟି ଭଲ ଚିତ୍ର କରୁଛି। ଆପଣ ତାକୁ କିମ୍ବା ତା' ମାତାପିତାଙ୍କୁ ଅନୁରୋଧ କରନ୍ତୁ, ଯେତେବେଳେ ସୁବିଧା ହେଉ, ସେ ଅତିକମ୍‌ରେ ଦୁଇତିନି ଘଣ୍ଟା ବିଦ୍ୟାଳୟ ଆସୁ। ତାହାକୁ ଚିତ୍ର କରିବାକୁ ଦିଅନ୍ତୁ। ଆପଣ ପ୍ରତ୍ୟେକ ପିଲାଙ୍କ ପାଇଁ ଅଲଗା ଅଲଗା ଦୃଷ୍ଟିକୋଣ ଦିଅନ୍ତୁ। ଜଣେ ଦୁଇଜଣ ଶିକ୍ଷକ କହିଲେ, ଆମେ ତା' ପାଇଁ ସ୍କୁଲ ନିୟମ ପରିବର୍ତ୍ତନ କରିପାରିବୁ ନାହିଁ। ଶେଷରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ରାଜି କରାଇଲି। ମୁଁ କହିଲି, ଆପଣ ପ୍ରଧାନଶିକ୍ଷୟିତ୍ରୀ ନ ଭାବି ଶିଶୁଟିର ଘରକୁ ଯାଆନ୍ତୁ, ତା' ମାଆବାପାଙ୍କ ସହିତ ଭଲମନ୍ଦ କଥା ହୁଅନ୍ତୁ, ଦେଖିବେ ଶିଶୁଟି ବିଦ୍ୟାଳୟ ଆସିବ। ମୁଁ ପରବର୍ତ୍ତୀ ସମୟରେ ଅନୁସନ୍ଧାନ କରୁଥିଲି, ବର୍ତ୍ତମାନ ଶିଶୁଟି ବିଦ୍ୟାଳୟକୁ ନିୟମିତ ଆସୁଛି।



ପ୍ରାୟତଃ ନବେଦଶକର ଶେଷଭାଗ ଆଡ଼କୁ ତଥା ୧୯୯୫-୯୬ ବେଳକୁ ଓଡ଼ିଶାରେ କେତେକ ପୁସ୍ତକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଶିକ୍ଷକ, ଶିକ୍ଷାବିତ୍, ଶିକ୍ଷା ପ୍ରଶାସକଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଜଣେ ଶିକ୍ଷକଙ୍କୁ ଚିଠି, ମୋ' ହୃଦୟ ପିଲାଙ୍କ ପାଇଁ, ଗିଜୁଭାଇ ବାଧେକଙ୍କର ଦିବାସ୍ୱପ୍ନ, ତୋତ୍ତଚାନ, ବିଦ୍ୟାଳୟରେ ମସ୍ତିଷ୍କ ନୁହେଁ, ହୃଦୟ, ମୁଁ ଇସ୍କୁଲ ଯିବି ଭଳି କିଛି ପୁସ୍ତକ ଶିକ୍ଷକଙ୍କୁ ପ୍ରଭାବିତ କରିଥିଲା। ବିଦ୍ୟାଳୟ ବାହାରେ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ 'ପରିବର୍ତ୍ତନ' ନାମରେ ଏକ ତାଲିମ ଶିକ୍ଷକଙ୍କୁ ନେଇ ଆୟୋଜନ କରାଯାଇଥିଲା। ଆଦିବାସୀ ଅଞ୍ଚଳରେ ଶିଶୁଙ୍କ ପ୍ରତି ମନୋଭାବ, ପାଠପଢ଼ା ପ୍ରତି ସକାରାତ୍ମକ ମନୋଭାବର ବିକାଶ, ଆଦିବାସୀ ଅଞ୍ଚଳରେ ଥିବା ଜ୍ଞାନକୌଶଳ, ସେମାନଙ୍କର ଭାଷାକୁ କିପରି ଭଲ ପାଇବେ, ଏହାକୁ ଆଧାର କରି ରାଜ୍ୟର ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିଲା। ଏହାର ପ୍ରଭାବ ଅନେକାନ୍ତରେ ପଡ଼ିଥିବାର ଏ ଲେଖକ ଅନୁଭବ କରିଛି। ଶିକ୍ଷକମାନଙ୍କର ପୁସ୍ତକ ପ୍ରତି ଅଧ୍ୟୟନ ଅନେକ ମାତ୍ରାରେ ବଢ଼ିଥିଲା ଏବଂ ଏହାର ପ୍ରଭାବ ବିଦ୍ୟାଳୟ ସ୍ତରରେ ପଡ଼ିଥିଲା। ମୁଁ ଦେଖୁଥିଲି, ପ୍ରଫେସର ମନ୍ମଥ ନାଥ କୁଣ୍ଡୁ, ଡ. ମୋହିତ ମୋହନ ମହାନ୍ତି, ଡ. ମହେନ୍ଦ୍ର ମିଶ୍ରଙ୍କ ଭଳି ବିଶିଷ୍ଟ ଶିକ୍ଷାବିତ୍ ମୋ' ହୃଦୟ ପିଲାଙ୍କ ପାଇଁ, ଜଣେ ଶିକ୍ଷକଙ୍କୁ ଚିଠି, ଦିବାସ୍ୱପ୍ନ, ଜୀବନ ବିଦ୍ୟାଳୟ, ପିଲାଏ ଶିଖନ୍ତି କିଭଳି ପରି ଅନେକ ଉପାଦେୟ ପୁସ୍ତକକୁ ଶିକ୍ଷକଙ୍କୁ ପଢ଼ିବା ପାଇଁ ଶିକ୍ଷକଙ୍କ ତାଲିମ ସମୟରେ ଆଲୋଚନା କରୁଥିଲେ। ସେମାନଙ୍କୁ ଏହିଭଳି ବହି କିଣିବା ପାଇଁ ବି ଉତ୍ସାହିତ କରୁଥିଲେ। ଫଳରେ ଶିକ୍ଷକମାନେ ଏହିଭଳି ବହି ଖୋଜି ଖୋଜି କିଣୁଥିଲେ, ପଢୁଥିଲେ ଏବଂ ନିଜେ ଶିକ୍ଷାକୁ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ଭାବରେ କାର୍ଯ୍ୟ କରୁଥିଲେ।

ବିଦ୍ୟାଳୟରେ ଶିକ୍ଷାଦାନ କରିବା କିମ୍ବା ଶିକ୍ଷକ ହେବା ନିମନ୍ତେ ଏକ ସମର୍ପିତ ହୃଦୟ ଦରକାର। ବର୍ତ୍ତମାନ ଅନେକ ଅଛନ୍ତି, ଯେଉଁମାନେ ସମର୍ପିତ ହୃଦୟ ନେଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ସମାଜ ଯାହା ଚାହୁଁଛି, ସେହି ଅନୁସାରେ ସେମାନଙ୍କର ସଂଖ୍ୟା ଆବଶ୍ୟକତା ଅନୁସାରେ କମ୍। ଶିକ୍ଷକ ଗୋଷ୍ଠୀ ବିଭିନ୍ନ ପ୍ରକାର ଅଣଶିକ୍ଷଣ ଦାୟିତ୍ୱ ଦ୍ୱାରା ନିଜ ନିଜର କାର୍ଯ୍ୟ ତଥା ପାଠପଢ଼ା ଠିକ୍ ଭାବରେ କରିପାରୁନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ମୁଁ କହିବି, ଜଣେ ଶିକ୍ଷକଙ୍କୁ ଚିଠି ପୁସ୍ତକରେ ଅନେକ ଛାତ୍ର, ଯେଉଁମାନେ ବିଭିନ୍ନ କାରଣରୁ ସେମାନଙ୍କୁ ବିଦ୍ୟାଳୟରୁ ତଡ଼ା ଖାଇଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନେ ପୁଣିଥରେ ଶିକ୍ଷା ପାଇବାର ସୁଯୋଗ ପାଇ ଜଣେ ଜଣେ ଭଲ ମଣିଷ ହେଲେ, ସେମାନେ ତାଙ୍କର ଶିକ୍ଷକଙ୍କୁ ହୃଦୟସ୍ପର୍ଶୀ ଚିଠି ଦେଇଛନ୍ତି। ଏହାକୁ ପ୍ରତ୍ୟେକ ଶିକ୍ଷକ ପଢ଼ିବା ଦରକାର। ପ୍ରାୟତଃ ବର୍ଷକ ତଳେ ଥୁଆମୂଳ ରାମପୁରରେ ଶିକ୍ଷକମାନଙ୍କର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି। ଆଲୋଚନା ପ୍ରସଙ୍ଗରେ ପୁସ୍ତକ ପଠନ ସମ୍ପର୍କରେ ଆଲୋଚନା କରୁଥିଲି ଏବଂ ଶିକ୍ଷାରେ ପ୍ରୟୋଗକୁ ନେଇ ସାରା ବିଶ୍ୱରେ ଆଲୋଚିତ ପୁସ୍ତକ ଯଥା ଜଣେ ଶିକ୍ଷକଙ୍କୁ ଚିଠି, ମୋ ହୃଦୟ ପିଲାଙ୍କ ପାଇଁ, ୟାସନାୟା ପୋଲ୍ୟାନା, ପିଲାଏ ଶିଖନ୍ତି କିପରି? ପିଲାଏ ବିଫଳ ହୁଅନ୍ତି କାହିଁକି?, ବିଦ୍ୟାଳୟରେ ହୃଦୟ ନୁହେଁ, ମସ୍ତିଷ୍କ; ଏହିଭଳି କିଛି ପୁସ୍ତକ ପଠନ ପ୍ରତି ଆଗ୍ରହ ସମ୍ପର୍କରେ ଆଲୋଚନା କରୁଥିଲି। ଏସବୁ ପୁସ୍ତକ ସମ୍ପର୍କରେ କୌଣସି ଶିକ୍ଷକ ଜାଣିନାହାନ୍ତି ବୋଲି ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଉଥିଲି।

ବିଦ୍ୟାଳୟ ଶିକ୍ଷାରେ ଅନେକ ପରିବର୍ତ୍ତନ ହୋଇଛି। ସ୍କୁଲଗୁଡ଼ିକ ଶିକ୍ଷଣ ସାମଗ୍ରୀରେ ପୂର୍ଣ୍ଣ ହୋଇଛି। ବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି ହୋଇଛି, ଅନେକ କିସମର ବିଦ୍ୟାଳୟ ଖୋଲା ହୋଇଛି, ସ୍କୁଲ ପରିଚାଳନା କମିଟିରେ ଅଭିଭାବକଙ୍କ ଭାଗୀଦାରିତା ବଢ଼ିଛି, ବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ ବଜେଟ ମଧ୍ୟ ହୋଇଛି, ନୂତନ ଶିକ୍ଷା ପଦ୍ଧତି ମଧ୍ୟ ହୋଇଛି, ପାଠ୍ୟ ପୁସ୍ତକରେ ପରିବର୍ତ୍ତନ ଆସିଛି, କିନ୍ତୁ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଅଧାରୁ ପାଠ ଛାଡ଼ିବା ସମସ୍ୟାକୁ ବନ୍ଦ କରିପାରିନାହୁଁ! ଯଦି ଆମେ ଶିକ୍ଷାରେ ଶିଶୁଟିରେ ପାଠ ଛାଡ଼ିବାର ବନ୍ଦ କରିବାକୁ ଚାହିଁବା, ଆମେ ଜଣେ ଶିକ୍ଷକଙ୍କୁ ଚିଠି, ମୋ' ହୃଦୟ ପିଲାଙ୍କ ପାଇଁ ଭଳି ଅନେକ ପୁସ୍ତକ ଅଛି, ପଢ଼ିଲେ ଆମର ଅନେକ ସମସ୍ୟାର ନିରାକରଣ ପାଇଁ ବାଟ ଖୋଲିଦେବ!

**ହାତୀପଥର ରାସ୍ତା, ରାଣୀଗୁଡ଼ା, ରାୟଗଡ଼ା**
**ମୋ: ୯୪୩୮୦୮୧୪୩୦**

# ଆସୁଛି ଏଲ୍ ନିନୋ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମେରିକାର ଜାତୀୟ ସାମୁଦ୍ରିକ ଏବଂ ବାୟୁମଣ୍ଡଳୀୟ ପ୍ରଶାସନ (ନ୍ୟାଶନାଲ ଓସେନିକ ଆଣ୍ଡ୍ ଆଟ୍‌ମୋସ୍ପିୟରିକ ଆଡ୍‌ମିନିଷ୍ଟ୍ରେଶନ ବା "ନୋ ଆ (NO AA)" ଦ୍ୱାରା ପରିଚାଳିତ ଜଳବାୟୁ ଆଗତ ସୂଚନା ପ୍ରଦାନକାରୀ କେନ୍ଦ୍ର ଦ୍ୱାରା ବିଗତ ମାର୍ଚ୍ଚ ୨୦୨୬ରେ ପ୍ରଦତ୍ତ ଭବିଷ୍ୟବାଣୀ ଅନୁସାରେ ଆଗାମୀ ଜୁନ୍‌ଠାରୁ ଅଗଷ୍ଟ-ସେପ୍ଟେମ୍ବର ମଧ୍ୟରେ ଏଲ୍ ନିନୋ (EL NINO) ଆସିବାର ୬୨ ପ୍ରତିଶତ ସମ୍ଭାବନା ରହିଛି। ତେବେ ପରବର୍ତ୍ତୀ ସମୟରେ ଏହି ସମ୍ଭାବନା ୮୦ ପ୍ରତିଶତ ଅତିକ୍ରମ କରିଯିବ ବୋଲି ଆଶା କରାଯାଏ। ଭୂମଧ୍ୟସାଗର କ୍ରମଶଃ ଅଧିକରୁ ଅଧିକ ଉତ୍ତପ୍ତ ହୋଇ ଚାଲିଥିବା ଦୃଷ୍ଟିରୁ ଏ ସୂଚନା ପ୍ରାପ୍ତ ହୋଇଛି।

ସ୍ପେନିସ୍ ଭାଷାରେ 'ଏଲ୍ ନିନୋ'ର ଅର୍ଥ ହେଲା 'କୁନିପୁଅ'। ୧୬୦୦ ଶତାବ୍ଦୀରେ କିଛି ଦକ୍ଷିଣ ଆମେରିକୀୟ ଧୀବର ଭୂମଧ୍ୟସାଗର ସମୟକୁ ସମୟ ଉଷ୍ମ ହେବା କଥା ଲକ୍ଷ୍ୟ କରିଥିଲେ। ଏହା ପ୍ରାୟତଃ ଜୁଲାଇ-ଅଗଷ୍ଟରୁ ଆରମ୍ଭ ହୋଇ ଡିସେମ୍ବର ବେଳକୁ ଶୀର୍ଷରେ ପହଞ୍ଚୁଥିଲା। ପ୍ରଥମେ ସେଥିରୁ ଏହି ପ୍ରାକୃତିକ ଘଟଣା ସମ୍ପର୍କରେ ସୂଚନା ମିଳିଥିଲା, ମୁଖ୍ୟତଃ ଏଲ୍ ନିନୋ କେନ୍ଦ୍ରୀୟ ଏବଂ ପୂର୍ବ ଭୂମଧ୍ୟ ସାଗରରେ ବିଷୁବରେଖାଠାରେ ଆରମ୍ଭ ହୋଇଥାଏ। ଅଧିକାଂଶ ସମୟରେ ଏହା ସୃଷ୍ଟି ହୋଇଥାଏ ପେରୁ ଉପକୂଳରେ।

ସାଧାରଣ ଅବସ୍ଥାରେ ଏଠାରେ ବାଣିଜ୍ୟବାୟୁ (ଟ୍ରେଡ୍ ୱିଣ୍ଡ) ବିଷୁବରେଖା ଉପରଦେଇ ପଶ୍ଚିମ ଦିଗକୁ ପ୍ରବାହିତ ହୁଏ। ଏହା ସମୁଦ୍ରର ଉଷ୍ମଜଳକୁ ଦକ୍ଷିଣ ଆମେରିକାରୁ ଏସିଆ ଦିଗରେ ଗତି କରାଏ। ଅତଏବ ସେ ସ୍ଥାନ ଅଧିକାର କରିବାକୁ ଗଭୀରତା ମଧ୍ୟରୁ ଶୀତଳ ତଥା ପୁଷ୍ଟିସମୃଦ୍ଧ ଜଳ ଊର୍ଦ୍ଧ୍ୱଗାମୀ ହେବାକୁ ଲାଗେ। ଏହାକୁ କହନ୍ତି 'ଅପ୍ ୱେଲିଂ'। ଏଲ୍ ନିନୋ ସମୟରେ ଉଷ୍ମଜଳ ଭୂମଧ୍ୟସାଗରରୁ ଜେଟ୍ ସ୍ରୋତ ରୂପେ ଏହାର ଦକ୍ଷିଣ ଅଞ୍ଚଳକୁ ଆସେ। ଏହି ଚଳନ ଉତ୍ତର ଆମେରିକା, କାନାଡା ଆଦିକୁ ଅଧିକ ଉଷ୍ମ କରିଦିଏ। କିନ୍ତୁ ଆମେରିକାର ଖାଡ଼ି ଉପକୂଳ ଏବଂ ଦକ୍ଷିଣ ଅଞ୍ଚଳରେ ଏ ସମୟରେ ଅଧିକ ବୃଷ୍ଟିପାତ ଏବଂ ବନ୍ୟା ହୁଏ।

ଭୂମଧ୍ୟସାଗର ଉପକୂଳର ସାମୁଦ୍ରିକ ଜୀବନ ଉପରେ ଏଲ୍ ନିନୋର ପ୍ରଭାବ ଅତିମାତ୍ରାରେ ଅନୁଭୂତ ହୁଏ। କାରଣ ଏ ସମୟରେ 'ଅପ୍ ୱେଲିଂ' ଦୁର୍ବଳ ହୋଇପଡ଼େ କିମ୍ବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଏଣୁ ସମୁଦ୍ରର ଗଭୀର ଜଳରେ ଥିବା ପୁଷ୍ଟି ଉପରସ୍ତରକୁ ଆସି ନ ପାରିବାରୁ ତାହା ଉପରେ ନିର୍ଭରଶୀଳ 'ଫାଇଟୋ ପ୍ଲାଙ୍କଟନ୍' ବଂଶ ହ୍ରାସ ପାଇବାକୁ ଲାଗେ। ଅତଏବ ଏହାକୁ ଖାଦ୍ୟରୂପେ ଗ୍ରହଣ କରୁଥିବା ବିଭିନ୍ନ ପ୍ରକାର ମାଛ ତଥା ଅନ୍ୟାନ୍ୟ ଜଳଜ ପ୍ରଜାତିଙ୍କର ବଂଶହାନି ଘଟେ। ପରିଣାମରେ ପରିସଂସ୍ଥାର ରୂପରେଖ ବଦଳିଯାଏ।

ଏଲ୍ ନିନୋର ବିପରୀତ ଜଳବାୟୁ ଅବସ୍ଥା ହେଲା ଲା ନିନୋ (LA NINO)। ଏ ଉଭୟ ବିଶ୍ୱର ଜଳବାୟୁ, ପରିସଂସ୍ଥା, ଅର୍ଥନୀତି ଆଦିକୁ ପ୍ରଭାବିତ କରନ୍ତି। ପ୍ରତି ୨ରୁ ୭ ବର୍ଷ ବ୍ୟବଧାନରେ ଏହା ଘଟେ। ତେବେ ଲା ନିନୋ ତୁଳନାରେ ଏଲ୍ ନିନୋ ଅଧିକ ଥର ହୋଇଥାଏ।

ସାଧାରଣତଃ ଲା ନିନୋ ଏଲ୍ ନିନୋକୁ



ଅନୁସରଣ କରେ। ସ୍ପେନିସ୍ ଭାଷାରେ ଏହାର ଅର୍ଥ ହେଲା 'କୁନି ଝିଅ'। ଏହାକୁ 'ଆଣ୍ଟି-ଏଲ୍ ନିନୋ' ବୋଲି ମଧ୍ୟ କୁହାଯାଏ। କାରଣ ଏହାର ପ୍ରଭାବ ଏଲ୍ ନିନୋର ଠିକ୍ ଓଲଟା। ଏ ସମୟରେ ବାଣିଜ୍ୟ ବାୟୁ ଅଧିକ ଶକ୍ତିଶାଳୀ ହୋଇପାରେ। ଭୂମଧ୍ୟସାଗରର ଉଷ୍ମଜଳ ଏସିଆ ଦିଗରେ ଠେଲି ହୋଇଯାଏ। ଫଳରେ ସମୁଦ୍ରର ଗଭୀରତାରୁ ପୁଷ୍ଟିଯୁକ୍ତ ଶୀତଳ ଜଳ ପୃଷ୍ଠଦେଶକୁ ଆସେ। ଅନ୍ୟପକ୍ଷରେ ଦକ୍ଷିଣ ଆମେରିକାରେ ମରୁଡ଼ି ଏବଂ ଭୂମଧ୍ୟସାଗର ଉତ୍ତର ପଶ୍ଚିମାଞ୍ଚଳ ଓ କାନାଡ଼ାରେ ଅତ୍ୟଧିକ ବୃଷ୍ଟିପାତର ଏହା କାରଣ ହୁଏ। ଲା ନିନୋ ବର୍ଷମାନଙ୍କରେ ଦକ୍ଷିଣରେ ଶୀତକାଳୀନ ତାପମାତ୍ରା ସାଧାରଣଠାରୁ ଅଧିକ ଏବଂ ଉତ୍ତରରେ ତହିଁରୁ ଶୀତଳ ହୋଇଥାଏ। ଏହା ମଧ୍ୟ ପ୍ରଚଣ୍ଡ ହରିକେନ ଆଣିପାରେ। ଲା ନିନୋ ସମୟରେ ଭୂମଧ୍ୟସାଗର ଉପକୂଳରେ ଜଳ ଅପେକ୍ଷାକୃତ ଶୀତଳ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏଭଳି ପରିବେଶ ସାମୁଦ୍ରିକ ଜୀବଙ୍କ ପାଇଁ ଉପଯୋଗୀ ଓ ତାହା ଶୀତଳ ଜଳରେ ବାସ କରୁଥିବା ଶାମୁକା, ଗେଣ୍ଡା, ସାଲମନମାଛ ଆଦି ପ୍ରଜାତିଙ୍କୁ ଆକୃଷ୍ଟ କରେ। ବିଶେଷକରି କାଲିଫର୍ନିଆ ଉପକୂଳରେ ଏହାର ପ୍ରଭାବ ଅଧିକ ଦେଖାଯାଏ।

୧୯୦୦ ମସିହାରୁ ଏପର୍ଯ୍ୟନ୍ତ (୨୦୨୬) ପ୍ରାୟ ୩୦ଟି ପ୍ରଭାବଶାଳୀ ଏଲ୍ ନିନୋ ଅନୁଭୂତ ହୋଇଛି। ତେବେ ୧୯୮୦ ପରେ ଏ ପ୍ରକାର ଶକ୍ତିଶାଳୀ ୬ଟି ଘଟିଛି ୧୯୮୨-୧୯୮୩, ୧୯୯୭-୧୯୯୮, ୨୦୦୨-୨୦୦୯, ୨୦୧୫-୨୦୧୬ ଏବଂ ୨୦୨୩-୨୦୨୪ରେ। ପୃଥିବୀର ବିଭିନ୍ନ ଅଞ୍ଚଳ ଉପରେ ଏଗୁଡ଼ିକର ଭିନ୍ନ ଭିନ୍ନ ପ୍ରଭାବ ପଡ଼େ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଏସିଆର ଅନ୍ୟ କିଛି ଅଞ୍ଚଳରେ ଏହା ଭୟଙ୍କର ଶୁଷ୍କ ଅବସ୍ଥା ଓ ମରୁଡ଼ିର କାରଣ ହୋଇ ଫସଲହାନି ଘଟାଇଲା ବେଳେ ଆମେରିକା ଓ କାନାଡ଼ା ଭଳି ଉତ୍ତର ଆମେରିକୀୟ ଦେଶମାନଙ୍କରେ ସାଧାରଣ ଶୀତକାଳଠାରୁ ତାପମାତ୍ରା ଅଧିକ ଏବଂ ଦକ୍ଷିଣ ଆମେରିକା ଓ ଖାଡ଼ି ଅଞ୍ଚଳରେ ଶୀତଳ ତଥା ଆର୍ଦ୍ର ଅବସ୍ଥା ସୃଷ୍ଟି କରେ। ସେହିପରି ପେରୁ ଓ ଇକ୍ୟୁଡର ଭଳି ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳରେ ଏହା ଅଧିକ ବୃଷ୍ଟିପାତ ଏବଂ ବନ୍ୟାର ସମ୍ଭାବନା ବୃଦ୍ଧି କରିବା ସହିତ ଉତ୍ତର ଅଞ୍ଚଳରେ ଶୁଷ୍କ ଅବସ୍ଥା ସୃଷ୍ଟି କରେ। ଅନ୍ୟପକ୍ଷରେ ଅଧିକାଂଶ ଏଲ୍ ନିନୋ କାଳରେ ଦକ୍ଷିଣ ଆଫ୍ରିକା ଶୁଷ୍କ ଏବଂ ପୂର୍ବ ଆଫ୍ରିକା ସାଧାରଣ ଅବସ୍ଥାଠାରୁ ଅଧିକ ଆର୍ଦ୍ର ରହେ।

ଭାରତ ଉପରେ ପଡୁଥିବା ଏହାର ପ୍ରଭାବଗୁଡ଼ିକର ଅନ୍ତର୍ଭୁକ୍ତ ହେଲା ଦୁର୍ବଳ ମୌସୁମୀ ହେତୁ କମ୍ ବୃଷ୍ଟିପାତ (ପ୍ରାୟ ୧୦ରୁ ୧୩ ଶତାଂଶ) ଏବଂ ମରୁଡ଼ି (ବିଗତ ଦଶକରେ ଘଟିଥିବା ସବୁଠାରୁ କ୍ଷତିକାରକଗୁଡ଼ିକ ମଧ୍ୟରୁ ଅଧିକାଂଶ ଘଟୁଛି ଏଲ୍ ନିନୋ ବର୍ଷରେ)। ଫଳରେ ଫସଲ ହାନି ଘଟେ(୧୨ରୁ ୨୦ ଶତାଂଶ), ଯାହାକି ଦେଶର ଖାଦ୍ୟ ଉତ୍ପାଦନ ଏବଂ ଅର୍ଥନୀତିକୁ ପ୍ରଭାବିତ କରେ। ପୁନଶ୍ଚ କମ୍ ବୃଷ୍ଟିପାତ ହେତୁ ଜଳାଭାବ ଘଟିବାରୁ ଜଳ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୁଏ। ସେହିପରି ତାପମାତ୍ରା ବୃଦ୍ଧି ଏବଂ ଘନଘଟା ଗ୍ରୀଷ୍ମପ୍ରବାହ ସ୍ୱାସ୍ଥ୍ୟହାନି ଓ ଅକାଳ ମୃତ୍ୟୁର କାରଣ ହେବା ସଙ୍ଗେ ସଙ୍ଗେ ପରିବେଶ ତଥା ପରିସଂସ୍ଥାକୁ କ୍ଷତି ପହଞ୍ଚାଇଥାଏ। ୨୦୨୩-୨୦୨୪ ବର୍ଷର ଏଲ୍ ନିନୋ ଏ ସମସ୍ତ ପ୍ରଭାବ ପକାଇଥିଲା ଏବଂ ଚଳିତବର୍ଷ ତାହା ସେହିପରି କରିବ ବୋଲି ଆଶା କରାଯାଉଛି। ତେବେ କେତେକ ପାଣିପାଗ ବିଶେଷଜ୍ଞଙ୍କ ମତରେ ଏହା ଏକ ସୁପର ଏଲ୍ ନିନୋ ହୋଇପାରେ।

**ମୋ: ୯୯୩୭୩୦୧୪୬୦**

## ଏଇ ଭାରତରେ

ରାଜସ୍ଥାନ ବାରମର ଜିଲାର ତାପମାତ୍ରା ଗ୍ରୀଷ୍ମରେ ୫୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଏ। ଏହି ସମୟରେ ସେହି ଅଞ୍ଚଳରେ ରହୁଥିବା ବନ୍ୟପ୍ରାଣୀ ଓ ପକ୍ଷୀଙ୍କ ଜୀବନ ସଙ୍କଟରେ ପଡ଼ିଯାଏ। ପକ୍ଷୀଗୁଡ଼ିକ ବସାରେ ରହିବା କଷ୍ଟକର ହୋଇପଡ଼େ। ଏପରିକି ପକ୍ଷୀ ଶାବକଙ୍କ ମୃତ୍ୟୁ ହୋଇଥାଏ। ତେବେ ପକ୍ଷୀଙ୍କ ସୁରକ୍ଷା ନିଶ୍ଚିତ କରିବା ସକାଶେ ନରପତ ସିଂ ରାଜପୁରୋହିତଙ୍କ ଚେଷ୍ଟା ପ୍ରଶଂସନୀୟ। ନରପତ ଜଣେ ସମାଜସେବୀ ତଥା ପରିବେଶବିତ୍। ସେ ଏକ ନିଆରା ଉପାୟରେ ପକ୍ଷୀଙ୍କ ପାଇଁ ବସା ତିଆରି କରୁଛନ୍ତି। ପିଇବା ପରେ ଫିଙ୍ଗି ଦିଆଯାଉଥିବା ପଇଡ଼, ଯାହା ବର୍ଜ୍ୟ ଭାବେ ଗଦାହୋଇ ରହେ। ସେଗୁଡ଼ିକୁ ସଂଗ୍ରହକରି ସେଥିରେ ସେ ବସା ନିର୍ମାଣ କରୁଛନ୍ତି। ବସା ନିର୍ମାଣ କରିବା ପରେ ନରପତ ସେଗୁଡ଼ିକୁ ଗଛରେ ଝୁଲାଇ ଦେଉଛନ୍ତି। ପ୍ଲାଷ୍ଟିକ୍ କିମ୍ବା ଅନ୍ୟ କୌଣସି ସାମଗ୍ରୀରେ ବସା ନିର୍ମାଣ ନ କରି ପଇଡ଼ର ଷଢ଼େଇ ବ୍ୟବହାର କରିବାର ମୁଖ୍ୟ କାରଣ ହେଉଛି ସେସବୁ ଖରାଦିନେ ଉଚ୍ଚ ତାପମାତ୍ରାରେ ଶୀତଳ ରହିପାରୁଛି। ସେ ମଧ୍ୟ ଅନେକ ହଜାର ଗଛ ରୋପଣ କରିଛନ୍ତି। ଏହାସହ ବନ୍ୟଜୀବ ଖରାଦିନେ ପାଣି ପିଇବା ଲାଗି ଅନେକ ଜଳାଶୟର ବ୍ୟବସ୍ଥା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୫ ଏପ୍ରିଲ ୧୯୭୭

- ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ ମନ୍ତ୍ରୀଙ୍କ ଆଖ୍ୟା ବଦଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଭାବେ ନାମିତ।
- କେ. ରଘୁରାମାୟା ଲୋକସଭାରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ
ମୋର ପଥେ ଅଛି ଚାହିଁ
ପ୍ରଭାତ କୁକୁଟ କଣ୍ଠ ସଜାଡ଼େ
ସେ ପରା ମୋହରି ପାଇଁ !
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଦ୍ଧିତ ସ୍କଲାରଶିପ୍ ମିଳିନାହିଁ

**ମହାଶୟ,**

ନିକଟରେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରି-ମାଟ୍ରିକ୍ ସ୍କଲାରଶିପ୍‌ରେ ୧୬,୦୦୦, ପୋଷ୍ଟ-ମାଟ୍ରିକ୍ ସ୍କଲାରଶିପ୍‌ରେ ଛାତ୍ରଙ୍କୁ ୧୬,୦୦୦ ଏବଂ ଛାତ୍ରୀଙ୍କୁ ୧୭,୦୦୦ ଟଙ୍କା ବୃଦ୍ଧି ନେଇ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ଯୋଗୁ ଅସନ୍ତୋଷ ସୃଷ୍ଟି କରିଛି। ବିଗତ ବର୍ଷଗୁଡ଼ିକ ଭଳି ଚଳିତବର୍ଷ ମଧ୍ୟ ଛାତ୍ରୀଛାତ୍ରମାନେ ୧୩,୦୦୦ ଟଙ୍କା ସ୍କଲାରଶିପ୍ ଆକାରରେ ପାଉଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି ସରକାର ଘୋଷଣା କରିସାରିଛନ୍ତି, ତେବେ ବାକି ଅର୍ଥରାଶି ଗଲା କୁଆଡ଼େ? ଏହି ବର୍ଦ୍ଧିତ ଅର୍ଥରାଶି ମିଳିବାରେ ପ୍ରତାରଣା ପିଲାଙ୍କ ଶିକ୍ଷାଗ୍ରହଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି। ରାଜ୍ୟ ସରକାର ତୁରନ୍ତ ଏହି ଦିଗରେ ହସ୍ତକ୍ଷେପ କରି ବର୍ଦ୍ଧିତ ସ୍କଲାରଶିପ୍‌ର ବ୍ୟବସ୍ଥା କରନ୍ତୁ।

**-ଅଜିତ୍ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ପ୍ରଗତିର ସାରଥି

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସଙ୍କଳ୍ପ

## ନାରୀଶକ୍ତି ମାଧ୍ୟମରେ ସମୃଦ୍ଧ ଓଡ଼ିଶାର ବିକାଶ

*ନାରୀ ଆଜି କେବଳ ପରିବାର ଓ ଆବେଗିକ ସମ୍ପର୍କର ସୀମା ମଧ୍ୟରେ ଆବଦ୍ଧ ନ ରହି ଜୀବନଜୀବିକାର ପ୍ରତିଟି କ୍ଷେତ୍ରରେ ନିଜର ଅପାର ଦକ୍ଷତା ଓ ସ୍ୱର୍ଣ୍ଣିମ ସ୍ୱାକ୍ଷର ଅଙ୍କିତ କରୁଛନ୍ତି। ଦେଶର ପ୍ରଗତିରେ ସେମାନଙ୍କର ଏହି ବଳିଷ୍ଠ ଅବଦାନକୁ ସମ୍ମାନ ଜଣାଇ 'ବିକଶିତ ଭାରତ @୨୦୪୭' ଏବଂ 'ସମୃଦ୍ଧ ଓଡ଼ିଶା @୨୦୩୬'ର ମହାନ୍ ସଙ୍କଳ୍ପକୁ ସାକାର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ଓ ରାଜ୍ୟ ସରକାର ଦୃଢ଼ତାର ସହ କାର୍ଯ୍ୟ କରୁଛନ୍ତି। ନାରୀଙ୍କ ସର୍ବାଙ୍ଗୀନ ଉନ୍ନତି ଓ ସଶକ୍ତୀକରଣ ନିମନ୍ତେ ଉଭୟ ସରକାରଙ୍କ ମିଳିତ ଓ ନିଷ୍ଠାପର ଉଦ୍ୟମ ସମାଜରେ ଏକ ଉଲ୍ଲେଖନୀୟ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ଓଡ଼ିଶାକୁ ପ୍ରଗତିର ଏକ ନୂତନ ଶିଖରକୁ ନେଇଯିବାରେ ସହାୟକ ହେଉଛି।*









**ବ୍ୟାପକ ସାମାଜିକ ପ୍ରଭାବ:** ଓଡ଼ିଶାର ପ୍ରାୟ ୧ କୋଟିରୁ ଅଧିକ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରିବା ସରକାରଙ୍କ ମହିଳା ସଶକ୍ତୀକରଣ ଅଭିଯାନର ଏକ ବଡ଼ ସଫଳତା।

**ଆର୍ଥିକ ସହାୟତା:** ୧୦,୨୧୨ କୋଟି ଟଙ୍କାର ସିଧାସଳଖ ନିବେଶ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ନିମ୍ନ-ମଧ୍ୟବିତ୍ତ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ସହାୟକ ହେବ ।

**ଡିଜିଟାଲ କାରବାର:** ସୁଭଦ୍ରା ଯୋଜନା ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ (ଡିବିଟି ମାଧ୍ୟମରେ) ଯାଉଥିବାରୁ ଏହା ସ୍ୱଚ୍ଛତା ଏବଂ ଡିଜିଟାଲ ବ୍ୟାଙ୍କିଂକୁ ପ୍ରୋତ୍ସାହିତ କରୁଛି।

**ସୁଭଦ୍ରା ଯୋଜନାର ଲକ୍ଷ୍ୟ ହେଉଛି ୫ ବର୍ଷ ମଧ୍ୟରେ ପ୍ରତି ମହିଳାଙ୍କୁ ମୋଟ ୫୦,୦୦୦ ଟଙ୍କାର ସହାୟତା ପ୍ରଦାନ କରିବା (ଦୁଇଟି କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କା) ।**

**୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)**

- ଉପକୃତ ହିତାଧିକାରୀଙ୍କ ସଂଖ୍ୟା: ୧,୦୨,୧୨,୬୬୫
- ବ୍ୟୟ: ୧୦,୨୧୨ କୋଟି ଟଙ୍କା

## ପୋଷଣ ଅଭିଯାନ

**୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)**

- ଉପକୃତ ହିତାଧିକାରୀଙ୍କ ସଂଖ୍ୟା: ୩୮,୪୧,୮୩୭
- ବ୍ୟୟ: ୧୪୨୪୪.୮୨ ଲକ୍ଷ ଟଙ୍କା

ଓଡ଼ିଶା ସରକାରଙ୍କ ପୋଷଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ରାଜ୍ୟରୁ ଅପପୁଷ୍ଟି ଦୂର କରିବା ଏବଂ ମା' ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବା। ଏହା ଏକ ବହୁମୁଖୀ ଯୋଜନା, ଯାହା ବିଭିନ୍ନ ବୟସର ହିତାଧିକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିଛି। ପୋଷଣ ଅଭିଯାନ ମୁଖ୍ୟତଃ 'ପ୍ରଥମ ୧୦୦୦ ଦିନ' (ଶିଶୁ ମାତୃଗର୍ଭରେ ରହିବା ଦିନଠାରୁ ୨ ବର୍ଷ ପର୍ଯ୍ୟନ୍ତ) ଉପରେ ସର୍ବାଧିକ ଗୁରୁତ୍ୱ ଦିଏ, କାରଣ ଏହି ସମୟ ଶିଶୁର ଶାରୀରିକ ଓ ମାନସିକ ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

### ପ୍ରମୁଖ ଲକ୍ଷ୍ୟ

**ଅପପୁଷ୍ଟି ନିରାକରଣ:** ବୟସ ଅନୁଯାୟୀ ଶିଶୁ (୦-୬ ବର୍ଷ)ଙ୍କ ଉଚ୍ଚତା କମ୍ ହେବା ସମସ୍ୟାକୁ ବାର୍ଷିକ ୨% ହ୍ରାସ କରିବା। ଶିଶୁମାନଙ୍କ ମଧ୍ୟରେ କମ୍ ଓଜନ ସମସ୍ୟାକୁ ବାର୍ଷିକ ୨% କମାଇବା, ଶିଶୁଙ୍କ ଶରୀର ଅତ୍ୟନ୍ତ ଦୁର୍ବଳ ହେବା ସମସ୍ୟାକୁ ବାର୍ଷିକ ୨% ହ୍ରାସ କରିବା

**ରକ୍ତହୀନତା ମୁକ୍ତ ଓଡ଼ିଶା:** ଛୋଟ ପିଲା, କିଶୋରୀ ଓ ପ୍ରଜନନ ବୟସର ମହିଳାଙ୍କ ମଧ୍ୟରେ ଦେଖାଯାଉଥିବା ରକ୍ତହୀନତା ବା ଆନିମିଆକୁ ବାର୍ଷିକ ୩% ହ୍ରାସ କରିବା।

**ଆଇସିଡିଏସ୍ ସୁଦୃଢ଼ୀକରଣ:** ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଏବଂ ପରାମର୍ଶ ପ୍ରଦାନ।

### ଜନ ଆନ୍ଦୋଳନ

ରାଜ୍ୟ ସରକାରଙ୍କ ଗୁରୁତ୍ୱ ହେଉଛି, ପୋଷଣକୁ କେବଳ ଏକ ସରକାରୀ ଯୋଜନା ନ କରି ଏହାକୁ ଏକ 'ଜନଆନ୍ଦୋଳନ'ରେ ପରିଣତ କରିବା, ଯେଉଁଠି ପରିବାର ଓ ସମାଜ ସଚେତନ ହେବେ। ଓଡ଼ିଶା ବଜେଟ ୨୦୨୬-୨୭ରେ ମଧ୍ୟ ସାମାଜିକ ସୁରକ୍ଷା ଏବଂ ମହିଳା-ଶିଶୁ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି, ଯାହା ଏହି ଧାରାକୁ ଆଗକୁ ବଢ଼ାଇବାରେ ସହାୟକ ହେବ।



## ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ – ୪.୫୬ ଲକ୍ଷରୁ ଊର୍ଦ୍ଧ୍ୱ
- ବ୍ୟୟ – ୫୦୮.୦୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

## ମିଶନ ବାତ୍ସଲ୍ୟ

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ–୧୦,୪୨୫
- ବ୍ୟୟ – ୧୧୧ କୋଟି ଟଙ୍କା

## ଯଶୋଦା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ– ୨୮୨୧
- ବ୍ୟୟ – ୨.୨୯ କୋଟି ଟଙ୍କା

## ସପ୍ଲିମେଣ୍ଟାରି ନ୍ୟୁଟ୍ରିସନ ପ୍ରୋଗ୍ରାମ

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ– ୩୧,୯୨,୬୭୭
- ବ୍ୟୟ – ୭୩୧.୧୪ କୋଟି ଟଙ୍କା

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ– ୧୨,୬୧,୯୭୪
- ବ୍ୟୟ – ୪୭୦ କୋଟି ଟଙ୍କା

## ଆମ କୁନି ପିଲା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ– ୧୫,୯୬,୪୨୫
- ବ୍ୟୟ – ୭.୫୪ କୋଟି ଟଙ୍କା

## ଆମେ ପଢ଼ିବା ଆମ ଭାଷାରେ

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ– ୧୮୦ ଅଙ୍ଗନୱାଡି କେନ୍ଦ୍ର
- ବ୍ୟୟ – ୨୬ ଲକ୍ଷ ଟଙ୍କା



## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ୩୮୮ କନ୍ୟାଙ୍କ ବିବାହ
- ବ୍ୟୟ – ୨,୩୨,୮୦,୦୦୦ ଟଙ୍କା

## କିଶୋରୀ ବାଳିକା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ ହିତାଧିକାରୀ– ୧,୯୭,୭୮୭
- ବ୍ୟୟ – ୫୧.୮୪ କୋଟି ଟଙ୍କା

## ପ୍ରି ସ୍କୁଲ ଏଜୁକେଶନ କିଟ୍

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- ଉପକୃତ– ୭୪,୨୨୪ ଅଙ୍ଗନୱାଡି କେନ୍ଦ୍ର
- ବ୍ୟୟ– ୨୨.୨୬ କୋଟି ଟଙ୍କା



## କ୍ରେଚ୍ ବା କଳିକା

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

- କଳିକା ସଂଖ୍ୟା–୧୩
- ବ୍ୟୟ–୫୬ ଲକ୍ଷ ଟଙ୍କା

## ବେଟି ବଚାଓ ବେଟି ପଢ଼ାଓ

୨୦୨୫-୨୬ ଆର୍ଥିକ ବର୍ଷରେ (୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ)

**ବ୍ୟୟ**

୩,୮୫,୪୧,୩୧୭ ଟଙ୍କା



OIPR-

| | | | | |
|---|---|---|---|---|
| ପୋଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପ ଲାଇନ ୧୮୧ | ଚାଇଲ୍ଡ ହେଲ୍ପ ଲାଇନ ୧୦୯୮ | ସୁଭଦ୍ରା ହେଲ୍ପ ଲାଇନ ୧୪୬୭୮ | ପୋଷଣ ୧୫୧୫ |

## ସଂକ୍ଷେପରେ

### ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ

**ଲାଞ୍ଜିଗଡ଼,୧୪।୪(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକର ବିଭିନ୍ନ ଅଞ୍ଚଳରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୋଖରୀବନ୍ଧ ହୀରାନୀଳା ଷ୍ଟୋନ କ୍ରଶର ପକ୍ଷରୁ ସ୍ଥାନୀୟ ହନୁମାନ ବାଟିକାଠାରେ ପଣା ବଣ୍ଟନ କରାଯାଇ ଥିଲା। ଷ୍ଟୋନ କ୍ରଶର ପକ୍ଷରୁ ରମେଶ ଚନ୍ଦ୍ର ସାହୁଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ମାୟାଧର ଶତପଥୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପରେ ଏକ ବାଇକ୍ ରାଲି ବାହାରି ନଗର ପରିକ୍ରମା କରିଥିଲା। ବିଶ୍ୱନାଥପୁରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ବଣିକ ସଂଘ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ କରାଯିବା ସହ ବିଶନାଥପୁର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଏକ ବାଇକ୍ ରାଲି କରାଯାଇଥିଲା। ସେହିପରି ଲାଞ୍ଜିଗଡ଼ ସହର ସ୍ଥିତ ହନୁମାନ ବାଟିକା ଠାରେ ଲାଞ୍ଜିଗଡ଼ ଯୁବଗୋଷ୍ଠୀ, ଏଲଏନଟି କଲୋନିଠାରେ ଶ୍ରମିକ ସଂଘ ସଭାପତି ସଞ୍ଜୀବ ପେଶନିଆ ଓ ଲାଞ୍ଜିଗଡ ସାପ୍ତାହିକ ବଜାର ପରିସରରେ ବ୍ୟବସାୟୀଙ୍କ ତରଫରୁ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା।

### ଜନଗଣନା ପାଇଁ ନିଯୁକ୍ତିପତ୍ର ବଣ୍ଟନ

**କର୍ଲାମୁଣ୍ଡା, ୧୪।୪(ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକ ସଦର ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ କର୍ଲାମୁଣ୍ଡା ତହସିଲ ପକ୍ଷରୁ ଜନ ଗଣନା ପାଇଁ ନିୟୋଜିତ ଏନୁମେଟର ଓ ସୁପରଭାଇଜରଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଅରୁଣ ବର୍ଗେ, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ପଟେଲ ଯୋଗଦେଇ ୧୧୬ ଜଣ ଏନୁମେଟର ଓ ୨୦ ଜଣ ସୁପରଭାଇଜରଙ୍କୁ ଜନଗଣନା ପାଇଁ ପରିଚିତ ପତ୍ର, ଏଚ୍ଏଲ୍‌ବି ମ୍ୟାପ, ସର୍କିଲ ମ୍ୟାପ ସହ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

### ଲାଞ୍ଜିଗଡ଼ରେ ଷୋହଳ ପ୍ରହର ନାମଯଜ୍ଞ



**ଲାଞ୍ଜିଗଡ଼,୧୪।୪(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ମଙ୍ଗଳବାର ଓଡ଼ିଆ ନବବର୍ଷ ଅବସରରେ ସକାଳ ୭ଟା ୨୫ରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏଥିରେ କର୍ତ୍ତା ଭାବେ ପୀତାମ୍ବର ଡମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଏବଂ ରାଘବ ଗହୀର ଓ ଲୁଚନା ପୋଡ଼ ସହକର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ମୁରଲୀଧର ତ୍ରିପାଠୀ, ଚକ୍ରଧର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମଧୁସୂଦନ କର, କରୁଣାକର ତ୍ରିପାଠୀ, ରବୀନ୍ଦ୍ର ଦାସ, ଟଙ୍କଧର ଦାସ ପ୍ରମୁଖ ପୂଜାକାର୍ଯ୍ୟ କରୁଛନ୍ତି। ନାମଯଜ୍ଞରେ ବିଭିନ୍ନ ଜିଲାରୁ ୯ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଛନ୍ତି। ପ୍ରହରୀ କମିଟି ସଭାପତି ଭାବେ ଚନ୍ଦ୍ରମଣି ମହାକୁଡ଼, ସମ୍ପାଦକ ହରିହର ରଣା, ସହସମ୍ପାଦକ ରାମ ବନ୍ଧପାରିଆ, କୋଷାଧ୍ୟକ୍ଷ ଲଳିତ ପ୍ରଧାନୀ ପ୍ରମୁଖ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଶ୍ରୀଧର ପେଶନିଆ, ସାମାଜିକ କର୍ମୀ ହରିଶଙ୍କର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦର ଆମ୍ବା କାର୍ଯ୍ୟାଳୟ ସମ୍ମୁଖ(ରିଙ୍ଗାଛକ)ରେ ମଙ୍ଗଳବାର ବ୍ଲକ ଏସ୍‌ସିଏସ୍‌ଟି ଅଧିକାର ସୁରକ୍ଷା ମହାସଂଘ ପକ୍ଷରୁ ବି.ଆର୍. ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାସଂଘ ସଭାପତି ସୁରେନ୍ଦ୍ର ଭୋଇ, ସମ୍ପାଦକ ବରୁଣ ଛତ୍ରିଆ, କର୍ଲାମୁଣ୍ଡା ବିଡିଓ ସୁଚରିତା ମୁଗ୍ରୀ, ଫାଣ୍ଡି ଅଧିକାରୀ ଥବିର ବରିହା, ବ୍ଲକ ସିଡ୍ୟୁଲ କାଷ୍ଟ ଫେଡେରେଶନ ସଭାପତି ବରୁଣ ସୁନା, ବ୍ଲକ୍ ସଂଯୋଜକ ମଧୁସୂଦନ ବାଗ, ଆଦିବାସୀ ଯୁବନେତା ନନ୍ଦିକିଶୋର ଭୋଇଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ମେ' ମାସରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ମହାସଂଘ ପକ୍ଷରୁ ଘୋଷଣା କରାଯାଇଥିଲା।

# ନିର୍ମାଣ ପାଇଁ ୧୬କୋଟି ୨୦ଲକ୍ଷର ଖର୍ଚ୍ଚ ଅଟକଳ

## ତୁର୍କେଲ ବ୍ରିଜ୍ ଦବିବା ୭ ମାସ ପୂରିଲା

**ଭବାନୀପାଟଣା,୧୪।୪ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଭବାନୀପାଟଣା ଓ ନୂଆପଡ଼ା ଜିଲାର ଖଡ଼ିଆଳ ଏବଂ ପଡ଼ୋଶୀ ରାଜ୍ୟ ଛତିଶଗଡ଼କୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ହଠାତ୍ ଦବିଯିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଗତ ସେପ୍ଟେମ୍ବରରେ ପ୍ରବଳ ବର୍ଷା କାରଣରୁ ବ୍ରିଜର ଗୋଟିଏ ସ୍ଥାନରେ ଦବିଯାଇଥିଲା। ଏହାକୁ ନେଇ ଲୋକେ ଭୟଭୀତ ହେବାରୁ ବ୍ରିଜ ଉପରଦେଇ ଗାଡି ଚଳାଚଳ ବନ୍ଦ କରିଦିଆଯାଇଥିଲା।

ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ବର୍ଷ ପୂର୍ବରୁ ଅର୍ଥାତ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ଦବିବା ପରେ ଇତିମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ସମୟରେ ଗସ୍ତକରି ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି। କଂଗ୍ରେସରୁ ବିଧାୟକ ସାଗର ଚରଣ ଦାସ ଓ ବିଜେଡିରୁ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଘଟଣାକୁ ଅଧିକ ଗୁରୁତ୍ୱ ଦେଇ ଆସୁଥିଲେ। ତେବେ ବର୍ତ୍ତମାନ ପୂର୍ତ୍ତ ବିଭାଗ ତତ୍ପରତା ଦେଖାଇ ଡିପିଆର୍ ପ୍ରସ୍ତୁତ କରିବା ସହିତ ଖର୍ଚ୍ଚ ଅଟକଳ ସରକାରଙ୍କ ନିକଟକୁ ପଠାଇ ସାରିଛି। କିନ୍ତୁ ଫାଇଲ ଉପରେ ମୋହର ବାଜିନାହିଁ। ୪ଶହ ୮୦ମିଟର ତୁର୍କେଲ ବ୍ରିଜ ନିର୍ମାଣ ଲାଗି ୧୬କୋଟି ୨୦ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବା ଜଣାପଡ଼ିଛି। ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କହିବା କଥା ଯେ ଗୋଟିଏ ସ୍ଥାନରେ ଏକ୍ସପାନସନ ଜଏଣ୍ଟରେ ପାଣି ଜମୁଛି। ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁଶନ ଟିମ୍ ଆସି ସର୍ଭେ କରିଥିଲା। ଖୁବଶୀଘ୍ର ଏହି ବ୍ରିଜର ଆବଶ୍ୟକ ମରାମତି ସହ ଦୀର୍ଘସ୍ଥାୟୀ କରିବାକୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ କେବଳ ଆଶ୍ୱାସନା ଦେଇ ୭ମାସ ଗଡ଼େଇ ନେଇଥିଲା। ଫାଇଲ ଉପରେ କେବେ ସରକାରଙ୍କ ନଜର ପଡିବ ଏବଂ ପ୍ରସ୍ତାବିତ ଖର୍ଚ୍ଚ ଅଟକଳ ମଞ୍ଜୁର ହେବ ସେ ଉପରେ ସମସ୍ତଙ୍କ ନଜର ରହିଛି। ଯଦି ବିଳମ୍ବ ହୁଏ ତେବେ ପୁଣି ଆନ୍ଦୋଳନ ଦାନା ବାନ୍ଧିବା ନିଶ୍ଚିତ। ଦୀର୍ଘ ୭ମାସ ଧରି ଯାତାୟାତ ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି ମାଣିଂ ଦେଇ ଗର୍ଗଗାଓ, ଅର୍ତ୍ତଲ ଦେଇ ଯାଉଥିବାବେଳେ ଆଉ କେହି ଲୁଥୁରବନ୍ଧ ରାସ୍ତାରେ ଯାଇ ଟିଟିଲାଗଡ ଓ ବୋଙ୍ଗମୁଣ୍ଡା ଦେଇ ଯାଉଛନ୍ତି। ଏହି ଦୁଇଟି ରାସ୍ତାରେ ଅଧିକ ୨୦ରୁ ୩୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଗତ ମାଟ୍ରିକ ପରୀକ୍ଷା ସମୟରେ ଛାତ୍ରୀଛାତ୍ର ହଟହଟା ହୋଇଥିଲେ। ସେହିଭଳି କପା ଓ ଧାନ ମଣ୍ଡିକୁ ଚାଷୀ ଆସିବା କାଠିକର ପାଠ ହୋଇଥିଲା। ଫାଇଲ ଉପରେ ସରକାରଙ୍କ ମୋହର ବାଜିଲେ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ଆଶ୍ୱାସନା ମିଳିଛି।



# ରାସ୍ତା ଜବରଦଖଲ, ସମାଧାନ ନ ହେଲେ ଧାରଣା

**ନୂଆପଡ଼ା,୧୪।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଦେଓଦର୍ହା ପଞ୍ଚାୟତ କୁଞ୍ଜାଳପଡା ଗାଁର ଜଣେ ବ୍ୟକ୍ତିଙ୍କ ଘରକୁ ଯିବା ରାସ୍ତା ଜବରଦଖଲ ଯୋଗୁ ସେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୩୦ ତାରିଖ ଭିତରେ ସମସ୍ୟାର ସମାଧାନ ନ ହେଲେ ମେ ୧ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହା ଉପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ସୂଚନା ଅନୁଯାୟୀ, କୁଞ୍ଜାଳପଡା ଗାଁର ରାଜେନ୍ଦ୍ର ବାଗ(୩୪)ଙ୍କ ଦେଓଦର୍ହା ମୌଜା, ଖାତା ନଂ.୧୮୭ ଓ ପ୍ଲଟ୍ ନଂ.୧୪୬୬ରେ ୬୯ ଡେସିମିଲ ପଟ୍ଟା ଜମି ରହିଛି। ସେ ୨୦୧୭ରେ ଇନ୍ଦିରା ଆବାସ ଗୃହ ପାଇ ଉକ୍ତ ଜମିରେ ଘରକରି ପରିବାର ସହ ରହିଆସୁଛନ୍ତି। ଗୃହଠାରୁ ଉତ୍ତର ଦିଗକୁ ପ୍ଲଟ୍ ନଂ.୧୪୬୫ ରହିଛି ଯାହାର କିସମ ରାସ୍ତା ଯୋଗ୍ୟ। ସେହି ଜମି ଉପରେ ରାସ୍ତାକରି ପରିବାର ଯାତାୟାତ କରୁଥିଲେ। ହେଲେ ଗାଁର କେତେଜଣ ଲୋକ ରାସ୍ତା କରିଥିବା ଜମିକୁ ଜବରଦଖଲ କରି ଚାଷ ଜମିରେ ପରିଣତ କରି ଦେଇଛନ୍ତି। ଫଳରେ ରାଜେନ୍ଦ୍ରଙ୍କ ପରିବାର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜମି ହିଡଦେଇ ମୁଖ୍ୟ ରାସ୍ତାକୁ ଯାଉଛନ୍ତି। ଏ ନେଇ ପଚାରିଲେ ଧମକଚମକ ଦେଉଥିବା ଅଭିଯୋଗ କରିଛନ୍ତି। ଏହା ଉପରେ ରାଜସ୍ୱ ନିରୀକ୍ଷକ ରଜନା, କୋମନା ଥାନା ଓ ତହସିଲଦାର ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇଥିଲେ ବି ସୁଫଳ ପାଇ ନ ଥିବା ରାଜେନ୍ଦ୍ର କହିଛନ୍ତି। ଦାବିପତ୍ର ଦେବା ସମୟରେ ହରିହର ବାଗ, କ୍ଷମା ସାଗର ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ ରୁଚି ଆମ ଖାଦ୍ୟ ଦିବସ



ପ୍ରଦର୍ଶିତ ଖାଦ୍ୟଷ୍ଟଲ ବୁଲି ଦେଖୁଛନ୍ତି ଅତିଥି।

**ନୂଆପଡ଼ା,୧୪।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗଦେଇ ପାରମ୍ପରିକ ପିଠାପଣା ଓ ଅନ୍ୟାନ୍ୟ ଓଡିଆ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ଏଣ୍ଡୁରି ପିଠା, ଆରିଷା, ମାଣ୍ଡିଆ ପିଠା, ପୋଡ ପିଠା, ଦହିବରା, ମାଣ୍ଡିଆ ସରବତ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ବିଡିଓ ରୋହିତ ଭୋଇ, ନୂଆପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆମେ ଆଧୁନିକ ଖାଦ୍ୟ ପରିବର୍ତ୍ତେ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ଅଧିକ ଗ୍ରହଣ କରିବା ଉଚିତ ବୋଲି ଜିଲାପାଳ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଡିଓ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ଖଡ଼ିଆଳ,୧୪।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତ୍ନତାତ୍ତ୍ୱିକ ଓ ସଂଗ୍ରହାଳୟ ବିଭାଗ ପକ୍ଷରୁ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ନାତକ ଶେଷବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ବାଣିଜ୍ୟ ବିଭାଗ ଛାତ୍ର ସଂକଳ୍ପ ତ୍ରିବେଦୀଙ୍କ ଅକାଳ ବିୟୋଗ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ରଣବୀର ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢୀ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ହରିହର ବେଶରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଅଧ୍ୟାପକ ଖଗେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରିଷିଡ଼ାରେ ଚୈତ୍ର ଝାମୁଯାତ୍ରା ସମ୍ପନ୍ନ



ବରୁଆ ଓ ଭକ୍ତ ନିଆଁରେ ଚାଲୁଥିବା ଦୃଶ୍ୟ।

**ରିଷିଡ଼ା,୧୪।୪(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠରେ ଚୈତ୍ର ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପୂଜାର୍ଚ୍ଚନା ପରେ ମା'ଙ୍କ ମନ୍ଦିର ସମ୍ମୁଖ ପଡ଼ିଆରେ ପ୍ରସ୍ତୁତ ହୋଇଥିବା ନିଆଁ ଗାଡ଼ରେ ମାନସିକଧାରୀ ଭକ୍ତ ଓ ବରୁଆ ଦେହରେ ଦେବୀ ସବାର ହୋଇ ନିଆଁରେ ଚାଲିଥିଲେ। ଦୀର୍ଘ ୧୬ବର୍ଷ ହେଲା ଏହି ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପୀଠରେ ପୂଜାର୍ଚ୍ଚନା ପାଇଁ ମାନସିକଧାରୀ ଭକ୍ତଙ୍କ ଗହଳି ଲାଗିରହିଥିଲା। ଚୈତ୍ର ମହୋତ୍ସବ ୪ର୍ଥ ଦିବସରେ ମଙ୍ଗଳବାର ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଆୟୋଜନ ହୋଇଥିଲା। ପରିଚାଳନା କମିଟି ସଭାପତି କୈଳାସ କୁମୁରା, ସମ୍ପାଦକ ସୁଶାନ୍ତ ମଲ୍ଲିକ, ଦେହୁରି ସେବାୟତ ସୁମନ୍ତ ଭୋଇ, ରାଧେଶ୍ୟାମ ପଟ୍ଟନାୟକ, ତପନ ରଣା, କୁଞ୍ଜ ରଣା, ରଞ୍ଜନ ରଣା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଭବାନୀପାଟଣା,୧୪।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଡ. ବି.ଆର୍. ଆମ୍ବେଡକରଙ୍କ ଜିଲା ସ୍ତରୀୟ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ସହରସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲାସ୍ତରୀୟ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର ମାଲ୍ୟାର୍ପଣ କରିଥିଲେ। ପରେ ଜିଲା ପରିଷଦ ସଭାଗୃହଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଦରୱାନ ମୁଖ୍ୟ ଅତିଥି, ଡ. ଭବାନୀ ଶଙ୍କର ନିଆଲ ମୁଖ୍ୟବକ୍ତା ଓ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବିଡିଓ ଚନ୍ଦନ କୁମାର ଭୋଇ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା, ଅବସରପ୍ରାପ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରେମାନନ୍ଦ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ସଂଘର୍ଷମୟ ଜୀବନୀ ଉପରେ ଉଲ୍ଲେଖ କରି ଆଜିର ଛାତ୍ରୀଛାତ୍ର, ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭବାନୀପାଟଣାଠାରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଓ ଅନ୍ୟମାନେ।



ନୂଆପଡ଼ାଠାରେ ଅନୁଷ୍ଠିତ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ନୂଆପଡ଼ା (ମକାରୁ ବେମାଲ):** ନୂଆପଡ଼ା ଜିଲା ସଦ୍‌ଭାବନା ସଭାଗୃହ ପରିସରରେ ମଙ୍ଗଳବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମାଜରେ ଅସ୍ପୃଶ୍ୟତା ଓ ଭେଦଭାବର ପୀଡ଼ା ସେ ନିଜେ ଅନୁଭବ କରିଥିଲେ। ତାହାକୁ ଦୂର କରିବା ପାଇଁ ସେ ଶିକ୍ଷାକୁ ମୁଖ୍ୟ ମାଧ୍ୟମ ଭାବେ ଗ୍ରହଣ କରି ସାମାଜିକ ସଂସ୍କାର ଆଣିଥିଲେ। ତାଙ୍କ ଜୀବନ ଓ ସଂଘର୍ଷ ଆମ ସମସ୍ତଙ୍କ ପାଇଁ ଏକ ଦିଗ୍‌ଦର୍ଶକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆମ୍ବେଡକରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

**କଲମପୁର (ଗଣେଶରାମ ବାଗ):** କଲମପୁର ବ୍ଲକ୍ ଅନୁସୂଚିତ ଜାତି ବିକାଶ ପରିଷଦ ପକ୍ଷରୁ ଭାରତରତ୍ନ ବାବାସାହେବ ଡ. ବି. ଆର୍. ଆମ୍ବେଡକରଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା କଲମପୁର ସହର ପରିକ୍ରମା କରିବା ପରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଜୋଷୀ ମୁଖ୍ୟ ଅତିଥି, କଲମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗୀ ମୁଖ୍ୟବକ୍ତା ଓ ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଡ଼, ଜିଲା ଉପସଭାପତି ମୁକେଶ ଅଗ୍ରୱାଲ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ଅପ୍ରେସ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସେହିପରି ଅନୁସୂଚିତ ଜାତି ବିକାଶ ପରିଷଦ ତଥା ଅବିଭକ୍ତ ମଣ୍ଡଳ ଗ୍ରାମ ପଞ୍ଚାୟତ ଡମ ସମାଜ ପକ୍ଷରୁ ମଣ୍ଡଳ ମଣ୍ଡିଠାରେ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଡମ ସମାଜ ସଭାପତି ମାଙ୍ଗେଲାଲ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବ୍ଲକ ସଭାପତି ବଳରାମ ଦୁର୍ଗା, ଉପସଭାପତି ଶ୍ରୀକାନ୍ତ ଛତ୍ରିଆ, ସମ୍ପାଦକ ସେନାପତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ଆମ୍ବେଡକର ଛକଠାରେ ଡ. ଭୀମରାଓ ଆମ୍ବେଡକରଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଡିଆଳ ରାଜା ଦେବଦେବ ପ୍ରସାଦ ସିଂହଦେଓ ଯୋଗଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବେଡକର ପରିବାର ସଭାପତି ନିମାଇ ଚରଣ ତାଣ୍ଡି, ଖଡିଆଳ ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ସୁନା, ସମ୍ପାଦକ ନନ୍ଦଲାଲ ପାଣ୍ଡେ, ସାମାଜିକ କର୍ମୀ କିଶୋର ବାଗ, ପୃଥ୍ୱିରାଜ ମହାନ୍ତି ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଅଲ ଓଡ଼ିଶା ସିଡ୍ୟୁଲ୍‌ଡ କାଷ୍ଟ ଫେଡେରେଶନ ଓ ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ଼ ବ୍ଲକ ଶାଖାର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ବ୍ଲକ ଛକରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଓ ପରେ ଜଳପୁରୁଷ କାର୍ଜୀ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଫେଡେରେଶନର ବ୍ଲକ ସଭାପତି ଜଗଦୀଶ ବେନିଆଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି, ବିଡିଓ ଶଶାଙ୍କ ପାତ୍ର ମୁଖ୍ୟବକ୍ତା ଓ ଦଳିତ ଆଦିବାସୀ ମହାସଂଘର ବ୍ଲକ ସଭାପତି ହରିଶଙ୍କର ପାତ୍ର, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର, ଫେଡେରେଶନର ଉପଦେଷ୍ଟା ଶ୍ରୀବତ୍ସ ତାଣ୍ଡି, ବ୍ଲକ କାର୍ଯ୍ୟକାରୀ ସଭାପତି ହରିହର କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ଅକ୍ଷୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକରେ ଡ. ବି.ଆର୍. ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆରମ୍ଭରେ ବିରିକୋଟରୁ ଏକ ବାଇକ୍ ରାଲି ବିଭିନ୍ନ ଅଞ୍ଚଳ ପରିକ୍ରମା କରି ବାବା ଖଣ୍ଡୁଆଳ ଖେଳପଡ଼ିଆରେ ପହଞ୍ଚିଥିଲା। ସେଠାରୁ ପଦଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ ନାଚଗୀତ କରି ରାଜବାଟି ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବାବାସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅନୁଷ୍ଠିତ ସଭାରେ ପରମାନନ୍ଦ ନାଏକ, ବଂଶୀଧର ନାଏକ, କୈଳାସ ନାଏକ, ମାଣିକ୍ୟ ଚନ୍ଦ୍ର ନାଏକ, ଦାଶରଥି ଧଙ୍ଗଡାମାଝୀ, କପିଳାଶ ନାଏକ, ଜଳନ୍ଧର ନାଏକ, ଦ୍ରୌପଦୀ ମାଝୀ ପ୍ରମୁଖ ଯୋଗଦେଇନ୍ଥିଲେ। ଉତ୍ସବ ପାଳନ କମିଟି ସଭାପତି ବିଜନ କୁମାର ନାଏକ, ସମ୍ପାଦକ ପ୍ରଦୀପ ନାଏକ, କୋଷାଧ୍ୟକ୍ଷ ଦୁର୍ଗା କୀର୍ତ୍ତି, ଉପସଭାପତି ମନୋରଞ୍ଜନ ନାଏକ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

**ବୋଡ଼େନ(ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ପାତାଳଗଙ୍ଗା ରାଧା କୃଷ୍ଣ ମନ୍ଦିର ସଭା ଗୃହଠାରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଭାଜପା ତରଫରୁ ଡ. ବି.ଆର୍. ଅମ୍ବେଡକର ଜୟନ୍ତୀ ଓ ସମରସତ୍ତା ଦିବସ ପାଳିତ ହୋଇଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ଅଜିତ କୁମାର ଚଳାନ ମଞ୍ଚ ପରିଚାଳନା କରିଥିଲେ। ଭାଜପା ଜିଲା ଉପସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ସଭାପତିତ୍ୱରେ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି ମୁଖ୍ୟ ଅତିଥି, ଅଧ୍ୟାପକ ଗୟାଧର ମହାନ୍ତି ମୁଖ୍ୟ ବକ୍ତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲମ୍ବୋଦର ନିଆଲ, ପୂର୍ବତନ ଜିଲା ସଭାପତି ସୁବ୍ରତ କୁମାର ଠାକୁର, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ରଜିତ ସିଂହ, ଖଡ଼ିଆଳ ରାଜା ସାହେବ ଦେବଦେବ ସିଂହଦେଓ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ ସମ୍ମାନିତ ଅତିଥି ଥିଲେ।

# ଆମ୍ବେଡ୍କରଙ୍କ ଆଦର୍ଶ ସମାଜର ନୈତିକ ମେରୁଦଣ୍ଡ

ରାଉରକେଲା,୧୪।୪
(ବିପ୍ଳବ ରଞ୍ଜନ ଦାଶ/ ଦିନେଶ ମିଶ୍ର)


ସେକ୍ଟର–୧୭ସ୍ଥିତ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତିରେ ଆର୍‌ଏସ୍‌ପି ପକ୍ଷରୁ ମାଲ୍ୟାର୍ପଣ ।


ମାଲ୍ୟାର୍ପଣ ସମୟରେ ଉପସ୍ଥିତ ଆର୍‌ଏମ୍‌ସି ଆୟୁକ୍ତ ଏବଂ ଅନ୍ୟମାନେ।

ଆର୍‌ଏସ୍‌ପି ଏବଂ ସେଲ୍, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାର ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଡ୍କରଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆର୍‌ଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସମେତ ନିର୍ବାହୀ ନିର୍ଦ୍ଦେଶକ,(ଖଣି ବିକାଶ, ସିଏମ୍‌ଏଲଓ) ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲ୍ଲାଇ, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ.ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ, ସିଏମଓ ଇନ୍‌ଚାର୍ଜ (ସ୍ୱାସ୍ଥ୍ୟ ସେବା) ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ ଇନ୍‌ଚାର୍ଜ (ଅର୍ଥ) ଆର୍. ଦାସଗୁପ୍ତା, କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ସେଲ୍, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘ ସଭାପତି ଭଗବାନ ସେଠି ସେକ୍ଟର–୧୭ସ୍ଥିତ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସିଭିକ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଲୋକ ବର୍ମା ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡକ୍ଟର ଅଭିରାମ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆଲୋକ ବର୍ମା ବାବା ସାହେବଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଜନନେତା, ସାମ୍ୟ ଏବଂ ମାନବିକ ମର୍ଯ୍ୟାଦାର ମୂର୍ତ୍ତି ଭାବେ ବର୍ଣ୍ଣନା କରି ପ୍ରତିକୂଳତାରୁ ଭାରତର ଗଣତନ୍ତ୍ରର ମୂଳଦୁଆ ଗଠନ କରିବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ପ୍ରତି ପିଢ଼ିକୁ ପ୍ରେରଣା ଦେଇଆସୁଛି ବୋଲି କହିଥିଲେ। ଯେପରି ଇସ୍ପାତ ଭିତ୍ତିଭୂମିର ମେରୁଦଣ୍ଡ ସେହିପରି ଆମ୍ବେଦକରଙ୍କ ଆଦର୍ଶ ସମାଜର ନୈତିକ ମେରୁଦଣ୍ଡ ବୋଲି ବର୍ମା ମତପ୍ରକାଶ କରିଥିଲେ। ଆମ୍ବେଡ୍କରଙ୍କ ଜନ୍ମ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ପୁନର୍ଜନ୍ମ ସଦୃଶ ବୋଲି ମୁଖ୍ୟବକ୍ତା ବିଶ୍ୱାଳ ଉଲ୍ଲେଖ କରିଥିଲେ। ପରେ ଅତିଥିମାନେ ବକ୍ତୃତା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସିଜିଏମ (ଏଚ୍‌ଆର) ମାନସ ରଞ୍ଜନ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସେଲ୍, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ତଥା ଡେପୁଟି ମ୍ୟାନେଜର (ଏଚ୍‌ଆର–ଟାଉନ୍ ଓ ମେଡିକାଲ୍) ଏସ୍. ସି. ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।

**ବି.ଆର୍. ଆମ୍ବେଡ୍କରଙ୍କ ଜନ୍ମବାର୍ଷିକୀ ପାଳିତ**

ମହାସଂଘ ସଭାପତି (ମିଡିଆ ଏବଂ ସମନ୍ୱୟ) ଚନ୍ଦ୍ରଭାନୁ ମୁଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଏବଂ ସିନିୟର ମ୍ୟାନେଜର (ଏଚ୍‌ଆର–ସିଏଲସି) ସୁଶ୍ରୀ ସଙ୍ଗୀତା ମାରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଆମ୍ବେଡ୍କର ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଡା. ଭୀମରାଓ ଆମ୍ବେଡ୍କରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଆଇଟିଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଭୀମରାଓ ଆମ୍ବେଦକର ସମ୍ବିଧାନରେ ସମାଜର ସବୁ ବର୍ଗର ଲୋକମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିଥିବା ମତପ୍ରକାଶ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ହିମାଂଶୁ ଶେଖର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାବା ସାହେବଙ୍କ ଜୀବନ ସଂଘର୍ଷ ଉପରେ ଆଲୋକପାତ କରିଥିଲେ। ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ସହାୟକ ଜିଲାପାଳ ହରେକୃଷ୍ଣ ସାହୁ, ମୁରଲୀଧର ଜୟପୁରିୟା, ବଣାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆମ୍ବେଦକର ସ୍ମୃତି କମିଟି ସଭାପତି ହଳଧର ମହାନନ୍ଦ, ସଚିବ ମହିନ୍ଦ୍ର କଲେତଙ୍କସମେତ କମିଟି ସଦସ୍ୟ ଓ ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ। ସକାଳେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଏକଜୁଟ ହୋଇ କାମ କରିବାକୁ ନିଷ୍ପତ୍ତି

ରାଉରକେଲା,୧୪।୪(ବିପ୍ଳବ ରଞ୍ଜନ ଦାଶ)

**ଆମ୍ବେଡ୍କର ଜୟନ୍ତୀରେ ଚିନ୍ତନ ସଭା**

ଭାରତ ରତ୍ନ ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଡ୍କରଙ୍କ ୧୩୫ତମ ଜୟନ୍ତୀକୁ ଓଡିଶା ଅନୁସୂଚିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମନ୍ୱୟ, ସୁନ୍ଦରଗଡ ଶାଖା ପକ୍ଷରୁ ରାଉରକେଲା ପାନପୋଷସ୍ଥିତ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି। ଏଥିରେ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ମୁରଲୀଧର ବେହେରା ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ ସ୍ୱତନ୍ତ୍ର ଅତିଥି, ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଯୋଗେଶ ନାଏକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ବଣେଇ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ ମୁଣ୍ଡୁ, ସମନ୍ୱୟ କଲ୍ୟାଣ ସମିତି ସଭାପତି ସଦାନନ୍ଦ ପଧାନ, ସାଧାରଣ ସମ୍ପାଦକ ଧରଣୀଧର ମଲ୍ଲିକ, କୋର କମିଟି ସାଙ୍ଗଠନିକ ସମ୍ପାଦକ ଦୁର୍ଯ୍ୟୋଧନ ଜେରେଇ, ହାରସ ମୁର୍ମୁ (ଏସିଏଫ) ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଦେବେନ୍ଦ୍ର ମେହେର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରଥମେ ଉଦିତ ନଗର ସ୍ଥିତ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ବାଇକ୍ ଶୋଭାଯାତ୍ରା ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା। ସେଠାରେ ଆୟୋଜିତ ସମାରୋହ ସଭାରେ ଆମ୍ବେଡ୍କରଙ୍କ ସ୍ୱପ୍ନର ଭାରତରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର କର୍ମଚାରୀଙ୍କ ସମସ୍ୟା ଓ ସମାଧାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଉପସ୍ଥିତ ସମିତି କର୍ମକର୍ତ୍ତା ନିଜ ନିଜ ସମସ୍ୟା ଓ କିଭଳି ସେମାନେ ଚାପଗ୍ରସ୍ତ ହୋଇ କାର୍ଯ୍ୟ ତୁଲାଉଛନ୍ତି, ବିଶେଷ କରି ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗ କର୍ମଚାରୀ କିଭଳି ଶୋଷିତ ହେଉଛନ୍ତି ତାହା ଉପରେ ଆଲୋକପାତ କରାଯାଇଥିଲା। ଆମ୍ବେଡ୍କରଙ୍କ ସମ୍ବିଧାନ ମୁତାବକ ସଙ୍ଗଠିତ ଭାବେ ସାମ୍ବିଧାନିକ ପ୍ରକ୍ରିୟାରେ ହେଉଥିବା ପକ୍ଷପାତିତା ଉପରେ ଏକଜୁଟ ହୋଇ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋର କମିଟିର ବିନୋଦ ଲାକ୍ରା, ଜୋସିଲା ଟିଗା, ସନ୍ତୋଷ କୁମାର ନାଗ, ସୁଶାନ୍ତ ଓରାମ, କାର୍ଯ୍ୟକାରୀ ସମିତିର ଭାରତୀ ଓରାମ, ପବିତ୍ର ପାତ୍ର, ସୁଶୀଲ ବାଡିଙ୍ଗଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅର୍ଜୁନ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ସମାରୋହ ସଭାରେ ମଞ୍ଚାସୀନ ଅଧିକାରୀ ଓ କର୍ମଚାରୀ।

## ଓଡ଼ିଆ ପକ୍ଷରେ ସ୍ୱେଚ୍ଛାକୃତ ରକ୍ତଦାନ




ରାଉରକେଲା,୧୪।୪(ବିପ୍ଳବ ରଞ୍ଜନ ଦାଶ): ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଓଡିଆ ପକ୍ଷ ପାଳନ ନେଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପରମେଶ୍ୱର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଆର୍‌ଜିଏଚ୍‌ର ଡା. ପ୍ରଶାନ୍ତ କୁମାର ଦାଶ ଏବଂ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍, ଓଡିଆ ବିଭାଗ ଅଧ୍ୟାପିକା ଶ୍ୟାମମାଳା ଦାସ, ସ୍ନେହା ନାୟକ, ଉପାସନା ପୁହାଣ, ମୋନାଲିସା ବେହେରା, ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, କର୍ମଚାରୀ ସନ୍ତୋଷ କୁମାର ଲେଙ୍କା, ଦିବାକର ଦାଶ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶିବିରରେ ମୋଟ ୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିସହିତ ପାରମ୍ପରିକ ଖାଦ୍ୟ ଦିବସ ପାଳିତ ହୋଇଥିଲା।

## ଅଗ୍ନି ନିରାପତ୍ତା ଏକ ସାମୂହିକ ଦାୟିତ୍ୱ

ରାଉରକେଲା,୧୪।୪(ବିପ୍ଳବ ରଞ୍ଜନ ଦାଶ)


ଅଗ୍ନିଶମ ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

**ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ଦିବସ**

ଆର୍‌ଏସ୍‌ପି ପକ୍ଷରୁ ମଙ୍ଗଳବାର ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଗ୍ନିଶମ ସେବା ବିଭାଗର କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡିଆଇସି ଅଗ୍ନିଶମ ସେବା ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ୧୯୪୪ ମସିହା ଆଜିର ଦିନରେ ପୂର୍ବତନ ବମ୍ବେ ବନ୍ଦର ଭିକ୍ଟୋରିଆ ଡକ୍‌ରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଜୀବନ ଏବଂ ସମ୍ପତ୍ତି ରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ୬୬ ଜଣ ବୀର ଅଗ୍ନିଶମ କର୍ମୀଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଅଗ୍ନିଶମ ସେବା ସପ୍ତାହ ୨୦୨୬ର ବିଷୟବସ୍ତୁ 'ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ – ଅଗ୍ନି ନିବାରଣ ପାଇଁ ଏକାଠି' ଉପରେ ବର୍ଣ୍ଣନା କରି ଡିଆଇସି କହିଥିଲେ, ସୁରକ୍ଷା କେବଳ ଶିଳ୍ପ ପରିସରରେ ସୀମିତ ନୁହେଁ ବରଂ ସହରାଞ୍ଚଳର ଘର, ସ୍କୁଲ ଏବଂ ହସ୍ପିଟାଲ ପର୍ଯ୍ୟନ୍ତ ବ୍ୟାପ୍ତ। ଅଗ୍ନି ନିରାପତ୍ତା ଏକ ସାମୂହିକ ଦାୟିତ୍ୱ ବୋଲି କହିବା ସହ ସେ ନାଗରିକମାନଙ୍କୁ ସକ୍ରିୟ ଓ ଜାଗରୁକ କରିବା ପାଇଁ ସ୍କୁଲ, ହସ୍ପିଟାଲ, ବଜାର, ଅନ୍ୟାନ୍ୟ ସାର୍ବଜନୀନ କ୍ଷେତ୍ରରେ ସଚେତନତା ଅଭିଯାନ ଚଳାଇବା ତଥା ଇସ୍ପାତ ଜେନେରାଲ ହସ୍ପିଟାଲ ସମେତ ପ୍ଲାଣ୍ଟ ଏବଂ ଟାଉନଶିପ୍‌ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ପାଇଁ ଓଡ଼ିଶା ସରକାରଙ୍କଠାରୁ ୧୫ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ର ହାସଲ କରିଥିବାରୁ ଅଗ୍ନିଶମ ବିଭାଗକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରକାଶିତ 'ଅଗ୍ନି ନିବାରଣ' ଉପରେ ଏକ ପ୍ରଚାରପତ୍ରକୁ ମଧ୍ୟ ସେ ଉନ୍ମୋଚନ କରିଥିଲେ। ପରେ ଡିଆଇସି ଶିଳ୍ପ ନଗରୀରେ ଜନସଚେତନତା ସୃଷ୍ଟି ପାଇଁ 'ଅଗ୍ନି ନିରାପତ୍ତା' ଯାନଗୁଡିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ହିରାଲାଲ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପି.ଏସ୍. ଠାକରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ, ସିଏମଏଲଓ) ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲ୍ଲାଇ, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ୍.ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ, ସିଜିଏମ (ସୁରକ୍ଷା ଏବଂ ଅଗ୍ନିଶମ ସେବା) ହୀରାଲାଲ ମହାପାତ୍ର, ସିଏମଓ ଇନ୍‌ଚାର୍ଜ (ସ୍ୱାସ୍ଥ୍ୟ ସେବା)ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ ଇନଚାର୍ଜ (ଅର୍ଥ) ଆର୍. ଦାସଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବୋଲେରୋ ଚାଳକ ମୃତ

ରାଉରକେଲା/ବନ୍ଧମୁଣ୍ଡା,୧୪।୪
(ସଙ୍ଗୀତା ଜେନା/ସୁବ୍ରତ ଡେ)

ବିଶ୍ରା ଥାନା ଅଧୀନ ପୁରୁଣା ବିଶ୍ରା ଛକରେ ମଙ୍ଗଳବାର ଭାରସାମ୍ୟ ହରାଇ ଏକ ବୋଲେରୋ ଲୁହାଖୁଣ୍ଟ ସହିତ ପିଟିହେବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗୁଡ଼ଗୁଡ଼ଝରର ଗାଁର ବାସିନ୍ଦା ଇସ୍ତେଫାର ଅନସାରୀ (୨୭)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରିବା ସହ ତଦନ୍ତ କରୁଛି। ସୂଚନା ଅନୁସାରେ, ଇସ୍ତେଫାର ଅପରାହ୍ନ ପ୍ରାୟ ୫ଟା ସମୟରେ ନିଜ ବୋଲେରୋ ଯୋଗେ ବରସୁଆଁରୁ ଗୁଡ଼ଗୁଡ଼ଝରସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ପୁରୁଣା ବିଶ୍ରା ଛକ ନିକଟରେ ହଠାତ୍ ଗାଡ଼ି ନିୟନ୍ତ୍ରଣ ହରାଇବାରୁ ବୋଲେରୋଟି ଗୋଟିଏ ଲୁହା ଖୁଣ୍ଟ ସହିତ ଧକ୍କା ଲାଗିଥିବା ଅନୁମାନ କରାଯାଉଛି। ଫଳରେ ଘଟଣାସ୍ଥଳରେ ଗାଡ଼ି ଚାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଉକ୍ତ ଗାଡ଼ିରେ ଥିବା ଶୋଏବ ଅନସାରୀ ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବିଶ୍ରା ସରକାରୀ ହସ୍ପିଟାଲ ଏବଂ ପରେ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି।

## ବିଭିନ୍ନ ଅନୁଷ୍ଠାନ ପାଳିଲେ ଓଡ଼ିଆ ନବବର୍ଷ

ରାଉରକେଲା,୧୪।୪(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଡକ୍ଟର ଏନ୍. କେ. ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଓଡିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି, ଏଲ୍‌ଏମ୍‌ସି ମେମ୍ବର ଇଂ. ଆର.ଏନ୍ ମିଶ୍ର, ଏସ୍. କେ. ଯୋଶୀ ଓ ରାଜେଶ ମାଲହୋତ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ତ୍ରୟମାସିକ ପତ୍ରିକା 'ପରଖ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କ ପକ୍ଷରୁ ପଣା ବିତରଣ ଏବଂ ବିଦ୍ୟାଳୟର ସହ ସଂଯୋଜକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ଖୋଲାଯାଇଥିଲା। ଶିକ୍ଷକ ପ୍ରବୀର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ରାଉରକେଲା ଗୃହରକ୍ଷୀ ସଂଘ ପକ୍ଷରୁ ଓଡିଆ ନବବର୍ଷ ଓ ପଣାସଂକ୍ରାନ୍ତି ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଛକରେ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୋଲିସ ବିଭାଗରେ କାର୍ଯ୍ୟରତ ଶତାଧିକ ଗୃହରକ୍ଷୀ ବାଟୋଇଙ୍କୁ ଦହି ସରବତ ଓ ଟଙ୍କ ତୋରାଣୀ ବାଣ୍ଟିଥିଲେ। ପ୍ରଦୀପ ପତି, ବିନୋଦ ମହାପାତ୍ର, ଅଶୋକ ବାରିକ, ଲିଟୁ ସ୍ୱାଇଁ, ନାରାୟଣ ସ୍ୱାମୀ, ହଗୁରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବାସନ୍ତୀ କଲୋନୀ ଯୁବଜ୍ୟୋତି କ୍ଲବ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏଥିରେ କ୍ଲବ ପକ୍ଷରୁ ବାଟୋଇଙ୍କୁ ଦହିପଣା ବିତରଣ କରାଯାଇଥିଲା। ଅତିଶ ମିଶ୍ର, ସରୋଜ ପ୍ରଧାନ, ପ୍ରଶାନ୍ତ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ଓଡିଆ ନବବର୍ଷ ପାଳିତ ହୋଇଥିଲା। ସଭାପତି ସୁଦାମ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏସ୍‌ପି ନିତେଶ ୱାଧୱାନି, ଜ୍ଞାନଚାନ୍ଦ ପ୍ରସାଦ ଅଗ୍ରୱାଲ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଗୃହରକ୍ଷୀ ସଂଘ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ କରାଯାଉଛି।

## କଳିଙ୍ଗ ସ୍ପୋର୍ଟିଂ, ପଦ୍ମପୁର, ଆଇକନିକ ଟର୍ଫ କ୍ଲବ ବିଜେତା

**ସିଏମ୍ ଟ୍ରଫିର ୫ମ ଦିବସ ଲିଗ୍ ମ୍ୟାଚ୍**

ରାଉରକେଲା,୧୪।୪(ସଙ୍ଗୀତା ଜେନା)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫିର ୫ମ ଦିବସ ଲିଗ୍‌ର ପ୍ରଥମ ମ୍ୟାଚ୍ ଏକେ ସ୍ପୋର୍ଟିଂ ଓ କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳିଙ୍ଗ ୩ ଗୋଲରେ ବିଜୟୀ ହୋଇଥିଲା। ସେହିପରି ବାଳିକା ବର୍ଗରେ ପଦ୍ମପୁର ଏଫ୍‌ସି ଓ ବିଶ୍ରା ଆଣ୍ଡ ସେକ୍ଟର–୨୧ ମଧ୍ୟରେ ମ୍ୟାଚ୍ ହୋଇ ପଦ୍ମପୁର ଦଳ ୧ ଗୋଲ୍‌ରେ ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍ ନୂଆଗାଁ ଦୁର୍ଗା କ୍ଲବ ଓ ରାଇଜିଂ ଷ୍ଟାର ମଧ୍ୟରେ ହୋଇ ଡ୍ର ରହିଥିଲା। ୪ର୍ଥ ମ୍ୟାଚ୍ ଆଇକନିକ ଟର୍ଫ କ୍ଲବ ଓ ୱାଇଏଏଫ୍‌ସି ବିରମିତ୍ରପୁର ମଧ୍ୟରେ ହୋଇଥିଲା। ଆଇକନିକ ଦଳ ୯ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକଙ୍କ ଅଧ୍ୟକ୍ଷତାରେ ଡିଏଏର ବିଶ୍ୱନାଥ ବେହେରା, ଭଲିବଲ କୋଚ୍ ଜ୍ଞାନରଞ୍ଜନ ପ୍ରହରାଜ ଯୋଗ ଦେଇଥିଲେ। ରେଫରୀ ଭାବେ ରୋଷନ ଖାନ୍, ରାଜକୁମାର ପାଣିଗ୍ରାହୀ, ସନିକା ତିର୍କୀ, ଡମରୁ କିଷାନ, ଗୀତା କିଷାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସିଲେକ୍ଟର ଭାବେ ସଞ୍ଜୟ ବାବୁଟା, ଧନେଶ୍ୱର ତିର୍କୀ, କେଶବ ପ୍ରଧାନ, ବନମାଳୀ ଜମକିଆର ପ୍ରମୁଖ ଯୋଗ ଦେଇଥିଲେ। ଡିଏଏ ଉପସଭାପତି ରାଧାମୋହନ ନାୟକ, ବିଭୁଦତ୍ତ ବେହେରା, କାଉନସିଲ୍ ମେମ୍ବର ଗୋପୀନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆୟୋଜକଙ୍କ ଗହଣରେ ଖେଳାଳିଗଣ।

## ଝାମୁଯାତ୍ରା: ନିଆଁରେ ଚାଲିଲେ ମାନସିକ ବ୍ରତଧାରୀ


ବଲାଙ୍ଗୀର ବସ୍ତିରେ ଶ୍ରଦ୍ଧାଳୁ ନିଆଁ ଉପରେ ଚାଲୁଛନ୍ତି।

ରାଉରକେଲା,୧୪।୪(ବିପ୍ଳବ ରଞ୍ଜନ ଦାଶ)

ମହାବିଷୁବ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ରାଉରକେଲା ସହରର ବିଭିନ୍ନ ସ୍ଥାନରେ ମାଁ ମଙ୍ଗଳାଙ୍କ ଝାମୁଯାତ୍ରା ପାଳିତ ହୋଇଛି। ସେକ୍ଟର–୩ ସ୍ଥିତ ବଲାଙ୍ଗୀର ବସ୍ତି ଯାତ୍ରା କମିଟି, ଜୟ ମାଁ ମଙ୍ଗଳା ମନ୍ଦିରର କଳାସୀ ଯାତ୍ରା କମିଟି ସହ ବିଭିନ୍ନ କମିଟି ପକ୍ଷରୁ ଝାମୁଯାତ୍ରା ହୋଇଥିଲା। ସେକ୍ଟର–୩ ନିକଟ ଯାତ୍ରା ପଡିଆରେ ଝାମୁଯାତ୍ରା ହୋଇଥିବାବେଳେ ମଙ୍ଗଳା ମନ୍ଦିର କଳାସୀ ବିଜେ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଘଟ ନିମନ୍ତ୍ରଣ ଓ ଅପରାହ୍ନ ପ୍ରାୟ ୧ଟାରେ କଳସ ଯାତ୍ରା ବାହାରିଥିଲା। ସ୍ଥାନୀୟ ଯାତ୍ରାଦଳ ପୁଷ୍କରିଣୀରୁ ପାଣି ସଂଗ୍ରହ କରି ପୁନଶ୍ଚ ପୂଜାସ୍ଥଳରୁ ଯାତ୍ରା ପଡିଆକୁ ଆସିଥିଲେ। ବୀରବାଦ୍ୟ ସହିତ ନିଶାନ ଓ ଢୋଲ ଗର୍ଜନରେ ଯାତ୍ରାସ୍ଥଳ ପ୍ରକମ୍ପିତ ହୋଇଥିଲା। ବ୍ରତଧାରୀମାନେ ନିଜ ନିଜ ମାନସିକ ପୂରଣ ପାଇଁ ମାଁ କଳାସୀ ଓ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ବରୁଆମାନେ ନିଆଁ ଉପରେ ଚାଲିଥିଲେ। କଙ୍ଗାଲୁ ସୁନା, ପ୍ରଦୀପ ନାଗ, ଚୈତନ୍ୟ ମଲ୍ଲିକ ପ୍ରମୁଖ ଶ୍ରଦ୍ଧାଳୁମାନଙ୍କୁ ସେମାନଙ୍କ ମାନସିକ ପୂରଣ ଗୁହାରିଆ ହୋଇଥିଲେ। ସେହିପରି କଳାସୀ ଯାତ୍ରା କମିଟିର ବିରଞ୍ଚି ମହାରଣା, ଜଙ୍ଗଲି ନାଗ, ଅନିଲ କୁମାର ପ୍ରମୁଖ ବରୁଆ ପରାକାଷ୍ଠା ଦେଖାଇଥିଲେ।

### ମହାବିଷୁବ ସଂକ୍ରାନ୍ତିରେ ଝାମୁଯାତ୍ରା

ରାଉରକେଲା,୧୪।୪
(ସଙ୍ଗୀତା ଜେନା):


ସେକ୍ଟର–୨ ଖରିଆବାହାଲରେ ଝାମୁଯାତ୍ରା।

ମହାବିଷୁବ ସଂକ୍ରାନ୍ତି ଅବସରରେ ଇସ୍ପାତ ସହରର ବିଭିନ୍ନ ଶକ୍ତିପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସେକ୍ଟର–୨ ଖରିଆବାହାଲ ବସ୍ତିରେ ଶ୍ରୀ ଶ୍ରୀ ମାଁ ମଙ୍ଗଳା ମନ୍ଦିର ପରିସରରେ ଝାମୁଯାତ୍ରା ହୋଇଥିଲା। ପ୍ରାୟ ୫୭ ବର୍ଷ ହେଲା ଏହି ଯାତ୍ରା ମନ୍ଦିର ପକ୍ଷରୁ ଆୟୋଜିତ ହୋଇଆସୁଛି। ସକାଳେ ମନ୍ଦିରଫିଟା, ପ୍ରଥମ ଆଳତୀ ପରେ ଝାମୁଗାତ ଖୋଦନ, ଚରୁଅନ୍ନ ପରିବେଷଣ, ବେତପୂଜା ପରେ ମା'ଙ୍କ ସ୍ୱତନ୍ତ୍ର ପୂଜା ହୋଇଥିଲା। ଅପରାହ୍ନ ୨ଟାରେ ସେକ୍ଟର–୨୦ ବୈକୁଣ୍ଠ ଘାଟରୁ ଜଳ ସଂଗ୍ରହ ପାଇଁ ଭବ୍ୟ କଳସ ଯାତ୍ରା ହୋଇଥିଲା। ଅପରାହ୍ନ ସାଢ଼େ ୩ଟାରେ ଭକ୍ତମାନେ ନିଆଁରେ ଚାଲିଥିଲେ। ପୂଜକ ବିଜ ପତ୍ରୀଙ୍କ ବିଧିବିଧାନରେ ମୁରଲୀଧର ଜେନା, ପ୍ରକାଶ ମଣ୍ଡଳ, ଅନ୍ନଦା ମହାନ୍ତି, ସବିତା ଜେନା ପ୍ରମୁଖ ନିଆଁରେ ଚାଲିଥିଲେ। ମିହିର ମାଝୀ, ପ୍ରବୀର ମାଝୀ, ପ୍ରକାଶ ମହାପାତ୍ର, ମଙ୍ଗରାଜ ମାଝୀ, ପଦ୍ମଚରଣ ବିଶ୍ୱାଳ, ସରୋଜ ସାମନ୍ତରାୟ, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସେକ୍ଟର–୪, ସେକ୍ଟର–୬, ସେକ୍ଟର–୧୫, ମାଲଗୋଦାମ ବସ୍ତି, ଟିମ୍ବରକଲୋନୀ, ପାନପୋଷ ସମେତ ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି।

**ବିଜେଡି ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଅବସରରେ ଝାରସୁଗୁଡ଼ା ଜିଲା ବିଜେଡି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅପରାହ୍ନରେ ଷ୍ଟେଶନ ଛକସ୍ଥିତ କନକଦୁର୍ଗା ମନ୍ଦିର ନିକଟ ଏବଂ ବମ୍ବେଛକଠାରେ ଦଳ ପକ୍ଷରୁ ପୃଥକ ଓ ସ୍ଥାନୀୟ ଜନସାଧାରଣଙ୍କୁ ପଣା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ହରିଶ ଗଣତ୍ରା, ଜିଲା ବିଜେଡି ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ପୌରାଧକ୍ଷା ରାନୀ ହାତୀ, ଜିଲା ଯୁବ ବିଜେଡି ସଭାପତି ରବିନ ପାଣ୍ଡେ, ଅଶୋକ ଦାସଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଗ୍ନି ନିରାପଦ ସମାଜ ଗଠନ ପାଇଁ ଆହ୍ୱାନ

ଝାରସୁଗୁଡ଼ା,୧୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପକ୍ଷରୁ ମଙ୍ଗଳବାରଠାରୁ ଅଗ୍ନିଶମ ସେବା ସପ୍ତାହ ପାଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କର୍ମଚାରୀ, ଯାତ୍ରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଅଗ୍ନି ନିରାପତ୍ତା ଓ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯାଇଛି। ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ କହିଛନ୍ତି, ଅଗ୍ନି ନିରାପଦ ସମାଜ ଗଠନ କରିବା ଏବଂ ବିମାନବନ୍ଦରରେ ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ଆମର ପ୍ରଥମ କର୍ତ୍ତବ୍ୟ। ସମସ୍ତ ଅଂଶୀଦାର ଏବଂ ଯାତ୍ରୀମାନେ ସତର୍କ ରହିବା ସହ ନିରାପତ୍ତା ନିୟମ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି।

# ବିକ୍ରି ହେଉନି ଜଙ୍ଗଲଜାତ ସାମଗ୍ରୀ, ଚିନ୍ତାରେ ଆଦିବାସୀ ମହିଳା

ବେଲପାହାଡ଼,୧୪।୪(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲାର ବିଭିନ୍ନ ଶିଳ୍ପସଂସ୍ଥାରେ କାର୍ଯ୍ୟ କରିବା ପାଇଁ ରାଜ୍ୟର ଅନ୍ୟ ଜିଲାରୁ ଲୋକମାନେ ଆସୁଛନ୍ତି। ହେଲେ ଏହି ଜିଲାର ବେଲପାହାଡ଼ ଭଳି ଶିଳ୍ପ ସମୃଦ୍ଧ ସହରରେ ଏହାର ପ୍ରତିକୂଳ ପରିସ୍ଥିତି ଦେଖିବାକୁ ମିଳିଛି। ବେଲପାହାଡ଼ ସହର ଉପକଣ୍ଠରେ ଥିବା ଅନେକ ଗ୍ରାମର ଆଦିବାସୀ ମହିଳାଙ୍କୁ କାମ ମିଳୁନାହିଁ। ଫଳରେ ସେମାନେ ବାଧ୍ୟହୋଇ ଜଙ୍ଗଲଜାତ ସାମଗ୍ରୀ ବିକ୍ରି କରି ଘରର ଗୁଜୁରାଣ ମେଣ୍ଟାଇବା ପାଇଁ ବାଟ ବାଛି ନେଇଛନ୍ତି। ହେଲେ ଚାହିଦା କମିବାରୁ ଜଙ୍ଗଲଜାତ ସାମଗ୍ରୀ ସେଭଳି ବିକ୍ରି ହେଉନାହିଁ। ଫଳରେ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ଏଥିଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ଏହାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବେଲପାହାଡ଼ ସହରର ଜାହାଜପଡ଼ିଆଠାରେ ବୁଧବାର ଓ



ଜଙ୍ଗଲଜାତ ସାମଗ୍ରୀ ବିକ୍ରି କରିବା ପାଇଁ ଜଣେ ଆଦିବାସୀ ମହିଳା ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି।

ସମଡ଼ାଠାରେ ଶନିବାର ହାଟ ବସେ। ଏହି ଦୁଇ ହାଟକୁ ଆଦିବାସୀ ମହିଳାମାନେ ଦାନ୍ତକାଠି, ଖଲିପତ୍ର, ଝାଡୁ ବିକ୍ରି କାରିବାକୁ ଚାଲି ଚାଲି ୫ରୁ ୧୦ କିଲୋମିଟର ଦୂର ଗ୍ରୀନ୍‌ଡୋଲା, ଉଲାପଗଡ଼, ବଞ୍ଜାରୀ ଓ ବରତାପ ଗ୍ରାମରୁ ଆସୁଛନ୍ତି। ଦାନ୍ତକାଠି ବିଡ଼ା ୧୦ ଟଙ୍କା, ଖଲି ଶହେଟାକୁ ୨୫ ଟଙ୍କା, ଝାଡୁ ଗୋଟାକୁ ୨୦ ଟଙ୍କାରେ ବିକ୍ରି କରନ୍ତି। ହେଲେ ଚାହିଦା କମ୍ ଯୋଗୁ ବିଶେଷମାତ୍ରାରେ ଏହି ସାମଗ୍ରୀ ବିକ୍ରି ହେଉନି। ଫଳରେ ସେମାନଙ୍କୁ ଏହି ସାମଗ୍ରୀ ପୁଣି ଘରକୁ ଫେରାଇ ନେବାକୁ ପଡୁଛି। ଏ ସମ୍ପର୍କରେ ବ୍ୟବସାୟୀ ସୁମତୀ କିଷାନ, ଯାମିନୀ କିଷାନ ଓ କୁନ୍ତି କିଷାନ କହିଛନ୍ତି, ଘରେ ବସିବା ଅପେକ୍ଷା ଜଙ୍ଗଲଜାତ ସାମଗ୍ରୀ ଆଣି ବିକ୍ରି କରିବା ପାଇଁ ହାଟକୁ ଆସୁଛୁ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବସିବାକୁ ପଡୁଛି। ଆଧୁନିକ ଯୁଗରେ ପ୍ଲାଷ୍ଟିକ୍ ବ୍ରଶ, ଥର୍ମକୁଲ୍ ଖଲି ଓ ଦନା, ଝାଡୁର ଅଧିକ ଚାହିଦା ରହୁଥିବାରୁ ଜଙ୍ଗଲଜାତ ସାମଗ୍ରୀ କିଣିବାକୁ ଲୋକମାନେ ଅମଙ୍ଗ

## କମୁଛି ଚାହିଦା, ମିଳୁନି ପାରିଶ୍ରମିକ

ହେଉଛନ୍ତି। ଫଳରେ ଦିନକର ମଜୁରି ଉଠୁ ନ ଥିବାରୁ ଆମକୁ ଏହି ବ୍ୟବସାୟ ଆଉ ପୋଷଉନି ବୋଲି ସେମାନେ କହିଛନ୍ତି। କେମିକାଲଯୁକ୍ତ ଟୁଥ୍‌ପେଷ୍ଟ ଛାଡ଼ି ଏବେ ହର୍ବାଲ ଟୁଥ୍‌ପେଷ୍ଟ ବ୍ୟବହାର କରିବା ପାଇଁ ଲୋକମାନେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ପାରମ୍ପରିକ ଶାଳ ଦାନ୍ତକାଠି କିଣିବାରେ ଲୋକଙ୍କର ଆଗ୍ରହ କମୁଥିବାରୁ ଆଦିବାସୀମାନେ ଏହି ବ୍ୟବସାୟରୁ ଦିନକୁ ଦିନ ଓହରିବାରେ ଲାଗିଛନ୍ତି। ସରକାର ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରିଥିବାବେଳେ ଏହି ବହୁପୁରୁଣା ଜଙ୍ଗଲଜାତ ସାମଗ୍ରୀ ବିକ୍ରି ବ୍ୟବସାୟ ଅଣଯୋଜନା ହୋଇ ଶେଷ ନିଃଶ୍ୱାସ ନେବାରେ ଲାଗିଛି। ତେଣୁ ଏହା ଉପରେ ସରକାର ଓ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ଜିଲା ମଙ୍ଗଳ ଅଧିକାରିଣୀ ଜୟଶ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଭିନ୍ନ ସ୍ଥାନରେ ଆମ୍ବେଡକର ଜୟନ୍ତୀ



ସୁନାରୀମୁଣ୍ଡାସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଝାରସୁଗୁଡ଼ା,୧୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଝାରସୁଗୁଡ଼ା ସୁନାରୀମୁଣ୍ଡାସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଜେଡି ପକ୍ଷରୁ ଜିଲା ସଭାପତି ହରିଶ ଗଣତ୍ରାଙ୍କ ନେତୃତ୍ୱରେ ପିଣ୍ଟୁ ପାଢ଼ୀ, ରାନୀ ହାତୀ, ରୋବିନ ପାଣ୍ଡେ, ରବି ସିଂ, ଅଶୋକ ଦାସ, ରଘୁମଣି ପଟେଲ, ତୁଲସୀ ଦାସ, ମଦନ ହାତୀ, ନବନୀତ କୌର, ଗୀତାଞ୍ଜଳି ପଣ୍ଡା, ନୀତାରାଣୀ ସାହା ଏବଂ ଥବୀର ମିଶ୍ର ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଲକ୍ଷେ ଘର ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ କାଳୀ ମନ୍ଦିର ରୋଡ୍‌ଠାରେ ଥିବା ଜିଲା କାର୍ଯ୍ୟାଳୟରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ପରିଷଦ ସଭାପତି ପ୍ରେମ ସାଗରଙ୍କ ନେତୃତ୍ୱରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ମୟ ବଖରା, ଶ୍ୟାମସୁନ୍ଦର କରାଲୀ, ଭୋପାଲ ଜୟପୁରିଆ, ଦୁର୍ବାଦଳ କରାଲୀ, ସନାତନ ମହାନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଭାଜପା ଜିଲା ଉପସଭାପତି ସୁଧାଂଶୁ ଦୋରାଙ୍କ ନେତୃତ୍ୱରେ ଝାରସୁଗୁଡ଼ା ସହର ମଧ୍ୟରେ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜୁନଗରସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ବାସୁଦେବ ଧୁରୁଆ ଓ ଗୌରୀ ଶଙ୍କର ପାତ୍ରଙ୍କ ଉପସ୍ଥିତିରେ ଶ୍ରମିକଙ୍କ ଦ୍ୱାରା ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଆଶିଷ ନାଏକ, ଅର୍ଜୁନ ସିଂ, ଟେକେଶ୍ୱର ରୋହିଦାସଙ୍କ ସମେତ ବହୁ ମହିଳା କର୍ମୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଯୁବ ସଂଘର ଉପସଭାପତି ତାରକେଶ ସେଠୀଙ୍କ ସହ ଅନ୍ୟ ସଦସ୍ୟମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଓ ନବୀକରଣ ପାଇଁ ପ୍ରଶାସନ ନିକଟରେ ଦାବି କରାଯାଇଛି। ସେହିପରି ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ନଗରପାଳ ରାନୀ ହାତୀ, ଉପନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ପ୍ରମୁଖ ସୁନାରୀମୁଣ୍ଡାଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ସଂସ୍କୃତି ଭବନରେ ଆମ୍ବେଡକର ଜୟନ୍ତୀ ପାଳନ

ଦେବଗଡ଼,୧୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଭାରତରତ୍ନ ଡ. ବି. ଆର୍. ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଉପଜିଲାପାଳ ପରକ୍ଷିତ ସାହୁ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତୃତା, ଚିତ୍ରାଙ୍କନ ଓ ମୁରୁଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମିତ୍ରଭାନୁ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ସୁଶୀଲ କପରଦାର, ମାର୍କଣ୍ଡେଶ୍ୱର ଶତପଥୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜନ୍ମେଜୟ ନାୟକ, ପ୍ରଦୀପ ପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନଗର ପରିକ୍ରମା କଲା ଝଣ୍ଡା ଶୋଭାଯାତ୍ରା



ବଜରଙ୍ଗ ମଣ୍ଡପ କମିଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଦେବଗଡ଼,୧୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ମଙ୍ଗଳବାର ଧୁମଧାମରେ ପାଳିତ ହୋଇଯାଇଛି। ବଜରଙ୍ଗ ମଣ୍ଡପ କମିଟି ପକ୍ଷରୁ ସ୍ଥାନୀୟ ଗୋପାଳଜୀୟ ମନ୍ଦିରରେ ସକାଳେ ହନୁମାନଙ୍କ ପୂଜାର୍ଚ୍ଚନା କରାଯିବା ସହ ୧୦୮ ହନୁମାନ ଚାଲିଶା ପାଠ କରାଯାଇଥିଲା। ଏହାପରେ ବିରାଟ ଧ୍ୱଜା ସ୍ଥାପନା କରାଯାଇଥିଲା ଏହି ପୂଜାର୍ଚ୍ଚନା

## ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ

ସହ ହୋମ ପରେ ମନ୍ଦିର ପ୍ରାଙ୍ଗଣରୁ କମିଟି ପକ୍ଷରୁ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ବିଭିନ୍ନ ଛକରେ ବାଡିଖେଳ ଓ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ସହରର ବିଭିନ୍ନ ସାହିରେ ଏହି ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏହି ଶୋଭାଯାତ୍ରା ବଣିଆସାହି, ମେଡିକାଲ ଛକର ଆମେ କ୍ଲବ୍, ଶାସନସାହି, ବରପାଲି ସାହି, ଗୁରୁସାହି, ଭୂୟାଁସାହି, କାର୍‌ଗିଲ୍ ଛକ, କଚେରି ଛକ, ମାର୍କେଟ ଛକ ପରିକ୍ରମା କରିଥିଲା। ଜୟ ଶ୍ରୀରାମ ଧ୍ୱନିରେ ସହର କମ୍ପିଥିଲା। ସେହିପରି ପୁରୁଣାଗଡ଼ ଓଲଟବର ବଜରଙ୍ଗୀ କମିଟି ପକ୍ଷରୁ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସହ ହନୁମାନ ଚାଲିଶା ପାଠ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ‘ଆମ୍ବେଡକରଙ୍କ ତ୍ୟାଗ ଯୁବପିଢ଼ିଙ୍କ ପାଇଁ ପ୍ରେରଣା’



କାର୍ଯ୍ୟକ୍ରମରେ ଜିଲାପାଳ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଝାରସୁଗୁଡ଼ା,୧୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ ଝାରସୁଗୁଡ଼ା ସହରସ୍ଥିତ ସୁନାରିମୁଣ୍ଡା ଛକରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ଅଡିଟୋରିୟମଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚହ୍ୱାଣ ଯୋଗଦେଇ କହିଥିଲେ, ଆମ୍ବେଡକରଙ୍କ ଜୀବନାଦର୍ଶ ଓ ତ୍ୟାଗ ଆଜିର ଯୁବପିଢ଼ି ପାଇଁ ଶ୍ରେଷ୍ଠ ପ୍ରେରଣା। ଶ୍ରେଣୀବିହୀନ ସମାଜ ଗଠନ ଓ ସାମ୍ବିଧାନିକ ମୂଲ୍ୟବୋଧ ରକ୍ଷାକରିବା ହିଁ ତାଙ୍କ ପ୍ରତି ପ୍ରକୃତ ସମ୍ମାନ। ମୁଖ୍ୟବକ୍ତା ଡ. ଶିବପ୍ରିୟା ମିଶ୍ର ଭାରତରତ୍ନ ଆମ୍ବେଡକରଙ୍କୁ ପ୍ରଜ୍ଞାର ପ୍ରତୀକ ଭାବେ ବର୍ଣ୍ଣନା କରିବା ସହ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ସିଡିଓ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଯୋଗଦେଇ ଶିକ୍ଷା, ସମାନତା ଓ ମହିଳା ସଶକ୍ତୀକରଣ ଉପରେ ଆମ୍ବେଡକରଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହନୁମାନ ଜୟନ୍ତୀରେ ପୂଜାର୍ଚ୍ଚନା

ଝାରସୁଗୁଡ଼ା,୧୪।୪(ଆଶିଷ ରଞ୍ଜନ ଦାଶ)

ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଅବସରରେ ଝାରସୁଗୁଡ଼ା ଜିଲା ମରାକୁଟା ଗ୍ରାମସ୍ଥିତ ଶିବମନ୍ଦିର ପରିସରରେ ଥିବା ହନୁମାନଙ୍କ ମୂର୍ତ୍ତିରେ ମଙ୍ଗଳବାର ପୂଜାର୍ଚ୍ଚନା ସହ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହେନ୍ଦ୍ର ଗୁରୁ, ରୋଶନ ଗୁରୁ, ପ୍ରଦୀପ ଅଗ୍ରୱାଲ, ଶ୍ରୀଲନ୍ତ ବାର୍ଲା, ଇନ୍ଦ୍ରମଣି ସେଠ, ଭବାନୀ ମିଞ୍ଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପ୍ରସାଦ ବଣ୍ଟନରେ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଦେବଗଡ଼,୧୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇଥିଲେ। ଉଚ୍ଚ ଅଭିଳାଷ, ସ୍ନେହଶ୍ରଦ୍ଧା ଓ ଆତ୍ମବିଶ୍ୱାସର ପ୍ରତୀକ ସ୍ୱରୂପ ଜୀବନ ନିର୍ବାହ ସମସ୍ତଙ୍କର ଧ୍ୟେୟ ହେଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଦେଇଥିଲେ।

# ରନ୍ଧନ ଗ୍ୟାସ୍ ଯୋଗାଣରେ ଅନିୟମିତତା

ବ୍ରଜରାଜନଗର,୧୪।୪ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳରେ କିଛିଦିନ ହେଲା ରନ୍ଧନ ଗ୍ୟାସ୍ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗ୍ୟାସ୍ ବିତରଣ ସମୟରେ ନିୟମ ଉଲ୍ଲଂଘନ କରାଯାଉଛି। ଅଧିକାଂଶ ଡେଲିଭରି ଗାଡ଼ିରେ ଓଜନ ଯନ୍ତ୍ର ନ ଥିବାରୁ ଉପଭୋକ୍ତାଙ୍କୁ ବିନା ଓଜନରେ ଗ୍ୟାସ୍ ସିଲିଣ୍ଡର ଦିଆଯାଉଛି। ଫଳରେ ଅଧିକାଂଶ ସିଲିଣ୍ଡରରେ ୧/୨ କେଜି ଗ୍ୟାସ୍ କମ୍ ରହୁଥିବା ଅଭିଯୋଗ ହେଉଛି। ଏନେଇ କେତେଜଣ ଉପଭୋକ୍ତା ପରିଚୟ ଗୋପନ ରଖି କହିଛନ୍ତି, ରନ୍ଧନ ଗ୍ୟାସ୍ ସିଲିଣ୍ଡର ଆଣି ଓଜନ କରିବା ପରେ ସେଥିରୁ ୧/୨

## ସିଲିଣ୍ଡରରେ ଗ୍ୟାସ୍ କମ୍ ରହୁଥିବା ଅଭିଯୋଗ

କେଜି ଗ୍ୟାସ୍ କମ୍ ରହୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, କିଛିଦିନ ତଳେ ସ୍ଥାନୀୟ ଅଞ୍ଚଳରେ ଗ୍ୟାସ୍ କଳାବଜାର ହେଉଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଗାୟତ୍ରୀନଗର ଅଞ୍ଚଳରେ ଥିବା ଏକ ଗୋଦାମରେ ପୋଲିସ ଚଢ଼ାଉକରି ୬୫ ସିଲିଣ୍ଡର ଜବତ କରିଥିଲା। ହେଲେ ଉକ୍ତ ଗୋଦାମ ସିଲ୍ କରାଯାଇ ନ ଥିବାବେଳେ ପୋଲିସ ସେଠାରେ ଜଗିଥିବା କୁହାଯାଉଛି। ଏଭଳି ପରିସ୍ଥିତି ଘଟଣାକୁ ଆହୁରି ସନ୍ଦେହ ଘେରକୁ ଆଣିଛି। ଅପରପକ୍ଷେ ଉପଭୋକ୍ତାଙ୍କ ଅବହେଳା ମଧ୍ୟ ସାମ୍ନାକୁ ଆସୁଛି, କାରଣ ଅଧିକାଂଶ ଲୋକେ ବିନା ଓଜନରେ ସିଲିଣ୍ଡର ଗ୍ରହଣ କରୁଛନ୍ତି। ଯାହା ଏପରି ଅନିୟମିତତାକୁ ବଢ଼ାଇ ଦେଉଛି। ଗ୍ୟାସ୍ ଏଜେନ୍ସିଗୁଡ଼ିକର ମନମାନି, ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ନୀରବତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ନଗରବାସୀଙ୍କ କହିବାନୁଯାୟୀ, ଖୁବ୍‌ଶୀଘ୍ର ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଗମ୍ଭୀର ହେବା ସମ୍ଭାବନା ରହିଛି। ଏନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଇଛି, ସେମାନେ ସିଲିଣ୍ଡର ନେବାବେଳେ ନିଶ୍ଚିତ ଭାବେ ଓଜନ ଯାଞ୍ଚ କରନ୍ତୁ ଏବଂ କୌଣସି ଅନିୟମିତତା ଦେଖିଲେ ତୁରନ୍ତ ପୋଲିସ ସହିତ ଯୋଗାଯୋଗ କରନ୍ତୁ।

# ଭାରତ ରତ୍ନ ବି. ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

ବ୍ରଜରାଜନଗର,୧୪।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରସ୍ଥିତ ମହାନଦୀ କୋଇଲା କମ୍ପାନୀ ଅଧୀନ ଇବ୍ ଭ୍ୟାଲି କୋଇଲା କ୍ଷେତ୍ରରେ ଥିବା କୋଲ୍ ଇଣ୍ଡିଆ ଏସ୍‌ସି/ଏସ୍‌ଟି ଏମ୍ପ୍ଲଇଜ୍ ଆସୋସିଏଶନ (ସିଷ୍ଟା) ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପ ପରିସରରେ ଭାରତ ରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଇବ୍ କୋଲ୍ ଫିଲ୍ଡ ସିଷ୍ଟାର ସଭାପତି ଅକାଲୁ ରାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍‌ର ଡାଇରେକ୍ଟର (ମାନବସଂଶୋଧନ) କେଶବ ରାଓ, ସମ୍ମାନିତ ଅତିଥି ଭାବେ ଇବ୍‌ଭ୍ୟାଲି କ୍ଷେତ୍ରର ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ, ସମଲେଶ୍ୱରୀ ଓସିପିର ପରିଯୋଜନା ଅଧିକାରୀ କହ୍ନେୟା ମିଶ୍ର, ଲାଜକୁଲା ଓସିପିର ପରିଯୋଜନା ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ବୁନ୍ଦିଆ ଖଣି



ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

ପ୍ରବନ୍ଧକ ଗୁଣବନ୍ତ ଏନ୍ ବେଲେ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇବ୍ ଭ୍ୟାଲି ଏରିଆ ସିଷ୍ଟାର ସମ୍ପାଦକ ରବି ରୋହିଦାସ ସ୍ୱାଗତ ଭାଷଣ ଦେଇଥିଲେ। ଇବ୍‌ଭ୍ୟାଲି ଏରିଆ ଜିଏମ୍ ୟୁନିଟ୍ ସଭାପତି ଚନ୍ଦ୍ରକିଶୋର ଗୋଣ୍ଡ, ସଞ୍ଚିତା ଦାସ, ପ୍ରେମଲତା କାଲୋ, ଉମେଶ ବେହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଷ୍ଟା ସମଲେଶ୍ୱରୀ ୟୁନିଟ୍ ସମ୍ପାଦକ ଭୀମସେନ ନାୟକ ଓ ଶ୍ୱେତା ଠାକ୍ରେ ମଞ୍ଚ ପରିଚାଳନା କରିଥିବାବେଳେ ସିଷ୍ଟା ସମଲେଶ୍ୱରୀ ଓସିପିର ସଭାପତି ଈଶ୍ୱର ଆନନ୍ଦ ସତ୍‌ନାମୀ ଧନ୍ୟବାଦ ଦେଇଥିଲେ। ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆଦିବାସୀ କ୍ଲବ୍, ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ବିଜୟୀ

ଝାରସୁଗୁଡ଼ା,୧୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଦ୍ୱିତୀୟ ଓଏସ୍‌ଏପି ମିନି ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ପଞ୍ଚମ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବ୍ରଜରାଜନଗରର ଶ୍ରୀ ତ୍ରିନାଥ କ୍ଲବ୍ ଏବଂ ଦୀପାପଡ଼ାର ଆଦିବାସୀ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆଦିବାସୀ କ୍ଲବ୍ ୩-୦ ଗୋଲ୍‌ରେ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ହରିଶ ଗଣତ୍ରା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନ୍‌ସିଲର ପ୍ୟାରେଲାଲ ଶ୍ରୀବାସ୍ତବ ଯୋଗଦେଇଥିଲେ। ଅମିତ୍ ବାଗ୍, ଲକ୍ଷ୍ମଣ କିଷାନ, ଶରତ କିଷାନ



କାର୍ଯ୍ୟକ୍ରମରେ ଅତିଥି, ରେଫରିଙ୍କ ଗହଣରେ ଖେଳାଳି।

## ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ

ଓ ସଞ୍ଜୟ କିଷାନ ମ୍ୟାଚ୍ ପରିଚାଳନା କରିଥିବାବେଳେ ମ୍ୟାଚ୍ କମିଶନର ଭାବେ କେ. ଜଗନ୍ନାଥ ରାଓ ଦାୟିତ୍ୱ ତୁଲାଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ଏବଂ କିର୍ମିରା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଜୋରି ସ୍ପୋର୍ଟ୍ସ କ୍ଲବ୍ ୪-୦ ଗୋଲରେ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସେଣ୍ଟ ଥୋମାସ ଇଂଲିଶ ମିଡିୟମ ସ୍କୁଲର ନିର୍ଦ୍ଦେଶକ ଶନି ଡାନିଏଲ ଏବଂ ମନୀଷ କୁମାର ଅତିଥି ଭାବେ ଯୋଗଦେଇଥିଲେ। ଅଭିଳାଷ ସାହୁ, ଅରୁଣ ପ୍ରଧାନ, ଅଗସ୍ତି ହାତିପଡ଼ା ଓ ରତ୍ନାକର ସାଇ ମ୍ୟାଚ୍ ପରିଚାଳନା କରିଥିଲେ। ଉଭୟ ମ୍ୟାଚ୍‌ରେ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ସୁଶାନ୍ତ ମାଲି, ବିଜୟ ବକ୍ସି, ପ୍ରଜ୍ୱଳ ପଟେଲ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### କମସରାରେ ପାଳିତ ହେଲା ହନୁମାନ ଜୟନ୍ତୀ

ତରଭା, ୧୪।୪ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କମସରାସ୍ଥିତ ରାଣୀଖୁଲା ପାହାଡର ପୂର୍ବଦିଗରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ହନୁମାନଙ୍କ ପୂଜାର୍ଚ୍ଚନା, ହୋମ ଆଳତୀ ସହ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ଶିଶିର ପଣ୍ଡା। ସେହିପରି ମାରୁତି ମଣ୍ଡପରେ ପୂଜା ଉତ୍ସବ ପାଳନ କରାଯାଇଥିଲା। କର୍ତ୍ତା ଭାବେ ଜୟସିଂହ କୁମାର ଦାୟିତ୍ୱରେ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଅତାବିରା, ୧୪।୪ (ଯୁଧିଷ୍ଠିର ମହାପାତ୍ର)

ଅତାବିରା ବସ୍ତି ନିବାସୀ ଭାଲୁପାଲି ୟୁଜିଏମଇ ସ୍କୁଲରର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ



ସନ୍ତୋଷ ଦାଶଙ୍କ ୭୬ ବର୍ଷ ବୟସରେ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ଗତ ବର୍ଷେ ହେଲା ସେ ରୋଗାଗ୍ରସ୍ତ ଥିଲେ। କିଛି ଦିନ ହେଲା ସେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ ପୁତ୍ର ମନୋଜ ମୁଖାଗ୍ନି ଦେଇଥିଲେ।

### ହିନ୍ଦୁ ନବବର୍ଷରେ ଭାଗବତ ପାଠ

ବରଗଡ଼, ୧୪।୪ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାର ସଂକ୍ରାନ୍ତି ପରିଷଦ ଆନୁକୁଲ୍ୟରେ ମଙ୍ଗଳବାର ହିନ୍ଦୁ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ସନ୍ତୋଷ ପଣ୍ଡାଙ୍କ ପୌରୋହିତ୍ୟରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ହନୁମାନ ଚାଳିଶା ପାଠ କରିଥିବା ବେଳେ ସାମୁହିକ ଭାଗବତ ପାଠ ହୋଇଥିଲା। ଅଧ୍ୟାପକ ସୁରେଶ ବାରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବାଙ୍କା ବିହାରୀ ସାହୁ, ଅର୍ଜୁନ ସେଟ, ଗୋବିନ୍ଦ ଭୋଇ, କୁଞ୍ଜ ବିହାରୀ ଭୋଇ, ଡୋଳାମଣି ବିଶି ପ୍ରମୁଖ ସହଯୋଗ କରିଥିଲେ।

### କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ବରଗଡ଼, ୧୪।୪ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ମଙ୍ଗଳବାର ଓଡ଼ିଶା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ, ବରଗଡ଼ ତରଫରୁ ଭାରତରତ୍ନ ଡଃ ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ପରିଷଦ ସଭାପତି ଖିରେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସଏ, ଅଧ୍ୟାପକ ଈଶ୍ୱର ମେହେର ଏବଂ ସହକାରୀ ପ୍ରଧାପକ ବିଜୟ କୁମାର ନାଗ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲ୍ଲା ପରିଷଦର ସାଂସ୍କୃତିକ ସମ୍ପାଦକ ରୋହିତ କୁମାର ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### 'ସାହିତ୍ୟ ସଂସ୍କୃତି' ପକ୍ଷରୁ ବିଷୁବ ମିଳନ

ଟିଟିଲାଗଡ଼, ୧୪।୪ (ଶରତ ମିଶ୍ର)

ସାରସ୍ୱତ ଚେତନାର ବାର୍ତ୍ତାବହ 'ସାହିତ୍ୟ ସଂସ୍କୃତି' ଟିଟିଲାଗଡ଼ ପକ୍ଷରୁ ସ୍ଥାନୀୟ ମହେଶ୍ୱର ହିନ୍ଦୀ ହାଇସ୍କୁଲ ପରିସରରେ ବିଷୁବ ମିଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଘନଶ୍ୟାମ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଷୁବ ମିଳନର ପ୍ରାସଙ୍ଗିକତା ଏବଂ ଓଡ଼ିଆ ନବବର୍ଷ, ଓଡ଼ିଶାର ସଂସ୍କୃତି ସମ୍ବନ୍ଧରେ ଅବତାରଣା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ସ୍ମରଣିକା-୨୦୨୬ର ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ଼. ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦେଶରେ ସମତା ଆଣିବା ଆମ୍ବେଡକରଙ୍କ ଲକ୍ଷ୍ୟ ଥିଲା

## ଜିଲ୍ଲାସ୍ତରୀୟ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

ସୋନପୁର, ୧୪।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଟାଉନ ହଲଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଭାରତରତ୍ନ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଡ. ନୃପରାଜ ସାହୁ ଯୋଗଦାନ କରିଥିଲେ। ଜିଲାପାଳ କହିଥିଲେ ଡ଼ ଆମ୍ବେଡ଼କର ସମାଜର ଅବହେଳିତ ଓ ନିଷ୍ପେସିତଙ୍କ ସ୍ୱର ହୋଇଥିଲେ। ଦେଶରେ ସମାନତା ଆଣିବା ପାଇଁ ତାଙ୍କର ଲକ୍ଷ୍ୟ ଥିଲା। ସମ୍ମାନିତ ଅତିଥିଭାବେ ଏସପି ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ରାଜେନ୍ଦ୍ର ମାଝୀ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ସୋନପୁର ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ସୁଦାମ ଦୀପ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ ବାବାସାହେବଙ୍କ ସ୍ମୃତିଚାରଣ କରିବା ସହ ନୂତନ ଭାରତ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ, ଚିତ୍ରାଙ୍କନ, ଓଡ଼ିଆ ଏବଂ ଇଂଲିଶ ବକ୍ତୃତା ପ୍ରତିଯୋଗିତାର ମୋଟ ୩୬ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ପ୍ରୀତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସାଂସ୍କୃତି ଅଧିକାରିଣୀ ଯମୁନା ପ୍ରଧାନ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବୁଦ୍ଧିଜୀବି, ଯୁବବର୍ଗ ଓ ଜନସାଧାରଣ ଉପସ୍ଥିତ ଥିଲେ।




ଜଣେ କୃତୀ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

# କୋଟସମଲାଇ ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଯାପିତ



କୋଟସମଲାଇ ଶ୍ରୀରାମଲୀଳାର ଏକ ଦୃଶ୍ୟ।

ଅମରପାଲି ୧୪।୪ (ପୀତାମ୍ବର ସାହୁ)

## ରାବଣ ବଧ ସହ ଶ୍ରୀରାମଙ୍କ ରାଜ୍ୟାଭିଷେକ ମଞ୍ଚସ୍ଥ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ବାହାରିପଡା ରଘୁନାଥ ମନ୍ଦିର ନିକଟରେ ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ଚଳିତବର୍ଷ ହେଉଥିବା ପ୍ଲାଟିନମ ଜୁବିଲି ରାମଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ରାବଣ ବଧ ସହ ଶ୍ରୀରାମଙ୍କ ରାଜାଭିଷେକ ଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମ ଭୂମିକାରେ ବୁଦ୍ଧଦେବ ମେଣ୍ଡିଲି, ଲକ୍ଷ୍ମଣ ନରେନ୍ଦ୍ର ବାଘ, ସୀତା ବୃଷଭ କର୍ଣ୍ଣ, ବିଭୀଷଣ ସୁବାଷ ବନଛୋର, ହନୁମାନ ଲକ୍ଷିନ୍ଦ୍ର ବସ୍ତିଆ, ରାବଣ ଦିଗାମ୍ବର ଚୈଧୁରୀ ଅଭିନୟ ଉଚ୍ଚକୋଟିର ଥିଲା। ବାଦ୍ୟଯନ୍ତ୍ରରେ ମନୋରଞ୍ଜନ ପାଢ଼ୀ, ଜାନକୀରାମ ଦେହେରୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପଞ୍ଚାନନ ମନ୍ତ୍ରୀ, ଚମରା ସେଠୀ ସହଯୋଗ କରିଥିଲେ। ବୀରମିତ୍ର ପଧାନ, ସରୋଜ ପୂଜାହାରୀ, ଚିତ୍ତରଞ୍ଜନ ପାଢ଼ୀ, ଦଶରଥ ମେଣ୍ଡିଲି, ଭିକାରୀ ସେଠୀ, ବିଭୀଷଣ ସେଠୀ, ଅନିଲ ପୁରୋହିତ, ଅନିରୁଦ୍ଧ ଗଡୁଆ, ଦୟାନିଧି ଖୁର୍ଦ୍ଦିଆ, ପରେଶ ବାଘ, ରଘୁନାଥ ବାରକୁଟିଆ, ଚକ୍ରପାଣି ମେଣ୍ଡିଲି, ଅଖୁଜ ଖୁର୍ଦ୍ଦିଆ, ସୁରେଶ ଦେହେରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁରରେ ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ପାଳିତ

ସୋନପୁର, ୧୪।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଟାଉନ ହଲଠାରେ ଓଡ଼ିଆ ନବବର୍ଷ ଏବଂ ପଣା ସଂକ୍ରାନ୍ତି ସୋନପୁର ପଞ୍ଚାୟତ ସମିତି ଦ୍ୱାରା ମଙ୍ଗଳବାର ପାଳନ କରାଯାଇଛି। ଜିଲାପାଳ ନୃପରାଜ ସାହୁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର ଏବଂ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଟାଉନ ହଲରେ ଓଡ଼ିଆ ପକ୍ଷ ପାଳନ ଉପରେ ଆଧାରିତ ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ମହିଳାଙ୍କ ମଧ୍ୟରେ ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ପଣା ସଂକ୍ରାନ୍ତି ଅବସରରେ ବେଲ ପଣା ବଣ୍ଟନ କରାଯାଇଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତିକ ଦଳମାନେ ନୃତ୍ୟ ପରିବେଷଣ କରିଥିଲେ।



ଓଡ଼ିଆ ନବବର୍ଷ ପାଳନ ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ତରଭାରେ ଆମ୍ବେଡକର ଜୟନ୍ତୀ ପାଳିତ

ତରଭା, ୧୪।୪ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଆମ୍ବେଦକର ସଂଘ ପକ୍ଷରୁ ମଙ୍ଗଳବାର କୃଷ୍ଣାର୍ଜୁନ କଳା ମଣ୍ଡପରେ ବାବା ସାହେବଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ମଣ୍ଡପ ପାଖରେ ଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ସଂଘ ସଭାପତି ବୈକୁଣ୍ଠ ବାରିକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରମାକାନ୍ତ ନାଗ, ସମ୍ମାନୀତ ଅତିଥିଭାବେ ନନ୍ଦି ଭୋଇ, ରତ୍ନା ତାଣ୍ଡି, ଅରୁଣ ବାଦି, ବବୁରୁ ସୁନା, ତ୍ରିନାଥ ସୁନା, ଦୁପୁ ତାଣ୍ଡି, ଧବଳେଶ୍ୱର ସୁନା ଓ ସୁରସିଂ ସୁନା, ମୁଖ୍ୟବକ୍ତାଭାବେ ରମାକାନ୍ତ ରାବଣ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ କାହ୍ନା ମୁନା। ସଂଘ ସମ୍ପାଦକ କୁସଲେଶ୍ୱର ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଡ଼କର ଜୟନ୍ତୀ ପାଳିତ

ବୀରମହାରାଜପୁର, ୧୪।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆମ୍ବେଦକର ସେବା ସଂଘ ସମେତ ବିଭିନ୍ନ ଗାଁରେ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବୀରମହାରାଜପୁର ଆମ୍ବେଦକର ସେବା ସଂଘଠାରେ ଆୟୋଜିତ ଉତ୍ସବରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହରରେ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ବୀରମହାରାଜପୁର ମୁଖ୍ୟ ଛକଠାରେ ପହଞ୍ଚିବା ପରେ ଏକ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା। ସେଠାରେ ଲାଗିଥିବା ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ହନୁମାନଙ୍କ ଫଟୋଚିତ୍ରକୁ କେହି ଚିରି ରାସ୍ତାରେ ପକେଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ସୋସିଆଲ ମିଡ଼ିଆରେ ଏହାକୁ ନେଇ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

# ବୀରମହାରାଜପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା



ବଜରଙ୍ଗ ଦଳ ତରଫରୁ ହନୁମାନ ଜୟନ୍ତୀରେ ବାହାରିଥିବା ଶୋଭାଯାତ୍ରା।

ବୀରମହାରାଜପୁର, ୧୪।୪ (ଯୁଗଳ କିଶୋର ମିଶ୍ର)

ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପ ଜିଲାପାଳ କାର୍ଯ୍ୟାଳୟ ଛକରୁ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ ଏବଂ ସନାତନୀ ଯୁବକ ସଂଘ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବାହାରିଥିଲେ। ବଜରଙ୍ଗ ଦଳ ସଂଯୋଜକ ପ୍ରକାଶ ପଧାନଙ୍କ ନେତୃତ୍ୱରେ ଏହ ରାଲି କରାଯାଇଥିଲା। ତେବେ ଏହି ରାଲିରେ ସାମିଲ ହୋବକୁ ଆସିଥିବା ବିଧାୟକଙ୍କୁ ଉପରୋକ୍ତ ସଙ୍ଗଠନଗୁଡିକ ପକ୍ଷରୁ ବିରୋଧ କରାଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ପୂର୍ବାହ୍ନରେ ଆମ୍ବେଡ଼କର ଜୟନ୍ତୀ ଶୋଭାଯାତ୍ରାରେ କରାଯାଇଥିବାବେଳେ ପୋଲିସ ଉପସ୍ଥିତିରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ବଜରଙ୍ଗବାଲିଙ୍କ ଫଟୋକୁ ଚିରିବା ସହ ମାଡ଼ି ଅସମ୍ମାନ କରାଯାଇଥିଲା। ଶୋଭାଯାତ୍ରା ବୀରମହାରାଜପୁର ମୁଖ୍ୟ ଛକଠାରେ ପହଞ୍ଚିଲା ପରେ ବଜରଙ୍ଗ ଦଳ ତରଫରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ମାଜିଷ୍ଟ୍ରେଟ ଭାବେ ଆଡିସନାଲ କଲେକ୍ଟର ପ୍ରିତମ ମହାନ୍ତି, ସହକାରୀ ଆରକ୍ଷୀ ଅଧୀକ୍ଷକ କେ.ହରିପ୍ରସାଦ, ପ୍ରତାପ କୁମାର ରଣା, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ଖବର ଲେଖା ହେବା ଯାଏ ଶୋଭାଯାତ୍ରା ଚାଲୁ ରହିଛି। ବୀରମହାରାଜପୁର ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଏଣୁ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଘଟଣାର ଆପୋଷ ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଘରକୁ ପଶିଲା ବୋଲେରୋ, ୨ ଗୁରୁତର

ବଘିଆପଡା, ୧୪।୪ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସାମ୍ନାରେ ଏକ ବୋଲେରୋ ଭାରସାମ୍ୟ ହରାଇ ନିକଟସ୍ଥ ଘରକୁ ପଶିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ବୌଦ୍ଧ ବ୍ଲକ ମୃଗୁଣୀ ପଞ୍ଚାୟତ ଡାଙ୍ଗପଡ଼ା ଚାରିଶମ୍ଭୁ ମନ୍ଦିରରେ ଟେଣ୍ଟ କାମ କରିବା ପାଇଁ ଏକ ବୋଲେରୋ ଯାଉଥିଲା। ଜହ୍ନାପଙ୍କ ପଟୁ ଅନ୍ୟ ଏକ ଗାଡ଼ି ବୋଲେରୋ ସାମ୍ନାକୁ ମାଡି ଅସୁଥିବାବାରୁ ଉକ୍ତ ଗାଡିକୁ ବଞ୍ଚାଇବାକୁ ଯାଇ ବୋଲେରୋ ଡ୍ରାଇଭର ବାମ ପଟକୁ କାଟି ଦେଇଥିଲେ। ଫଳରେ ବୋଲେରୋ ଭାରସାମ୍ୟ ହରାଇ ୨୦ ମିଟର ଯାଇ ରବୀନ୍ଦ୍ର ମେହେରଙ୍କ ଘରେ କାନ୍ଥ ଭାଙ୍ଗି ଭିତରକୁ ପଶି ଯାଇଥିଲା। ଏହି ସମୟରେ ଘରେ କେହି ନଥିବା ଜଣାପଡ଼ିଛି। ଏଥିରେ ଗାଡ଼ି ଚାଳକ ମଧୁପୁର ଗ୍ରାମର ସତ୍ୟ ପ୍ରଧାନ (୨୩) ଓ ବଡ଼ଖାରକଟା ଗ୍ରାମର ଧିରେନ ବିଶି (୨୦) ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନା ପଠାଯାଇଛି। ଜହ୍ନାପଙ୍କ ପାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

# ଅଗ୍ନିଶମ ସେବା ସପ୍ତାହର ଶୁଭାରମ୍ଭ



ସଚେତନତା ଶୋଭାଯାତ୍ରାରେ ଅଗ୍ନିଶମ ସେବାକେନ୍ଦ୍ରର ଆଗ୍ନିକମାନେ।

ସୋନପୁର, ୧୪।୪ (ମୃତ୍ୟୁଞ୍ଜୟ ଶତପଥୀ)

ଏପ୍ରିଲ ୧୪ତାରିଖ ମଙ୍ଗଳବାରଠାରୁ ଅଗ୍ନିଶମ ସେବା ସପ୍ତାହ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହିକ୍ରମରେ ସୁବର୍ଣ୍ଣପୁର ଅଗ୍ନିଶମ ସେବା କେନ୍ଦ୍ର ସହିତ ଜିଲାର ସମସ୍ତ ଅଗ୍ନିଶମ କେନ୍ଦ୍ରରେ ସେବା ସପ୍ତାହର ଶୁଭାରମ୍ଭ ହୋଇଛି। ଚଳିତବର୍ଷର ବାର୍ତ୍ତା ରହିଛି ସୁରକ୍ଷିତ ବିଦ୍ୟାଳୟ, ସୁରକ୍ଷିତ ଡାକ୍ତରଖାନା ଓ ଅଗ୍ନି ନିରାପତ୍ତା ପ୍ରତି ସଚେତନ ସମାଜ-ଅଗ୍ନି ନିବାରଣ ପାଇଁ ଏକତା। ଏହି ଅବସରରେ ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେଙ୍କ ନେତୃତ୍ୱରେ ଅଗ୍ନିଶମ ସେବା କେନ୍ଦ୍ର ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସୁବର୍ଣ୍ଣପୁର ସହର ପରିକ୍ରମା କରିଥିଲା। ମୁଖ୍ୟ ଆଗ୍ନିକ ଓ ଆଗ୍ନିକମାନେ ପ୍ଲାକାର୍ଡ ଧରି ଅଗ୍ନି ନିବାରଣ ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ମୁଖ୍ୟ ଆଗ୍ନିକ ଉଜ୍ଜ୍ୱଳ ବେହେରା, ନରସିଂହ ବାର୍ଗେ, ଦୀନେଶ ଦାସ, କୃପାସିନ୍ଧୁ ମିର୍ଦ୍ଧା, ପଦ୍ମନାଭ ଭୁଏ, ହିମାଂଶୁ ବାରିକ୍, ଅଶୋକ ସାହୁ, ଅମିତ ନାଏକ, ଶୋଷଣ ଭୁଏ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## କଂଗ୍ରେସ ଦଳ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ

ସୋନପୁର, ୧୪।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସହର ସ୍ଥିତ ଆମ୍ବେଡକର ଛକଠାରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ନେତୃବୃନ୍ଦ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୋନପୁରର ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମାଧବ କୁମ୍ଭାର, ସୁଧୀର ପଣ୍ଡା, ବରୁଣ ସୁନା, ଶେଷଦେବ ମେହେର, ରଞ୍ଜିତ ରାୟ ଓ ଲଛମନ ସୁନା ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।



ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କଂଗ୍ରେସ ନେତୃବୃନ୍ଦ।

# ଜନ୍ମତିଥିରେ ଆମ୍ବେଡକରଙ୍କ ସ୍ମୃତିଚାରଣ

ବିନିକା, ୧୪।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାରେ ସମ୍ବିଧାନ ପ୍ରଣେତା ବାବା ସାହେବ ଡ ଭୀମ ରାଓ ଆମ୍ବେଡ଼କରଙ୍କ ୧୩୫ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ବିନିକା ଭାଜପା ପକ୍ଷରୁ ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କ ନେତୃତ୍ୱରେ ବିନିକା ସ୍ପୋର୍ଟ୍ସ କ୍ଲବରୁ ଏକ ଶୋଭାଯାତ୍ରା ବାହାରି ଆମ୍ବେଦକର ଛକରେ ପହଞ୍ଚି ଥିଲା। ସେଠାରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ପୋର୍ଟ୍ସ କ୍ଲବ କାର୍ଯ୍ୟାଳୟରେ ଏକ ସ୍ମୃତିସଭା ସଭାନେତ୍ରୀ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସୋମ୍ୟରଞ୍ଜନ ନାଏକ, ମଣ୍ଡଳ ସଭାପତି ଉଦ୍ଧବ ମହାକୁଡ଼ ଯୋଗଦେଇ ବାବାସାହେବଙ୍କ ବିଚାରଧାରା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଦ୍ୟୁମ୍ନ ମାହାଣା ଧନ୍ୟବାଦ ଦେଇଥିଲେ।

ସେହିପରି ଏସ୍‌ସି, ଏସ୍‌ଟି, ଓବିସି ମିଳିତ ସଂଘ ପକ୍ଷରୁ ନଗରପାଳ ସୁବାସ ଚନ୍ଦ୍ର ଭୁଏଙ୍କ ନେତୃତ୍ୱରେ ସ୍ଥାନୀୟ ଏକ ଶୋଭାଯାତ୍ରା ବାହାରି ଥିଲା। ଏହାପରେ ପୂର୍ବାହ୍ନ ୧୧ଟାରେ ନଗରପାଳ ଭୁଏଙ୍କ ଅଧକ୍ଷତାରେ ସାଧାରଣ ସଭା ହୋଇଥିଲା। ମୁଖ୍ୟବକ୍ତାଭାବେ ଆମ୍ବେଦକରପ୍ରେମୀ ମୋହନ ମହାନନ୍ଦ, ସମ୍ମାନୀତ ଅତିଥିଭାବେ ଲକ୍ଷେଘର ଗଣ୍ଡା ସମାଜ ସଭାପତି ଡିଳେଶ୍ୱର ହାତୀ, ଏସ୍‌ଟି ସଂଘ ସଭାପତି କରଞ୍ଜିତ ଭୁଏ, ଓବିସି ସେଲ ଉପଦେଷ୍ଟା କମିଟି ସଦସ୍ୟ ଭୁବନେଶ୍ୱର ପାତ୍ର ଯୋଗଦେଇ ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଦୀନବନ୍ଧୁ ମେହେର, କାଉନସିଲର ଜିତୁ ମଲ୍ଲିକଙ୍କ ସମେତ ଶତାଧିକ ଆମ୍ବେଡ଼କରପ୍ରେମୀ ଯୋଗଦେଇଥିଲେ। ଧର୍ମେନ୍ଦ୍ର କୁମାର ସିଂ ଅତିଥି ପରିଚୟ ପ୍ରଦାନ ଓ ପୃଥ୍ୱୀରାଜ ପଧାନ ଧନ୍ୟବାଦ ଦେଇଥିଲେ। ସେହିପରି ଦଳିତ ସଂଘ ବିନିକା ତରଫରୁ ଦଳିତନେତା ବିନୋଦ ସୁନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସିଦ୍ଧାର୍ଥ ମହାବିଦ୍ୟାଳୟରୁ ବାହାରି ଆମ୍ବେଦକର ଛକରେ ପହଞ୍ଚିଥିଲା। ସେଠାରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।



ବିନିକା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଆମ୍ବେଡକରପ୍ରେମୀ।

## ସଂକ୍ଷେପରେ

### ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ପାଳିତ

ବୌଦ୍ଧ,୧୪।୪(ଅଜିତ କୁମାର ବାରିକ): ବୌଦ୍ଧ ବଜରଙ୍ଗ ଦଳ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ହନୁମାନ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସକାଳେ ମହାନଦୀ ଗର୍ଭରେ ଥିବା ସିଦ୍ଧ ହନୁମାନ ମନ୍ଦିର ଚୂଡାରେ ଧ୍ୱଜା ବନ୍ଧନ କରାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ବାହାରି ୱାର୍ଲେସ ଛକ, କଚେରି ଛକ, ବୁଢ଼ୁପାଲି ଛକ, ପଲାସ ଛକ, ରାଜନପାଲି ଛକ, ବାଘଗୁଡା ଛକ, ମେଡିକାଲ ଛକ ଦେଇ ମହାନଦୀ ବ୍ରିଜ ଛକରେ ପହଞ୍ଚିଥିଲା। ପୁନଶ୍ଚ ମହାନଦୀ ବ୍ରିଜ ଛକରୁ ଶୋଭାଯାତ୍ରା ବାହାରି ମାର୍କେଟ, ଭୈରବୀ ଛକ, ଗାନ୍ଧୀ ଛକ, ପୋଡାପୋଡା ଛକ ଦେଇ ଶେଷରେ ମାତଙ୍ଗେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଜୟ ଶ୍ରୀରାମ ନାରାରେ ସହର କମ୍ପି ଉଠିଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟମାନେ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ମଧ୍ୟ ହନୁମାନଙ୍କ ଗୈରିକ ବାନା ପ୍ରଦର୍ଶନ କରି ସହର ପରିକ୍ରମା କରାଯାଇଥିଲା।

### ତୁଳସୀ ରାମାୟଣ ନବାହ୍ନ ପାରାୟଣ ସମ୍ପନ୍ନ

ଘଣ୍ଟାପଡ଼ା,୧୪।୪(ପ୍ରଭାତ କୁମାର ସାହୁ): କଣ୍ଟାମାଳ ବ୍ଲକ ଛକ ଶ୍ରୀରାମ ମନ୍ଦିରରେ ନଅ ଦିନଧରି ଚାଲିଥିବା ତୁଳସୀ ରାମାୟଣ ନବାହ୍ନ ପାରାୟଣ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ପ୍ରବଚକ ପଣ୍ଡିତ ମଧୁସୂଦନ ଦାସଙ୍କ ମୁଖରୁ ଶ୍ରୀରାମଙ୍କ ରାଜାଭିଷେକ କଥା ଶୁଣିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଅଭିଷେକ କରିବା ସହ ନଗର ପରିକ୍ରମା କରିଥିଲେ। ଏଥିରେ ସୁଶିଲ କୁମାର ପାଣିଗ୍ରାହୀ ଓ ପତ୍ନୀ ନମିତା ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସନତ କୁମାର ମିଶ୍ର ପୌରୋହିତ୍ୟ କରିଥିବାବେଳେ ବାଳକୃଷ୍ଣ ମିଶ୍ର ସହଯୋଗ କରିଥିଲେ। ହରିବନ୍ଧୁ ପୁରୋହିତ ଓ ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ସନ୍ତୋଷ କୁମାର ବିଶି, ଉପଦେଷ୍ଟା ବସନ୍ତ ମିଶ୍ର, ନବୀନ କୁମାର ବିଶି, ପୁରୋହିତ, ଭାଗ୍ୟଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୪ବର୍ଷ ବିତିଲା, ମିଳିଲାନି ନିଖୋଜ ଶ୍ରମିକଙ୍କ ପତ୍ତା

ନୂଆପଡ଼ା,୧୪।୪ (ମକାରୁ ବେମାଲ)


ଲକ୍ଷୀଧର ଧରୁଆ।

**ପ୍ରଶାସନ ଉପରୁ ଭରସା ହରାଉଛି ପରିବାର**

ନୂଆପଡ଼ା ଜିଲା କୋମନା ଥାନା ଦର୍ଲିପଡା ଗାଁର ଜଣେ ଦାଦନ ଶ୍ରମିକ ନିଖୋଜ ହେବାର ପ୍ରାୟ ୪ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନାହିଁ। ଏ ନେଇ ପରିବାର ଲୋକେ ପୋଲିସ ଓ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ବି ସୁଫଳ ମିଳିନାହିଁ। ଫଳରେ ସେମାନେ ପ୍ରଶାସନ ଉପରୁ ଭରସା ହରାଇ ଭାଗ୍ୟକୁ ଆଦରି ଦୁଃଖରେ ଜୀବନ ବିତାଉଛନ୍ତି। ସୂଚନା ଅନୁଯାୟୀ, ୨୦୨୨ ଡିସେମ୍ବର ୧୨ରେ ଦର୍ଲିପଡ଼ା ଗାଁର ଲକ୍ଷୀଧର ଧରୁଆ(୫୦) ଦାଦନ ସର୍ଦ୍ଦାରଙ୍କ ସହାୟତାରେ ଗାଁର ଅନ୍ୟମାନଙ୍କ ସହିତ ହାଇଦ୍ରାବାଦର ସାଙ୍ଗାରେଡ୍ଡୀ ଜିଲା ପଠାନଚୋର ଗାଁ ଇଟାଭାଟିକୁ ଇଟା ତିଆରି ପାଇଁ ଯାଇଥିଲେ । ଅନ୍ୟମାନେ ୨୦୨୩ ଜୁନ୍‌ରେ ଗାଁକୁ ଫେରି ଆସିଥିଲେ ମଧ୍ୟ ଲକ୍ଷୀଧର ବର୍ତ୍ତମାନ ସୁଦ୍ଧା ଫେରିନାହାନ୍ତି। ଦାଦନ ସର୍ଦ୍ଦାରଙ୍କୁ ଫୋନ କଲେ ସେ କାଟି ଦେଉଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ନୂଆପଡ଼ା ଓ କୋମନାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗୁହାରି କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏପରିକି ତରବୋଡ଼ ଫାଣ୍ଡି, କୋମନା ଥାନା ସହ ନୂଆପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବରେ ଜଣାଇଲା ପରେ ବି ଦାଦନ ସର୍ଦ୍ଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସ୍ତ୍ରୀ ସବିତା ଧରୁଆ କହନ୍ତି, ସ୍ୱାମୀ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ନିଖୋଜ ପରଠାରୁ ୩ ପିଲାଙ୍କୁ ନେଇ ବହୁତ କଷ୍ଟରେ ଚଳୁଛି। ଅନ୍ୟ ଘରେ ଯାଇ ଦିନମଜୁରିଆ କାମ କରୁଛି। ଜିଲାପାଳ ଅଭିଯୋଗ ଶୁଣାଣିରେ ଅନେକ ସମସ୍ୟା ସମାଧାନ କରୁଛନ୍ତି। ହେଲେ ଆମେ ଅନେକଥର ଲିଖିତ ଭାବରେ ଜଣାଇବା ପରେ ସୁଫଳ ପାଇନାହୁଁ। ପ୍ରଶାସନ ତୁରନ୍ତ ତାଙ୍କ ସ୍ୱାମୀଙ୍କୁ ଫେରାଇଆଣିବାକୁ ସବିତା ଅନୁରୋଧ କରିଛନ୍ତି। ଜିଲା ପ୍ରଶାସନ ପ୍ରତି ସୋମବାର ପ୍ରବାସୀ ଶ୍ରମିକ ସଚେତନତାକରି ଦାଦନ ମୁକ୍ତ ଜିଲା ଗଠନ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ହେଲେ ଏବେ ବି ଲକ୍ଷୀଧରଙ୍କ ଭଳି ଅନେକ ଶ୍ରମିକ ନିଖୋଜ ହେଉଥିବା ବେଳେ ପ୍ରତି ମାସରେ ୩ରୁ ୫ ମୃତଦେହ ଗାଁକୁ ଫେରୁଛି। ଏଥିରୁ ପ୍ରଶାସନର ପ୍ରୟାସ କେତେ ବାସ୍ତବ ରୂପ ନେଉଛି ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲାଙ୍କୁ ପଚାରିବାରୁ ଯେଉଁ ଦାଦନ ଶ୍ରମିକ ନିର୍ଯାତନାର ଶିକାର ହୋଇ ଅଟକ ରହିଥିବେ ବିଭାଗ ପକ୍ଷରୁ ଉଦ୍ଧାର କରିବା କାମ ଆମର। ନିଖୋଜ ଶ୍ରମିକଙ୍କୁ ଠାବ କରିବା କାମ ପୋଲିସର। ପୋଲିସ ଦାଦନ ସର୍ଦ୍ଦାରଙ୍କୁ ଡାକି ଖୋଳତାଡ଼ କରିବା କଥା ବୋଲି କହିଥିଲେ ।

## ୫୦କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ଘଣ୍ଟାପଡ଼ା, ୧୪।୪(ପ୍ରଭାତ କୁମାର ସାହୁ): କଣ୍ଟାମାଳ ଥାନା ପୋଲିସ ଉଦେପୁର ଛକ ନିକଟରେ ମଙ୍ଗଳବାର ଏକ କାରକୁ ଯାଞ୍ଚ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ପୋଲିସକୁ ଦେଖି କାର୍ ଚାଳକ ଗାଡି ଅଟକାଇ ଫେରାର ହୋଇଯାଇଛନ୍ତି। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଜବତ ଗଞ୍ଜେଇକୁ ଓଜନ କରିବାରୁ ୫୦କେଜି ୨୦୦ ଗ୍ରାମ ହୋଇଥିଲା। ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି ।

## ରାମଚନ୍ଦ୍ର ତାଣ୍ଡି ବୌଦ୍ଧ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି

ଘଣ୍ଟାପଡ଼ା, ୧୪।୪(ପ୍ରଭାତ କୁମାର ସାହୁ)


ଭାଜପା କର୍ମୀ ରାମଚନ୍ଦ୍ର ତାଣ୍ଡିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ବୌଦ୍ଧ ଜିଲା ଭାଜପାର ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ହେଲେ କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ମଣ୍ଡଳର ବରଗାଁ ପଞ୍ଚାୟତ ମଲିକୁଦ ଗ୍ରାମର ରାମଚନ୍ଦ୍ର ତାଣ୍ଡି। ସୋମବାର ଏହି ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ପଦରେ ନିଯୁକ୍ତ କରିଥିବାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଏସ୍‌ସି ମୋର୍ଚ୍ଚା ସଭାପତି ବାଇଧର, ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର ପ୍ରମୁଖଙ୍କୁ ତାଣ୍ଡି କୃତଜ୍ଞତା ଜଣାଇଛନ୍ତି। ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ଧ୍ୟାନ ଦେବେ ବୋଲି ତାଣ୍ଡି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ଓଡ଼ିଆ ପକ୍ଷ ଉଦ୍‌ଯାପିତ



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭବାନୀପାଟଣା,୧୪।୪(ଉତ୍ତମ କୁମାର ଦାଶ) ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ କ୍ରମେ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ମଙ୍ଗଳବାର ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ଜିଲା ପ୍ରଶାସନ ତରଫରୁ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଝୋଟି ପ୍ରତିଯୋଗିତା, ପଣା ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ବିଡ଼ିଓ ଚନ୍ଦନ କୁମାର ଭୋଇ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଆ ପକ୍ଷ ପାଳନ ସମ୍ପର୍କରେ ମତ ରଖିଥିଲେ। ପରେ କୃତୀ ପ୍ରତିଯୋଗୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦୀର୍ଘ ୧୪ ଦିନ ବ୍ୟାପୀ ଜିଲା ପ୍ରଶାସନ, ଅନ୍ୟା ବିଭାଗ ଦାରା ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଡିଓ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାବା ସାହେବ ଆମ୍ବେଡକର ଜୟନ୍ତୀ ପାଳିତ

ଘଣ୍ଟାପଡ଼ା, ୧୪।୪(ପ୍ରଭାତ କୁମାର ସାହୁ)



ସମିତି ସଦସ୍ୟମାନେ ପଦଯାତ୍ରାରେ ବାହାରିଛନ୍ତି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଡଃ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ଜ୍ୟୋତି ମହାନନ୍ଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟମାନେ କଲରାକୋଠା କାଳୀ ମନ୍ଦିର ନିକଟରୁ ବାହାରି କଣ୍ଟାମାଳ ତହସିଲ ଛକ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରିଥିଲେ। ଏହି ଅବସରରେ ଏକ ସଭାକାର୍ଯ୍ୟ ହୋଇଥିଲା। ସାମାଜିକ କର୍ମୀ ବିଶ୍ୱଜିତ ହରିପାଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥଲେ। ସମାଜସେବୀ ସୁଧିର ମହାକୁଡ ମୁଖ୍ୟ ଅତିଥି, ବିଧାୟକ ପ୍ରାର୍ଥୀ ସରୋଜ ପ୍ରଧାନ ମୁଖ୍ୟ ବକ୍ତା ଏବଂ ବୌଦ୍ଧ ଜିଲା କଂଗ୍ରେସ ସଭାପତି ଅବଦୁଲ କଲିମ ଖାଁ, ସମାଜସେବୀ ପିତାମ୍ବର ବିଭାର, ପ୍ରକାଶ ହରିପାଲ, ତରଭା ଗଣ୍ଡା ସମାଜ ବ୍ଲକ ସଭାପତି ସୁଶିଲ ମଲ୍ଲିକ, ତରଭା ଲକ୍ଷେ ଘର ଗଣ୍ଡା ସମାଜ ସାଧାରଣ ସମ୍ପାଦକ ସୁଦାମ ଚରଣ ନାଗ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥଲେ। ଭୀମ୍ ଆର୍ମି ଭାରତ ଏକତା ମିଶନ ରାଜ୍ୟ ପ୍ରଭାରୀ ତଥା ସିଆଇଡି ଅଧିକାରୀ ତପନ କୁମାର ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହି ସମ୍ବିଧାନର ବିଭିନ୍ନ ଧାରା ଏବଂ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରନେତା ପ୍ରତ୍ୟୁଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଡଃ ଆମ୍ବେଦକର କଲ୍ୟାଣ ସମିତି ସଦସ୍ୟ ବିଶ୍ୱନାଥ ସୁନା, ସଚ୍ଚିକାନ୍ତ ଛତ୍ରିଆ, ଗୁରୁଦେବ ମହାନନ୍ଦ, ରୋହିତ ନାଗ, ଶ୍ରୀକାନ୍ତ ଛତ୍ରିଆ ଓ ଲାଲମଣି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# କୃଷିଭିତ୍ତିକ ପର୍ବ ଦଣ୍ଡଯାତ୍ରା ସମ୍ପନ୍ନ

ବୌଦ୍ଧ,୧୪।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର କୃଷିଭିତ୍ତିକ ପର୍ବ ଦଣ୍ଡ ଯାତ୍ରା ମହାବିଷୁବ ସଂକ୍ରାନ୍ତିରେ ସମ୍ପନ୍ନ ହୋଇଛି। ଚୈତ୍ର ମାସର ଟାଣ ଖରାରେ ପ୍ରତିବର୍ଷ ବୌଦ୍ଧ ଜିଲାର ବିଭିନ୍ନ ଗ୍ରାମରେ ଦଣ୍ଡ ଉଠିଥାଏ। ଏହି ଦଣ୍ଡ ଯାତ୍ରା ମିନ ମାସର ୧୭ ଦିନ ଗତେ ଆରମ୍ଭ ହୋଇ ମେଷ ମାସର ବିଷୁବ ସଂକ୍ରାନ୍ତି ଦିନ ଶେଷ ହୋଇଥାଏ। ମଙ୍ଗଳବାର ବିଷୁବ ସଂକ୍ରାନ୍ତି ବା ଦଣ୍ଡଯାତ୍ରାର ଶେଷଦିନ ଥିବାରୁ ବୌଦ୍ଧ ଜିଲା ଉତ୍ସବମୁଖର ହୋଇପଡିଥିଲା। ଏହି ଯାତ୍ରା ସହରର ରାମେଶ୍ୱର ମନ୍ଦିର, ଭୈରବୀ ମନ୍ଦିର ଓ ମାତଙ୍ଗେଶ୍ୱର ମନ୍ଦିର ସମେତ ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ବିଭିନ୍ନ ଗ୍ରାମରେ ମହାସମାରୋହରେ ପାଳିତ ହୋଇଛି। ଏହି ଦିନ ଗ୍ରାମର ଦଣ୍ଡ ଦଳଗୁଡିକ ନିଜ ନିଜ ଗ୍ରାମକୁ ବିରାଟ ପଟୁଆରରେ ନାଚି ନାଚି ଆସି ଗ୍ରାମର ଗୁଡି ଘର (ମଣ୍ଡପ)ରେ ରହି ମେରୁ ପର୍ବ ପାଳନ କରିଥିଲେ। ମେରୁ ଯାତ୍ରା ସରିବା ପରେ ଗ୍ରାମର କାମନା ମନ୍ଦିରଠାରେ ଦଣ୍ଡ ସ୍ଥାପନ କରାଯାଇଥିଲା। ଏହି ଯାତ୍ରାକୁ ଝାମୁଯାତ୍ରା ମଧ୍ୟ କୁହାଯାଏ। ଏଥିରେ ଭକ୍ତମାନେ ୧୨ ହାତ ନିଆଁରେ ଖାଲି ପାଦରେ ଚାଲିଥାନ୍ତି। ଏହି ମେରୁ ଯାତ୍ରା ପାଇଁ ଜିଲାର ସମସ୍ତ ଦଣ୍ଡ ହେଉଥିବା ଗାଁଗୁଡିକରେ ରାତି ତମାମ ଭକ୍ତଙ୍କ ଗହଳି ଲାଗି ରହିଥିଲା। ମେରୁ ଯାତ୍ରା ପାଇଁ ଗାଁଗୁଡିକରେ ନାଚଗୀତର ଆସର ଜମିଥିଲା।


ଗାଁରେ ଠାକୁରଙ୍କୁ ପୂଜା କରାଯାଉଛି ।


**OFFICE OF THE PANCHAYAT SAMITI, PHIRINGIA, DIST.: KANDHAMAL**
**INVITATIONS FOR BIDS (IFB)**

Tender Call Notice (TCN) No. 888 — Dated: 13.04.2026
Bid Identification No. PANCHAYAT SAMITI, PHIRINGIA - 01 of 2026-27

The Panchayat Samiti Office, Phiringia on behalf of Govt. of Odisha invites percentage rate of bids to be received in Offline mode only for the construction of 01 No. building works. The bidders have to participate in "Offline" bidding as detailed in the table below from respecitve class of contractors registered with the State Govt. mentioned in Table Col. 6 and contractor of equivalent grade/class registered with Central Government/MES/Railways having registration for Civil duly registered on production of definite proof from the appropriate authority. The bid documents will also be available in the district website http://Kandhamal.odisha.gov.in from **15.04.2026, 11.00 A.M. to 29.04.2026, 5 P.M.** and Opening of Bid document **30.04.2026 at 11 A.M.** The sale of the bid document shall start from **Dt.15.04.2026 at 11.00 A.M.** and close on **Dt.29.04.2026 at 02.00 P.M.** during office hours in the office of the undersigned. The bids shall be received through Registered Post/Speed Post/Can be dropped in the TENDER BOX available at Block office on or before **Dt.29.04.2026 at 5 P.M.**

| Sl. No. | Name of the Work | Approx. Estimated Cost (In Rs.) | Cost of BID Documents (In Rs.) | EMD (In Rs.) | Class of Contractor | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of LAC Building, At: Pahiraju, Phiringia Block | Rs.15,74,000/- | 6,000/- | 15,740/- | "C" & "D" | 06 Months |

Sd./- Block Development Officer
Panchayat Samiti, Phiringia



**WANTED**
**SALES EXECUTIVE**
Location
**Puri & Bhubaneswar**
Having experience of 3 to 5 years (Preferable in Automobile Trade)
Interested candidates may send their resume to Mail ID: tbsa.bbsr@gmail.com.
Contact - 8117894598



**ଜରୁରୀ ନିଯୁକ୍ତି ସୂଚନା**
ଭୁବନେଶ୍ୱରର ଏକ ପ୍ରାଇଭେଟ୍ ହସ୍ପିଟାଲ୍ ପାଇଁ ତୁରନ୍ତ ୧୦୦ଜଣ ସିକ୍ୟୁରିଟି ଗାର୍ଡ ଆବଶ୍ୟକ । ପୁରୁଷ ଓ ମହିଳା ଉଭୟ ଆବେଦନ କରିପାରିବେ । ଫ୍ରେସର ମାନେ ମଧ୍ୟ ସ୍ୱାଗତ ।
ଯୋଗ୍ୟତା ମାତ୍ର ୧୦ମ ଶ୍ରେଣୀ ପାସ୍ ।
Contact - 9114435575



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. MCSW-PVCflooring-26-27-02
କାର୍ଯ୍ୟର ନାମ : 48 (ଅଢ଼ଚାଳିଶ) ମାସର ସମୟାବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳୱେ BG କୋଚଗୁଡ଼ିକରେ PVC ଫ୍ଲୋରିଂ କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ : ₹2,01,79,200.00, EMD : ₹4,03,600.00, ଶେଷ ହେବା ଅବଧି : 48 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.10.04.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.04.2026ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-27/R/26-27



ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ (ସାମୁଦ୍ରିକ) ଗଞ୍ଜାମ,ଛତ୍ରପୁର
**OFFICE OF THE ADDITIONAL FISHERIES OFFICER (MARINE), GANJAM**
E-mail ID- addlfisheriesofficer54@gmail.com
**EOI/TENDER CALL NOTICE**

No.52001/1/2627: Management Society, Hygienic Dry Fish Market, Humma intends to lease the Hygienic Dry Fish Market, Humma for smooth functioning/operation of the Market. Sealed tenders are invited in this regard from eligible individuals/firms/cooperative societies/SHGs/ Pvt. Ltd. Company or Organisation.

**Various Critical Dates relating to the Tender**

| Sl.No. | List of Key Events | Critical Dates |
|---|---|---|
| 01 | Date of Issue of EOI Notice | 15.04.2026 |
| 02 | Date of pre-bid meeting & site visit | 18.04.2026 |
| 03 | Last Date of submission of Bid | 05.05.2026,02.00 PM |
| 04 | Date of Opening of Technical Bid & Financial Bid | 07.05.2026, 11.00 AM |

Base Price: Rs.51,39,000/- (Rupees Fifty One Lakh Thirty Nine Thousands only) per annum.
Bid Processing Fee: Rs.5000/-
Earnest Money Deposit (EMD): Rs.51390/-
The EOI/Tender document containing details of scope of operation, deliverables, eligibility criteria, Functions entrusted to the bidder and other bidding parameters can be accessed or downloaded from the office of the undersigned during office hours and from following official websites www.fisheries.odisha.gov.in/https://ganjam.odisha.gov.in.
The proposals/Bids complete in all respect must be dropped in the Closed Tender Box at O/o Assistant Fisheries Officer, Ganjam ME Unit, Humma only latest by 05.05.2026, 02.00 PM in a sealed envelope clearly mentioning on the top of it "EOI for Management & Operation of Hygienic Dry Fish Market, Humma". Proposals received beyond the last date and time will be liable for rejection. Further the undersigned reserves the right to accept or reject any or all proposals without assigning any reason thereof.

By ORDER OF CHAIRMAN
Sd./- Additional Fisheries Officer (Marine)
cum Secretary Management Society,
Hygienic Dry Fish Market, Humma, Ganjam
OIPR-52001/52008/1/26-27/0001



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.MCSW-HIR-TRUCK-26-27-05
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ନିମନ୍ତେ ଭାରତୀୟ ରେଳପଥର ବିଭିନ୍ନ ୟୁନିଟ୍‌ଗୁଡ଼ିକର ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନ ପର୍ଯ୍ୟନ୍ତ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ (ରେଳପଥ ଚାହିଦା ଅନୁଯାୟୀ ସର୍ବନିମ୍ନ 09 ମେଟ୍ରିକ୍ ଟନ୍ ଏବଂ ତଦୂର୍ଦ୍ଧ କ୍ଷମତା ବିଶିଷ୍ଟ) ଟ୍ରକ୍/ଟ୍ରେଲର ଭଡ଼ା ସୂତ୍ରରେ ନେବା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 72,60,000/-, EMD (ଟଙ୍କାରେ): 1,45,200/-, ଶେଷ ହେବା ଅବଧି: 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ: ତା.16.04.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.04.2026 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର/POH-II/ ମଞ୍ଚେଶ୍ୱର
PR-40/R/26-27



**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK-753001
**NOTICE**
No.2139/ PSC, Dt.13.04.2026
1E-34-2025/26 (DR-II)
**ADVERTISEMENT NO. 01 OF 2026-27**
WEBSITE - https://opsc.gov.in

| | |
|---|---|
| I. | Assistant Professor (Broad Speciality) in the Discipline of Radiation Oncology Government MCHs in the rank of Group-A, under Health & Family Welfare Department. |
| II. | No. of Vacancies-02 |

**No.12001/5/2627:** Online applications are invited from the prospective candidates through proforma application to be made available on the Website of the Commission **(https://opsc.gov.in)** for recruitment to 02 (Two) posts of **Assistant Professor (Broad Speciality)** in the Disciplines of **Radiation Oncology** in Group-A, under the Odisha Medical Education Service cadre, for posting in Government MCHs of the State of Odisha, under the Health & Family Welfare Department in the Academic Level-12 of ORSP (MCT) Rules, 2019 with usual dearness and other allowances as may be sanctioned by the Government of Odisha from time to time. The posts are purely temporary for the present and likely to be made permanent in future.
**2. VACANCY POSITION:** As per requisition furnished by the Health & Family Welfare Department, Government of Odisha, the vacancy position for the post of **Assistant Professor (Broad Speciality)** in the Discipline of **Radiation Oncology** is **02**.
**3. AGE:** A candidate must have attained the age of not less than **21 (Twenty One)** years and not above the age of **45 (Forty Five)** years as on the **1st day of January 2026** i.e. he/she must not have been born **earlier than 2nd January 1981** and **not later than 1st January 2005.**
**4. EDUCATIONAL QUALIFICATION:** The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.
**5. EXAMINATION FEE:** The candidates other than SC, ST and PwD category shall have to pay the examination fee amounting to **Rupees Seven Hundred (Rs.700/-) only** through online mode while filling the Online Application Form. The examination fees paid shall be **refunded only to those candidates who actually appear in the Written Examination. Applications without payment of examination fees (except SC/ ST/ PwD candidates) will be taken as incomplete and outrightly be rejected.**
Refund shall be issued in due course after completion of the Written Examination. Refunds will be processed to the original mode of payment used at the time of the transaction by the candidate. (Credit Card, Debit Card, UPI, Net Banking, Wallet, etc.)
**6. METHOD OF SELECTION:** The selection of candidates for recruitment to the posts of Assistant Professor in Broad Speciality shall be made on the basis of **Written Examination** as per the guidelines as enumerated in the Odisha Medical Education Service (Method of Recruitment and Conditions of Service) Rules, 2021.
**7. WRITTEN EXAMINATION:** The Written Examination will be held tentatively on **12.07.2026 (Sunday)** The detailed Schedule and Centre of Examination will be notified in due course.
**The link for Online Application shall be available from 16.04.2026 to 15.05.2026 till 5.00 P.M. (Note: 15.05.2026 is the last date/closing date for submission of Registered Online Application)**
The candidates are advised to visit the Website of the Commission at **https://opsc.gov.in** for detailed information for applying to the above post. Applications received through any other mode would not be accepted and summarily rejected.

Cuttack
Date: 13.04.26
Sd./- Secretary
Odisha Public Service Commission,
Cuttack
OIPR-12001/12002/1/26-27/0002



**MCL** ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5295



**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**
**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**
**ପରିବେଶ ମଞ୍ଜୁରୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, **ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍** ଦ୍ୱାରା ମୌଜା- ଶଙ୍କରପୁର, ତହସିଲ- ପୁରୀ ସଦର ନଂ.- ୬୦୬, ଜିଲ୍ଲା- ପୁରୀ, ଓଡ଼ିଶାରେ ଖାତା ନଂ.-୧୨୮/୧୭୪୮ ଅଧୀନ ପ୍ଲଟ୍ ନଂ. ୧୦୦୫/୨୧୮୬ ଓ ୧୦୦୫/୨୧୮୭ ଉପରେ ବିକଶିତ ହେବା ପାଇଁ ପ୍ରସ୍ତାବିତ ଆବାସିକ ଆପାର୍ଟମେଣ୍ଟ ବିଲ୍ଡିଂ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।
ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୫ସି୩୮୦୧ଓଆର୍୫୪୩୪୭୦୧ଏନ୍ (EC25C3801OR5434701N), ତା୦୮।୦୪।୨୦୨୬ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ । ତାହାକୁ ସମ୍ପୃକ୍ତ ପ୍ରାଧିକରଣର ଅଫିସିଆଲ ୱେବ୍‌ସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ ।
ପରିବେଶ ମଞ୍ଜୁରୀ ଇଆଇଏ ନୋଟିଫିକେଶନ, ୨୦୦୬ର ବ୍ୟବସ୍ଥା ଅଧୀନରେ ମଞ୍ଜୁର କରାଯାଇଛି ।

ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ
କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)
ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା

# ଦଳିତଙ୍କ ପାଇଁ ଆମ୍ବେଡକରଙ୍କ ଅବଦାନ ଅବିସ୍ମରଣୀୟ

**ବରଗଡ଼,୧୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ସ୍ଥାନୀୟ ଯଦୁମଣି ଅଡିଟୋରିୟମରେ ପାଳିତ ହୋଇଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟ କଚେରି ପରିସରସ୍ଥ ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ପୌରାଧକ୍ଷା କଳ୍ପନା ମାଝି, ଆମ୍ବେଡକର କମିଟିର ଚୈତନ୍ୟ ପାଇକ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ଯଦୁମଣି ଅଡିଟୋରିୟମରେ 'ଓଡ଼ିଆପକ୍ଷ' ଏକ ସାଧାରଣ ସଭା ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅଡିଟୋରିୟମ ସମ୍ମୁଖରେ ୫୦୦ ଦୀପ ଜାଳିବାଠାରୁ ଆରମ୍ଭ କରି ବାଣ ଫୁଟାଇ ପାରମ୍ପରିକ ନୃତ୍ୟ, ବାଦ୍ୟ, ହୁଳହୁଳି, ଝୋଟି, ଚିତା, ମୁରୁଜ, ସରବତ, ପିଠାପଣା କରି ଉତ୍ସବ ପାଳନ କରାଯାଇଥିଲା। ଜିଲାପାଳ ଗୋୟଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ସାହୁ, ପୌରାଧକ୍ଷା ମାଝି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସଂସ୍କୃତି ଅଧିକାରୀ ତାହିର ହୁସେନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବାବା ସାହେବ ଡ. ଆମ୍ବେଡକରଙ୍କ ଆଦର୍ଶ, ତ୍ୟାଗ, ସମାଜ ଗଠନ, ସମାଜର ଦଳିତ ଅବହେଳିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ। ସମାଜରୁ ଭେଦଭାବ, ଛୁଆଁ ଅଛୁଆଁ ମନୋଭାବ ଦୂର କରିବା ପାଇଁ ଡଃ ଆମ୍ବେଡକରଙ୍କ ଅବଦାନ ସର୍ବଦା ମହାନ ହୋଇ ରହିବ ବୋଲି ଅତିଥିବୃନ୍ଦ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲୁହା ମୁଖ୍ୟବକ୍ତାଭାବେ ଯୋଗଦେଇ ଆଧୁନିକ ଭାରତରେ ଆମ୍ବେଡକରଙ୍କ ଜୀବନାଦର୍ଶର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଡଃ ଆମ୍ବେଡକରଙ୍କ ମହାନ ବ୍ୟକ୍ତିତ୍ୱ, ଦକ୍ଷତା, ଜ୍ଞାନ ଗରିମା ଏବଂ ସମାଜ ସଂସ୍କାର ସବୁବେଳେ ଉତ୍ତରପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତପ୍ରକାଶ କରିଥିଲେ।



ବରଗଡ଼ ଜିଲାପାଳ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।


ଆମ୍ବେଡ଼କର ଜୟନ୍ତୀରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ମହିଳା ସମିତି ପାଳିଲା ପଣା ସଂକ୍ରାନ୍ତି

**ବରଗଡ଼,୧୪।୪(ପ୍ରେମାନନ୍ଦ ଖମାରୀ)**

ପଣା ବଣ୍ଟନ ପରସ୍ପର ମଧ୍ୟରେ ଭାଇଚାରା ଓ ସମ୍ପର୍କକୁ ସୁଦୃଢ଼ କରିଥାଏ। ବନ୍ଧୁବାନ୍ଧବ ଏବଂ ପଡ଼ୋଶୀଙ୍କୁ ପଣା ଦେବା ଦ୍ୱାରା ପ୍ରେମ ଓ ଏକତା ବୃଦ୍ଧି ପାଏ। ତେବେ ଏଭଳି ଭାବ ଆଦାନ ପ୍ରଦାନରୁ ବଞ୍ଚିତ ବୃଦ୍ଧ ବୃଦ୍ଧାଙ୍କ ଗହଣରେ ବରଗଡ଼ ମହିଳା ସମିତି ଆଜି ପଣା ସଂକ୍ରାନ୍ତି ପାଳନ କରିଥିଲା। ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟସ୍ଥ ଆଶ୍ରୟ ସ୍ଥଳୀ ଅନ୍ତେବାସୀମାନଙ୍କୁ ଶୀତଳ ପାନୀୟ ସହ ଫଳ, ବିସ୍କୁଟ, ମିଠା ଦେଇ ପଣା ସଂକ୍ରାନ୍ତିର ପାରମ୍ପରିକ ପରମ୍ପରା ସହ ସେମାନଙ୍କୁ ସାମିଲ କରିଥିଲେ। ଶରୀର, ମନ ଓ ସମାଜକୁ ସୁସ୍ଥ ଓ ସମୃଦ୍ଧ କରିବା ପାଇଁ ପଣା ସଂକ୍ରାନ୍ତି ପାଳନର ଉଦ୍ଦେଶ୍ୟ ସାଧିତ ହେଉ ଏବଂ ପରିବାର ଓ ସମାଜରୁ ଏଭଳି ବିଚ୍ଛିନ୍ନ ଜୀବନ କାହାରି ଭାଗ୍ୟରେ ଆଗକୁ ନ ଯୁଟୁ ବୋଲି ଅନ୍ତେବାସୀଙ୍କ ସହ ମିଶି ସମିତିର ସଭ୍ୟାଗଣ ପ୍ରାର୍ଥନା କରିଥିଲେ। ସମିତିର ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ କବିତା ଦେବତା, ମୀନା ପଣ୍ଡା, ଦିବ୍ୟକାନ୍ତି ଭୋଇ, ମିନାକ୍ଷୀ କର, ରିନୁ ପତି, ସୁମିତ୍ରା ଦାଶ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶିଶୁଶ୍ରୀର ବିଷୁବ କବିତା ଆସର

## ସାରସ୍ୱତ ସାଧନାର ବିକଳ୍ପ ନାହିଁ


ବିଷୁବ କବିତା ଆସର କାର୍ଯ୍ୟକ୍ରମରେ କବି, ଅତିଥିବୃନ୍ଦ।

**ବରଗଡ଼,୧୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ସ୍ଥାନୀୟ ନଦୀପଡ଼ା ଡାଙ୍ଗ କଲ୍ୟାଣ ମଣ୍ଡପରେ 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଷୁବ କବିତା ଆସରରେ ବରଗଡ଼ ବିଇଓ ଡ. ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାରସ୍ୱତ ସାଧନାର ବିକଳ୍ପ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ରଜକ ସେବା ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଷୁବ ମିଳନର ମହନୀୟତା ପ୍ରତିପାଦନ କରିଥିଲେ। ଏହି ଅବସରରେ ଶିଶୁଶ୍ରୀର ପ୍ରତିଷ୍ଠାତା ଡ. ରବିନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ଆସରରେ ପ୍ରଥମେ ଶିଶୁମାନଙ୍କ ମଧ୍ୟରୁ ଶାଳିନୀ ସା, ଡିଲେଶ୍ୱରୀ ମହାପାତ୍ର, ଆସ୍ଥା ଭିତିରିଆ, ଶିବାନୀ ମେହେର, ରୋଶ୍‌ନୀ ସା ପ୍ରମୁଖ କବିତା ପାଠ କରିଥିଲେ। ଉକ୍ତ ସାରସ୍ୱତ କବିତା ଆସରରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ କୁମାର ବନ୍‌ଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# ବରିକେଲରେ ହନୁମାନ ମନ୍ଦିର ପ୍ରତିଷ୍ଠା

**ପଦ୍ମପୁର,୧୪।୪(ପ୍ରଦୀପ୍ତ ଦାଶ):** ପଦ୍ମପୁରସ୍ଥିତ ବରିକେଲ ନୂଆ ବସ୍ତିଠାରେ ଶ୍ରୀ ପ୍ରମୋଦ କୁମାର ସାମନ୍ତରାୟ ଓ ଧର୍ମ ସ୍ତ୍ରୀ ଝରଣା ସାମନ୍ତରାୟ ବାପା ଧର୍ମୁ ସାମନ୍ତରାୟ ହନୁମାନ ମନ୍ଦିର ତିଆରି କରି ପ୍ରତିଷ୍ଠା କରି ସ୍ୱପ୍ନ ସାର୍ଥକ କରିଛନ୍ତି। ଏହି ଉପଲକ୍ଷେ ଗ୍ରାମବାସୀଙ୍କ ଦ୍ୱାରା କଳସ ଯାତ୍ରା ମହା ସମାରୋହ ଆୟୋଜିତ ହୋଇଥିଲା। ସୋମବାର ପ୍ରଭୁ ହନୁମାନଙ୍କୁ ଅଭିଷେକ କରି ମନ୍ଦିର ଭିତରକୁ ନିଆଯାଇ ପ୍ରତିଷ୍ଠା କରାଯାଇଥିଲା। ପୁରୋହିତମାନଙ୍କ ବେଦମନ୍ତ୍ର ଓ ଘଣ୍ଟ ଶଙ୍ଖରେ ପ୍ରକମ୍ପିତ ହୋଇ ଉଠିଥିଲା। ଦିନ ସାରା ରାଧା କୃଷ୍ଣ କୀର୍ତ୍ତନ ହୋଇଥିଲା। ଉତ୍ତରା କାଣ୍ଡ ପାରାୟଣରେ ମନ୍ଦିର ଜନ ଗହଳିରେ ପରିପୂର୍ଣ୍ଣ ହୋଇଥିଲା। ଦିନ ସାରା ରାତି ସାରା ଭଜନ କୀର୍ତ୍ତନରେ ଉଚ୍ଛୁଳି ଉଠିଥିଲା। ବାଦଲ ସାମନ୍ତରାୟ ଓ ମାମାଲୀ ସାମନ୍ତରାୟଙ୍କ ଅକ୍ଳାନ୍ତ ପରିଶ୍ରମରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ବାବା ପଶ୍ଚିମେଶ୍ୱରଙ୍କ ଚୈତ୍ର ଦଣ୍ଡଯାତ୍ରା ଉଦ୍‌ଯାପିତ

**ବଘିଆପଡ଼ା,୧୪।୪(ଶ୍ରୀକାନ୍ତ ସାହୁ)**



ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଡ଼ି (ଚାରିଶମ୍ଭୁ) ପୀଠରେ ଗତ ମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ଚୈତ୍ର ଦଣ୍ଡ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବାବା ସିଦ୍ଧେଶ୍ୱର, ଜାଗେଶ୍ୱର, ପଶ୍ଚିମ ସୋମନାଥ, କପିଳେଶ୍ୱର, ମା' ଭଦ୍ରକାଳୀ ଓ ଶ୍ୟାମାକାଳୀଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଦଣ୍ଡ ଉଠିଥିଲା। ୨୧ ଦିନ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଆଜି ଠାକୁର ମନ୍ଦିର ପ୍ରବେଶ କରିଛନ୍ତି। ରବିନା କ୍ଷେତିଙ୍କ ତତ୍ତ୍ୱାବଧାନରେ ଉଠିଥିବା ଏହି ଦଣ୍ଡରେ ମୁଖ୍ୟ ପାଟଭୋକ୍ତା ଭାବେ ପରିକ୍ଷିତ ସ୍ୱାଇଁ, ବୀଣାକାର ଭାବେ ଶିଶିର କଳତା, ମୁନା ବେହେରା, ସନ୍ତୋଷ ବେହେରା, ଜଳନ୍ଧର ପ୍ରଧାନଙ୍କ ସହ ତେର ଭୋକ୍ତା ଓ ଗୁହାରିଆମାନେ ସାମିଲ ହୋଇ ଠାକୁରଙ୍କୁ ନେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଚାରିଶମ୍ଭୁ ପୀଠରୁ ବାହାରିଥିବା ନୂଆ ଓ ପୁରୁଣା ଦଣ୍ଡପାର୍ଟି ଏବଂ ଚତୁର୍ଭୁଜ ଖମାରୀଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ସୋମନାଥ ମନ୍ଦିରରୁ ବାହାରିଥିବା ଦଣ୍ଡ ପାର୍ଟି ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ସୁଶୀଳ ପାଣିଗ୍ରାହୀ, ସୁବାସ ଖମାରୀ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ମଙ୍ଗଳବାର ପଣାସଂକ୍ରାନ୍ତି ଦିନ ମେରୁ ଯାତ୍ରା କରି ଏହାର ଉଦ୍‌ଯାପନ କରାଯାଇଛି। ସକାଳେ ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଜହ୍ନାପଙ୍କ, ନାରାୟଣନଗର, ଲକ୍ଷ୍ମୀପ୍ରସାଦ, ଚାରିଶମ୍ଭୁ ଆଦି ସ୍ଥାନରେ ଲୋକେ ବନ୍ଦାପନା କରିଥିଲେ। ଏହା ପରେ ମନ୍ଦିରରେ ପାଣିଦଣ୍ଡ, ଧୂଳିଦଣ୍ଡ,କାମନା ଦଣ୍ଡ, ଅଗ୍ନି ଦଣ୍ଡ କରାଯାଇ ଯାତ୍ରା ଉଦ୍‌ଯାପିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ବୌଦ୍ଧ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଚଣ୍ଡିଗଡ଼, ବଘିଆପଡା, ଖଲିଆପାଲି, ଚଣ୍ଡିତଲ, ଦାମୋଦରପୁର, କମିରା, ଜାମ୍ବୁ ପାଲି, କୃଷ୍ଣପାଲି, ଗୋଛାପଡ଼ା, ଗମ୍ଭାରୀପଦର, ପଦ୍ମନପୁର ଗ୍ରାମସ୍ଥିତ ଶୈବପୀଠଗୁଡ଼ିକରେ ଉଠିଥିବା ଦଣ୍ଡ ଯାତ୍ରା ବି ଉଦ୍‌ଯାପିତ ହୋଇଛି।

# ଅନ୍ତର୍ଜାତୀୟ ପର୍ବତାରୋହୀ ସମୀରାଙ୍କୁ ସମ୍ବର୍ଦ୍ଧନା


ଅନ୍ତର୍ଜାତୀୟ ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବରଗଡ଼,୧୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ମଙ୍ଗଳବାର ପର୍ବତାରୋହୀ ସମୀରା ଖାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସ୍କୁଲରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମିକ କୋଅର୍ଡିନେଟର ସୀମା ସାହୁଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀବୃନ୍ଦ ଉପସ୍ଥିତ ଥିଲେ। ପର୍ବତାରୋହୀ ଖାନ ସ୍କୁଲର ଛାତ୍ରୀମାନଙ୍କୁ କହିଥିଲେ, ନାରୀ ହେଉଛନ୍ତି ଭଗବାନଙ୍କର ସର୍ବୋତ୍ତମ ସୃଷ୍ଟି। ନାରୀ ବିହୀନ ସମାଜ କେବେ ବି ତିଷ୍ଠି ପାରିବ ନାହିଁ। ମାତ୍ର ପ୍ରାୟତଃ ସମାଜରେ ଝିଅମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ପାଇଁ ଦିଆଯାଉ ନାହିଁ। କମ ବୟସରୁ ବିବାହ ଦ୍ୱାରା ତାଙ୍କର ସ୍ୱପ୍ନ ପୂରଣ ପାଇଁ ସୁଯୋଗ ସୃଷ୍ଟି ହେଉ ନାହିଁ। ଏହି ସବୁ ଭାବନାଠାରୁ ଦୂରରେ ରହି ଝିଅମାନଙ୍କୁ ପାଠ ପଢ଼ିବା, ନିଜର ନିଷ୍ପତ୍ତି ନିଜେ ନେବାର କ୍ଷମତା ରଖିବା ତଥା ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରି ନିଜର ସମସ୍ତ ସ୍ୱପ୍ନକୁ ସାକାର କରିବା ପାଇଁ ସେ ପ୍ରେରଣା ଦେଇଥିଲେ।

# ସିମେଣ୍ଟ ନଗର କ୍ଲବ୍ ଓ କନବାର ଫୁଟ୍‌ବଲ କ୍ଲବ ବିଜୟୀ

**ବରଗଡ଼,୧୪।୪(ପ୍ରେମାନନ୍ଦ ଖମାରୀ)**

## ସିଏମ୍ ଟ୍ରଫି ଜୁନିୟର ଫୁଟ୍‌ବଲ

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତାର ପଞ୍ଚମ ଦିବସ ମଙ୍ଗଳବାର ସିମେଣ୍ଟ ନଗର କ୍ଲବ୍ ଓ କନବାର ଫୁଟ୍‌ବଲ କ୍ଲବ୍ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ସିମେଣ୍ଟ ନଗର କ୍ଲବ୍ ଓ ଲେଣ୍ଡା ଫୁଟ୍‌ବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସିମେଣ୍ଟ ନଗର କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଖେଳକୁ ଉମାକାନ୍ତ ସାହୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ରାଜେନ୍ଦ୍ର ଭୁଏ ଓ ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଝସକେତନ ପ୍ରଧାନ ଚତୁର୍ଥ ରେଫରି ଥିଲେ। କନବାର ଫୁଟବଲ କ୍ଲବ୍ ଓ କଦଳୀପାଲି ଫୁଟ୍‌ବଲ କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କନବାର ଫୁଟବଲ କ୍ଲବ ୨-୦ ଗୋଲରେ ବିଜୟୀ ହୋଇଥିଲା। ପିଙ୍କି ହଂସ ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ପ୍ରଶାନ୍ତ ବେହେରା ଓ ଅଜୟ ପ୍ରଧାନ ସହଯୋଗ କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରି ଥିଲେ। ସୁରେଶ ଦାଶ୍ ମ୍ୟାଚ କମିଶନର ଅଛନ୍ତି।

# ବରପାଲିରେ ଡ. ଆମ୍ବେଡକରଙ୍କ ଜୟନ୍ତୀ




**ବରପାଲି,୧୪।୪(ଚିତ୍ତରଞ୍ଜନ ସାହୁ)**

ବରପାଲିରେ ଲକ୍ଷେଘରିଆ ଦଳିତ ଉନ୍ନୟନ ସଂଘ ପକ୍ଷରୁ ଡ. ବି ଆର୍ ଆମ୍ବେଡକରଙ୍କ ୧୩୫ ତମ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ବରପାଲି କେନାଲ ରୋଡ ଆମ୍ବେଡକର ଭବନଠାରେ ସଭାପତି ବୀରେନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଫଣିନ୍ଦ୍ର ତାଣ୍ଡି, ସମ୍ମାନିତ ଅତିଥି ଭାବରେ ଗୀତାଞ୍ଜଳି ଭୋଇ, ଜଗଦୀଶ ଲୁହା ମୁଖ୍ୟବକ୍ତା ଭାବେ ଦିନେଶ ନାଗ ଯୋଗ ଦେଇଥିଲେ। ସଭାକୁ ବାଲ କିଶୋର ଛତର ପ୍ରାରମ୍ଭିକ ସୂଚନା ସଂଯୋଜନ ପ୍ରଦାନ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ସୁନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ଆମ୍ବେଡକର ଓ ଗୌତମ ବୁଦ୍ଧଙ୍କ ଫଟୋ ଚିତ୍ର ସହ ବରପାଲି ସହରରେ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରି ତହସିଲ ଛକରେ ଥିବା ଆମ୍ବେଡକର ଷ୍ଟାଚୁରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ

**ବରଗଡ଼,୧୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିର ପରିସରରେ ମଙ୍ଗଳବାର ହନୁମାନ ଜୟନ୍ତୀ ପାଳିତ ହୋଇ ଯାଇଛି। ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ହୋଇଥିଲା। ଭକ୍ତମାନେ ପ୍ରଥମେ ଶ୍ରୀହନୁମାନଙ୍କୁ ପୂଜା ଅର୍ପଣ କରିଥିଲେ। ପଣ୍ଡିତ ନରସିଂହ ଶତପଥୀ, ପଣ୍ଡିତ ହରିରାମ ପଣ୍ଡା, ପଣ୍ଡିତ ସତ୍ୟାନନ୍ଦ ଶତପଥୀ, ପଣ୍ଡିତ ଅନନ୍ତ ଶତପଥୀ, ପଣ୍ଡିତ ଆନନ୍ଦ ଷଡ଼ଙ୍ଗୀ ଓ ପଣ୍ଡିତ ସୁମନ୍ତ ଷଡ଼ଙ୍ଗୀ ମନ୍ତ୍ରୋଚ୍ଚାରଣ ସହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କାନ୍ତା ପ୍ରସାଦ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଭକ୍ତମାନଙ୍କ ମଧ୍ୟରେ ପଣା ଓ ପ୍ରସାଦ ବଣ୍ଟନ କରାଯାଇଥିଲା।

**ପାଇକମାଲ,(ବଢ଼ ଶତପଥୀ):** ପାଇକମାଲ ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ମାଣ୍ଡୋସିଲ ବସଷ୍ଟାଣ୍ଡ ନିକଟରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବରେ ତ୍ରିଲୋଚନ ସାହୁ ଓ ତାଙ୍କ ସ୍ତ୍ରୀ ପତ୍ନୀ ସବିତା ସାହୁ ପୂଜାରେ ବସିଥିବା ବେଳେ ପଣ୍ଡିତ ଘନଶ୍ୟାମ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ପୂଜା ରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ ଓ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏଥିରେ ମହେନ୍ଦ୍ର ଖୁଣ୍ଟିଆ, ଅନିଲ ଦାଶ,ଗଜରାଜ ତନସନା,ପପି ସାହୁଙ୍କ ସହ ବଣିକ ସଂଘ ସଦସ୍ୟ ଓ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

**ଅତାବିରା,(ଯୁଧିଷ୍ଠିର ମହାପାତ୍ର):** ଅତାବିରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସଙ୍କଟ ମୋଚନ ବୀର ହନୁମାନଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତାବିରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ସ୍ଥାନୀୟ ମୁଖ୍ୟ ବିରାଟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ପୂଜାପାଠରେ ଯୋଗ ଦେଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଧର୍ମ ପ୍ରସାର କେନ୍ଦ୍ର ସହ ମନ୍ତ୍ରୀ ଅଚ୍ୟୁତାନନ୍ଦ କର, ଅତାବିରା ପ୍ରଖଣ୍ଡ ସଭାପତି ମନୀଷ ଶର୍ମା, ଅଶ୍ୱିନୀ ମେହେର, ପରମେଶ୍ୱର ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚର ସଭାନେତ୍ରୀ ଦର୍ଶନା ଅଗ୍ରୱାଲ ବୀର ହନୁମାନଙ୍କ ପ୍ରତିଛବିରେ ପ୍ରଥମେ ପୂଜାପାଠ କରିଥିଲେ। ଶୋଭାଯାତ୍ରାରେ ଅନ୍ତର୍ଦ୍ଧାର ଜୟ ମାଁ ଶିବାନୀ ଘଣ୍ଟାବାଦ୍ୟ, ବଲାଙ୍ଗୀର ସାଲେଭଟାର ଭବାନୀ କିଙ୍ଗ ଅଫ ଦୁଲଦୁଲି, ବିଭିନ୍ନ କଳାକୁଞ୍ଜ, ସାମିଲ ହୋଇଥିବା ବେଳେ ବଜରଙ୍ଗ, ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ବିଭିନ୍ନ ଅସ୍ତ୍ର ଶସ୍ତ୍ର ପ୍ରଦର୍ଶନ କରିଥିଲେ।

**ଗାଇସିଲେଟ,(ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ସ୍ଥାନୀୟ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଭକ୍ତମାନେ ବିପୁଳ ସଂଖ୍ୟାରେ ଯୋଗଦେଇ ପୂଜା ଓ ଭଜନ-କୀର୍ତ୍ତନରେ ଅଂଶଗ୍ରହଣ କରିଥିଲେ। ଉତ୍ସବର କର୍ତ୍ତା ଭାବେ ନରେଶ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ସ୍ୱାଗତିକା ପଣ୍ଡା ଦାୟିତ୍ୱ ନିଭାଇଥିଲେ। ବ୍ୟାସ ନାରାୟଣ ଓଝା ଉପସ୍ଥିତ ଥିବା ସହିତ ପୂଜା କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ କରାଯାଇଥିଲା। ପୂଜକ ଭାବେ ଗୋପାଳ ଦାଶ ଓ ବସୁଦେବ ପୁରୋହିତ ବିଧିବତ ମନ୍ତ୍ରୋଚ୍ଚାରଣ କରି ପୂଜା ପାଠ କରିଥିଲେ। ସେହିପରି ଭେଲୁଆପଦର ଗ୍ରାମରେ ମଧ୍ୟ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳନ ହୋଇଥିଲା। ପୂଜକ ଏବଂ କର୍ତ୍ତା ଭାବେ ପଞ୍ଚା ସାହୁ ପୂଜାପାଠ ସମ୍ପନ୍ନ କରିଥିଲେ।



ଅତାବିରା ହନୁମାନ ଜୟନ୍ତୀ ଅବସରରେ ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ପାଇକମାଲରେ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

# ଆମ୍ବେଡକରଙ୍କ ଜୟନ୍ତୀ ପାଳନ କଲା ଏସ୍‌ସିଏସ୍‌ଟି ମିଳିତ ମଞ୍ଚ



ଶୋଭାଯାତ୍ରାରେ ସଦସ୍ୟ ବୃନ୍ଦ।

**ପଦ୍ମପୁର,୧୪।୪(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହରରେ ଭାରତରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପଦ୍ମପୁର ସହରର ରାଜାଜୀ ଟାଉନ ହଲଠାରୁ ଆମ୍ବେଡକର ଛକ ସ୍ଥିତ ଡ.ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ପାଖକୁ ରାଲି ପହଞ୍ଚିଥିଲା। ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଏସ୍‌ସିଏସ୍‌ଟି ମିଳିତ ମଞ୍ଚ ପଦ୍ମପୁର ଉପଖଣ୍ଡ ସଭାପତି ଭୋଜରାଜ ବାଗ, କ୍ଷେତରାଜ ବାଗ, ଜୟନ୍ତୀ ମେହେର, ମଧୁସ୍ମିତା ଛୁରା ଉପେନ୍ଦ୍ର ଦୀପ, ଉମେଶ ସୁନା, ଝାରବନ୍ଧ ବ୍ଲକ ସତନାମୀ ସମାଜ ସଭାପତି ରାମ ପ୍ରସାଦ ଅଗ୍ରେ ସମସ୍ତେ ମିଶି ପୁଷ୍ପମାଲ୍ୟାର୍ପଣ କରିଥିଲେ। ଉକ୍ତ ଶୋଭାଯାତ୍ରା ପଦ୍ମପୁର ଉପଖଣ୍ଡର ପଦ୍ମପୁର, ପାଇକମାଳ, ଝାରବନ୍ଧ, ଗାଇସିଲେଟ ଆଦି ବ୍ଲକ ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ, ଛାତ୍ରୀଛାତ୍ରୀଙ୍କ ସମାଗମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସମାନତା, ସ୍ୱତନ୍ତ୍ରତା, ଭାଇଚାରା ରଖି ସମସ୍ତେ ମିଶି କାମ କରିବା ପାଇଁ ସଭାରେ ଚର୍ଚ୍ଚା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଗୋପବନ୍ଧୁ ଶିକା ପରିଚାଳନା କରିଥିଲେ।

# ନିଶାମୁକ୍ତ ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆହ୍ୱାନ

## ନାରୀ ଚେତନା ସଂଘ ବୈଠକ, କମିଟି ଗଠନ

ବଡ଼ଗାଁ,୧୪।୪(ଅଶୋକ ଷଡଙ୍ଗୀ)



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଓ ସଭ୍ୟା।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବେହେରାମାଲ ଗ୍ରାମରେ ନାରୀ ଚେତନା ସଂଘ ପକ୍ଷରୁ ମଦ ବିରୋଧୀ ଅଭିଯାନ ଓ ନିଶା ନିବାରଣ ଅଭିଯାନର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନାରୀ ଚେତନା ସଂଘର ସଭ୍ୟା ଜୁଲି ରଉଡିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗାନ୍ଧିବାଦୀ ଯୁବକ ସଂଘ ଜରଙ୍ଗଲୋଇର ସାଧାରଣ ସମ୍ପାଦକ ତଥା ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲା ଉପଦେଷ୍ଟା ଧନଞ୍ଜୟ ନାଏକ ଯୋଗଦେଇଥିଲେ। ସେ ମଦ ଓ ନିଶା ସେବନକୁ ପରିଣାମ ଉପରେ ବୁଝାଇ ନିଶାମୁକ୍ତ ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ନାରୀ ଚେତନା ସଂଘ ବେହେରାମାଲ ଓ ଗାନ୍ଧିବାଦୀ ଯୁବକ ସଂଘ ଜରଙ୍ଗଲୋଇ ଏବଂ ଓଡ଼ିଶା ନିଶା ନିବାରଣ ଅଭିଯାନ ( ମୋନା) ର ମିଳିତ ଆନୁକୂଲ୍ୟରେ ୨୦୧୧ ମସିହାରୁ ମଦ ବିରୋଧୀ ଅଭିଯାନ ଚାଲୁ ରହିଛି। ବିଭିନ୍ନ କାରଣରୁ ବେହେରାମାଲ ନାରୀ ଚେତନା ସଂଘ ଏକ ପ୍ରକାର ନିଷ୍କ୍ରିୟ ହୋଇ ରହିଥିଲା। ତାହାକୁ ସକ୍ରିୟ କରିବା ପାଇଁ ନାରୀ ଚେତନା ସଂଘ ବେହେରାମାଲର ନୂତନ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସର୍ବ ସମ୍ମତିକ୍ରମେ ବୈଠକରେ ପୂର୍ବ କମିଟିର ପୁନର୍ଗଠନ କରାଯାଇଥିଲା। ସଭାନେତ୍ରୀ ଭାବେ ଜୁଲି ରଉଡିଆ, ଉପ ସଭାନେତ୍ରୀ ଲୀଳାବତୀ ସାହୁ, ସମ୍ପାଦିକା ମିତା ଦଣ୍ଡସନା, ସହ ସମ୍ପାଦିକା ଦୃବାସିନି ଦଣ୍ଡସନା, କୋଷାଧ୍ୟକ୍ଷ ବସନ୍ତି ଦଣ୍ଡସନା ଓ ଶ୍ରୀକର ଲରିଆ, କୌଶିକ ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା ବେଳେ ରେବତୀ ବନଛୁର, କୁମାରୀ ପ୍ରଧାନ, ପଦ୍ମା ଦଣ୍ଡସନା, ସୁରତୁଲା ନାଏକ, ତୁଳସୀ ରଉଡିଆ, ଫୁଲମତୀ ଦଣ୍ଡସନା, ହରିପ୍ରିୟା ମାଝୀ, ଉଷା ରଉଡିଆ, କଲ୍ୟାଣୀ ଦଣ୍ଡସନା, ଗୀତାଞ୍ଜଳି ରଉଡିଆ, ସୁମତୀ ମିଞ୍ଜ, ରେଶ୍ମା ଡାଙ୍ଗୱେରଙ୍କ ସହିତ ଆଉ କେତେଜଣ ମହିଳାଙ୍କୁ ସଭ୍ୟାଭାବେ ଚୟନ କରାଯାଇଛି। ଆସନ୍ତା ୨୮ ତାରିଖ ମଧ୍ୟରେ ବେହେରାମାଲ ଗ୍ରାମରେ ଦେଶୀ, ବିଦେଶୀ ମଦ ବନ୍ଦ କରିବାକୁ ନାରୀ ଚେତନା ସଂଘ ନୋଟିସ ଲଗାଇ ଚେତାବନୀ ଦେଇଛି। ଦିଆଯାଇଥିବା ସମୟ ମଧ୍ୟରେ କେହି ମଦ ବିକ୍ରି କଲେ, ମଦ ତିଆରି କଲେ କିମ୍ବା ମଦ ପିଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ ଜରିମାନା କରାଯିବ ଓ ଆବଶ୍ୟକ ସ୍ଥଳେ ଥାନା ଓ ଜିଲା ପ୍ରଶାସନଠାରେ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଦନ୍ତା ମୃତ



ହରପାଲି ଜଙ୍ଗଲରେ ଥିବା ପୋଖରୀରେ ହାତୀର ମୃତଦେହ ଭାସୁଛି।

କୁଆଁରମୁଣ୍ଡା,୧୪।୪
(ମହେନ୍ଦ୍ର କୁମାର ସାହୁ)

ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ ଅଞ୍ଚଳର ହରପାଲି ଜଙ୍ଗଲରେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ହାତୀର ବୟସ ପ୍ରାୟ ୩୦ ବର୍ଷ ହୋଇଥିଲା ବୋଲି ରେଞ୍ଜର ପଞ୍ଚନାରାୟଣ ସରାଫ ସୂଚନା ଦେଇଛନ୍ତି। ମୃତଦେହକୁ ଜଙ୍ଗଲରେ ପୋତି ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ସରଣ୍ଡା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଗୁରୁତର ଆହତ ଦନ୍ତା ହାତୀଟି ରାଉରକେଲା ବନ ବିଭାଗରେ କାର୍ଯ୍ୟରତ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲା। ଏନେଇ ଚଳିତ ମାସ ୬ ତାରିଖରେ ଧରିତ୍ରୀ ଖବରକାଗଜରେ ''ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଆହତ ଦନ୍ତାର ଚିକିତ୍ସା'' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଉକ୍ତ ହାତୀଟି ସୋମବାର ହରପାଲି ଜଙ୍ଗଲରେ ଥିବା ଏକ ପୋଖରୀରେ ପଡ଼ି ଉଠି ପାରି ନ ଥିବା ବେଳେ ଜେସିବି ସାହାଯ୍ୟରେ ବନ ବିଭାଗ ଉଦ୍ଧାର କରିଥିଲା। ଏହା ପରେ ସମସ୍ତ ପ୍ରକାର ଚିକିତ୍ସା କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ ହୋଇଯାଇଛି। ଏହି ସମୟରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ସମେତ ବନବିଭାଗ କର୍ମଚାରୀ ଓ ଚିକିତ୍ସକ ଗୋଷ୍ଠୀ ଉପସ୍ଥିତ ଥିଲେ।

# ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର ଲୋକେ

ବଡ଼ଗାଁ,୧୪।୪(ଅଶୋକ ଷଡଙ୍ଗୀ)

## କେନ୍ଦୁପତ୍ର କାର୍ଯ୍ୟାଳୟରେ ଶୋକସଭା

କାର୍ଯ୍ୟରତ ଥିବାବେଳେ ଜିଲା ତଥା ରାଜ୍ୟର କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ନ୍ୟାୟୋଚିତ ଦାବି ଓ ସେମାନଙ୍କ ସୁଖ ସୁବିଧା ପାଇଁ ସର୍ବଦା ସଂଗ୍ରାମ କରିଆସୁଥିବା ସୁନ୍ଦରଗଡ଼ ଜିଲା ବଡ଼ଗାଁ କେନ୍ଦୁପତ୍ର କାର୍ଯ୍ୟାଳୟର ମୁଖ୍ୟ ଚେକର୍ ତଥା କେନ୍ଦୁପତ୍ର ରାଜ୍ୟ ସଂଘର କୋଷାଧ୍ୟକ୍ଷ କ୍ଷେତ୍ରଚନ୍ଦ୍ର ବାରିକଙ୍କ ମୃତ୍ୟୁ ପରେ ମଧ୍ୟ ସେବା ଦେଇଯାଇଛନ୍ତି। କେନ୍ଦୁପତ୍ର ରାଜ୍ୟ ସଂଘ କର୍ମକର୍ତ୍ତା କ୍ଷେତ୍ରଚନ୍ଦ୍ର ଶନିବାର ଅପରାହ୍ଣରେ ବଡ଼ଗାଁରୁ ଘରକୁ ଫେରୁଥିବାବେଳେ ସବଡେଗା ନିକଟରେ ବାଇକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କ ଇଚ୍ଛା ଅନୁସାରେ ଚକ୍ଷୁଦାନ କରାଯାଇଛି। ଭୁବନେଶ୍ୱର ପଟିଆସ୍ଥିତ ଏଲବି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ଚକ୍ଷୁ ଦିଆଯାଇଛି। ସୁନ୍ଦରଗଡ଼ ସରକାରୀ ଚିକିତ୍ସାଳୟରେ କ୍ଷେତ୍ରଚନ୍ଦ୍ରଙ୍କ ଚକ୍ଷୁ ସଂଗ୍ରହ କରାଯାଇଥିବା ବଡ଼ଗାଁ କେନ୍ଦୁପତ୍ର ରେଞ୍ଜର ଅମିତ କୁମାର ମହାନ୍ତିଙ୍କଠାରୁ ସୂଚନା ମିଳିଛି। ତାଙ୍କ ମୃତ୍ୟୁକୁ ନେଇ କେନ୍ଦୁପତ୍ର ସଂଘ ସଦସ୍ୟ ଓ କର୍ମଚାରୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ସୋମବାର ପୂର୍ବାହ୍ଣରେ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ରେଞ୍ଜର ଅମିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲୁଙ୍ଗା ରେଞ୍ଜର ନବୀନ କୁମାର ପ୍ରଧାନ, ରାଜଗାଙ୍ଗପୁର ରେଞ୍ଜର ଜୟନ୍ତ କୁମାର ନାଏକ, ଫରେଷ୍ଟର ସୌଭାଗ୍ୟ ସାମଲ, ମୋନିକା ପାତ୍ର, ନିବେଦିତା ବିଶାଳ, ସର୍କଲ ଚେକର୍ ନିରାକର ଖିଲାରୀ, ଶଶୀ ମାଝୀ, ଗୋବିନ୍ଦ ମାଝୀଙ୍କ ସହିତ କେନ୍ଦୁପତ୍ର ତୋଳାଳିମାନେ ଯୋଗଦେଇଥିଲେ।



ଶୋକସଭା ରେ ଉପସ୍ଥିତ କର୍ମଚାରୀ ଓ ତୋଳାଳୀ।

# ଘୋଷରାରେ ହନୁମାନ ଜୟନ୍ତୀ



ହନୁମାନ ଜୟନ୍ତୀ ଅବସରରେ ରାମଲୀଳାପ୍ରଦର୍ଶିତ ହେଉଛି।

ବଣାଇଁ,୧୪।୪(ପ୍ରଦୀପ ତ୍ରିପାଠୀ)

ବଣାଇଁ ଉପଖଣ୍ଡର ଘୋଷରା ଗ୍ରାମରେ ୧ଶହ ୭୪ ବର୍ଷ ପୁରୁଣା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି । ସବୁଆଡ଼େ ହନୁମାନ ଜୟନ୍ତୀ ପାଳିତ ହେଉଥିଲେ ହେଁ ବଣାଇଁ ଉପଖଣ୍ଡର ଘୋଷରା ଗ୍ରାମର ଜୟନ୍ତୀ ପାଳନ ଦେଖିଲେ ଏହା ଏକ ନିଆରା ଉତ୍ସବରୁ କମ ନ ଥିବା ଦେଖାଯାଇଛି । ଆଜିର ଦିନରେ ଗ୍ରାମର ଯେ କୌଣସି ବ୍ୟକ୍ତି ଯେତେ ଦୂରରେ ଥିଲେ ବି ଉପସ୍ଥିତ ରହିବାକୁ ବାଧ ବୋଲି ଗାଁ କମିଟିର ନିଷ୍ପତ୍ତି ରହିଛି । କେବଳ ସେତିକି ନୁହେଁ ଗାଁର ଝିଅ ଅନ୍ୟ ସ୍ଥାନକୁ ବୋହୂ ହୋଇଯାଇଥିଲେ ମଧ୍ୟ ଆଜିର ଦିନରେ ଗାଁକୁ ଆସିଥାନ୍ତି । ଆଜିକୁ ୧ ଶହ ୭୪ ବର୍ଷ ପୂର୍ବେ ସମ୍ପୃକ୍ତ ଗ୍ରାମରେ ଏହି ହନୁମାନ ମନ୍ଦିର ତତ୍କାଳୀନ ବଣାଇଁ ରାଜା ଶିବ ନାରାୟଣ ଚନ୍ଦ୍ର ଦେଓ ସ୍ଥାପନା କରିଥିଲେ। ସକାଳୁ ପ୍ରାତଃ ବନ୍ଦନାରୁ ରାମନାମ ଗାନ ଓ ଅପରାହ୍ଣରେ ପାଲିଙ୍କି ଯାତ୍ରା ସହିତ ସନ୍ଧ୍ୟାରେ ରାମଲୀଳାରେ ସାମିଲ ସହସ୍ରାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିବା ଏକ ପରମ୍ପରା ଭାବେ ପରିଚିତ ହୋଇ ଆସିଛି । ଗ୍ରାମର ଆବାଳ ବୃଦ୍ଧ ବନିତା ଓ ଆଖପାଖ ପ୍ରାୟ ୧୫ଟି ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇପଡିଥିଲା। ଦେଓଗାଁ ବାବା ବାଣେଶର ଶୈବ ପୀଠ ଓ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ତା' ସହିତ ସହରର ବିଭିନ୍ନ ସ୍ଥାନ ଯଥା ବ୍ଲକ ଛକରେ ବିଜୁ ଜନତା ଦଳ ପକ୍ଷରୁ, ପୋଷ୍ଟ ଅଫିସ ଛକରେ ଯୁବ ସଙ୍ଗଠନ ପକ୍ଷରୁ, ଦାସ ଜେରକ୍ସ ପକ୍ଷରୁ, ବିଶ୍ୱ ଶାନ୍ତି ମହା ଯଜ୍ଞ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କରାଯାଇଛି ।

# ପବ୍ଲିକ ସ୍କୁଲରେ ଆମ୍ବେଡକର ଜୟନ୍ତୀ

ସୁନ୍ଦରଗଡ,୧୪।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ମଙ୍ଗଳବାର ସମ୍ବିଧାନ ପ୍ରଣେତା, ଭାରତରତ୍ନ ଡା. ଭୀମରାଓ ଆମ୍ବେଡକରଙ୍କ ୧୩୬ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ଷଡ଼ଙ୍ଗୀ ଡା.ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ଭୀମରାଓଙ୍କ ଜୀବନୀ ପରିବେଷିତ ହୋଇଥିଲା। ଛାତ୍ରୀଛାତ୍ରମାନେ ମଧ୍ୟ ଭୀମରାଓଙ୍କ ଜୀବନୀ ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ। ଆମ୍ବେଡକର ଜୟନ୍ତୀ ଅବସରରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅଧ୍ୟକ୍ଷା ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ମାୟୀକେଲା ଖାଲ୍କୋ, ଦେବାଶିଷ ଦାସ, ଗୋପାଳ ପୁରୋହିତ, ପ୍ରିୟଙ୍କା ଜେନା, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

କୁତ୍ରା,୧୪।୪(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କଟଙ୍ଗଝରିଆ ଗ୍ରାମରେ ମଙ୍ଗଳବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ଯୁବତୀ ହେଲେ ଭଗବତି ସିଂ(୧୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରାରମ୍ଭିକ ତଦନ୍ତରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ସୋମବାର ରାତିରେ ସେ ଖାଇପିଇ ଶୋଇଥିଲେ। ମଙ୍ଗଳବାର ସକାଳେ ଦୀର୍ଘ ସମୟ ଯାଏ ନ ଉଠିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ କବାଟ ଭାଙ୍ଗି ଘରଭିତରକୁ ପ୍ରବେଶ କରିବାରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ତୁରନ୍ତ ତାଙ୍କୁ ତଳକୁ ଓହ୍ଲାଇଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପରେ ଘଟଣା ସମ୍ପର୍କରେ କୁତ୍ରା ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମହାବୀର ସେବାଟ୍ରଷ୍ଟ ପକ୍ଷରୁ ହନୁମାନ ଜୟନ୍ତୀ, ପଣାସଂକ୍ରାନ୍ତି

ସୁନ୍ଦରଗଡ଼,୧୪।୪
(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଆ ନବବର୍ଷ, ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉତ୍ସବ ଅଟଳ ଛକସ୍ଥିତ ମହାବୀର ସେବାଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସକାଳ ୯ଟାରେ ମନ୍ଦିରର ପୂଜକ ଦୀନବନ୍ଧୁ ଦାସ ହନୁମାନଙ୍କ ପୂଜା ଆରମ୍ଭ କରିଥିଲେ। କର୍ତ୍ତା ଭାବେ ଜିତେନ୍ଦ୍ର ରଣା ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ଣରେ ଭକ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଅନ୍ନଭୋଗ ବଣ୍ଟନ କରାଯାଇଥିଲା।

# ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ସୁନ୍ଦରଗଡ଼ରେ ଜିଲାପାଳ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।



ଟେନ୍‌ସାରେ ଆମ୍ବେଡ୍‌କର ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥିମାନେ।



ଲହୁଣୀପଡ଼ାରେ ଆମ୍ବେଡ୍‌କର ଜୟନ୍ତୀ ଅବସରରେ ଭାଜପା କର୍ମକର୍ତ୍ତା।

ସୁନ୍ଦରଗଡ଼,୧୪।୪
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ସମ୍ବିଧାନ ପ୍ରଣେତା ଡ. ବି ଆର ଆମ୍ବେଡକରଙ୍କ ଜୟନ୍ତୀ ସ୍ଥାନୀୟ ସଦଭାବନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଡା. ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଦେଇ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅମାତ ଆମ୍ବେଡକରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଡା. ମହାପାତ୍ର ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରାଯିବା ନେଇ ସେ ଯେଉଁ ସଂଘର୍ଷ କରିଥିଲେ ତାହା ଅତୁଳନୀୟ, ସେହି ଅଧିକାର ବଳରେ ଆଜି ପ୍ରତ୍ୟେକ କ୍ଷେତ୍ରରେ ଆମକୁ ସମାନ ସୁବିଧା ସୁଯୋଗ ଉପଲବ୍ଧ ହେଉଛି। ସେହି ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ସବୁ ଘାତ ପ୍ରତିଘାତକୁ ଏଡ଼ାଇ ଦେଇ ନିଜର ଲକ୍ଷ୍ୟ ହାସଲ ଦିଗରେ ସର୍ବଦା ପ୍ରଚେଷ୍ଟା କରିବାକୁ ଛାତ୍ରୀଛାତ୍ର ମାନଙ୍କୁ ଉତ୍ସାହିତ କରିଥିଲେ। ପରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିବିଧ ବିଶ୍ୱ, ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଛାତ୍ରୀଛାତ୍ର ମାନେ ଯୋଗ ଦେଇଥିଲେ।

**ବନ୍ଧମୁଣ୍ଡା (ସୁବ୍ରତ ଦେ):** ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ଆମ୍ବେଡକର ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟମାନେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମଞ୍ଚର ସଦସ୍ୟମାନେ ଡା. ଆମ୍ବେଡକରଙ୍କ ଚିନ୍ତାଧାରାକୁ ଗ୍ରହଣ କରିବା ପାଇଁ ସଙ୍କଳ୍ପ ନେଇଥିଲେ। ସାମାଜିକ ନ୍ୟାୟ, ସମାନତା ଓ ଶିକ୍ଷା ପ୍ରତି ତାଙ୍କର ଅପାର ଅବଦାନକୁ ସ୍ମରଣ କରି ଯୁବ ପିଢ଼ିକୁ ତାଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସଙ୍ଗଠନର ଜୋନ ଭେଙ୍ଗରା, କମଲ ଜାଟେ, ମଙ୍ଗଳ ବାନ୍ଦ୍ରା, ମନୋଜ ପାତ୍ର, ଅର୍ଜୁନ ମୁଖୀ, ବିଜୟ ସିଂହଦେଓ, ସନ୍ୟାସୀ ବେହେରା, କାଳିଆ ଓରାମ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବନ୍ଧମୁଣ୍ଡାର ବି-ସେକ୍ଟରସ୍ଥିତ ଆମ୍ବେଡକର ମଞ୍ଚରେ ଅଲ

## ସୁନ୍ଦରଗଡ଼ରେ ଆମ୍ବେଡ୍‌କରଙ୍କ ଜୟନ୍ତୀ

ଇଣ୍ଡିଆ ଏସ୍‌ଟି/ଏସ୍‌ସି ରେଲୱେ କର୍ମଚାରୀ ସଙ୍ଗଠନର ବନ୍ଧମୁଣ୍ଡା ଶାଖା ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସଂଗଠନର ସଦସ୍ୟମାନେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଙ୍ଗଠନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଭାଗୀଙ୍କୁ ସଙ୍ଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଙ୍ଗଠନର ମନୋଜ କୁମାର କହ୍ନାଇ, ଧୂମା ସରଦାର, ବିକ୍ରମ ବୋଦ୍ରା, ବି. କେଶନ ମୁଖୀ, ସରୋଜ ବନ୍ଦକୀ, ବିପିନ ନିରଙ୍କାରୀ, ରାଜେଶ ପାଳ, ଅଶୋକ ରାମ, ସୁକଲାଲ କାଣ୍ଡେୟାଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ହେମଗିର,(ଚୈତନ୍ୟ ପଟେଲ):** ହେମଗିର ବ୍ଲକ ଅନ୍ତର୍ଗତ ଏମ୍‌ସିଏଲ୍ ବସୁନ୍ଧରାଠାରେ ଆମ୍ବେଡକର କ୍ଲବ ତରଫରୁ ଡ. ବିଆର ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବସୁନ୍ଧରାଠାରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ, ସମ୍ମାନିତ ଅତିଥି ଏମ୍‌ସିଏଲ୍ ଜିଏମ୍ ପି.ବି. ରେଡ୍ଡୀ, ମହାଲକ୍ଷ୍ମୀ କୋଇଲା ଖଣି ମହାପ୍ରବନ୍ଧକ ଏସ୍.ଜେ. ଓଝା ଯୋଗଦେଇ ଆମ୍ବେଡକର କ୍ଲବ ପାଇଁ ଭୂମି ପୂଜନ କରିଥିଲେ। ପରେ ଏକ ରାଲି ବାହାରି ନଗର ପରିକ୍ରମା କରି ମେଘଦୂତ ହଲଠାରେ ପହଞ୍ଚିଥିଲା। ମେଘଦୂତ ଶିଫିଂ ହଲ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଧାୟକ ସିଂହ, ଜିଏମ୍ ଶ୍ରୀ ରେଡ୍ଡୀ, ମହାପ୍ରବନ୍ଧକ ଓଝା, ସୁମୁରା ପଞ୍ଚାୟତର ସରପଞ୍ଚ ନଳିନୀ ସା, କ୍ଲବର ସଭାପତି ଲୁକେଶ୍ୱର ମହାନନ୍ଦିଆ, ସମ୍ପାଦକ ରସିଦ ଅଂଶାରି, ଯୁଗ୍ମ ସମ୍ପାଦକ ଦିବ୍ୟ ଲୋଚନ ଶାଶନି, ମହିଳା ମଣ୍ଡଳର କ୍ଲବ କର୍ମକର୍ତ୍ତା କ୍ଷୀରାବ୍ଦୀ କାର୍ଲୋ, ସୋନୁ ବାରିକ, ହେମାନନ୍ଦ ମହାନନ୍ଦିଆ, ସୁଶାନ୍ତ ସେଠ, ବିଏଲ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଲେଟପାନୀ, ସାରଙ୍ଗିଝରିଆ, ସାନରପିଆ ଗ୍ରାମର ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା। ବିଶ୍ୱଦତ୍ତ ରାଏ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଲବର ସଭାପତି ଲୁକେଶ୍ୱର ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ପ୍ରକାରର କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ଟେନ୍‌ସା,(ସମୀର କୁମାର ପାଢୀ):** ଆମ୍ବେଡକର ସମନ୍ୱୟ ସଂଘ ଟେନ୍‌ସା ପକ୍ଷରୁ ଆୟୋଜିତ ଜୟନ୍ତୀ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ଟେନସା ମାର୍କେଟ ଛକ ଠାରୁ ବାହାରି ସହର ପରିକ୍ରମା କରିବା ପରେ ଟେନସା ଷ୍ଟେଟବ୍ୟାଙ୍କ ନିକଟରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଜନସାଧାରଣ ସାମିଲ ହୋଇଥିଲେ। ସେଠାରେ ଥିବା ଡ.ବିଆର ଆମ୍ବେଡକରଙ୍କ ୫ଫୁଟ ଉଚ୍ଚତାର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମହା ବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଟେନ୍‌ସା ମହିଳା ସମିତି ପକ୍ଷରୁ ଏକ ପଣାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହ ଖଣି (ସେଲ)ର ସିଜିଏମ୍ ହିମାଂଶୁ ମିଶ୍ର, ସମ୍ମାନିତ ଅତିଥିଭାବେ ଇସ୍ପାତ ହସ୍ପିଟାଲର ଡାକ୍ତର ସୁନୀଲ କୁମାର, ବରସୁଆଁ ଲୌହ ଖଣିର ଜିଏମ ପିସି ବରୁଆ, ପ୍ରଶାସନ ବିଭାଗର ଜିଏମ୍ ମୁକେଶ କରଣ, ଟେନସା ସମିତି ସଭ୍ୟା ଗୋଲରିୟା ତିର୍କୀ, ମୁଖ୍ୟ ବକ୍ତାଭାବେ ଏନ୍‌ଆଇଟି ରାଉରକେଲାର ପୂର୍ବତନ ପ୍ରଫେସର ହୃଷୀକେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଇସ୍ପାତ ହସ୍ପିଟାଲର ସିଷ୍ଟରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଟେନ୍‌ସା ସର୍ବ ସମନ୍ୱୟ ସଂଘର ଜଗଦୀଶ ବେହେରା, ପାଣ୍ଡବ ମାଝୀ, ହେରମନ ଲାକ୍ରା, ଜୀବନ ମୁକୁଟ ତପୋନୋ, ଡାକ୍ତର ଜିତେନ୍ଦ୍ର ପାସୁଆନ, ଜେଭି ଆର ଟପୋ , ବିସିକାଲ ସିନ୍ଧୁରୀ, କରୁଣା କର ସେଠ, ଜାମିଲ ଅହମ୍ମଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ଲହୁଣୀପଡ଼ା,(ଦାଶରଥି ପଣ୍ଡା):** ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ବଣେଇ ବିଧାନସଭା ପକ୍ଷରୁ ଭାରତରତ୍ନ ଡ. ଭୀମ ରାଓ ବାବା ସାହେବ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାଜପା କାର୍ଯ୍ୟକର୍ତ୍ତାମାନେ ବାବା ସାହେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକର୍ତ୍ତାମାନେ ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ସାମୂହିକଭାବେ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଉରକେଲା ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଡ, ଜିଲା ଉପସଭାପତି ଲୁଥାର ଓରାମ, ଯମୁନା ମୁଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୁରୁ ଚରଣ ଓରାମ, ବିଜୟିନୀ କିସପଟ୍ଟା, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ମଣ୍ଡଳ ସାଧାରଣ ସମ୍ପାଦକ ହଳଧର ମାହାନ୍ତ, ବରିଷ୍ଠ କାର୍ଯ୍ୟକର୍ତ୍ତା ନାରାୟଣ କୁମ୍ଭାର, ରୂପ ନାରାୟଣ ମାହାନ୍ତ ତଥା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଡିଲେଶ୍ୱର ରଣା ପ୍ରମୁଖ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା କୃଷକ ମୋର୍ଚ୍ଚା ସଭାପତି ଅନିଲ କୁମାର ମାହାନ୍ତ ସଂଯୋଜନା କରିଥିଲେ।

**ଆମ୍ବେଡ୍କରଙ୍କ ସ୍ୱପ୍ନକୁ ସାକାର କର**

କୁଚିଣ୍ଡା,(ବିରଞ୍ଚିଦର୍ବା): ସମ୍ବଲପୁର ଜିଲା କୁଚିଣ୍ଡାରେ ମଙ୍ଗଳବାର ଦଳିତ, ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଭାରତରତ୍ନ ବି.ଆର୍. ଆମ୍ବେଡ୍କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ଗଜେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲିଙ୍ଗରାଜ ବାଘ, ପ୍ରସନ୍ନ ପ୍ରଧାନ, ଯୁଧିଷ୍ଠିର ରୋହିଦାସ, ନରେଶ ବଲୁଆ, ପ୍ରମୋଦ ରୋହିଦାସ, ଅଧ୍ୟାପକ ଡିଲେଶର ବେହେରା, ଗୋକୁଳ ଚନ୍ଦ୍ର ଦେହୁରୀ, ଗୌତମ ମାଝି, ପର୍ଶୁରାମ ମାଝି, ଅଶ୍ୱିନୀ ମହାନନ୍ଦଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଆମ୍ବେଡ୍କରଙ୍କ ସ୍ୱପ୍ନକୁ ସାକାର କଲେ ତାଙ୍କ ଅସଲ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଥିଲେ। ପୂର୍ବାହ୍ନରେ ରାମଜୀପଡାସ୍ଥିତ ଆମ୍ବେଦ୍କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**ସଂକ୍ଷେପରେ**

## କୂଅରେ ପଡ଼ିଥିବା ଯୁବକଙ୍କୁ ଉଦ୍ଧାରକଲା ଦମକଳ ବାହିନୀ

ନାକଟିଦେଉଳ,୧୪।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହିତସରା ଦଶରଥୀ ମୁଣ୍ଡାସାହିରେ ଥିବା ଏକ ଶୁଖା ଖୋଲା କୂଅରେ ପଡି ଯାଇଥିବା ଜଣେ ଯୁବକଙ୍କୁ ଦମକଳ ବାହିନୀ କର୍ମଚାରୀ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସେ ହେଲେ ଆମ୍ବ ବୁରୀ ସାହିର ଦେବାର ବସାତ(୪୦)। ଦାଶରଥୀମୁଣ୍ଡା ସାହି ଆଡେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ସେ ଚାଲି କରି ଯାଉଥିବା ବେଳେ ସେଠାରେ ଥିବା ଆମ୍ବ ବଗିଚାରେ ଥିବା ଏକ ଶୁଷ୍କ ଖୋଲା କୂଅରେ ଅସାବଧାନତାବଶତଃ ପଡିଯାଇଥିଲେ। ତେବେ ବଗିଚା ମାଲିକଙ୍କ ନାତି ଆମ୍ବ ବଗିଚା ଜଗିବାକୁ ଯାଇଥିବା ବେଳେ କୂଅ ଭିତରୁ ଶବ୍ଦ ଶୁଣି ପରିବାର ଲୋକଙ୍କୁ ଜଣାଇଥିଲେ। ସାହିର ଲୋକେ ତୁରନ୍ତ ଘଟଣାସ୍ଥଳକୁ ଯାଇ କୂଅରେ ଦେବାର ପଡ଼ିଥିବା ଦେଖି ଦମକଳ ବିଭାଗକୁ ଖବର ଦେଇଥିଲେ । ନାକଟିଦେଉଳ ଦମକଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦେବାରଙ୍କୁ କୂଅରୁ ସୁରକ୍ଷିତ ବାହାରକୁ ବାହାର କରିଥିଲେ। ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ବାଟଗାଁ ପ୍ରାଥମିକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଘର ଭାଙ୍ଗି ଧାନ ଖାଇଲା ଦନ୍ତା

ନାକଟିଦେଉଳ,୧୪।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳର ବିଭିନ୍ନ ଗ୍ରାମରେ ଦନ୍ତାହାତୀର ଉପଦ୍ରବ ଲାଗିରହିଛି । ସନ୍ଧ୍ୟା ହେବା ମାତ୍ରେ ଏହି ଦନ୍ତା ଗାଁ ଭିତରକୁ ପଶି ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ପରିବା ବଗିଚାରେ ପଶି କ୍ଷୟକ୍ଷତି ଘଟାଉଛି । ହାତୀ ଉପଦ୍ରବକୁ ନେଇ ପାହାଡ଼ ତଳି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏପରିକି ନିଛାଟିଆ ସ୍ଥାନରେ ଏକାକୀ ଥିବା ଘରେ ଲୋକେ ରାତିରେ ଶୋଇବାକୁ ଭୟ କରୁଛନ୍ତି। ଗତ ଦୁଇ ଦିନ ହେଲା ଏହି ଦନ୍ତା ବାଟଗାଁ ଫରେଷ୍ଟ ସେକ୍ସନର ହିତସରା ଗ୍ରାମରେ ଉପଦ୍ରବଜାରି ରଖିଥିବା ବେଳେ ସୋମବାର ବିଳମ୍ବିତ ରାତ୍ରିରେ ଗାଁରେ ପଶି ଘର ଦ୍ୱାର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ଦନ୍ତା ଉପଦ୍ରବରେ ଗ୍ରାମର ଦଶରଥୀମୁଣ୍ଡା ସାହିର ରାଘବ ପ୍ରଧାନଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ରାଘବଙ୍କ ତିନି ବଖରା ଘର ମଧ୍ୟରୁ ଦୁଇ ୨ଦୁଇ ବଖରାରେ ରହୁଥିବା ବେଳେ ରାଘବ ବଖରାଏ ଘରେ ରହୁଛନ୍ତି। ଗତ ରାତିରେ ସେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତି ପ୍ରାୟ ସାଢେ ୨ ଟାରେ ଏହି ଦନ୍ତା ପ୍ରଥମେ ଘର ଆଗ ପଟକୁ ଆସି ଆଜବେଷ୍ଟସଗୁଡିକ ଭାଙ୍ଗି ଦେଇଥିଲା। ତେବେ ପାଖ ପଡିଶା ଲୋକେ ପାଟି କରିବାରୁ ହାତୀ ବାଡ଼ି ପଛ ପଟକୁ ଚାଲି ଯାଇଥିଲା। ଏହି ସମୟରେ ରାଘବ ଉଠି ଘରବାହାରକୁ ଦୌଡ଼ି ପଳାଇଥିଲେ। ଏହା ପରେ ଦନ୍ତା ତାଙ୍କ ଶୋଇବା ଘର ପଛ ପାଖ ପଥର କାନ୍ଥ ଶୁଣ୍ଢ ଏବଂ ଦାନ୍ତରେ ଭାଙ୍ଗି ଦେଇଥିଲା। ପରେ ଘର ଭିତରୁ ଏକ ବସ୍ତା ଧାନ ଟଣଣି ଆଣି ଖାଇବା ସହ ଏଣେତେଣେ ଫିଙ୍ଗା ଫୋପାଡା କରିଥିଲା। ଖବର ପାଇ ବାଟଗାଁ ଫରେଷ୍ଟର ମନୋରଞ୍ଜନ ପ୍ରଧାନ ଏବଂ ଫରେଷ୍ଟଗାର୍ଡ ଭାଗ୍ୟଶ୍ରୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଦନ୍ତାକୁ ଘଉଡ଼ାଇଥିଲେ । ଏଥି ସହିତ ଫରେଷ୍ଟର ପ୍ରଧାନ ମଙ୍ଗଳବାର ସକାଳୁ ଉକ୍ତ ସ୍ଥାନକୁ ଯାଇ ହାତୀ ଉପଦ୍ରବ ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ କରିଛନ୍ତି। ଗତ ବର୍ଷ ମଧ୍ୟ ହାତୀ ଉପଦ୍ରବରେ ତାଙ୍କ ଘର ଭାଙ୍ଗିଥିବା ବେଳେ ଆଜି ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ମିଳି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ତେଣୁ ରାଘବଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀ ଭାଙ୍ଗି ଦେଇଥିବା ଘର।

# ରେଢ଼ାଖୋଲରେ ଆମ୍ବେଡ୍କର ଜୟନ୍ତୀ



ବୈଠକରେ ମଞ୍ଚାସୀନ ଅତିଥି।

ରେଢ଼ାଖୋଲ,୧୪।୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଆମ୍ବେଦକର ନଗରଠାରେ ମଙ୍ଗଳବାର ସନ୍ଧ୍ୟା ୭ ଟାରେ ବାବା ସାହେବ ଡ଼. ଭୀମରାଓ ଆମ୍ବେଡ୍କରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବେଦକର ୱେଲଫାୟାର କୋଅର୍ଡ଼ିନେଶନ କମିଟି ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ନବ ନିର୍ମିତ କମ୍ୟୁନିଟି ହଲର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ବିଧାନ ପ୍ରଣେତା ବାବା ସାହେବଙ୍କ ସ୍ମୃତିଚାରଣ କରି ସମସ୍ତେ ସମ୍ବିଧାନର ନିୟମକୁ ଅନୁସରଣ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଦେବତ୍ତୋର ବୋର୍ଡ଼ ସଭାପତି ଅରୁଣ ପ୍ରଧାନ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ ପ୍ରଧାନ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ପିଣ୍ଟୁ ବେହେରା, ସମ୍ପାଦକ ମନୋଜ କୁମାର ମୁଖି, ଉପସଭାପତି ସୁଦର୍ଶନ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର କୁମାର, କୋଷାଧ୍ୟକ୍ଷ ସୁବାସ ବେହେରା, ଉପଦେଷ୍ଟା ପ୍ରକାଶ ମୁଖି, ପୂର୍ବତନ ସମ୍ପାଦକ ରାଜୁ ମୁଖୀଙ୍କ ସମେତ ଆମ୍ବେଦକର କୋଅର୍ଡିନେଶନ କମିଟିର ସଦସ୍ୟମାନେ ସହଯୋଗ ରହିଥିଲେ।

# ୩୩ କେଭି ବିଦ୍ୟୁତ୍ ତାର ଲାଗି ଛେଳିଚାଷୀ ମୃତ

ନାକଟିଦେଉଳ,୧୪।୪(ବୈକୁଣ୍ଠନାଥ ସାହୁ)

**ଗଛ ଉପରେ ଚଢି ଡାଳ କାଟିବା କାଳ ହେଲା**

ଗଛରେ ଚଢି ଛେଳି ପାଇଁ ଡାଳ କାଟିବା କାଳ ହେଲା। ଗଛର ଅତି ନିକଟରେ ଯାଇଥିବା ୩୩କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଛେଳି ଚାଷୀଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ପଣା ସଂକ୍ରାନ୍ତିରେ ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ଥାନା ବାଟଗାଁ ଗ୍ରାମରେ। ମୃତକ ବାଟଗାଁ ମନୁନାଲୀ ସାହିର ଧନୁ ରାଉତ(୫୫)। ସକାଳ ପ୍ରାୟ ସାଢେ ୭ଟାରେ ଧନୁ ଘର ନିକଟ ପଡିଆକୁ ଛେଳିଙ୍କ ପାଇଁ ଡାଳପତ୍ର ସଂଗ୍ରହ କରିବାକୁ ଜଣେ ସାଥୀଙ୍କ ସହ ଯାଇଥିଲେ। ସେଠାରେ ଥିବା ଏକ ଶାଳ ଗଛରେ ଚଢି ଡାଳ କାଟୁଥିବା ବେଳେ ନିକଟରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରରେ ତାହା ପଡି ଯାଇଥିଲା। ଉକ୍ତ କଞ୍ଚା ଡାଳକୁ ଧନୁ ଧରି ଦେବାରୁ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେହି ଗଛ ଉପରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ଅନ୍ୟ ସାଥୀଙ୍କଠାରୁ ଖବର ପାଇ ପରିବାର ଲୋକଙ୍କ ସହ ସାହିପଡିଶା ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବର ପାଇବା ପରେ ବିଦ୍ୟୁତ୍ ବିଭାଗ ନାକଟିଦେଉଳରୁ ବାଟଗାଁ ଯାଇଥିବା ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରିଦେଇଥିଲେ। ପୋଲିସ, ଆମ୍ବୁଲାନ୍ସ ଏବଂ ଦମକଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ କୌଣସି ବିଦ୍ୟୁତ୍ ବିଭାଗ ଅଧିକାରୀ ଆସି ନ ଥିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ନାକଟିଦେଉଳ ଥାନା ଅଧିକାରୀ ଅମୁନସେନ କିରୋ ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ସହ ପରିବାରରୁ ଜଣଙ୍କୁ ବିଭାଗରେ ଚାକିରି ଦେବାକୁ ଦାବି କରି ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରିଥିଲେ। ଘଟଣା ଘଟିବାର ଦୀର୍ଘ ୫ ଘଣ୍ଟା ପରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ତାପସ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାରର ଜଣଙ୍କୁ ଆଉଟସୋର୍ସିଂ ବ୍ୟବସ୍ଥାରେ ବିଦ୍ୟୁତ୍ ବିଭାଗରେ ଚାକିରି ଦେବାକୁ ଉପରିସ୍ଥ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛରୁ ଚଢି ମୃତଦେହ ତଳକୁ ଆଣିଥିଲେ। ନାକଟିଦେଉଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଭାଜପାରେ ସାମିଲ ହେଲେ ୫୦ ଯୁବକ

କୁଚିଣ୍ଡା,୧୪।୪(ବିରଞ୍ଚି ଦର୍ବା)

ଭାଜପାର ନୀତି ଆଦର୍ଶ ଓ ଡବଲ ଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କୁଚିଣ୍ଡାର ୫୦ଜଣ ଯୁବକ ଭାଜପାରେ ସାମିଲ ହୋଇଛନ୍ତି। ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ନବାଗତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଯୁବପୀଢିଙ୍କ ଭାଜପାରେ ଯୋଗଦାନ ଏକ ମାଇଲ ଖୁଣ୍ଟ ହେବ। ଦଳର ସଗଠନ ସୁଦୃଢ ହେବାସହ ବିକାଶ କାର୍ଯ୍ୟ ତ୍ୱରାନ୍ୱିତରେ ସହାୟକ ହେବ ବୋଲି ନେତୃବୃନ୍ଦ କହିଥିଲେ।

## ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

ସମ୍ବଲପୁର,୧୪।୪(ପ୍ରମୋଦ ବହିଦାର)

ବଡ଼ବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା–୨୦୨୬ ପାଇଁ ନୂତନ କମିଟି ଗଠିତ ହୋଇଛି। ଏଥିରେ ସରୋଜ କୁମାର ସାହୁ ସଭାପତି, ରାମଦାସ ପଣ୍ଡାଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସ୍ଥାନୀୟ ବଡ଼ବଜାରସ୍ଥିତ ଶୀତେଳଶ୍ୱର ବାବାଙ୍କ ମନ୍ଦିର ପରିସରରେ ମଙ୍ଗଳବାର କମିଟିର ବରିଷ୍ଠ ସଦସ୍ୟ ପଞ୍ଚାନନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭାପତିଭାବେ କିଶୋର ପ୍ରଧାନ, ଉପସଭାପତି ମନୋଜ ପଲସନିଆ, ସଞ୍ଜୟ ଠାକୁର, ସ୍ୱାମୀଦାସ ସାହୁ, ଭୋପାଳ ବଘେଲ, କିଶୋର ମେହର ଓ ଭଗବତୀ ବିଶି, ସହ ସମ୍ପାଦକ ଭାବେ କୁନ୍ଦନ ପ୍ରଧାନ, ସନ୍ତୋଷ ବେହେରା, ଦେବବ୍ରତ ଦ୍ୱିବେଦୀ ଓ ଶୁଭମ୍ ମେହେରଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷଭାବେ ଭବେଶ ଚାନ୍ଦ, ସହ କୋଷାଧ୍ୟକ୍ଷ ଶ୍ରୀକାନ୍ତ ଗୌଡ଼, ସାଜସଜ୍ଜା ସମ୍ପାଦକ ମଣ୍ଟୁ ସାହୁ, ଶଙ୍କର ଶର୍ମା, ବିଜୟ ମହାନନ୍ଦିଆ, ନରେଶ ମାଝୀ, ବୁଦ୍ଧଦେବ ପ୍ରଧାନ, ବାବୁଲୁ ଷଣ୍ଢ, ସାଂସ୍କୃତିକ ସମ୍ପାଦକଭାବେ ବିଶିକେଶନ ସାହୁ, ଅରୁଣ ଅଜାଡ଼ିୱାଲ, ଦିଲ୍ଲୀପ ସାହୁ, ଶ୍ରବଣ ରାଏ ରାଜା ଝା, ଅଲେଖ ଘିବେଲା, କୁନାଲ ପ୍ରଧାନ, ସଞ୍ଜିବ ସୂପକାର, ବିବେକା ଜୁଆଡ଼ି, ତ୍ରିଲୋଚନ ସରାଫ ଓ ସ୍ୱାଧୀନ ଅଗ୍ରୱାଲ, ଖାଦ୍ୟପେୟ ସମ୍ପାଦକଭାବେ ସୁବ୍ରତ ପଣ୍ଡା, ଶଙ୍କର ପ୍ରସାଦ ମହାକୁର, ଆଶିଷ ରାଏ, ବଣ୍ଟୁ ନାଏକ ରହିଛନ୍ତି। ଯାତ୍ରା କମିଟିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ମୁଖ୍ୟପରାମର୍ଶଦାତା ଭାବେ ମନୋନୀତ କରାଯାଇଛି।

# ବଜରଙ୍ଗବଲୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ସମ୍ବଲପୁର,୧୪।୪(ବ୍ୟୁରୋ)



ସମ୍ବଲପୁର ଏସଆରଆଇଟି କଲୋନୀ ମହିଳାମାନଙ୍କ ଶୋଭଯାତ୍ରା।

- **ମସ୍ତକରେ ଶ୍ରୀରାମଙ୍କ ଚୁନରୀ ବାନ୍ଧିରେ ମହିଳା**
- **ବାଳିକା ବାଳକଙ୍କ ଦେବଦେବୀଙ୍କ ଆକର୍ଷଣୀୟ ବେଶ**

ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଅବସରରେ ସମ୍ବଲପୁର ମହାନଗର ନିଗମ ଏସ୍‌ଆର୍‌ଆଇଟି କଲୋନି ୱେଲଫେୟାର କମିଟି ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମଙ୍ଗଳବାର ସକାଳ ୮ଟାରେ କଲୋନିସ୍ଥିତ ବଜରଙ୍ଗବଲୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ସାମୂହିକ ପ୍ରସାଦ ସେବନ ପରେ ମହିଳାଙ୍କ ଶୋଭାଯାତ୍ରା ବାହାରିଥିଲା। ସମସ୍ତେ ମସ୍ତକରେ ଜୟ ଶ୍ରୀରାମ ଲେଖା ଚୁନରୀ ବାନ୍ଧିଥିଲେ। ଅଞ୍ଚଳର ଶିଶୁମାନେ ଶ୍ରୀରାମ, ସୀତା, ଲକ୍ଷ୍ମଣ, ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାର ଶୋଭାବର୍ଦ୍ଧନ କରିଥିଲେ। ଭକ୍ତମାନେ ହନୁମାନଙ୍କ ଗୁଣଗାନ କରିବା ସହ ଜୟଶ୍ରୀରାମ ଧ୍ୱନିରେ ଯାତ୍ରା ପଥ ମୁଖରିତ ହୋଇଥିଲା। ସେହିପରି ଭକ୍ତମାନେ ବୀର ହନୁମାନ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଆଶୀର୍ବାଦ କରିଥିବା ଦୃଶ୍ୟ ମନୋଲୋଭା ହୋଇଥିଲା। ଶୋଭାଯାତ୍ରାର ସମ୍ମୁଖ ଭାଗରେ କଲୋନୀର ମୂରବିମାନେ ଗୈରିକ ବସ୍ତ୍ର ପରିଧାନ କରି ହନୁମାନଙ୍କ ଝଣ୍ଡା ଓ ଗଦା ଧାରଣ କରିଥିଲେ। ସେହିପରି ଯୁବକମାନେ ଜୟ ଶ୍ରୀରାମ ସଙ୍ଗୀତରେ ନୃତ୍ୟ କରିଥିଲେ । ମହିଳାଙ୍କ ଶୋଭାଯାତ୍ରା ସହଯୋଗନଗର, ଜଗନ୍ନାଥ କଲୋନୀ, ଫାଟକ, ବୁଢ଼ାରଜା ରାସ୍ତା ପରିକ୍ରମା କରି ଏସ୍‌ଆର୍‌ଆଇଟି କଲୋନିସ୍ଥିତ ବଜରଙ୍ଗବଲୀ ମନ୍ଦିରରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଏସ୍‌ଆର୍‌ଆଇଟି କଲୋନୀ ୱେଲଫେୟାର କମିଟି ସଭାପତି ପୃଥ୍ୱୀରାଜ ବେହେରା, ଉପସଭାପତି ଅନୂପ ନାରାୟଣ ବହୁଗୁଣା, ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଯୁଗ୍ମସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସମେତ ୨୨ଜଣ କାର୍ଯ୍ୟକାରୀ କମିଟି ସଭ୍ୟ, ୭ଜଣ ଉପଦେଷ୍ଟା ପରିଚାଳନା କରିଥିଲେ।

## ରେଢ଼ାଖୋଲରେ ବିଷୁବ ସଂକ୍ରାନ୍ତି, ଝାମୁଯାତ୍ରା ପାଳିତ

ରେଢ଼ାଖୋଲ,୧୪।୪(ସନ୍ତୋଷ ବଘାର)

ରେଢ଼ାଖୋଲରେ ବିଷୁବ ସଂକ୍ରାନ୍ତି ଏବଂ ଝାମୁଯାତ୍ରା ପାଳିତ ହୋଇଯାଇଛି। ରେଢ଼ାଖୋଲ ପୁରୁଣା ବାବା କାଶୀ ବିଶ୍ୱନାଥ ଶିବ ମନ୍ଦିରରେ ମଙ୍ଗଳବାର ବିଭିନ୍ନ ଦଣ୍ଡପାର୍ଟି ପକ୍ଷରୁ ନିଜ ଦଳକୁ ନେଇ ଘାଟ ପୂଜା, ପାଣିଦଣ୍ଡ, ଅଗ୍ନିପୂଜା, ଦେବଦେବୀଙ୍କୁ ପୂଜା କରିଥିଲେ। ଶିବରାତ୍ରିଠାରୁ ଆରମ୍ଭ ହୋଇଥିବା ଦଣ୍ଡ ଯାତ୍ରା ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି। ୨୧ଦିନର କାଷ୍ଟ ଆଜି ବିଭିନ୍ନ ଗାଁ ଦାଣ୍ଡରେ ବନ୍ଦାଣ କରିସାରିବା ପରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମାନସିକଧାରୀ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ରେଢ଼ାଖୋଲ ନିକଟ କଦଳୀଗଡ଼ ଶିବ ମନ୍ଦିର, ଚାରମାଳ ଶିବ ମନ୍ଦିର, ମୂଷାକଟା ଶିବ ମନ୍ଦିର, ଖୁଲଗଡ଼ ଶିବ ମନ୍ଦିର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି।

# ଭାରତୀ କଳାବିକାଶ କେନ୍ଦ୍ର ବାର୍ଷିକ ଉତ୍ସବ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚରେ ଅତିଥିଙ୍କ ସହିତ କର୍ମକର୍ତ୍ତାମାନେ।

ସମ୍ବଲପୁର,୧୪।୪(ପ୍ରମୋଦ ବହିଦାର)

**ଫକୀର ଚରଣ ରଣା, ରାମକୃଷ୍ଣ ରଥ ଭାରତୀ ସମ୍ମାନରେ ସମ୍ମାନିତ**

ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବୁର୍ଲା ଭାରତୀ କ୍ଲବ ପଡ଼ିଆରେ ଅନୁଷ୍ଠାନ ଉପସଭାପତି ଆଇନ୍‌ଜୀବୀ ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ପ୍ରଫେସର ଶ୍ରୀବତ୍ସ ମହାପାତ୍ର ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ପ୍ରମୋଦ ଦାଶ ସମ୍ମାନୀତ ଅତିଥି, ବୁର୍ଲା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ବ୍ଲକ ଶିକ୍ଷାଧିକାରୀ କରଣ ଶର୍ମା ମୁଖ୍ୟବକ୍ତାଭାବେ ଯୋଗ ଦେଇ କଳା ଓ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ନାଟ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାହିତ୍ୟିକ ଡ. ଫକୀର ଚରଣ ରଣା ଏବଂ ନାଟ୍ୟକାର ରାମକୃଷ୍ଣ ରଥଙ୍କୁ ଭାରତୀ ସମ୍ମାନ–୨୦୨୬ରେ ସମ୍ମାନୀତ କରାଯାଇଥିଲା। ଅନ୍ୟତମ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଟନାୟକ, ଉପଦେଷ୍ଟା ରଞ୍ଜିତ ପଟନାୟକ, ସାଂସ୍କୃତିକ ସମ୍ପାଦକ ରଶ୍ମି ରଞ୍ଜନ ଶତପଥୀ, ସହ ସମ୍ପାଦକ ଇଂ. ଶିବ ପ୍ରସାଦ ସ୍ୱାଇଁ ଓ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ର ସଙ୍ଗୀତ ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଗାନ ଏବଂ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଅଶ୍ୱିନୀ ଆଚାର୍ଯ୍ୟ, କୋଷାଧ୍ୟକ୍ଷ କୈଳାସ ମିଶ୍ର, ଅମୀୟ ସାମୁଏଲ୍, ଫଗୁଣ ସେଠ, ସତ୍ୟବ୍ରତ ସାହୁ, ଗଜେନ୍ଦ୍ର ବଘର, ଲୋକେଶ ନାୟକ, ସନ୍ତୋଷ ସୁନା, ଶିବଶଙ୍କର ମେହେର, ପୂଜାପରମିତା ସାହୁ, ରାଖୀ ଦୀପ ଓ ପଦ୍ମିନୀ ପଧାନ ସହଯୋଗ କରିଥିଲେ।

# ବାରଡୁଙ୍ଗରି ଛକରେ ସ୍ଥାପନ ହେଉ ମଙ୍ଗଳୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

ସମ୍ବଲପୁର,୧୪।୪(ବି.ଶଙ୍କର)

**ଡ.ମଙ୍ଗଳୁ ଚରଣ ବିଶ୍ୱାଳ ସ୍ମୃତି କମିଟି ପ୍ରସ୍ତୁତି ବୈଠକ**

ସମ୍ବଲପୁରୀ ସାହିତ୍ୟ ପତ୍ରିକା ଉଦିଆଁ ପକ୍ଷରୁ ଡ.ମଙ୍ଗଳୁ ଚରଣ ବିଶ୍ୱାଳ ସ୍ମୃତି କମିଟିର ପ୍ରସ୍ତୁତି ବୈଠକ ସମ୍ବଲପୁର ଜିଲା ପରମାଣପୁରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାଟିର ବରପୁତ୍ର ବିଶିଷ୍ଟ ସାହିତ୍ୟ ସାଧକ, ନାଟ୍ୟକାର ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ଗ୍ରାମ ବାରଡୁଙ୍ଗରି ଛକରେ ସ୍ଥାପନା ଏବଂ ଏହି ଛକକୁ ତାଙ୍କ ନାମରେ ନାମିତ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ଆସନ୍ତା ବର୍ଷ ମେ ୪ ତାରିଖ ସୁଦ୍ଧା ସମ୍ପନ୍ନ କରାଯିବ ଏବଂ ସେଠାରେ ସାହିତ୍ୟିକଙ୍କ ନାମରେ ଏକ ପାଠାଗାର ମଧ୍ୟ ସ୍ଥପନା କରାଯିବ। ପରମାଣପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। କୈଳାସ ଚନ୍ଦ୍ର ବାରିକ ମୁଖ୍ୟ ଅତିଥି, ଡ. ଗୌରୀଦାସ ପଧାନ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଉଦିଆଁ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ସମ୍ପାଦକ ସୁଶୀଳ କୁମାର ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ବିଶ୍ୱାଳଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନା ସହ ପ୍ରତିବର୍ଷ ପରମାଣପୁରରେ ଜନ୍ମବାର୍ଷିକୀ ଭବ୍ୟଭାବେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଜ୍ୟର ଅନ୍ୟନ୍ୟ ଦଶଟି ଜିଲାର ସାହିତ୍ୟିକଙ୍କୁ ସମ୍ମିଳିତ କରିବା ସହ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରି ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ଜନ୍ମବାର୍ଷିକୀ ପାଳନ ଅବସରରେ ସାହିତ୍ୟ ଏବଂ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଏହି ଅଞ୍ଚଳର ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରତିବର୍ଷ ମଙ୍ଗଳୁ ଚରଣ ବିଶ୍ୱାଳ ସ୍ମୃତି ସମ୍ମାନ ପ୍ରଦାନ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଉଜାଗର ବେହେରା, ସାଲେଗ୍ରାମ ହଲଦିଆ, ବିଜୟ ବିଶ୍ୱାଳ, ଭରଦ୍ୱାଜ ହଲଦିଆ, ବୁଦ୍ଧଦେବ ବେହେରା, ଶ୍ରୀକାନ୍ତ କଠାର ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଉଦିଆଁର କାର୍ଯ୍ୟକାରୀ ସମ୍ପାଦକ କାଳନ୍ଦୀ ପ୍ରତାପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ରସ୍ତୁତି ବୈଠକରେ ଅତିଥି ଓ କର୍ମକର୍ତ୍ତାମାନେ।

# ୭୮ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

କୁଚିଣ୍ଡା,୧୪।୪(ବିରଞ୍ଚି ଦର୍ବା)




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ମହିଳାଙ୍କୁ ମୃତ୍ୟୁକାଳୀନ ସହାୟତା ଚେକ୍ ପ୍ରଦାନ କରୁଛନ୍ତି।

**ଲଙ୍କାଚାଷକୁ ବ୍ୟବସାୟିକ ଭିତ୍ତିରେ ପ୍ରୋତ୍ସାହିତ କରାଯିବ**

ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ବାବାସାହେବ ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ସମ୍ବଲପୁର ଜିଲାର କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସି ଅଞ୍ଚଳ ପାଇଁ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ।

କୁଚିଣ୍ଡା ଓ ବାମରାଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ପ୍ରଧାନ ୧୦୮କୋଟି ୩୩ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। କୁଚିଣ୍ଡାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ସେ କହିଛନ୍ତି, ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ। ଏଥିସହ ୫ କୋଟି ୧୪ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ୱାର୍ଡ ନଂ.୬ ଓ ୱାର୍ଡ଼ ନଂ.୯ କୁଣ୍ଡାପୋଷିଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ସହ ୬କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ଏନ୍‌ଏସିର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ ହୋଇଛି। ପୂର୍ବାହ୍ନ ୧୧ଟାରେ ବାମରା ମକର ମେଲଣ ପଡିଆରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, କୁଚିଣ୍ଡା ଉପଖଣ୍ଡର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଙ୍ଗଲଭିତ୍ତିକ ଶିଳ୍ପ ବୃଦ୍ଧିସହ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର। ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବ। ପ୍ରତିଟି ଘରକୁ ପାଇପ ଯୋଗେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ସହ ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷଜମିକୁ ପାଣି ଯୋଗାଇବା ଆମର ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ବାମରାରେ ରେଳ ଓଭରବ୍ରିଜ ସହ ବଜାର ଅଞ୍ଚଳ ପାଇଁ ଏକ ଅଣ୍ଡରପାସ୍ ନିର୍ମାଣ କରାଯିବା ପ୍ରସ୍ତାବ ରହିଥିବା କହିଛନ୍ତି। କୁଚିଣ୍ଡାର ଲଙ୍କାଚାଷକୁ ବ୍ୟବସାୟିକଭିତ୍ତିରେ ପ୍ରୋତ୍ସାହନ ଦେଇ ଚାଷୀମାନଙ୍କ ରୋଜଗାର ବଢ଼ାଇବା ଦିଗରେ ସାମୂହିକ ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, କୁଚିଣ୍ଡା ଉପଜିଲାପାଳ ସରୱନନ ସ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିବାହ ସହାୟତା, ମୃତ୍ୟୁକାଳୀନ ସହାୟତା ସହ ବିଭିନ୍ନ ଏସ୍‌ଏଚ୍‌ଜିଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା। ଏଥିସହ ବାମରା ଏନଏସି ସଫେଇ ପାଇଁ ୩ଟି ନୂତନ ଗାଡିର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାନସ ମିଶ୍ର ପରିଚାଳନା କରିଥିଲେ। ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ଜମନକିରା ବିଡ଼ିଓ ରବିନ୍ଦ୍ର ସେଠୀ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

**ହନୁମାନ ଜୟନ୍ତୀରେ ଉତ୍ସବମୁଖର ଟିଟିଲାଗଡ଼**

ଟିଟିଲାଗଡ଼,(ଶରତ ମିଶ୍ର): ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଅବସରରେ ଟିଟିଲାଗଡ଼ ସହର ଉତ୍ସବ ମୁଖର ହୋଇ ଉଠିଛି । ବିଭିନ୍ନ ହନୁମାନ ମନ୍ଦିରରେ ବିଶେଷ ପୂଜା ପାଠର ଆୟୋଜନ ହୋଇଛି । ହାଟପଦାପଡାସ୍ଥିତ ସଙ୍କଟ ମୋଚନ ମନ୍ଦିରରେ ସକାଳୁ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ମନ୍ଦିରରେ ଯଜ୍ଞ ଅନୁଷ୍ଠାନ, ସୁନ୍ଦରାକାଣ୍ଡ ପାଠ ଆୟୋଜନ କରାଯାଇଛି । ମନ୍ଦିର ପୂଜକ ନିରଞ୍ଜନ ଦାଶ, ଯଜ୍ଞ ଅନୁଷ୍ଠାନରେ ପଣ୍ଡିତ ନେତ୍ରାନନ୍ଦ ମିଶ୍ର ପୂଜକ ଭାବେ ଦାୟିତ୍ୱ ତୁଲାଉଛନ୍ତି । କର୍ତ୍ତା ଭାବରେ ଦିଲୀପ ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଦାୟିତ୍ୱ ନିର୍ବାହ କରୁଛନ୍ତି । ମନ୍ଦିର କମିଟିର କର୍ମକର୍ତ୍ତାମାନେ ସହାୟତା କରୁଛନ୍ତି । ସେହିପରି ସ୍ୱାଧୀନପଡା ହନୁମାନ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଛି ।

**ସଂକ୍ଷେପରେ**

## ବାଘାଝରଣରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ



ଖପ୍ରାଖୋଲ,୧୪।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ବାଘଝରଣ ଗାଁରେ ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଆମ୍ବେଡକର ଯୁବକ ସଂଘ ସଭାପତି ତପିନ୍ଦ୍ର ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡ. ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ପୂର୍ବତନ ସରପଞ୍ଚ ରୋହିତ ମେହେର ପ୍ରମୁଖ ଯୋଗଦେଇ ବାବା ସାହେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରହଲ୍ଲାଦ ଚାନ୍ଦ, ରାଧେଶ୍ୟାମ ନାଗ, କାଳିଆ ସାହୁ, ନାରାୟଣ ଦଣ୍ଡସେନାଙ୍କ ସମେତ ଆମ୍ବେଡକର ଯୁବକ ସଂଘ ସଦସ୍ୟ, ମହିଳା ପୁରୁଷ ଯୋଗ ଦେଇଥିଲେ।

## ଆମ୍ବେଡକରଙ୍କ ଜୟନ୍ତୀ ମଞ୍ଚ ଭାଙ୍ଗିଦେବା ଅଭିଯୋଗ

ଲୋଇସିଂହା,୧୪।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା କର୍ଣ୍ଣିପାଲି ଗ୍ରାମରେ ଆମ୍ବେଡକର ଜୟନ୍ତୀ ପାଇଁ ପ୍ରସ୍ତୁତ ମଞ୍ଚର ଟେଣ୍ଟକୁ ଜେସିବି ଧକ୍କା ଦେଇ ଭାଙ୍ଗିଦେବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଜୟନ୍ତୀ କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପରେ କମିଟି ସଦସ୍ୟମାନେ ଆଗଲପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନା ଅନୁଯାୟୀ,ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ କର୍ଣ୍ଣିପାଲି ଗ୍ରାମର ଦଳିତ ବସ୍ତିର ଲୋକେ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏଥିପାଇଁ ବସ୍ତି ଅଞ୍ଚଳରେ ଟେଣ୍ଟ ମରାଯାଇଥିଲା। କିନ୍ତୁ ଜଣେ ଯୁବକ ସେହି ବାଟ ଦେଇ ଜେସିବି ନେବା ବେଳେ ଟେଣ୍ଟକୁ ଧକ୍କା ଦେବାରୁ ଏହା ଭାଙ୍ଗିଯିବା ସହ ଲଗାଯାଇଥିବା ଚାନ୍ଦୁଆ ନଷ୍ଟ ହୋଇଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ନିକଟସ୍ଥ ରୋତ ଗ୍ରାମରେ ପାଳନ କରାଯାଉଥିବା ଜୟନ୍ତୀ କମିଟି ସଦସ୍ୟ ଖବର ପାଇ ପହଞ୍ଚିଥିଲେ। ଆଲୋଚନା ପରେ ଅମ୍ବେଡକର ଜୟନ୍ତୀ କମିଟି ସଦସ୍ୟମାନେ ଆଗଲପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଯୁବକ ଜଣକ ଭୁଲ ସ୍ୱୀକାର କରିବା ପରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ହୋଇଯାଇଛି ବୋଲି ଥାନା ସୂତ୍ରରୁ ପ୍ରକାଶ।

## ‘ସାହିତ୍ୟ ସଂସ୍କୃତି’ ପକ୍ଷରୁ ବିଷୁବ ମିଳନ

ଟିଟିଲାଗଡ଼,୧୪।୪(ଶରତ ମିଶ୍ର)

ସାରସ୍ୱତ ଚେତନାର ବାର୍ତ୍ତାବହ ‘ସାହିତ୍ୟ ସଂସ୍କୃତି’ ଟିଟିଲାଗଡ଼ ପକ୍ଷରୁ ସ୍ଥାନୀୟ ମହେଶ୍ୱର ହିନ୍ଦୀ ହାଇସ୍କୁଲ ପରିସରରେ ବିଷୁବ ମିଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଘନଶ୍ୟାମ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଷୁବ ମିଳନର ପ୍ରାସଙ୍ଗିକତା ଏବଂ ଓଡ଼ିଆ ନବବର୍ଷ, ଓଡ଼ିଶାର ସଂସ୍କୃତି ସମ୍ବନ୍ଧରେ ଅବତାରଣା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ସ୍ମରଣିକା-୨୦୨୬ର ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ଼. ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡ଼. ଦୁର୍ବାଦଳ ମେହେରଙ୍କୁ ବିଷୁବ ସମ୍ମାନ, ସରିତା ରାଣୀ ସିଂଦେଓଙ୍କୁ ଶିକ୍ଷା ସମ୍ମାନ, ସ୍ୱାତୀ ସୁଚରିତା ଗୁରୁଙ୍କୁ ଶିଳ୍ପୀ ସମ୍ମାନ, ଡ଼. ବ୍ରଜମୋହନ ମେହେରଙ୍କୁ କୋଶଳ ପ୍ରଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଜ୍ୟୋତିପ୍ରକାଶ ଗଡତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଦସ୍ୟ ଆଇନଜୀବୀ ସତ୍ୟବ୍ରତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜୀବ ଲୋଚନ ପାଢ଼ୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ପ୍ରମୋଦ ପାଲ ବାର୍ଷିକ ବିବରଣୀ ପାଠ କରିଥିଲେ ।ଜଗନ୍ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ମା’ବାପା, ଶିଶୁପୁତ୍ର ମୃତ

ବଲାଙ୍ଗୀର,୧୪।୪(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥ ଟୋଲଗେଟ୍ ନିକଟରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ସାତମାଇଲ ଛକ ଏବଂ ଭଇଷାପାଲି ଟୋଲ୍‌ଗେଟ୍ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଗୋଟିଏ ପରିବାରର ମା’ ବାପା ଓ ପୁଅଙ୍କ ଅକାଳ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଦୁର୍ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିବା ଖବର ମିଳିଛି । ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁଇଁନ୍ତଲା ଥାନା ଅଧୀନ ଡୁମେରବାହାଲ ଗାଁର ରମାକାନ୍ତ ନାଏକ ଏକ ବାଇକ୍ ଯୋଗେ ତାଙ୍କ ସ୍ତ୍ରୀ ବୀଣାପାଣି ଓ ଦେଢ଼ବର୍ଷର ପୁଅକୁ ଧରି ବଲାଙ୍ଗୀର ଟାଉନରୁ ଗାଁକୁ ଫେରୁଥିଲେ। ଏହି ସମୟରେ ସୋନପୁର ପଟରୁ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଉକ୍ତ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀ ରମାକାନ୍ତ ଓ ତାଙ୍କ ଦେଢ଼ବର୍ଷର ପୁଅର ମୃତ୍ୟୁ ଘଟିଥିଲା। ରମାକାନ୍ତଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ଏ ନେଇ ଖବର ପାଇବା ପରେ ପୁଇଁନ୍ତଲା ଥାନା ପୋଲିସ ପହଞ୍ଚି ବୀଣାପାଣିଙ୍କୁ ଉଦ୍ଧାରକରି ବଲାଙ୍ଗୀର ଭୀମ ଭୋଇ ମେଡକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡିକାଲ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି । ପୋଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜବତକରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ଦୁର୍ଘଟଣାସ୍ଥଳରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିବାରୁ ଏସ୍‌ଡିପିଓ ଉପାଧ୍ୟାୟ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିବା ଖବର ମିଳିଛି। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ବାଇକ୍‌ରେ ଗାଁକୁ ଫେରୁଥିଲେ**

# ‘ପ୍ରକୃତ ଶିକ୍ଷା ହିଁ ସାମାଜିକ କ୍ରାନ୍ତିର ବାଟ’



ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ବାବାସାହେବ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର,୧୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦଳିତ ସମାଜ ପକ୍ଷରୁ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। କଚେରୀ ଛକସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ବହୁ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋଭାଯାତ୍ରାରେ ଆଦିବାସୀ ସମାଜ, ଯାଦବ ସମାଜ ଓ ପଛୁଆ ବର୍ଗର ବ୍ୟକ୍ତି ଓ ସଙ୍ଗଠନ ସାମିଲ ହୋଇଥିଲେ। ପରେ କୋଶଳ କଳାମଣ୍ଡଳ ପଡିଆରେ ସଙ୍ଗଠନ ଆବାହକ ବିଜୟ ବାରିକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ, ସାବିତ୍ରୀ ବାଇ ଫୁଲେ ସଙ୍ଗଠନର ସଭାନେତ୍ରୀ କୌଶଲ୍ୟା କୁମ୍ଭାର, ରୂପାଲି ମହାନନ୍ଦ, ଯାଦବ ସମାଜର ସନ୍ଦୀପ ବାଗ, ପଛୁଆ ବର୍ଗର ସରୋଜ ମେଶ୍ରା, ସତ୍ୟପୀର ପାତ୍ର ଓ ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର ମଞ୍ଚାସୀନ ଥିଲେ । ସଭାକୁ ସଂଯୋଜକ କୁନା ବାଗ ପରିଚାଳନା କରିଥିଲେ। ଅତିଥିମାନେ କହିଥିଲେ, ପ୍ରକୃତ ଶିକ୍ଷା ବଳରେ ସାମାଜିକ କ୍ରାନ୍ତି ସମ୍ଭବ ଏବଂ ଏହା ବାବାସାହେବଙ୍କ ଜୀବନୀରୁ ଜଣାପଡେ ।ରଘୁନାଥ ମୁଗ୍ରୀ ମଧ୍ୟ ବକ୍ତବ୍ୟ ରଖିଥିଲେ। ଶମ୍ଭୁ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଥର ପାଇଁ ଆଦିବାସୀ, ପଛୁଆ ବର୍ଗ ଓ ଦଳିତ ସମାଜ ମିଳିତ ଉଦ୍ୟମରେ ବଲାଙ୍ଗୀରରେ ବାବା ସାହେବଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଶୋଭାଯାତ୍ରାରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, କାଉନସିଲର ଗଙ୍ଗାଧର ଚାନ୍ଦ, ଶତ୍ରୁଘ୍ନ ବାଗ ଓ ସଙ୍ଗଠକ ବୁଲୁ ବେହେରା ସାମିଲ ହୋଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।

**ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ**

## ହନୁମାନ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା

ବଲାଙ୍ଗୀର,୧୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ସହରରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶ୍ରୀ ଶ୍ରୀ ହନୁମାନ ଜନ୍ମୋତ୍ସବ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ବିଭିନ୍ନ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଶୋଭାଯାତ୍ରା ବାହାରି କଳାମଣ୍ଡଳ ରୋଡ ଦେଇ ପିପି ଏକାଡେମୀ, ବିକ୍ରମ ଛକ, ଡେଲିମାର୍କେଟ୍, ସମଲେଶ୍ୱରୀ ମନ୍ଦିର, ମେନ୍ ମାର୍କେଟ ଦେଇ କୋଶଳ କଳା ମଣ୍ଡଳ ପଡିଆକୁ ଫେରିଥିଲା। ସମର୍ଥକ, ମହିଳା ଓ ପୁରୁଷ ଗେରୁଆ ରଙ୍ଗର ଧ୍ୱଜା ଧରି ସାମିଲ ହୋଇଥିଲେ। ଜୟଶ୍ରୀ ରାମ, ଜୟ ହନୁମାନ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ବିଭିନ୍ନ ସ୍ଥାନରେ ଥିବା ହନୁମାନ ଜୟନ୍ତୀ କମିଟି ପକ୍ଷରୁ ଏହି ଶୋଭାଯାତ୍ରା ଦଳକୁ ସ୍ୱାଗତ କରାଯାଇଥିଲା। ବହୁ ଯୁବକ ନିଜକୁ ହନୁମାନ ବେଶରେ ସଜାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମାଙ୍କ ସହ ଭାଜପା ନେତା ଓ ସଙ୍ଗଠକ ଏଥିରେ ସାମିଲ ହୋଇଥିଲେ।

# ପାଟଣାଗଡ଼ରେ ବଜରଙ୍ଗ ଦଳର ଶୋଭାଯାତ୍ରା



ଶୋଭାଯାତ୍ରାରେ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ ସହିତ ଉପମୁଖ୍ୟମନ୍ତ୍ରୀ।

ପାଟଣାଗଡ଼,୧୪।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ରେ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି , ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏନଏସି ବ୍ରହ୍ମପୁରାସ୍ଥିତ ବଳଦେବଜୀଉ ମନ୍ଦିରରେ ପୂଜାର୍ଚ୍ଚନା ପରେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତା ଦେଇ ରାମଜୀ ଛକସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ବଜରଙ୍ଗ ଦଳର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

**ଶୋଭାଯାତ୍ରାରେ ସାମିଲ ହେଲେ ଉପମୁଖ୍ୟମନ୍ତ୍ରୀ**

# କଣ୍ଟାବାଞ୍ଜିରେ ଆମ୍ବେଡକର ଜୟନ୍ତୀ ପାଳିତ



ଆମ୍ବେଡକର ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ବେଳେ ବିଧାୟକ ଓ ଅନ୍ୟମାନେ ।

କଣ୍ଟାବାଞ୍ଜି,୧୪।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଆମ୍ବେଡକର ଛକସ୍ଥିତ ପ୍ରତିମୂର୍ତ୍ତିରେ ନିଜ ସମର୍ଥକମାନଙ୍କ ସହ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମୟରେ ରାଜେଶ ସାଗର, କୃତିକର ବାଗ, ମୁକେଶ ବାଗ, ଗୁରୁଦୟାଲ ହଂସ, ଯୋଗେଶ ଅଗ୍ରୱାଲ,ପପ୍ପୁ ଜୁଏଡ, ବେଣୁଧର ବେହେରା, ଦେବଦତ୍ତ ମଜଖେଣ୍ଡଙ୍କ ସହ ଅନ୍ୟମାନେ ସାମିଲ ଥିଲେ । ସେହିପରି ଆମ୍ବେଦକର ଛକରେ ବିଆରୟୁଏସବି କ୍ଲବ ସଭାପତି ଦେବଦତ୍ତ ମଜଖେଣ୍ଡଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଆମ୍ବେଡକର ଜୟନ୍ତୀ ପାଳନ କମିଟି ସଭାପତି ଗୋବିନ୍ଦ ତାଣ୍ଡିଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଥିଲା। ଏହା ସ୍ଥାନୀୟ ଗୋରୁ ବଜାର ପଡିଆରୁ ବାହାରି ରେଳବାଇ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ଏହାଛଡା ଚଟୁଅନକା ଓ ସ୍ଥାନୀୟ ଗାନ୍ଧୀନଗରପଡାରୁ ରାଲି ବାହାରିଥିଲା । ଏହି ଅବସରରେ ରେଳବାଇ ପଡିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ ବକ୍ତମାନେ ଡା.ଆମ୍ବେଡକରଙ୍କ ସ୍ତୁତିଚାରଣ କରିଥିଲେ। ଆମ୍ବେଡକର ଜୟନ୍ତୀ ରାଲିରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକଜ୍‌କ୍ୟୁଟିଭ ମାଜିଷ୍ଟ୍ରେଟ ତଥା କଣ୍ଟାବାଞ୍ଜି ତହସିଲଦାର, ସ୍ଥାନୀୟ ପୋଲିସ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ଆଇଆଇସି ଗୋପାଳ କର୍ଣ୍ଣ, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଥାନାର ସମସ୍ତ ଆଇଆଇସି ସହ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ ।

# ‘ବାବାସାହେବଙ୍କ ଜୀବନୀ ଏକ ପ୍ରେରଣାପ୍ରଦ ଯାତ୍ରା’

ବଲାଙ୍ଗୀର,୧୪।୪(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଆୟୋଜିତ ଆମ୍ବେଡକର ଜୟନ୍ତୀ।

ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ମଙ୍ଗଳବାର ଭାରତରତ୍ନ ଡ. ବିଆର ଆମ୍ବେଡକରଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଥିଲା। ମହାବିଦ୍ୟାଳୟ ପରିଚାଳନା କମିଟିସଭାପତି ଟଙ୍କଧର ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ବୀରେନ୍ଦ୍ର କୁମାର ଝାଙ୍କର, ମୁଖ୍ୟବକ୍ତା ଭାବେ ବିଭୁ କଲ୍ୟାଣ ଗଡତ୍ୟା, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଓକିଲ ସଂଘ ସଭାପତି ବାସୁଦେବ ରଥ ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତ ଅତିଥି ଏବଂ ଛାତ୍ର ବାବାସାହେବ ଆମ୍ବେଡକର ଏବଂ ଯୁଧିଷ୍ଠିର ମିଶ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ତ୍ରିଲୋଚନ ନନ୍ଦ, ଉମାକାନ୍ତ ସାହୁ, କଲେଜ ଆଲୁମ୍ନି ସଂଘ ସଭାପତି ବ୍ୟାସଦେବ ନନ୍ଦ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଅର୍ଜୁନ ମୁଗ୍ରୀ, ଅଧ୍ୟାପକ ସୁଶୀଳ ଦୀପ ବକ୍ତବ୍ୟ ରଖିଥିଲେ। ଅତିଥି ଏବଂ ବକ୍ତାମାନେ ଭାରତରତ୍ନ ଡ. ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନ ଓ ତାଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ କହିଥିଲେ। ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଆଦର୍ଶ, ତ୍ୟାଗ, ଶ୍ରେଣୀବିହୀନ ସମାଜ ଗଠନ, ସମାଜର ଦଳିତ ଓ ଅବହେଳିତ ଲୋକଙ୍କ ପାଇଁ ନିରନ୍ତର ସଂଗ୍ରାମ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସମ୍ପ୍ରତି ଓଡିଶାର ସିଜିମାଳିରେ ଆଦିବାସୀ ଏବଂ ବନବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ନିର୍ଯାତନା ଉପରେ ଆଲୋଚନା କରାଯାଇଥିଲା। ଆମ୍ବେଡକରଙ୍କ ଜୀବନୀ ଏକ ପ୍ରେରଣାପ୍ରଦ ଯାତ୍ରା ବୋଲି ଅତିଥିମାନେ କହିଥିଲେ। ସଭାପତୀୟ ଅଭିଭାଷଣରେ ଗଡତ୍ୟା ବାବାସାହେବଙ୍କ ସଂଘର୍ଷ ଏବଂ ସାମ୍ବିଧାନିକ ଅଧିକାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଦୁଇଟି ସ୍ଥାନରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବାଦିବାହାଲ ହନୁମାନ ବାଟିକାରେ ଆୟୋଜିତ ପାରାୟଣ ଅବସରରେ ଯୋଗ ଦେଇଥିବା ମହିଳା ।

ଲୋଇସିଂହା,୧୪।୪(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ସ୍ଥାନରେ ମହାବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ପ୍ରଭାତରୁ ମନ୍ଦିରଗୁଡିକରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଘରେ ଘରେ ମହିଳାମାନେ ତୁଳସୀ ଚଉରାରେ ପଣା ଅର୍ପଣ କରି ଓଡିଆ ନବବର୍ଷକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଲୋଇସିଂହା ବ୍ଲକ ଅଧୀନ ବୁର୍ଡା ଛକ ହନୁମାନ ମନ୍ଦିରରେ ଚାଲିଥିବା ତୁଳସୀ ପରାୟାଣ, ବାଦିବାହାଲ ହନୁମାନ ବାଟିକା, ଗୁର୍ଜିଭଟା ହନୁମାନ ମନ୍ଦିର ,ରୁଗୁଡିଖାଲ ରାମମନ୍ଦିର, କାନ୍ଦାଜୁରୀସ୍ଥିତ ମହାଦେବ ମନ୍ଦିର ଓ ହନୁମାନ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ସେ ଏହିସବୁ ସ୍ଥାନରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଲୋଇସିଂହା ସାପ୍ତାହିକ ବଜାରରେ ଆୟୋଜିତ ପଣା ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ମହାଲିଙ୍ଗ ଯୋଗ ଦେଇଥିଲେ । ଏହି ଅବସରରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ଜନ୍ମ ଜୟନ୍ତୀ ଅବସରରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ମହାଲିଙ୍ଗ ଯୋଗଦେଇ ଲୋଇସିଂହା ବ୍ଲକ ବୁର୍ଡା ଆମ୍ବେଡକର କ୍ଲବ ଓ ଆଗଲପୁର ଦଳିତ ବସ୍ତିରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବୁଢୀପଦର ଓ ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଦେଶର ପଛୁଆ,ଅବହେଳିତ ବର୍ଗଙ୍କ ଉନ୍ନତି ପାଇଁ ବାବା ସାହେବଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଡବଲ ଇଞ୍ଜିନ ସରକାର ସମାନତା ଓ ସାମାଜିକ ନ୍ୟାୟ ପାଇଁ ବଦ୍ଧପରିକର ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ।

# ଲକ୍ଷାଧିକ ଟଙ୍କାର କଳାକେନ୍ଦୁ ଗଣ୍ଡି ଜବତ, ୫ ଗିରଫ



ଜବତ କଳାକେନ୍ଦୁ କାଠଗଣ୍ଡି ।



ଗିରଫ ଅଭିଯୁକ୍ତମାନେ।

- ମିନି ଟ୍ରକ୍ ଜବତ
- ବନ ବିଭାଗ ଟିମ୍‌କୁ ଏସ୍‌କର୍ଟ ଗାଡିରେ ଥିବା ଅଭିଯୁକ୍ତମାନେ କଲେ ଆକ୍ରମଣ

ବଲାଙ୍ଗୀର,୧୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବନ ବିଭାଗ ପକ୍ଷରୁ ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ସିନଖମନ୍ ଗାଁ ନିକଟରେ ଚଢ଼ାଉ କରାଯାଇ ଏକ ମିନି ଟ୍ରକ୍‌ରୁ ଲକ୍ଷାଧିକ ଟଙ୍କାର କଳାକେନ୍ଦୁ ଗଣ୍ଡି ଜବତ ହୋଇଛି। ବନବିଭାଗ ଟିମ୍ କାଠଗଣ୍ଡି ଜବତ କରିବାକୁ ଗଲା ବେଳେ କାଠବେପାରୀମାନେ ବନବିଭାଗ ଟିମ୍‌କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଟିକ୍ରାପଡା ଅଞ୍ଚଳରୁ ସିନଖମନ ଛକ ଦେଇ ଏକ ୭୦୯ ମିନି ଟ୍ରକରେ ବରଗଡକୁ କଳାକେନ୍ଦୁ ଗଣ୍ଡି ଚାଲାଣ ହେଉଥିବା ଖବର ମିଳିଥିଲା। ଏହି କାଠ ଚୋରାଚାଲାଣରେ ଆନ୍ତଃରାଜ୍ୟ କାଠ ମାଫିଆମାନେ ସମ୍ପୃକ୍ତ ଥିବା ଖବର ମିଳିଥିଲା। ପରେ ବଲାଙ୍ଗୀର ଡିଏଫଓ ଅଜିତ୍ ବିଶିଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ରେଞ୍ଜ ଅଫିସର ନବୀନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ଫରେଷ୍ଟର ବ୍ୟାସଦେବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ସିନ୍‌ଖମନ ଛକ ନିକଟରେ ଜଗି ରହିଥିଲେ । ସିନଖମନ୍ ଛକ ନିକଟରେ ଉକ୍ତ ମିନି ଟ୍ରକକୁ ଅଟକା ଯିବା ପରେ ସେଥିରେ ଲକ୍ଷାଧିକ ଟଙ୍କାର କଳାକେନ୍ଦୁ କାଠଗଣ୍ଡି ଥିବା ଦେଖାଯାଇଥିଲା। ଏତିକି ବେଳେ ଉକ୍ତ ଗାଡିକୁ ଏସକର୍ଟ କରୁଥିବା ଅନ୍ୟ ଏକ ଗାଡିରେ ଥିବା ୫/୬ ଜଣ ବନବିଭାଗ ଟିମ୍‌କୁ ଖଣ୍ଡା ଓ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ବନବିଭାଗ ଟିମ୍ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କାବୁ କରି ନେଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ ଅଞ୍ଚଳର ଲୋକନାଥ ସବଲ (୩୫), ସୁରେଶ ଭୋଇ (୪୪), ସୁଶୀଳ ସେଠ୍ ( ୪୫), ଦେବେନ୍ଦ୍ର ମହାପାତ୍ର (୫୬) ଏବଂ ଟିକ୍ରାପଡା ସତୀଘାଟର ମାନସ ଖମାରୀ (୩୫) ବୋଲି ବନବିଭାଗ ସୂଚନା ଦେଇଛନ୍ତି। ଏହି କାଠ ବେପାରୀମାନେ ବରଗଡ ଦେଇ ଛତିଶଗଡ ଓ ଅନ୍ୟ ରାଜ୍ୟକୁ କାଠଗଣ୍ଡି ଚାଲାଣ କରିବାକୁ ନେଉଥିଲେ ବୋଲି କୁହାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚୁରା କରାଯାଉଥିବା ଜଣାପଡ଼ିଛି।




# ରାଜ୍ୟରେ ଆହୁରି ବଢ଼ିବ ତାତି

ଭୁବନେଶ୍ୱର, ୧୪।୪
(ବନ୍ଦନା ସେଠୀ)

ରାଜ୍ୟରେ ଆହୁରି ବଢିବ ତାତି। ଗରମ ତାୱାରେ ଜଳିବ ଓଡ଼ିଶା। ସେହିପରି ଆସନ୍ତା ୬ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମର ପ୍ରକୋପ ଲାଗିରହିବ। ଦିନର ସର୍ବୋଚ୍ଚ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ। କିଛି ସ୍ଥାନରେ ପାରଦ ୪୫ ଡିଗ୍ରୀ ଟପିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ବିଶେଷକରି ଉପକୂଳ ଓ ପଶ୍ଚିମ ଓଡ଼ିଶାର ଲୋକେ ଗରମ ଗୁଳୁଗୁଳିରେ ସନ୍ତୁଳି ହେବେ। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର,

## ୪୦ ଡିଗ୍ରୀ ଉପରେ ୮ ସହରର ତାପମାତ୍ରା

ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ଗରମ ଓ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଗୁରୁବାର ସମ୍ପୃକ୍ତ ଜିଲା ବ୍ୟତୀତ ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୋନପୁରକୁ ହିଟ୍ ୱେଭ୍ ଜାରି କରାଯାଇଛି। ତେବେ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ ଘଡଘଡି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ୮ଟି ସ୍ଥାନର ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଛି। ସେହିପରି ଗତ କିଛିଦିନ ହେବ ଲଗାତର ଭାବେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ରେକର୍ଡ ହେଉଛି। ମଙ୍ଗଳବାର ମଧ୍ୟ ୪୧.୭ ଡିଗ୍ରୀ ସହିତ ଟିଟିଲାଗଡ଼ ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସମ୍ବଲପୁର ଓ ହୀରାକୁଦରେ ୪୧.୫ ଡିଗ୍ରୀ, ଝାରସୁଗୁଡ଼ା ଓ ଭବାନୀପାଟଣାରେ ୪୧ ଡିଗ୍ରୀ, ସୋନପୁରରେ ୪୦.୬ ଡିଗ୍ରୀ, ବଲାଙ୍ଗୀରରେ ୪୦.୩ ଡିଗ୍ରୀ ଏବଂ ତାଳଚେରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ଦଣ୍ଡନାଚ ଦେଖି ଫେରୁଥିବାବେଳେ ଦୁର୍ଘଟଣା, ୨ ମୃତ

ବନ୍ତଲା, ୧୪।୪ (ସୁଶିତ ସାହୁ)

ଦଣ୍ଡନାଚ ଦେଖି ଫେରୁଥିବାବେଳେ ଅନୁଗୋଳ ଜିଲା ଟିକରପଡ଼ା-ବନ୍ତଲା ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଜରପଡ଼ା ଥାନା ବଡ଼ହିଂସର ଗ୍ରାମର ଅନ୍ତର ସାହୁଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସାହୁ (୪୫) ଓ ବୀରବର ସାହୁଙ୍କ ପୁଅ ଧୀରେନ ସାହୁ (୨୬)। ଦୁହେଁ ଏକ ବାଇକ୍‌ରେ ପୁରୁଣାକୋଟ ଥାନା ଜଗନ୍ନାଥପୁର ଗାଁକୁ ଦଣ୍ଡନାଚ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧ଟା ବେଳେ ଦୁହେଁ ଘରକୁ ଫେରୁଥିବାବେଳେ ହିଂସିରିଡା ଗ୍ରାମ ନିକଟରେ ଏକ ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଦୁହେଁ ରାସ୍ତା ଉପରେ ପଡ଼ିଥିବା ଦେଖି ପଥଚାରୀମାନେ ପୁରୁଣାକୋଟ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପ୍ରାକ୍ ପ୍ରାଥମିକ ଶିକ୍ଷା ବିକାଶ କାର୍ଯ୍ୟକ୍ରମ 'ଆରୋହଣ' ଆରମ୍ଭ

ଭୁବନେଶ୍ୱର, ୧୪।୪ (ସୁଚିସ୍ମିତା ସାହୁ)


ଆରୋହଣ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ପିଲା, ଅଭିଭାବକ ଏବଂ ଅତିଥିଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଶୁଭ ଅବସରରେ ମଙ୍ଗଳବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରାକ୍ ପ୍ରାଥମିକ ଶିକ୍ଷା ବିକାଶ କାର୍ଯ୍ୟକ୍ରମ 'ଆରୋହଣ' ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଆଇସିଡବ୍ଲ୍ୟୁଏସ୍ ପରିସରରେ ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କୁନି କୁନି ପିଲାଙ୍କୁ ତିଳକ ଲଗାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ପ୍ରଦାନ କରିବା ସହ ନୂତନ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଦେ ଆଗକୁ' ସ୍ଲୋଗାନ ସହ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏହା ଏକ ସାମୂହିକ ପ୍ରୟାସ। ରାଜ୍ୟରେ ପ୍ରାକ୍ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅଙ୍ଗନୱାଡିରେ ପ୍ରାକ୍ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ପିଲାମାନେ ଯେପରି ସହଜରେ ଶିଶୁବାଟିକା-୩ରେ ନାମ ଲେଖାଇ ଶିକ୍ଷା ଗ୍ରହଣ କରିପାରିବେ, ତାହା ଉକ୍ତ ଯୋଜନା ମାଧ୍ୟମରେ ନିଶ୍ଚିତ କରାଯିବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଶୁର ଜନ୍ମଠାରୁ ପ୍ରଥମ ୬ବର୍ଷ ପର୍ଯ୍ୟନ୍ତ ତା'ର ମସ୍ତିଷ୍କର ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ 'ପୋଷଣ ପକ୍ଷ-୨୦୨୬' ଅବସରରେ ସରକାର ପ୍ରାକ୍-ପ୍ରାଥମିକ ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରିବାର ଓ ସମାଜ ତଥା ଅଭିଭାବକମାନଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ.ମୃଣାଳିନୀ ଦାର୍ସୱାଲ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଅଧିକ ସକ୍ଷମ କରିବା ସହିତ ଶିଶୁମାନଙ୍କ ସାମୂହିକ ବିକାଶ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ ଅଧିକାରୀଙ୍କ ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି, ଅତିରିକ୍ତ ଶାସନ ସଚିବ ଇତିଶ୍ରୀ ଦାସ ଏବଂ ଏନ୍.ସି. ଜ୍ୟୋତିରଞ୍ଜନଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ସହଯୋଗୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ହେବ 'ଏସିଆ'ର ପ୍ରମୁଖ ପର୍ଯ୍ୟଟନ ସ୍ଥଳ: ମୁଖ୍ୟ ସଚିବ

## 'ଥିଙ୍କ୍ ଇଣ୍ଡିଆ-ଥିଙ୍କ୍ ଓଡ଼ିଶା'କୁ ଗୁରୁତ୍ୱ ଦିଅ

ଭୁବନେଶ୍ୱର, ୧୪।୪
(ରବିନାରାୟଣ ଜେନା)

ଓଡ଼ିଶାରେ ସମୃଦ୍ଧ ଐତିହ୍ୟ, ବିବିଧ ସଂସ୍କୃତି ଓ ପ୍ରାକୃତିକ ମନୋରମ୍ୟ ରହିଛି। ଏହାକୁ ନେଇ ବିଶ୍ୱସ୍ତରୀୟ ପର୍ଯ୍ୟଟକମାନଙ୍କୁ କିଭଳି ଆକର୍ଷିତ କରାଯାଇ ପାରିବ ସେନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବିଭାଗ ପକ୍ଷରୁ 'ଅଲ୍ ଫର୍ ଟୁରିଜମ୍' ଶୀର୍ଷକ ଏକ ରିପୋର୍ଟ ପ୍ରସ୍ତୁତ ହୋଇଛି। 'ଥିଙ୍କ୍ ଇଣ୍ଡିଆ-ଥିଙ୍କ୍ ଓଡ଼ିଶା' ଜରିଆରେ ଓଡ଼ିଶା ନିଜକୁ 'ଏସିଆ' ମହାଦେଶରେ ଏକ ପ୍ରମୁଖ ଇକୋ-ପର୍ଯ୍ୟଟନ ଓ ସାଂସ୍କୃତିକ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ କରାଇବାକୁ ଆଶା ରଖିଛି। ଏଥିଲାଗି ସବୁ ପ୍ରକାର ସହଯୋଗ ଯୋଗାଇଦେବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ବିଭାଗର ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏପ୍ରିଲ ୪ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଓଡ଼ିଶାକୁ ପର୍ଯ୍ୟଟନ କ୍ଷେତ୍ରରେ କିଭଳି ଋଦ୍ଧିମନ୍ତ କରାଯାଇପାରିବ ସେନେଇ ବିଭାଗୀୟ ସଚିବ ବଲ୍‌ୱନ୍ତ ସିଂ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ସେ ଦର୍ଶାଇଥିଲେ, 'ଥିଙ୍କ୍ ଇଣ୍ଡିଆ-ଥିଙ୍କ୍ ଓଡ଼ିଶା' ଜରିଆରେ ସ୍ଥାୟୀ ପର୍ଯ୍ୟଟନ ପ୍ରଚଳନକୁ ପ୍ରୋତ୍ସାହନ ଦେବାକୁ ବିଶେଷ ଗୁରୁତ୍ୱ ଦିଆଯିବ, ଯାହାଦ୍ୱାରା ପ୍ରାକୃତିକ ଓ ସାଂସ୍କୃତିକ ସମ୍ପଦର ସୁରକ୍ଷା ସହିତ ସ୍ଥାନୀୟ ସମୁଦାୟଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟିହେବ। ର।ଜ୍ୟ ସରକାର ୨୦୪୭ ସୁଦ୍ଧା ଓଡ଼ିଶାକୁ ଏକ ପ୍ରମୁଖ ଗ୍ଲୋବାଲ୍ ଇକୋ-ପର୍ଯ୍ୟଟନ ଓ ସାଂସ୍କୃତିକ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଦୃଷ୍ଟିକୋଣରୁ ଓଡ଼ିଶାର ଅଦ୍ୱିତୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଐତିହ୍ୟର ବିକାଶ କରାଯିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଦୂରଦୃଷ୍ଟିସମ୍ପନ୍ନ ପରିକଳ୍ପନା ଓ ଲକ୍ଷ୍ୟମୂଳକ ନିବେଶ ମାଧ୍ୟମରେ ରାଜ୍ୟ ପର୍ଯ୍ୟଟକ ଅନୁଭବକୁ ଉନ୍ନତ ସହିତ ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବା ଓ ଅନ୍ତର୍ଜାତୀୟ ଏବଂ ଦେଶୀୟ ପର୍ଯ୍ୟଟକମାନଙ୍କ ପାଇଁ ପସନ୍ଦୀୟ ଗନ୍ତବ୍ୟ ଭାବେ ନିଜକୁ ଉପସ୍ଥାପିତ କରିବାକୁ ବିଭାଗ ଉଦ୍ୟମ କରୁଛି। ଏହି ଦୃଷ୍ଟିକୋଣ ଜରିଆରେ ୩ଟି ଦିଗକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ନୀତିଗତ ସମର୍ଥନ, ନିବେଶ ଓ ପିପିପି ମୋଡ୍‌ରେ ନିର୍ମାଣର ଆବଶ୍ୟକତା। 'ଅଲ୍ ଫର୍ ଟୁରିଜମ୍' ଅଧୀନରେ ସମସ୍ତ ବିଭାଗକୁ ପର୍ଯ୍ୟଟନ ବିଭାଗକୁ ଆବଶ୍ୟକ ସହଯୋଗ ଯୋଗାଇବା ପାଇଁ କୁହାଯାଇଛି। ବିଶେଷକରି ପର୍ଯ୍ୟଟନ ପାଇଁ ପ୍ରାଥମିକ ଢାଞ୍ଚାଗତ ବିକାଶ, ଶୀଘ୍ର ଅନୁମୋଦନ, ବ୍ରାଣ୍ଡିଙ୍ଗ୍ ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ କରିବାକୁ ହେବ। ପର୍ଯ୍ୟଟନ ବିଭାଗ ସହ ଅନ୍ୟ ବିଭାଗର ସମ୍ପୃକ୍ତି ଥିବାରୁ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ସହଯୋଗ ଯୋଗାଇଦେବା ଆବଶ୍ୟକ ବୋଲି ସଚିବ କହିଥିଲେ। ଏହାକୁ ନେଇ ମୁଖ୍ୟ ସଚିବ ଗର୍ଗ ସମସ୍ତ ବିଭାଗକୁ ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ତୁରନ୍ତ ଓ ନିରନ୍ତର ସହଯୋଗ ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି।

# ୫ ଦିନ ବଢ଼ିପାରେ ସୁଭଦ୍ରା ପଞ୍ଜୀକରଣ ଅବଧି

ଭୁବନେଶ୍ୱର, ୧୪।୪
(ସୁଚିସ୍ମିତା ସାହୁ)

ସୁଭଦ୍ରା ଯୋଜନାର ଅବଧି ଆହୁରି ୫ ଦିନ ବଢ଼ିପାରେ। ଏପ୍ରିଲ ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ନୂଆ ହିତାଧିକାରୀମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ। ଆବେଦନକାରୀଙ୍କ ସଂଖ୍ୟା ବହୁତ ରହିଥିବା ବେଳେ ଆବେଦନ କରିବା ପାଇଁ ମଧ୍ୟ ସମୟ ଅଧିକ ରହିଛି। ଯେଉଁମାନେ ପ୍ରଥମ କରି ୨୧ ବର୍ଷରେ ପାଦ ଦେଇଛନ୍ତି, ସେମାନେ ଏଥିଲାଗି ଆବେଦନ କରିପାରିବେ। ଆବେଦନ କରିବା ସମୟରେ ଯଦି କୌଣସି ଟେକ୍ନିକାଲ ସମସ୍ୟା ଦେଖାଦେବ, ତେବେ ଏଭଳି ପରିସ୍ଥିତିରେ ସୁଭଦ୍ରା ଯୋଜନା ଆବେଦନ ଅବଧିକୁ ଆହୁରି ୫ ଦିନ ବୃଦ୍ଧି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ 'ଆରୋହଣ' କାର୍ଯ୍ୟକ୍ରମ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଏପ୍ରିଲ ୧ ସୁଦ୍ଧା ୨୧ ବର୍ଷରୁ ୬୦ ବର୍ଷ ବୟସର ମହିଳା, ଯୁବତୀମାନେ ସୁଭଦ୍ରାରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଯେଉଁ ମହିଳା ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, ସେମାନେ କେବଳ ଏହି ଅବଧିରେ ନୂତନ ଭାବେ ଆବେଦନ କରିପାରିବେ। ଯେଉଁମାନେ ପୂର୍ବରୁ ଆବେଦନ କରିଥିବେ, ସେମାନଙ୍କ ଆବେଦନ ଗ୍ରହଣ କରାଯିବନାହିଁ। ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ଆବେଦନ ଫର୍ମ ମିଳିପାରିବ।

# କିଣାହେବ ୧୫ହଜାର ବାଲଟ ବକ୍ସ

## ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ: ରାଜ୍ୟ ନିର୍ବାଚନ ଆୟୁକ୍ତ

ଭୁବନେଶ୍ୱର, ୧୪।୪
(ରବିନାରାୟଣ ଜେନା)

ରାଜ୍ୟରେ ପଞ୍ଚାୟତ ନିର୍ବାଚନ କିଭଳି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଇପାରିବ ସେନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ଲାଗି ଆବଶ୍ୟକ ପଡୁଥିବା କେତେକ ବାଲଟ ବକ୍ସର ଅଭାବ ରହିଛି। ସେଥିପାଇଁ ଆୟୋଗଙ୍କ ପକ୍ଷରୁ ଏହାକୁ ଏବେଠାରୁ କିଣାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ପୌର ନିର୍ବାଚନ ଲାଗି ଇଭିଏମ୍‌ର ଆବଶ୍ୟକତା ରହିଛି। ଆବଶ୍ୟକ ଅନୁଯାୟୀ, ୬ ହଜାର ଇଭିଏମ୍ ଏବଂ ୧୫ ହଜାର ବାଲଟ ବକ୍ସ ଆୟୋଗଙ୍କ ପକ୍ଷରୁ କିଣାଯିବ। ଭାରତ ସରକାରଙ୍କ ନିର୍ଦ୍ଦିଷ୍ଟ ସଂସ୍ଥା ଇସିଆଇଏଲ୍‌ଠାରୁ ଇଭିଏମ୍ ଏବଂ ଓଡ଼ିଶା ସ୍ମଲ୍‌ସ୍କେଲ୍ ଇଣ୍ଡଷ୍ଟ୍ରି (ଓଏସ୍ଆଇସି)ଠାରୁ ବାଲଟ ବକ୍ସ କିଣାଯିବ। ଏଥିପାଇଁ ଆୟୋଗଙ୍କ ପକ୍ଷରୁ ଓଏସ୍ଆଇସିକୁ ଇଣ୍ଡେଣ୍ଟ ପଠାଯାଇଛି ବୋଲି ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି।

ଆୟୁକ୍ତ ପାଢ଼ୀ ପୁଣି କହିଛନ୍ତି, ପଞ୍ଚାୟତ ନିର୍ବାଚନ ଲାଗି ଆୟୋଗଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଇଭିଏମ୍ ଏବଂ ବାଲଟ ବକ୍ସ ହଠାତ୍ ମିଳେନାହିଁ। ତେଣୁ ଏହାକୁ ୬ ମାସ ପୂର୍ବରୁ ସଂଗ୍ରହ କରିବାକୁ ପଡ଼ିଥାଏ। ଏ ନେଇ ଓଏସ୍ଆଇସିକୁ ଅର୍ଡର ଦିଆଯାଇଥିବାବେଳେ ଇସିଆଇଏଲ୍‌ଠାରୁ ଇଭିଏମ୍ ପାଇଁ ଖୁବ୍‌ଶୀଘ୍ର ଅର୍ଡର ପଠାଯିବ। ସେ କହିଛନ୍ତି, ରାଜ୍ୟରେ ପ୍ରାୟ ୯୧ ହଜାର ବୁଥ୍ ପାଇଁ ଆମକୁ ୧୦% ଅଧିକ ଅର୍ଥାତ୍ ୧ଲକ୍ଷ ବାଲଟ ବକ୍ସ ପ୍ରସ୍ତୁତକରି ରଖିବାକୁ ପଡ଼ିବ। ଆୟୋଗଙ୍କ ନିକଟରେ ପ୍ରାୟ ୮୫ ହଜାର ବାଲଟ ବକ୍ସ ରହିଛି। ସେହିପରି ଆୟୋଗଙ୍କ ପାଖରେ ପ୍ରାୟ ୮ହଜାର ଇଭିଏମ୍ ଅଛି। ତେଣୁ ଆଉ ୬ କିମ୍ବା ୭ ହଜାର ଇଭିଏମ୍ ସଂଗ୍ରହ କରାଯିବ। ଯାହାଫଳରେ ନିର୍ବାଚନ ସମୟରେ କୌଣସିଠାରେ ଯାନ୍ତ୍ରିକ ସମସ୍ୟା ଦେଖାଦେଲେ ତାହାର ତୁରନ୍ତ ସମାଧାନ ହୋଇପାରିବ।

# ପଞ୍ଚାୟତ ନିର୍ବାଚନରେ ବିଜେଡି-କଂଗ୍ରେସ ମେଣ୍ଟକୁ ନେଇ ବଢୁଛି ଚର୍ଚ୍ଚା

## ସବୁ ବିରୋଧୀ ଏକାଠି ଗୋଟେ ଦଳ ଗଢ଼ି ଦିଅନ୍ତୁ: ମନମୋହନ

ଭୁବନେଶ୍ୱର, ୧୪।୪ (ସୁନିତ୍ ମିଶ୍ର)

୨୦୨୭ରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ଏଥିଲାଗି ପ୍ରସ୍ତୁତି ଏକ ପ୍ରକାର ଆରମ୍ଭ ହୋଇସାରିଛି। ଆସନ ସଂରକ୍ଷଣ ଆସନ୍ତା ୩୦ ତାରିଖ ସୁଦ୍ଧା ଶେଷ କରିବାକୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିକଟରେ ଚିଠି କରାଯାଇଛି। ଏହି ଖବର ପ୍ରକାଶିତ ହେବା ପରେ ରାଜ୍ୟରେ ଯଥା ସମୟରେ ପଞ୍ଚାୟତ ନିର୍ବାଚନ ହେବ ନା ନାହିଁ ତାକୁ ନେଇ ଚର୍ଚ୍ଚା ଚାଲିଛି। ଏହା ଭିତରେ ମେଣ୍ଟ କଥାକୁ ନେଇ ଆଲୋଚନା ଜୋର୍ ଧରିବାରେ ଲାଗିଛି। ଆଗକୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ଏବଂ କଂଗ୍ରେସ ଭିତରେ ମେଣ୍ଟ ବୁଝାମଣା ହେବ ନା ଅଲଗା ରାସ୍ତାରେ ଯିବେ ତାହା ବର୍ତ୍ତମାନ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏଭଳି ସ୍ଥିତିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି , ରାଜ୍ୟରେ ସଶକ୍ତ ବିରୋଧୀ ଦଳ ରହିବା ଦରକାର। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ଏବଂ କଂଗ୍ରେସ ଭିତରେ ପଞ୍ଚାୟତ ଭୋଟ ସମୟରେ ମେଣ୍ଟ ହେବ କି ନାହିଁ ସେକଥା ଦଳର ବଡ଼ ନେତାମାନେ ସ୍ପଷ୍ଟୀକରଣ କରିବେ। ସେକଥା ସେ ଏବେଠାରୁ କହିପାରିବେ ନାହିଁ। ଦିନକ ପୂର୍ବରୁ ମଧ୍ୟ ଭକ୍ତ ଦଳର ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ମେଣ୍ଟ ବାବଦରେ କେବଳ ଚର୍ଚ୍ଚା ହେଉଛି। ରାଜନୀତିରେ ସବୁବେଳେ ଚର୍ଚ୍ଚା ହୋଇଥାଏ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ବର୍ତ୍ତମାନ ସ୍ଥିତିରେ ନଈ ନ ଦେଖୁଣୁ ଲଙ୍ଗଳା ହେବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ମନମୋହନ ସାମଲ ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, ସବୁ ବିରୋଧୀ ଦଳ ଏକାଠି ହୋଇ ଦଳ ଗଢ଼ନ୍ତୁ। ବିଜେଡି-କଂଗ୍ରେସ ମଧ୍ୟରେ ମେଣ୍ଟକୁ ନେଇ କିଛି କହିବା ଠିକ୍ ନୁହେଁ। ଗଣତନ୍ତ୍ର ପାଇଁ ଏକ ଶକ୍ତିଶାଳୀ ବିରୋଧୀ ଦଳ ସବୁବେଳେ ଶୁଭଙ୍କର। ସବୁ ବିରୋଧୀ ଏକାଠି ହୋଇ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରନ୍ତୁ। ବିରୋଧ ପାଇଁ ବିରୋଧ ନ କରି ଗଠନମୂଳକ ପ୍ରସ୍ତାବ ଦିଅନ୍ତୁ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ଗତ ରାଜ୍ୟ ସଭା ନିର୍ବାଚନ ସମୟରେ ବିଜେଡି ଏବଂ କଂଗ୍ରେସ ମିଳିତ ଭାବେ ପ୍ରାର୍ଥୀ ଦେଇଥିଲେ। ଏହାପରେ ବିଧାନସଭାର ବଜେଟ ଅଧିବେଶନ ସମୟରେ ଉଭୟେ ଏକାଠି ହୋଇ ଶାସକ ଦଳ ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ବିରୋଧ ଜାରି ରଖିଥିଲେ। ଉଭୟ ବିଜେଡି ଏବଂ କଂଗ୍ରେସର ନେତାମାନଙ୍କ ମତକୁ ଦେଖିଲେ ମେଣ୍ଟ କଥାକୁ ଉଭୟ ଦଳର ନେତା ସମ୍ପୂର୍ଣ୍ଣ ଖଣ୍ଡନ କରିପାରିନାହାନ୍ତି।

# ଆମ ସମ୍ବିଧାନ ଆମ ପରିଚୟ: ଭକ୍ତ

## କଂଗ୍ରେସ ପକ୍ଷରୁ ଭୀମ୍‌ରାଓ ଆମ୍ବେଦ୍‌କରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୪।୪
(ରବିନାରାୟଣ ଜେନା)

ଦେଶରେ ଏକ ସମାନତାଭିତ୍ତିକ ସମାଜ ଗଠନର ଆବଶ୍ୟକତା ରହିଛି। ଆର୍ଥିକ ଓ ସାମାଜିକ ସମାନତା ବିନା ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ। ବାବା ସାହେବ୍‌ଙ୍କ ସମ୍ବିଧାନ ଅଛି ବୋଲି ଆମର ପରିଚୟ ରହିଥିବା କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

ରାଜ୍ୟ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଡ. ବାବାସାହେବ ଭୀମ୍‌ରାଓ ଆମ୍ବେଦ୍‌କରଙ୍କ ଜୟନ୍ତୀ ସମାବେଶରେ ଭକ୍ତ କହିଛନ୍ତି, ସମ୍ବିଧାନ ଅଛି ବୋଲି ଦେଶରେ ନ୍ୟାୟ ରହିଛି। ମହାଭାରତର ରଚୟିତା ବ୍ୟାସଦେବ, ରାମାୟଣର ବାଲ୍ମିକୀଙ୍କ ଦାନ ଯେପରି ଠିକ୍ ସେପରି ଯୋଗଜନ୍ମା ବାବା ସାହେବଙ୍କର ସମ୍ବିଧାନ ମନୁଷ୍ୟ ଜାତି ପ୍ରତି। ବର୍ତ୍ତମାନ ଦେଶରେ ୧୯୪୨ ମସିହା ଭଳି 'କର ବା ମର' ସ୍ଥିତି ଉପୁଜିଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜେ ସମ୍ବିଧାନ ଧରି ସାଧାରଣ ଜନତାଙ୍କୁ ସମ୍ବିଧାନରେ ପ୍ରଦତ୍ତ ନିଜ ଅମାପ ଅଧିକାର ବିଷୟରେ ସଚେତନ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସମ୍ବିଧାନରେ ବାବା ସାହେବ ଆମ୍ବେଦ୍‌କର ସାଧାରଣ ନାଗରିକଙ୍କ ଅଧିକାର ଓ ନ୍ୟାୟ ପାଇଁ ଶକ୍ତିଶାଳୀ ଅସ୍ତ୍ରସବୁ ସଜ୍ଜିତ କରିଛନ୍ତି। ଦୁଃଖର କଥା, ଦେଶର ଯୁବ ଓ ଛାତ୍ର ସମାଜ ଏସବୁ ବୁଝିବାକୁ ଚେଷ୍ଟା କରୁନାହିଁ। ଯେଉଁଦିନ ଭାରତର ଯୁବସମାଜ ନିଜ ସାମ୍ବିଧାନିକ ଅଧିକାର ପ୍ରତି ସଚେତନ ହେବ, ସେଦିନ ସମସ୍ତେ ଭୟମୁକ୍ତ ହୋଇ ସ୍ୱାଧୀନ ଭାବେ ବଞ୍ଚିପାରିବେ ଏବଂ ବାବା ସାହେବଙ୍କ ନ୍ୟାୟ, ଅଧିକାର, ସମାନତାର ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି।

ହଳଧର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କହିଛନ୍ତି, ଆମ ଦେଶର ସମ୍ବିଧାନ ପୃଥିବୀର ଏକ ଅନନ୍ୟ କୃତି। ଏହାର ପୁରୋଧା ମହାମନୀଷୀ ବାବା ସାହେବ ଆମ୍ବେଦ୍‌କର ଅନେକ ଦେଶର ସମ୍ବିଧାନ ବିଶ୍ଳେଷଣ କରି ଯାହା ଭାରତୀୟଙ୍କ ପାଇଁ ଉତ୍କୃଷ୍ଟ ତାହା ସମ୍ବିଧାନ ହିସାବରେ ଦେଶର ଜନତାଙ୍କ ନ୍ୟାୟ ଲାଗି ଦାନ କରିଯାଇଛନ୍ତି। ବାବା ସାହେବଙ୍କ ଜୟନ୍ତୀ ଉତ୍ସବରେ ରାହୁଲ ଗାନ୍ଧୀ କେବଳ ଜୟନ୍ତୀ ସମାରୋହରେ ଏହାକୁ ସୀମିତ ନ ରଖି ସମ୍ବିଧାନ ଅଭିଯାନ ପ୍ରସ୍ତୁତ କରିଛନ୍ତି। ସମ୍ବିଧାନ ବିଷୟରେ ସଚେତନ ହୋଇ ନିଜ ଅଧିକାର, ନ୍ୟାୟ ଜାଣିବା ପାଇଁ ଆମକୁ ବିଭିନ୍ନ ଉପାୟରେ ଯୁବ ଏବଂ ଛାତ୍ର ଗୋଷ୍ଠୀଙ୍କ ପାଖକୁ ଯାଇ ସେମାନଙ୍କୁ ସମ୍ବିଧାନର ଶକ୍ତି ବିଷୟରେ ଅବଗତ କରାଇବାକୁ ପଡ଼ିବ ବୋଲି ଭକ୍ତ କହିଥିଲେ।

କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ ପ୍ରମୁଖ ଡ. ଆମ୍ବେଦ୍‌କରଙ୍କ ସାମାଜିକ, ଅର୍ଥନୈତିକ ଓ ସମାନତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଏଜି ଛକସ୍ଥିତ ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏହି ସମାବେଶରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ।

# ଛୁଟି କାଟୁଛନ୍ତି ଆଲିଆ



ଅଭିନେତା ରଣବୀର କପୁର ଆଜିକାଲି ତାଙ୍କର ଆଗାମୀ ଚଳଚ୍ଚିତ୍ର 'ରାମାୟଣ' ପାଇଁ ଚର୍ଚ୍ଚାରେ ଅଛନ୍ତି। ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ୨୦୨୬ ଦୀପାବଳିରେ ମୁକ୍ତିଲାଭ କରିବ। ରଣବୀର ଦୀର୍ଘଦିନ ଧରି ଏହି ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ତାଙ୍କର ବ୍ୟସ୍ତ କାର୍ଯ୍ୟସୂଚୀରୁ କିଛି ସମୟ ବାହାରକରି ସ୍ତ୍ରୀ ଆଲିଆ ଭଟ୍ଟଙ୍କ ସହ ସେ ସୁଇଜରଲାଣ୍ଡ ଯାତ୍ରା କରିଛନ୍ତି। ରଣବୀର ଏବଂ ଆଲିଆ ଏବେ ସେଠାରେ ଛୁଟି କାଟୁଛନ୍ତି।

ଆଲିଆ ଏବଂ ରଣବୀର ଶାନ୍ତ ପର୍ବତମୟ ସ୍ଥାନରେ ସେମାନଙ୍କର ୪ର୍ଥ ବିବାହ ବାର୍ଷିକୀ ପାଳନ କରୁଛନ୍ତି। ସେମାନେ ବରଫାଚ୍ଛାଦିତ ସ୍ଥାନରେ ବିତାଉଥିବା କିଛି ସୁନ୍ଦର ମୁହୂର୍ତ୍ତର ଫଟୋ ଶେୟାର କରିଛନ୍ତି। ଏହି ବିଶେଷ ଅବସର ପ୍ରଶଂସକଙ୍କୁ ଦମ୍ପତିଙ୍କ ବ୍ୟକ୍ତିଗତ ଜୀବନର ଏକ ମଧୁର ଝଲକ ଦେଇଛି। ଏହାସହ ଝିଅ ରାହା ମଧ୍ୟ ନଜର ଆସିଛନ୍ତି।

ଆଲିଆ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ଫଟୋଗୁଡ଼ିକ ପୋଷ୍ଟକରି କ୍ୟାପ୍‌ଶନରେ ଲେଖିଛନ୍ତି, ଗୋଟିଏ ସ୍ଥାନରେ ଖସି ପଡ଼ିବା, ଚାଲିବା ଏବଂ କଥା ହେବା...ଆମେ ନିଜ ପାଇଁ ଏକ ସୁନ୍ଦର ଜୀବନ ବାଛିଛୁ। ସଂକ୍ଷେପରେ... ତୁମ ସହିତ, ଦିନ-ରାତି ସବୁ ଆମର।

## ଅବଶିଷ୍ଟାଂଶ

### ହର୍ମୁଜ୍‌ରେ ବାହ୍ୟ ...

ଖୋଲି ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱକୁ ସମ୍ମାନ ଦେବାକୁ ପରାମର୍ଶ ଦେଇଛନ୍ତି। ଚାଇନା ଇରାନ୍‌କୁ ସମର୍ଥନ କରି ଆମେରିକା ବିରୋଧରେ କହିଛି, ଇରାନୀୟ ବନ୍ଦରଗୁଡ଼ିକୁ ଜାହାଜ ଚଳାଚଳରେ ବାଧା ସୃଷ୍ଟି କରନାହିଁ। ହର୍ମୁଜ୍‌ରେ ନାଭାଲ ବ୍ଲକେଡ୍ କରିବା ନେଇ ଆମେରିକାର ଅଧିକାର ନାହିଁ। କାରଣ ହର୍ମୁଜ୍ ପ୍ରଣାଳୀ ଉପରେ ଇରାନ୍‌ର ନିୟନ୍ତ୍ରଣ ରହିଛି। ଏହି ଜଳପଥ ଚାଇନା ପାଇଁ ଖୋଲା ରହିଛି। ଅନ୍ୟ କୌଣସି ଦେଶ ଆମ ବ୍ୟାପାରରେ ହସ୍ତକ୍ଷେପ କରନ୍ତୁ ନାହିଁ। ସେହିପରି ଟ୍ରମ୍ପ୍ ଇରାନ୍‌କୁ ଚାଇନା ଅସ୍ତ୍ରଶସ୍ତ୍ର ଯୋଗାଉଥିବା ଅଭିଯୋଗ ଆଣି ୫୦% ଟାରିଫ୍ କଷିବାକୁ ଚେତାବନୀ ଦେଇଥିଲେ। ଏହାକୁ ଚାଇନା ଖଣ୍ଡନ କରିଛି। ଇରାନ୍ ସହ ଆମର ବାଣିଜ୍ୟିକ ସମ୍ପର୍କ ରହିଛି। ଆମେ ଏକ ଦାୟିତ୍ୱସମ୍ପନ୍ନ ଅସ୍ତ୍ର ରପ୍ତାନିକାରୀ ରାଷ୍ଟ୍ର। ଅନ୍ତର୍ଜାତୀୟ ଆଇନ ଓ ଉତ୍ତରଦାୟିତ୍ୱକୁ ସମ୍ମାନ ଦେଇ ବେଜିଂ ଅସ୍ତ୍ର ରପ୍ତାନି କରିଥାଏ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗୁଓ ଜିଆକୁନ୍ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ହର୍ମୁଜ୍ ପ୍ରଣାଳୀ ହେଉଛି ଆରବ ସାଗରରେ ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ବ୍ୟବସାୟିକ ତଥା ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫ରୁ ୩୦% ତୈଳ ପରିବହନ ହୋଇଥାଏ। ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ୍ (ସେଣ୍ଟକମ୍) ଆମେରିକାର ସ୍ଥାନୀୟ ସମୟ ସୋମବାର ପୂର୍ବାହ୍ନ ୧୦ଟା (ଇଡିଟି)/ଇରାନୀୟ ସମୟ ୫ଟା ୩୦ରୁ ବଳପ୍ରୟୋଗ ପୂର୍ବକ ଆରବୀୟ ଉପସାଗରୀୟ ଏବଂ ଓମାନ ଉପସାଗରୀୟ ଅଞ୍ଚଳରେ ଥିବା ଇରାନୀୟ ବନ୍ଦରଗୁଡ଼ିକରେ ବ୍ଲକେଡ୍ ଆରମ୍ଭ କରିବା ପରେ ହର୍ମୁଜ୍‌ରେ ଛକାପଞ୍ଝା ଲାଗି ରହିଛି।

### ବେଦାନ୍ତ ବିଦ୍ୟୁତ୍ ପ୍ଲାଣ୍ଟରେ ...

ଏକ ବଏଲର ୟୁନିଟ୍‌ରେ ଘଟିଥିବା ବିସ୍ଫୋରଣ ଦୁର୍ଭାଗ୍ୟଜନକ ବୋଲି ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ଆମ ସବ୍‌କଣ୍ଟ୍ରାକ୍ଟର ଏନ୍‌ଜିଏସ୍‌ଏଲ୍ (ଏନ୍‌ଟିପିସି ଜିଇ ପାୱାର ସର୍ଭିସେସ୍ ଲିଃ) ସମ୍ପୃକ୍ତ, ଯେଉଁମାନେ ପ୍ଲାଣ୍ଟର ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିଲେ। ଆମେ ତଥ୍ୟ ସଂଗ୍ରହ କରୁଛୁ ଏବଂ ଆମ ସହଯୋଗୀ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ତଦନ୍ତ ଚଳାଇଛୁ ବୋଲି ପ୍ଲାଣ୍ଟ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟିତଳେ ଗଞ୍ଜେଇ ପୋତୁଛନ୍ତି ନିଶାମାଫିଆ

**ଭୁବନେଶ୍ୱର,୧୪।୪(ତ୍ରିନାଥ ମହାନ୍ତି)**

- ଓଡ଼ିଶାକୁ ସମ୍ପୂର୍ଣ୍ଣଭାବେ ନିଶା ମୁକ୍ତ କରାଯିବ: ଡିଜିପି
- ମାଟିତଳୁ ଗଞ୍ଜେଇ ଠାବ ପାଇଁ ବ୍ୟବହାର ହେବ ଟେକ୍ନୋଲୋଜି
- ପଶ୍ଚିମବଙ୍ଗରେ ନିର୍ବାଚନ ଥିବାରୁ କାରବାର ବଢୁଛି
- ଏସ୍‌ଟିଏଫ୍, ଅବକାରୀ ବିଭାଗ ସ୍କାନରରେ କନ୍ଧମାଳ, କୋରାପୁଟ

ରାଜ୍ୟ ବାହାରେ ଓଡ଼ିଶା ଗଞ୍ଜେଇର ଚାହିଦା ଥିବାରୁ ନିଶାମାଫିଆ ତାଙ୍କ କାରବାରକୁ ବଢ଼ାଇ ଦେଇଛନ୍ତି। ସେମାନେ ବସ୍ତାବସ୍ତା ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ କରିବା ସହ ଗଞ୍ଜେଇ ତେଲ ପ୍ରସ୍ତୁତ କରି ପଠାଉଛନ୍ତି। ହେଲେ ପୋଲିସ ଏବେ କଡ଼ା ପଇଁତରା ମାରୁଥିବାରୁ ନିଶା ମାଫିଆମାନେ ଭିନ୍ନ ଉପାୟ ଆପଣାଇଛନ୍ତି। ସେମାନେ ଛୋଟ ଛୋଟ ବେପାରୀଙ୍କଠାରୁ ଗଞ୍ଜେଇ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମାଟିତଳେ ପୋତି ରଖୁଛନ୍ତି। ଆଉ ପରବର୍ତ୍ତୀ ସମୟରେ ଅଳ୍ପ ଅଳ୍ପ ବାହାର କରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଗଞ୍ଜେଇ ନଷ୍ଟ ନ ହେବା ପାଇଁ ଟିଣ ବାକ୍ସ ଏବଂ ପ୍ଲାଷ୍ଟିକ୍ ଡ୍ରମ୍ ଭିତରେ ଏହାକୁ ଭର୍ତ୍ତି କରି ପୋତୁଛନ୍ତି। ସୋମବାର ଗଜପତି ଓ ସୁବର୍ଣ୍ଣପୁର ଜିଲାରେ ମାଟିତଳୁ ଗଞ୍ଜେଇ ଠାବ କରାଯାଇଛି। ଗଜପତିରେ ପୋଲିସ ଚଢ଼ାଉ ବେଳେ ବାଡ଼ି ପଛରେ ମାଟି ତଳୁ ମିଳିଛି ଗଞ୍ଜେଇର ଖଣି। ଟିଣ ବାକ୍ସ ଓ ପ୍ଲାଷ୍ଟିକ ଡ୍ରମ୍ ଭିତରେ ଲୁଚାଇ ରଖାଯାଇଥିଲା ୬୭ ବସ୍ତା ଗଞ୍ଜେଇ, ଯାହାର ବଜାର ମୂଲ୍ୟ ୨ କୋଟିରୁ ଅଧିକ ହେବ ବୋଲି କୁହାଯାଇଛି। ସେହିପରି ସୁବର୍ଣ୍ଣପୁରର ଏକ ଫାର୍ମ ହାଉସରୁ ୮ କୁଇଣ୍ଟାଲ ୫୩ କେଜି ଗଞ୍ଜେଇ ପୋଲିସ ଜବତ କରିଛି। ବିଶେଷଜ୍ଞଙ୍କ ମତରେ କନ୍ଧମାଳ, କୋରାପୁଟ ଏବଂ ମାଲକାନଗିରି ଅଞ୍ଚଳର ପାଣିପାଗ ପାଇଁ ସେଠାକାର ଗଞ୍ଜେଇର ଚାହିଦା ବାହାରେ ଢେର୍ ଅଧିକ ରହିଛି। ତେଣୁ ମାଫିଆମାନେ ଗଞ୍ଜେଇ ଚାଷ ପାଇଁ ବର୍ଷ ତମାମ ସେଠାରେ ପଡ଼ି ରହୁଛନ୍ତି। ଗଞ୍ଜେଇ ଅମଳ ହେବା ପରେ ସେମାନେ ପୋଲିସ ନଜରରୁ ବର୍ତ୍ତିବା ପାଇଁ ମାଟିତଳେ ପୋତି ରଖୁଛନ୍ତି।

ଗଜପତି ଜିଲାରୁ ଗଞ୍ଜେଇ ମିଳିବା ପରେ ଡିଜିପି ୱାଇ.ବି ଖୁରାନିଆ କହିଛନ୍ତି, ମାଫିଆମାନେ ଏବେ ଭିନ୍ନ ଉପାୟରେ ମାଟିତଳେ ଗଞ୍ଜେଇ ପୋତି ରଖୁଛନ୍ତି। ଆମେ ଖବରୀ ଆଧାରରେ ଗଞ୍ଜେଇ ଠାବ କରିଥିଲୁ। ମାଫିଆମାନେ ଗଞ୍ଜେଇ ମାଟିତଳେ ପୋତୁଥିବାରୁ ଏଥିଲାଗି ସ୍ୱତନ୍ତ୍ର ଟେକ୍ନୋଲୋଜି ବ୍ୟବହାର କରାଯିବ। ଯେଉଁ ସ୍ଥାନରେ ବି ମାଫିଆମାନେ ଗଞ୍ଜେଇ ପୋତିଥିବେ ତାହା ଜଣାପଡ଼ିବ। ଏଥିସହିତ ଆସନ୍ତା ଏକ ବର୍ଷ ଭିତରେ ରାଜ୍ୟରେ ଚୋରା ନିଶାକାରବାର ଲୋପ ପାଇବ ବୋଲି ପୋଲିସ ଡିଜି ସୂଚନା ଦେଇଛନ୍ତି।

ଅନ୍ୟପଟରେ ପଡ଼ୋଶୀ ପଶ୍ଚିମବଙ୍ଗରେ ନିର୍ବାଚନ ଥିବାରୁ ଗଞ୍ଜେଇ କାରବାର ଏବେ ଅଧିକ ବଢ଼ିଛି। କନ୍ଧମାଳ ଏବଂ କୋରାପୁଟରୁ ଭୁବନେଶ୍ୱର ଏବଂ ବାଲେଶ୍ୱର ଦେଇ ଗଞ୍ଜେଇ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଛି। ଏହାକୁ ରୋକିବା ପାଇଁ ଓଡ଼ିଶା ପୋଲିସ ସହ ପଶ୍ଚିମବଙ୍ଗ ପୋଲିସ ଯୋଗାଯୋଗରେ ରହିଛି।

ଓଡ଼ିଶାରେ କଡ଼ାକଡ଼ି ଯାଞ୍ଚ କରାଯିବାକୁ କୁହାଯାଇଛି। ତେଣୁ ଅବକାରୀ ବିଭାଗ ଏବଂ ଏସ୍‌ଟିଏଫ୍ ଆକ୍ସନମୁଡ଼କୁ ଆସି ଘନ ଘନ ଚଢାଉ କରୁଛନ୍ତି। ମାଫିଆଙ୍କ ଟାର୍ଗେଟରେ ଏବେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ପଡ଼ୋଶୀ ରାଜ୍ୟ। ଯୋଗାଣ ପାଇଁ ବଡ଼ ଧରଣର ଯୋଜନା କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଗତ ଦୁଇ ଦିନ ତଳେ ରାଜଧାନୀ ଭିତରକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏସ୍‌ଟିଏଫ୍ ମାଡ଼ି ବସି ୧କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରିଥିଲା। ମାଫିଆଙ୍କ ବିରୋଧରେ ଏବେ ପୋଲିସ 'ଜିରୋ ଟଲରାନ୍ସ' ନୀତି ଆପଣାଇଛି।

## ୩୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**ସନ୍ତ୍ରିଛକ,୧୪।୪(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ପୋଲିସ ସୋମବାର ଅପରାହ୍ଣରେ ସନ୍ତ୍ରୀ ଓଭରବ୍ରିଜ୍ ନିକଟରୁ ଏକ ଗଞ୍ଜେଇ ଭର୍ତ୍ତି କାର୍‌କୁ ଜବତ କରିଛି। ଏଥିସହ ୩୦ କେଜି ଗଞ୍ଜେଇ ଜବତ କରିବା ସହ କାର୍‌ରେ ବସିଥିବା ବୌଦ୍ଧ ଜିଲା ମନମୁଣ୍ଡା ସିଂଘାପାଲି ଗ୍ରାମର ଶରତ ସିଂ (୩୨)ଙ୍କୁ ଗିରଫ କରିଛି। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଅଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ବଅଁରପାଳ ଥାନା ଏସ୍‌ଆଇ ଅମିତ ମିଶ୍ର ପାଟ୍ରୋଲିଂ ବେଳେ କାର୍ ନମ୍ବର (ଓଆର୍ ୧୯ଜି ୮୬୧୮)ର ଗତିବିଧି ଦେଖି ସନ୍ଦେହକରି ଗାଡ଼ିକୁ ଯାଞ୍ଚ କରିଥିଲେ। ତଲାସିବେଳେ ଗାଡ଼ିରେ ଗଞ୍ଜେଇ ଥିବା ଧରାପଡ଼ିଥିବା ଥାନାଧିକାରୀ ଦୁଷ୍ମନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି। ମଙ୍ଗଳବାର କେସ୍ ନମ୍ବର ୨୨୯/୨୬ ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିରେ ଏଏସ୍‌ଆଇ ଜୟକୁମାର ସାୟ, ଲକ୍ଷ୍ମଣ ମାଝୀ ସହଯୋଗ କରିଥିଲେ।

## ମାଟିତଳୁ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**ଆର. ଉଦୟଗିରି,୧୪।୪ (ମନୋଜ କୁମାର ପାଢ଼ୀ)**


ପୋଲିସ ମାଟିତଳୁ ଗଞ୍ଜେଇ ଜବତ କରୁଛି।

ଗଜପତି ଜିଲା ଆର. ଉଦୟଗିରି ପୋଲିସ ଘଞ୍ଚ ଜଙ୍ଗଲର ମାଟିତଳୁ ୨୦ କୁଇଣ୍ଟାଲ (୨୦୧୦ କେଜି) ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୨କୋଟିରୁ ଊର୍ଦ୍ଧ୍ୱ ହେବ। ସୋମବାର କିରାମା ପଞ୍ଚାୟତ ଅଧୀନ ବିମନପୁର ଗ୍ରାମ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ଚୋରାଚାଲାଣ ପାଇଁ ଗଞ୍ଜେଇ ରଖାଯାଇଥିବା ସୂଚନା ପାଇ ଆର. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢାଉ କରିଥିଲା। ଚଢାଉ ବେଳେ ଏକ ପରିତ୍ୟକ୍ତ ଘର ଭିତରେ ଓ ବାହାରେ ପ୍ରାୟ ୪ରୁ ୫ଫୁଟ ପର୍ଯ୍ୟନ୍ତ ଗାତ ଖୋଳି ପ୍ଲାଷ୍ଟିକ ଡ୍ରମ ଏବଂ ଟିଣ ବାକ୍ସରେ ୬୭ଟି ଜରି ବସ୍ତାରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ଜଣାପଡିଥିଲା। ଏହି ବିପୁଳ ପରିମାଣର ଗଞ୍ଜେଇକୁ ଜବତ କରାଯାଇଛି। ଜବତ ପରେ ଏହାକୁ ଓଜନ କରିବାରୁ ୨୦କୁଇଣ୍ଟାଲ ୧୦ କେଜି ହୋଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗଞ୍ଜେଇ ମାଫିଆମାନେ ପୋଲିସକୁ ଭୁଆଁ ବୁଲାଇବାକୁ ସଂରକ୍ଷିତ ଜଙ୍ଗଲର ପାହାଡ଼ କୋରଡ଼, ଗୁମ୍ଫା, ଘର ଭିତରେ ଓ ବାହାରେ ଗାତ ଖୋଳି ଡ୍ରମ ଏବଂ ଟିଣ ବାକ୍ସରେ ଗଞ୍ଜେଇ ଲୁଚେଇ ରଖୁଛନ୍ତି।

# କାର୍‌ରେ ଗୋମାଂସ ଚାଲାଣ ବେଳେ ମାଡ଼ିବସିଲା ପୋଲିସ


ଜବତ ଗୋମାଂସ ବୋଝେଇ କାର୍।

**ଭଦ୍ରକ/ନଳାଙ୍ଗ,୧୪।୪ (ସନାତନ ରାଉତ/ସାଇ ଶଙ୍କର ମହାକୁଳ)**

## ଜଣେ ଅଟକ, ଜଣେ ଫେରାର

ବେଆଇନ ଭାବେ ଏକ କାର୍‌ରେ ଗୋମାଂସ ଚାଲାଣ ବେଳେ ମଙ୍ଗଳବାର ମଧ୍ୟାହ୍ନରେ ମାଡ଼ି ବସିଲା ଭଦ୍ରକ ଗ୍ରାମାଞ୍ଚଳ ପୋଲିସ। କାର୍ ଜବତ ସହ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି। କାର୍‌ରେ ଥିବା ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। କାର୍ ଭିତରେ ପାଲ ବସ୍ତାରେ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଧାମନଗର ଥାନା ଅଧୀନ ହବିବନଗରରୁ ଏକ କାର୍(ଓଡି ୦୨ ସିବି ୩୩୭୯)ରେ ଗୋମାଂସ ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଆସୁଥିଲା। ଖବର ପାଇ ଗୋରକ୍ଷକମାନେ ପିଛା କରିବା ସହ ପୋଲିସକୁ ଖବର ଦେଇଥିଲେ। ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ପାଟ୍ରୋଲିଂ ସମୟରେ ଏହି କାର୍‌କୁ ଅଟକାଇଥିଲା। କୌଶଳକ୍ରମେ କାର୍‌ଟି ଖସିଯାଇଥିଲା। ପୋଲିସ ଗାଡ଼ିକୁ ପିଛା କରି ପୁରୁଣାବଜାର ଥାନା ଅଧୀନ ନାଥସାହି ନିକଟରେ ଅଟକାଇଥିଲା। ଗାଡ଼ି ଛାଡ଼ି ଜଣେ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କୁ ପୋଲିସ କାବୁକରି ଥାନାକୁ ନେଇଛି। ଏନେଇ ଏକ ମାମଲା (ନଂ. ୩୦୧/୨୬) ରୁଜୁ ହୋଇଛି। ଗୋମାଂସ ଚାଲାଣରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଅଧିକ ତଦନ୍ତ ଚାଲିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି।

# ସିଡିଏରେ ବ୍ୟବସାୟୀଙ୍କୁ ହତ୍ୟା ଷଡ଼ଯନ୍ତ୍ର

**କଟକ,୧୪।୪(କୁମାରଶ୍ରୀ)**

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ସୁପାରିକିଲର୍ ଗିରଫ

### ଭୁଲ୍ ପରିଚୟରୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ ବୃଦ୍ଧ

ବ୍ୟବସାୟିକ ଶତ୍ରୁତାରୁ କଟକ ସିଡିଏ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର ହୋଇଥିଲା। ଏଥିପାଇଁ ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱରର ୩ଜଣ ସୁପାରିକିଲରଙ୍କୁ ଅଗ୍ରିମ ଟଙ୍କା ଦେଇଥିଲେ। ହେଲେ ସୁପାରିକିଲର ଭୁଲବଶତଃ ସିଡିଏ ସେକ୍ଟର-୬ ଅଞ୍ଚଳର ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣର ଶିକାର ବୃଦ୍ଧଙ୍କ ଏତଲାକ୍ରମେ ପୋଲିସ ତଦନ୍ତ କରିବା ପରେ ଘଟଣା ବାବଦରେ ଜଣାପଡ଼ିଥିଲା। ଏହି ଘଟଣାରେ ମର୍କତନଗର ଥାନା ମୁଖ୍ୟ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଚନ୍ଦନ ଭୋଳ(୩୪)ଙ୍କ ସମେତ ସୁପାରିକିଲର ଭୁବନେଶ୍ୱର ଓଲ୍ଡଟାଉନର ରାକା ଓରଫ ରାକେଶ କୁମାର ବେହେରା(୨୨), ଏୟାର ଫିଲ୍ଡ କର୍ଣ୍ଣିଲୋ ଗାଁର ଶିଶିର ଜେନା(୩୩) ଏବଂ କ୍ୟାପିଟାଲ ଥାନା ଶିଶୁ ଭବନ ଛକ ଅଞ୍ଚଳର ଦିନୁ ଓରଫ ରାଜେଶ ନାୟକ(୨୪)ଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଗୋଟିଏ କାର୍, ଗୋଟିଏ ବାଇକ୍, ଧାରୁଆ ମାରଣାସ୍ତ୍ର, ୫ଟିମୋବାଇଲ, ୧୧ ହଜାର ଟଙ୍କା ଜବତ ହୋଇଛି।

ଘଟଣାରୁ ପ୍ରକାଶ, ଏରସମାର ଚନ୍ଦନ ଭୋଳ ବାଦାମବାଡି ଅଞ୍ଚଳରେ ଏକ ବହି ଦୋକାନ କରିଛନ୍ତି। ମର୍କତନଗର ସେକ୍ଟର ୬ ଅଞ୍ଚଳର ଜଣେ ବ୍ୟକ୍ତି ବହି ହୋଲସେଲ ବ୍ୟବସାୟ କରନ୍ତି। କିଛି ବର୍ଷ ହେବ ଚନ୍ଦନଙ୍କ ବ୍ୟବସାୟ ମାନ୍ଦାରେ ଚାଲିଥିଲା। ମର୍କତନଗର ଅଞ୍ଚଳର ଜଣେ ବ୍ୟକ୍ତି ହୋଲସେଲ ସହିତ ରିଟେଲ ବ୍ୟବସାୟ କରିବାଠୁ ଚନ୍ଦନଙ୍କ ଗ୍ରାହକ କମିବାକୁ ଲାଗିଥିଲା। ଏହାକୁ ନେଇ ଚନ୍ଦନ ପ୍ରତିଶୋଧ ପରାୟଣ ହୋଇପଡିଥିଲେ। ଦୀର୍ଘ ଦିନ ଧରି ଆର୍ଥିକ କ୍ଷତି ସହିବା ପରେ ଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାରିବାକୁ ଷଡଯନ୍ତ୍ର କରିଥିଲେ। ଏ ନେଇ ସେ ଭୁବନେଶ୍ୱରର ଦିନୁ ସହିତ ଯୋଗାଯୋଗ କରିଥିଲେ। ଦିନୁ ଅନ୍ୟ ସହଯୋଗୀଙ୍କ ସହିତ ମିଶି ସିଡିଏ ଅଞ୍ଚଳର ହୋଲସେଲ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ୫ ତାରିଖରେ ବ୍ୟବସାୟୀଙ୍କୁ ଆକ୍ରମଣ ପାଇଁ ସ୍ଥିର ହୋଇଥିଲା। ହେଲେ ଭୁଲବଶତଃ ସେମାନେ ହୋଲ୍‌ସେଲ ବ୍ୟବସାୟୀଙ୍କ ବଦଳରେ ତାଙ୍କ ଘର ମାଲିକ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରିଥିଲେ। ବୃଦ୍ଧ ଜଣକ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖରେ ପ୍ରାତଃଭ୍ରମଣ କରୁଥିଲେ। ଏହି ସମୟରେ ରାକା, ଶିଶିର ଓ ଦିନୁ ଏକ ବାଇକ୍‌ରେ ଆସି ମାରଣାସ୍ତ୍ରରେ ବୃଦ୍ଧଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଆଘାତ ଦେଇଥିଲେ। ବୃଦ୍ଧ ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ସେଠାରୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ବୃଦ୍ଧଙ୍କ ପରିବାରବର୍ଗଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ. ୧୧୨/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ବାବଦରେ ଜାଣିବାକୁ ପାଇଥିଲା।

# ଦିଲ୍ଲୀ ନିର୍ଦ୍ଦେଶ ଅନୁସାରେ କରୁଥିଲେ ପୋଷ୍ଟ

**ଭୁବନେଶ୍ୱର,୧୪।୪(ତ୍ରିନାଥ ମହାନ୍ତି)**

## ଦେଶ ବିରୋଧୀ ପୋଷ୍ଟ ଘଟଣା



## ଇମ୍ରାନ୍‌ଙ୍କ ସମ୍ପର୍କରେ ପ୍ରାଥମିକ ତଥ୍ୟ ନେଲା ଏନ୍‌ଆଇଏ

- ସୋସିଆଲ ମିଡିଆ ଆକାଉଣ୍ଟ ଡିଟେଲ୍ସ ମାଗିଲା ଏସ୍‌ଟିଏଫ୍
- ଲିଟୁ ସହ ୮ଜଣ ସାଙ୍ଗଙ୍କ ତାଲିକା କରିଛି ତଦନ୍ତକାରୀ ଟିମ୍
- ପୁଅ ଗେମ୍ ଛଡ଼ା କିଛି ଭୁଲ୍ କରିନି: ଇମ୍ରାନ୍‌ଙ୍କ ମା'

ସୋସିଆଲ ମିଡିଆରେ ଦେଶ ବିରୋଧୀ ମନ୍ତବ୍ୟ ପୋଷ୍ଟ କରି ଗିରଫ ହୋଇଥିବା ଶେଖ୍ ଇମ୍ରାନ୍‌ଙ୍କ ଆତଙ୍କୀ ଲିଙ୍କ୍ ଧୀରେ ଧୀରେ ପଦାକୁ ଆସୁଛି। ଭୁବନେଶ୍ୱରରେ ରହି ସେ ଦେଶ ବିରୋଧୀ ପୋଷ୍ଟ କରି ହିଂସା ଘଟାଇବାର ଯୋଜନା କରୁଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ବିଶେଷକରି ଇମ୍ରାନ୍ ସୋସିଆଲ ମିଡିଆରେ ଧର୍ମ ବିରୋଧୀ ପୋଷ୍ଟ କରିବା ଦାୟିତ୍ୱ ନେଇଥିଲେ। ତାଙ୍କୁ ଦିଲ୍ଲୀରୁ ଯାହା ନିର୍ଦ୍ଦେଶ ଆସୁଥିଲା, ସେହି ଆଧାରରେ ସେ ପୋଷ୍ଟ କରୁଥିବା ନେଇ ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେଣୁ ଏସ୍‌ଟିଏଫ ଇମ୍ରାନ୍‌ଙ୍କ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ତଥ୍ୟ 'ଗୁଗୁଲ୍' ଏବଂ 'ମେଟା'କୁ ମାଗିଛି। ଇମ୍ରାନ୍ ଏବଂ ତାଙ୍କ ସହଯୋଗୀ ଯେଉଁ ସବୁ ପୋଷ୍ଟ କିମ୍ବା ଚାଟିଂ କରି କଥା ହୋଇଛନ୍ତି ସବୁର ତଥ୍ୟ ଏସ୍‌ଟିଏଫ୍ ମାଗିଛି। ତଥ୍ୟ ମିଳିବା ପରେ ଇମ୍ରାନ୍‌ଙ୍କ ସବୁ ଯୋଜନା ଜଣାପଡ଼ିବ। ଏଥିସହ ଦିଲ୍ଲୀ ପୋଲିସ ସହ ମଧ୍ୟ ଏସ୍‌ଟିଏଫ୍ ଯୋଗାଯୋଗରେ ରହିଛି। ଇମ୍ରାନ୍‌ଙ୍କ ସାଙ୍ଗ ଲିଟୁଙ୍କୁ ପଚରାଉଚରାବେଳେ ଯାହା ସବୁ ତଥ୍ୟ ମିଳିଛି ତାକୁ ଏସ୍‌ଟିଏଫ୍ ଦିଲ୍ଲୀ ପୋଲିସକୁ ପ୍ରଦାନ କରିଛି। ଏନେଇ ଏସ୍‌ଟିଏଫ୍ ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି, ଏସ୍‌ଟିଏଫ୍ ଇମ୍ରାନଙ୍କ ସମସ୍ତ ଆକାଉଣ୍ଟ ଡିଟେଲ୍ସ ମାଗିଛି। ଏଥିସହ ପରିବାର ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍‌ଶନ୍ ଏବଂ ସିଡିଆର ରିପୋର୍ଟ ମଗାଯାଇଛି। ଏହିସବୁ ରିପୋର୍ଟ ଆସିବା ପରେ କେଉଁ ଆତଙ୍କୀ ସଂଗଠନ ସହ ଇମ୍ରାନ୍‌ଙ୍କ ଲିଙ୍କ୍ ରହିଛି ତାହା ସ୍ପଷ୍ଟ ହେବ। ଆହୁରି ମଧ୍ୟ ଇମ୍ରାନ୍‌ଙ୍କ ୮ଜଣ ସାଙ୍ଗଙ୍କ ତାଲିକା କରାଯାଇଛି। ସେମାନଙ୍କୁ ଖୁବ୍ ଶୀଘ୍ର ପଚରାଉଚରା କରାଯିବ ବୋଲି ଶତପଥୀ କହିଛନ୍ତି।

ଅନ୍ୟପଟେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ମଧ୍ୟ ଏହି ଘଟଣା ଉପରେ ନଜର ରଖିଛି। ପ୍ରାଥମିକ ଭାବେ ଏସ୍‌ଟିଏଫ୍ ଠାରୁ ଏନ୍‌ଆଇଏର ଅଧିକାରୀ ତଥ୍ୟ ନେଇଛନ୍ତି। ଇମ୍ରାନ୍‌ଙ୍କ ଦେଶ ବାହାରେ ଥିବା ଆତଙ୍କୀ ସଂଗଠନ ସହ ଲିଙ୍କ୍ ମିଳିବା ପରେ ମାମଲା ଏନ୍‌ଆଇଏ ନେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଇମ୍ରାନ୍‌ଙ୍କ ମା' କିନ୍ତୁ ପୁଅ ଆତଙ୍କୀ ଲିଙ୍କ୍‌ରେ ଥିବା କଥାକୁ ବିଶ୍ୱାସ କରୁନାହାନ୍ତି। ସେ କହିଛନ୍ତି, ତାଙ୍କ ପୁଅ ନିର୍ଦ୍ଦୋଷ, ତାଙ୍କୁ ଫସାଇ ଦିଆଯାଇଛି। ସେ କେବଳ ଘରେ ବସି ମୋବାଇଲ୍‌ରେ ଗେମ୍ ଖେଳେ। ଗେମ୍ ଛଡ଼ା ସେ କିଛି ଭୁଲ୍ କରିନି। ଅନେକ ପିଲା ଡ୍ରଗ୍ସ ସହ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଖାଇ ଅପରାଧୀ ଘଟାଉଛନ୍ତି, କିନ୍ତୁ ପୋଲିସ ମୋ' ପୁଅକୁ ଫସାଇ ଦେଇଥିବା ଇମ୍ରାନ୍‌ଙ୍କ ମା' କହିଛନ୍ତି। ସୋମବାର ଏସ୍‌ଟିଏଫ୍ ଇମ୍ରାନ୍‌ଙ୍କ ବନ୍ଧୁ ଲିଟୁଙ୍କୁ ୩ଘଣ୍ଟା ଜେରା କରିଥିଲା। ଜେରାବେଳେ ସେମାନେ ଦିଲ୍ଲୀ ଯାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଦୁହେଁ ମିଶି ଟ୍ରେନ୍ ଯୋଗେ ଦିଲ୍ଲୀ ଯାଇଥିଲେ। ଫେରିଲା ବେଳେ ପ୍ରାୟ ୩ଟି ରାଜ୍ୟ ବୁଲି ବସ୍ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏପରିକି ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ, ଏକାଧିକ ଲୋକଙ୍କ ସହ ଉଭୟେ ଯୋଗାଯୋଗରେ ଥିଲେ। ଦୁଇଟି ଗ୍ରୁପ୍‌ର ଆଡ୍‌ମିନ ସାଜିଥିଲେ ଇମ୍ରାନ୍। ଉକ୍ତ ଗ୍ରୁପ୍‌ରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ନିୟୋଜିତ କରିବା ଥିଲା ପ୍ରାଥମିକ କାମ। ଏପରି କି ସେମାନଙ୍କୁ ଧର୍ମାନ୍ତରୀକରଣ ପାଇଁ ଉସୁକାଇବା ଭଳି ତଥ୍ୟ ଏହି ଗ୍ରୁପ୍‌ରେ ଦେଉଥିଲେ।


# Classified Everyday
**0674-2580101, 9692975378**


MATRIMONIAL

**BRIDE WANTED**

Name- Diptiranjan Sahoo (Sonu), D.O.B- 12.05.1999, Zodiac sign- Rebati Meena, Height- 5'9", Caste- Gudia Home- Athagarh Town, Profession- Executive Assistant at OMC (Government), Contact: WhatsApp- 7008143290. Required a bride (Gudia) between 21-25, Height- 5'2" minimum, fair skin with slim figure. D-87

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-105

**GROOM WANTED**

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (Contractual). Preferably State/Central Government employee. Karan or Khandayat Groom. Contact: 6371692768, 9437244075. D-104

Beautiful Khandayat girl, 25+, 5'5", B-Tech Serving Software Engineer Accenture, Bhubaneswar. "SUNASANSAR" 9937512659. D-96

Wanted Brahmin groom for Doctor Bride, studying DM in Mumbai. 9337627101. D-102

ବୟସ 27 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9668229904. D-90


REAL ESTATE
SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open Jyoti spa positively health benefits (Expert therapist). 8458067955. D-76960

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


୰କୃଷ୍ଣଚନ୍ଦ୍ର ମିଶ୍ର
(ଧାନକୋଠି ସାହି, ଦକ୍ଷିଣଦ୍ୱାର, ପୁରୀ)
ଆବିର୍ଭାବ: ୦୨।୦୩।୧୯୩୮
ତିରୋଧାନ: ୨୫।୦୪।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।

**୧୪ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ପ୍ରମୋଦ କୁମାର କର
ଆବିର୍ଭାବ - ୦୩.୦୨.୧୯୫୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୦୮



ଯଦି ଆପଣଙ୍କ ମନକୁ କିଛି ପରିକଳ୍ପନା ଆସେ ଏବଂ ତାହାକୁ କାର୍ଯ୍ୟକାରୀ କରିବାକୁ ଚାହାନ୍ତି ତେବେ ତତ୍‌କ୍ଷଣାତ୍ ଆରମ୍ଭ କରନ୍ତୁ। ଶତପ୍ରତିଶତ ନ ହେଲେ ମଧ କିଛି ଅଂଶ ଭାବେ କାର୍ଯ୍ୟ ଆରମ୍ଭ କରି ନିରନ୍ତର ଲାଗି ରୁହନ୍ତୁ। ଏହାହିଁ ଆପଣଙ୍କୁ ସଫଳତା ଆଣିଦେବ।

– କେଭିନ୍ ସିସ୍‌ଟ୍ରୋମ୍( ଇନ୍‌ଷ୍ଟାଗ୍ରାମ ସହପ୍ରତିଷ୍ଠାତା)



# ବୈଶ୍ୱିକ ଅର୍ଥନୀତିକୁ ଅଧିକ ମାନ୍ଦା କରିଛି ଯୁଦ୍ଧ: ଆଇଏମ୍‌ଏଫ୍



**ୱାଶିଂଟନ୍, ୧୪।୪**

କରୋନା କାଳ ପରେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବୈଶ୍ୱିକ ଅର୍ଥନୀତି ଅଧିକ ମାନ୍ଦାବସ୍ଥାକୁ ଚାଲିଯାଇଛି। ଏହାଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବଡ଼ ସମସ୍ୟା ସୃଷ୍ଟିହୋଇଛି ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପକ୍ଷରୁ ଚିନ୍ତାପ୍ରକଟ କରାଯାଇଛି। ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ସବୁଠୁ ଚିନ୍ତାଜନକ ହୋଇପଡ଼ିଛି। ଏହାଦ୍ୱାରା ବୈଶ୍ୱିକ ବାଣିଜ୍ୟ–ବ୍ୟବସାୟ ସମେତ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳ ମାତ୍ରାଧିକ ବ୍ୟାହତ ହୋଇ ସାମଗ୍ରିକ ଅର୍ଥନୈତିକ ଧାରା ପ୍ରତି ନକାରାତ୍ମକ ସ୍ଥିତି ସୃଷ୍ଟିକରିବ। ଯୁଦ୍ଧ ବନ୍ଦ ନ ହେଲେ ଏବଂ ତୈଳ ଦର ୧୦୦ ଡଲାର ଉପରକୁ ରହିଲେ ଚଳିତ ବର୍ଷ ବୈଶ୍ୱିକ ଅର୍ଥନୈତିକ ଅଭିବୃଦ୍ଧି ମାତ୍ର ୨.୫ ପ୍ରତିଶତ ମଧ୍ୟରେ ସୀମିତ ରହିବ, ଯାହାକି ୨୦୨୦ ପରେ ସର୍ବନିମ୍ନ ବୋଲି ଆଇଏମ୍‌ଏଫ୍ ଚେତାଇ ଦେଇଛି। ଯୁଦ୍ଧ ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୦ ଡଲାର ରହିଥିଲା। କିନ୍ତୁ ଇତିମଧ୍ୟରେ ଏହା ୧୦୦ ଡଲାର ଟପିଛି। ଆଗକୁ ସ୍ଥିତିରେ ସୁଧାର ନ ଆସିଲେ ତୈଳ ଦର ଆହୁରି ବୃଦ୍ଧିହେବ। ଫଳରେ ବୈଶ୍ୱିକ ଅର୍ଥନୈତିକ ସ୍ଥିତି ଆହୁରି ଦୁର୍ବଳ ହୋଇପଡ଼ିବ ବୋଲି ଆଇଏମ୍‌ଏଫ୍ କହିଛି। ୨୦୨୫ରେ ବୈଶ୍ୱିକ ଅଭିବୃଦ୍ଧି ହାର ୩.୫ ପ୍ରତିଶତ ରହିବା ସହ ମୁଦ୍ରାସ୍ଫୀତି ୪.୧ ପ୍ରତିଶତ ରହିଥିଲା। ଗତ ସପ୍ତାହରେ ଇରାନ–ଆମେରିକା ମଧ୍ୟରେ ହୋଇଥିବା ଆଲୋଚନା ଯୁଦ୍ଧ ପାଇଁ ବାଟ କଢ଼ାଇବ ଏବଂ ବର୍ତ୍ତମାନ ସ୍ଥିତିକୁ ନେଇ ଚଳିତ ବର୍ଷ ଅର୍ଥନୈତିକ ଅଭିବୃଦ୍ଧି ୩.୧ ପ୍ରତିଶତ ଓ ମୁଦ୍ରାସ୍ଫୀତି ୪.୪ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତି ଯାହା ରହିଛି ତାହା ଆଗକୁ ଅର୍ଥନୈତିକ ଦିଗକୁ ଆହୁରି ଗମ୍ଭୀର କରିଦେବ। ଅଭିବୃଦ୍ଧି ହାର ୨.୫ ପ୍ରତିଶତକୁ ଖସି ଆସିବା ସହ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ହେବ ବୋଲି ଆଇଏମ୍‌ଏଫ୍ ସତର୍କ କରାଇଦେଇଛି।

# ଇଭି ସବ୍‌ସିଡି ଅବଧି ବୃଦ୍ଧି



**ନୂଆଦିଲ୍ଲୀ, ୧୪।୪**

କେନ୍ଦ୍ର ସରକାର ୨ଚକିଆ ଏବଂ ୩ଚକିଆ ଇଲେକ୍ଟ୍ରିକ୍ ଭେଇକିଲ କ୍ଷେତ୍ରରେ ଦେଉଥିବା ସବ୍‌ସିଡି ଅବଧି ବୃଦ୍ଧି କରିଛନ୍ତି। ୨ଚକିଆ ଯାନ ପାଇଁ ୨୦୨୬ ଜୁଲାଇ ପର୍ଯ୍ୟନ୍ତ ସବ୍‌ସିଡି ଅବଧି ବୃଦ୍ଧି କରାଯାଇଥିଲାବେଳେ ୩ଚକିଆ ପାଇଁ ୨୦୨୮ ମାର୍ଚ୍ଚ ଯାଏ ସବ୍‌ସିଡି ଅବଧି ବୃଦ୍ଧି କରାଯାଇଛି। ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନେଇ କଞ୍ଚାମାଲ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଥିବାରୁ ଯାନ ଉତ୍ପାଦନ ଏବଂ ଯୋଗାଣ ବ୍ୟାହତ ହୋଇଥିବା ଦର୍ଶାଇ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଇଛି। କିନ୍ତୁ ବଜାରରେ ଇଭି ଯାନର ପ୍ରଚଳନ ବୃଦ୍ଧି କରିବାକୁ ସରକାର ଗ୍ରାହକମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ନେଇଥାଇପାରନ୍ତି ବୋଲି ଅନ୍ୟ ସୂତ୍ରରୁ କୁହାଯାଉଛି। ଉଲ୍ଲେଖଯୋଗ୍ୟ, ପାରମ୍ପରିକ ଇନ୍ଧନ ଚାଳିତ ଯାନ ବନ୍ଦକରି ଇଲେକ୍ଟ୍ରିକ୍ ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ୧୦,୯୦୦ କୋଟି ଟଙ୍କାର ପିଏମ୍–ଇ ଡ୍ରାଇଭ୍ ଯୋଜନା ଆରମ୍ଭକରି ଏଥିରେ ଲୋକମାନଙ୍କୁ ଅନୁଦାନ ଦେବା ବ୍ୟବସ୍ଥା କରିଥିଲେ।



ବିଏସ୍‌ଇ ସେନ୍‌ସେକ୍ସ
୭୬,୮୪୭ (–୭୦୨)



୧ ଡଲାର = ୯୩.୧୦ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୯୫.୬୫ ଡଲାର

# ଡାକୋୟେଟ୍ ଫିଲ୍ମ ସହ 'ଡ. ଅର୍ଥୋ'ର ସହଭାଗିତା




**ଚଣ୍ଡିଗଡ଼, ୧୪।୪**

ଆକ୍ୟୁପେଅସର ସ୍ଲିପର୍ ଏବଂ ଜୋତା ପ୍ରସ୍ତୁତକାରୀ କମ୍ପାନୀ ଡ. ଅର୍ଥୋ ଡାକୋୟେଟ୍ ଫିଲ୍ମ ସହ ବ୍ୟବସାୟିକ ସହଭାଗିତା କରିଛି। ଫିଲ୍ମ ମାଧ୍ୟମରେ କମ୍ପାନୀ ନିଜର ଉତ୍ପାଦଗୁଡ଼ିକର ବିକ୍ରି ପ୍ରୋତ୍ସାହନକୁ ବୃଦ୍ଧି କରିଥିବା କହିଛି। ଏହି ଫିଲ୍ମରେ ଅଭିନୟ କରିଥିବା ଅଦିଭି ଶେଷ୍ ଏବଂ ମୃଣାଳ ଠାକୁର କହିଛନ୍ତି, ମଣିଷ ପାଇଁ ଯେତେ କଷ୍ଟକର ସ୍ଥିତି ଆସୁନା କାହିଁକି, ଏହାକୁ ଅତିକ୍ରମ କରିବାକୁ ପଡ଼ିବ। ଏଥିପାଇଁ ମଣିଷ ନିଜ ଗୋଡରେ ଅତ୍ୟନ୍ତ ଦୃଢ଼ତାର ସହ ଛିଡ଼ା ହେବା ସହ ନିଜର ଶକ୍ତି ସହିତ ଆଗକୁ ପାଦ ଥାପି ସବୁ କଷ୍ଟକୁ ଅତିକ୍ରମ କରିବାକୁ ପଡ଼ିବ। ଶକ୍ତ ପାଦରେ ଛିଡ଼ା ହେବାକୁ ହେଲେ ଜଣଙ୍କୁ ଡ. ଅର୍ଥୋ ଆକ୍ୟୁପ୍ରେସର ସ୍ଲିପର୍ ଏବଂ ଜୋତା ପିନ୍ଧିବାକୁ ପଡ଼ିବ। ଦିବିସା ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରବକ୍ତା କହିଛନ୍ତି, ଏବେ ଘରେ ଘରେ ଡ. ଅର୍ଥୋ ଆକ୍ୟୁପ୍ରେସର ଉତ୍ପାଦ ଚାହିଦା ବଢାଇ ଚାଲିଛି। ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ଲାଘବ ପାଇଁ ଡ. ଅର୍ଥୋ ଆୟୁର୍ବେଦ ତେଲ, କ୍ୟାପସୁଲ୍ ଏବଂ ମଲମ ମଧ୍ୟ ଉପଯୋଗୀ ହୋଇଛି ବୋଲି ସମ୍ପୃକ୍ତ ପ୍ରବକ୍ତା ଜଣକ କହିଛନ୍ତି।




ସିଡ୍‌ନୀରେ ବଲିଉଡ୍ ଅଭିନେତ୍ରୀ ଏବଂ ବ୍ରାଣ୍ଡ ଆମ୍ବାସାଡର୍ କାଜଲ ଦେବଗନ୍ ଜୟଆଲୁକ୍କାସ୍ ନୂତନ ଶୋ'ରୁମ୍‌ର ଉଦ୍‌ଘାଟନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଏମ୍‌ପି ଡ. ଆଣ୍ଡ୍ରୁ ଚାର୍ଲଟନ୍ , ପରିଷଦ ସଦସ୍ୟ ସମୀର ପାଣ୍ଡେ , ଜୟ ଆଲୁକ୍କାସ୍ ଜୁଏଲେରି ସିଇଓ ଜନ୍ ପଲ୍ ଆଲୁକ୍କାସ୍ ଏବଂ ନିର୍ଦ୍ଦେଶକ ସୋନିଆ ଆଲୁକ୍କାସ୍ ଉପସ୍ଥିତ ରହିଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ମୁଖ୍ୟ ହେଲେ ନିରଜ ରଞ୍ଜନ

**ସମ୍ବଲପୁର, ୧୪।୪(ବି.ଶଙ୍କର)**



ନିରଜ ରଞ୍ଜନ

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ନିରଜ ରଞ୍ଜନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ଭାରତୀୟ ବାୟୁସେନା କର୍ମଚାରୀ ରଞ୍ଜନ ସଶସ୍ତ୍ର ବାହିନୀରେ ନିଜ ସେବା ସମାପ୍ତ ପରେ ୨୦୧୦ ମସିହାରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। ସେ ଗ୍ୟାଙ୍ଗ୍‌ଟକ ମୁଖ୍ୟ ଶାଖାର ଶାଖା ମୁଖ୍ୟ ଏବଂ ଆଗ୍ରା କ୍ଷେତ୍ରୀୟ କାର୍ଯ୍ୟାଳୟରେ କାର୍ଯ୍ୟକରି ନିଜ ଦକ୍ଷତା ପ୍ରତିପାଦିତ କରିଛନ୍ତି । ନୂତନ କ୍ଷେତ୍ରୀୟ ମୁଖ୍ୟଭାବେ ସମ୍ବଲପୁର ଅଞ୍ଚଳରେ ବ୍ୟାଙ୍କର କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିପାରିବେ ବୋଲି ସେ କହିଛନ୍ତି ।

# ହାଇଟେକ୍ ମେଡିକାଲ କଲେଜରେ ୧୩ କେ.ଏଲ୍. ବିଶିଷ୍ଟ ଅମ୍ଳଜାନ ପ୍ଲାଣ୍ଟର ଶୁଭାରମ୍ଭ



**ଭୁବନେଶ୍ୱର, ୧୪।୪**

ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାକୁ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଆଉ ଏକ ପଦକ୍ଷେପ ନିଆଯାଇଛି। ହସ୍ପିଟାଲ ପରିସରରେ ପ୍ରତିଷ୍ଠା କରାଯାଇଥିବା ୧୩ କେ. ଏଲ୍. କ୍ଷମତା ବିଶିଷ୍ଟ ଏକ ତରଳ ଅମ୍ଳଜାନ ପ୍ଲାଣ୍ଟର ଉଦ୍‌ଘାଟନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ଲାଣ୍ଟରୁ ରୋଗୀମାନଙ୍କୁ ସେମାନଙ୍କ ଆବଶ୍ୟକ ଅନୁସାରେ ନିରନ୍ତର ଅମ୍ଳଜାନ ଯୋଗାଇ ଦିଆଯାଇପାରିବ ବୋଲି ଅଧ୍ୟକ୍ଷ ଡ. ପାଣିଗ୍ରାହୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ତଥା ସିଇଓ ସୁରେଶ ପାଣିଗ୍ରାହୀ ଏବଂ ଟ୍ରଷ୍ଟି ଡାକ୍ତର ରାକେଶ ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ଜରୁରୀ ସ୍ଥିତିରେ ଏହି ପ୍ଲାଣ୍ଟ ମେଡିକାଲ କଲେଜର ସାମର୍ଥ୍ୟ ବୃଦ୍ଧିକରିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ ସିଓଓ ଜ୍ୟୋତିର୍ମୟ ପଣ୍ଡାଙ୍କ ସମେତ ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

# ପୁରୀ ଷ୍ଟେଶନ ବିକାଶ କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର, ୧୪।୪(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ଖୋର୍ଦ୍ଧା ରୋଡ୍ – ପୁରୀ ସେକ୍ସନ ନିରୀକ୍ଷଣ କରିବା ସହ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଷ୍ଟେଶନରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ନିରୀକ୍ଷଣ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ଟ୍ରାକ୍ ସ୍ଥିତି, ସିଗ୍‌ନାଲିଂ ପ୍ରଣାଳୀ ଓ ସମଗ୍ର ପରିଚାଳନାଗତ ଦକ୍ଷତାର ମୂଲ୍ୟାଙ୍କନ କରିଛନ୍ତି। ସମୀକ୍ଷା ସମୟରେ, ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରୀ ସୁବିଧାଗୁଡ଼ିକର ବୃଦ୍ଧି ଏବଂ ଉନ୍ନତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ପ୍ଲାଟ୍‌ଫର୍ମ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷାଳୟଗୁଡ଼ିକର ବିକାଶ ସହିତ ବିଭିନ୍ନ ସୁବିଧା ଓ ଗତିବିଧିକୁ ସୁଗମକରିବା ପାଇଁଯାତ୍ରୀକେନ୍ଦ୍ରିକଭିତ୍ତିଭୂମିରେ ସାମଗ୍ରିକ ଉନ୍ନତି ଅନ୍ତର୍ଭୁକ୍ତ। ରଥଯାତ୍ରା ପୂର୍ବରୁ ପୁରୀ ଷ୍ଟେଶନରେ ସମସ୍ତ ପୁନର୍ବିକାଶ କାର୍ଯ୍ୟ ଠିକ୍ ସମୟରେ ସମାପ୍ତ କରିବା ଉପରେ ମହାପ୍ରବନ୍ଧକ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଅଧିକାରୀମାନଙ୍କୁ କାର୍ଯ୍ୟର ଅଗ୍ରଗତି ଉପରେ କଡ଼ା ନଜର ରଖିବାକୁ ଏବଂ ରଥଯାତ୍ରା ପୂର୍ବରୁ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ।

# ୫୪୦୦ରୁ ଅଧିକ ପରିବାରକୁ ସଶକ୍ତ କରିଛି ଡାଲମିଆ ସିମେଣ୍ଟ



**ରାଜଗାଙ୍ଗପୁର, ୧୪।୪ (ଅଶୋକ ପାଣି)**

ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ନିର୍ମାତା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ୍) ନିଜର ଗ୍ରାମ ପରିବର୍ତ୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ରାଜଗାଙ୍ଗପୁର ୟୁନିଟ୍ ଆଖପାଖରେ ଥିବା ସମୁଦାୟଗୁଡ଼ିକରେ ଜୀବିକା ବିକାଶକୁ ପ୍ରୋତ୍ସାହିତ କରୁଛି। ଚଳିତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ଦ୍ୱାରା ୫୪୪୩ଟି ପରିବାର ଉପକୃତ ହୋଇଥିବା ଡାଲମିଆ ପକ୍ଷରୁ ସୂଚନା ଦିଆଯାଇଛି। ୧୦୦୦ରୁ ଅଧିକ ପରିବାର ଜୈବିକ ପନିପରିବା ଚାଷ ଆପଣାଇଥିବା ବେଳେ ପ୍ରାୟ ୮୦୦ ପରିବାର ଉଭୟ ଆୟ ଓ ପୋଷଣରେ ସମର୍ଥନ ପାଇଁ କିଚେନ ଗାର୍ଡେନ ବିକଶିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଭର୍ମି କମ୍ପୋଷ୍ଟିଂ, ଆଜୋଲା ଉତ୍ପାଦନ ଭଳି ପଦକ୍ଷେପ ଏବଂ ଡ୍ରାଗନ ଫ୍ରୁଟ୍ ଭଳି ଉଚ୍ଚମୂଲ୍ୟଯୁକ୍ତ ଫସଲ ମାଧ୍ୟମରେ କୃଷି ଅର୍ଥନୀତିକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଉଛି। ଏହା କୃଷକଙ୍କୁ ଖର୍ଚ୍ଚ ହ୍ରାସ କରିବା, ଉତ୍ପାଦକତା ବୃଦ୍ଧିକରିବା ଓ ଜଳବାୟୁ ପ୍ରତିରୋଗୀ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ପାଇଁ ସକ୍ଷମ କରିଛି। ପଶୁପାଳନରେ ୧୧୧୧ ପୋଲ୍ଟ୍ରି ୟୁନିଟ୍, ୯୮୫ ଗୋଟେରି ୟୁନିଟ୍ ଓ ୧୭୦ ପିଗେରି ୟୁନିଟ୍ ସ୍ଥାପନ କରାଯାଇଛି। ଗ୍ରାମାଞ୍ଚଳ ଉଦ୍ୟୋଗିକତାକୁ ମଜଭୁତ କରିବା ପାଇଁ ମିଲେଟ ବା ବାଜରା ଚାଷ ୧୦୬ ଏକରରେ ପରିବ୍ୟାପ୍ତ ରହିଛି। ୩୧,୫୦୦ରୁ ଅଧିକ ଫଳଗଛ ସହ ବାଡ଼ି ବିକାଶ ୪୨୦ ଏକର ଜମିକୁ ଅନ୍ତର୍ଭୁକ୍ତ କରିଛି ଏବଂ ୯୨ଟି ଅଣୁ ଉଦ୍ୟୋଗ ସ୍ଥାପନ କରାଯାଇଛି। ଆୟ ବୃଦ୍ଧି କରିବା ପାଇଁ ପ୍ରୋଜେକ୍ଟ ଅନ୍ନଦାତା ଓ ପ୍ରୋଜେକ୍ଟ ହସ୍ତକଳା ଭଳି ପଦକ୍ଷେପଗୁଡ଼ିକ ଉଭୟ କୃଷି ଓ ଅଣକୃଷି ଜୀବିକାଗୁଡ଼ିକୁ ଆଗକୁ ବଢାଉଛନ୍ତି।

ଏହି ଅଭିଯାନ ସମ୍ପର୍କରେ ଡିସିବିଏଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରାଜଗାଙ୍ଗପୁରର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ କହିଛନ୍ତି, ସିଏସ୍‌ଆର୍ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ ଅଧୀନରେ ଏଭଳି ପଦକ୍ଷେପଗୁଡ଼ିକ କୃଷି, ସମ୍ବନ୍ଧିତ କାର୍ଯ୍ୟ ଓ ଅଣକୃଷି ସୁଯୋଗଗୁଡ଼ିକରେ ଏକ ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ ରାଜଗାଙ୍ଗପୁରରେ ଗ୍ରାମୀଣ ଜୀବିକାକୁ ମଜଭୁତ କରିବା ପାଇଁ ଏକ ସ୍ଥାୟୀ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି।

# ମିଲିକେୟାର୍ ଆଣିଲା ନୂଆ ପ୍ରିମିୟମ୍ ୱାଟର ପ୍ୟୁରିଫାୟର

**ଭୁବନେଶ୍ୱର, ୧୪।୪(ଅନୁରାଧା ମହାରଣା)**



ମିଲିକେୟାର ଇଣ୍ଡଷ୍ଟ୍ରିଜ୍‌ର ନୂଆ ପ୍ରିମିୟମ ୱାଟର ପ୍ୟୁରିଫାୟାର ସେଲେବର ବଜାର ପ୍ରବେଶ କରାଯାଇଛି। ଭୁବନେଶ୍ୱର ପଟିଆସ୍ଥିତ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଷ୍ଟୋର ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଅନାବରଣ କରାଯାଇଛି। କିମ୍ସ୍‌ର ରେମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ପ୍ରଶାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଗୁପ୍ତା ଡିଜିଟାଲ ପକ୍ଷରୁ ପ୍ରବୀର ପଣ୍ଡା ଏବଂ ଗୌରୀପ୍ରସନ୍ନ ଦାଶ ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା। ଓଡ଼ିଶାଭିତ୍ତିକ କମ୍ପାନୀ ସ୍ୱିସ୍ ଟେକ୍‌ନୋଲୋଜି ଦ୍ୱାରା ପ୍ରସ୍ତୁତ ଏହି ପ୍ୟୁରିଫାୟାରର ବଜାର ଦର ୩୬ ହଜାର ଟଙ୍କାରୁ ଆରମ୍ଭ ହୋଇଛି। ଏହି ପ୍ୟୁରିଫାୟାରର ବିଶେଷତ୍ୱ ହେଉଛି ଯେ ଏଥିରେ ଜଳ ଅପଚୟ ହୁଏନାହିଁ। ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ମିନେରାଲକୁ ଏହା ଧରି ରଖିବା ସହ ଅନାବଶ୍ୟକ ମିନେରାଲକୁ ଛାଣି ରଖେ। ଏହି ପ୍ୟୁରିଫାୟାର ଉପରେ ୨ ବର୍ଷ ୱାରେଣ୍ଟି ପ୍ରଦାନ କରାଯାଉଛି। ଏହାସହ ଏହି ଉତ୍ପାଦଟି ଆଧୁନିକ ୟୁଭିସି–ଏଲ୍‌ଇଡି ଟେକ୍ନୋଲୋଜି ବ୍ୟବହାରକରି ତୁରନ୍ତ ପ୍ୟାଥୋଜେନ୍ ନିଷ୍କ୍ରିୟକରଣ କରେ । ଏହି ଉତ୍ପାଦ ଅଣ୍ଡର–କାଉଣ୍ଟର ଏବଂ କାଉଣ୍ଟର–ଟପ୍ ଉଭୟ ଭର୍ସନରେ ଉପଲବ୍ଧ, ଯାହା ଆପଣଙ୍କୁ ସିଧା ଟ୍ୟାପ୍‌ରୁ ପାଣି ପିଇବାକୁ ସୁଯୋଗ ଦିଏ। ସୂଚନା ଥାଉକି, ମିଲିକେୟାର ଇଣ୍ଡଷ୍ଟ୍ରିଜ୍ ଓଡ଼ିଶାର ପ୍ରଥମ ଉତ୍ପାଦନ କମ୍ପାନୀ ଯାହା ଜଳର ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟସେବା ଉପକରଣ ଉତ୍ପାଦନରେ ଆଗ୍ରହୀ। କମ୍ପାନୀ ଭବିଷ୍ୟତରେ ଆହୁରି ଅନେକ ନବନୋଚନମୂଳକ ଉତ୍ପାଦ ବଜାରକୁ ଆଣିବାକୁ ଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ବିପିୟୁଟି- ଓକେସିଏଲ୍ କୃତ୍ରିମ ବୁଦ୍ଧିମତ୍ତା କର୍ମଶାଳା ଉଦ୍‌ଯାପିତ




**ଭୁବନେଶ୍ୱର, ୧୪।୪**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଏବଂ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ୪ଦିନିଆ କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ବିକାଶ କର୍ମଶାଳା ସମାପ୍ତ ହୋଇଯାଇଛି। ୯ରୁ ୧୨ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୧୪୫ଟି ବୈଷୟିକ ଶିକ୍ଷାନୁଷ୍ଠାନରୁ ପ୍ରାୟ ୩୦୦ ଅଧିକାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଶେଷତଃ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅଧ୍ୟକ୍ଷ ଏବଂ ପ୍ଲେସ୍‌ମେଣ୍ଟ ମୁଖ୍ୟମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। କର୍ମଶାଳା ସମାପନୀ ଅବସରରେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଉପଯୋଗିତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ କହିଥିଲେ ,କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାରରେ କାର୍ଯ୍ୟକୁଶଳତା ବୃଦ୍ଧି ପାଇବ ଓ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ ରାଜ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ସଙ୍କଳ୍ପବଦ୍ଧ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଶିବ କୁମାର ମିଶ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆଧିକାରିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ଏବଂ ଓଡ଼ିଶା ନଲେଜ କର୍ପୋରେଶନର ବରିଷ୍ଠ ପ୍ରକଳ୍ପ ପ୍ରବନ୍ଧକ ସୁଶାନ୍ତ ଜେ. ଦାସ ଓ ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟ ଶୁଭମ ରାଉତ ଅଂଶଗ୍ରହଣକାରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ପ୍ରୟୋଗ ବିଷୟରେ ସହଜ ଭାବରେ ବୁଝାଇଥିଲେ।

# ମାର୍ଚ୍ଚରେ ରୁଷିଆରୁ ତୈଳ ଆମଦାନୀ ୩ ଗୁଣ ବଢ଼ିଛି

**ନୂଆଦିଲ୍ଲୀ, ୧୪।୪**

ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତି ମଧ୍ୟରେ ରୁଷିଆରୁ ଭାରତର ତୈଳ ଆମଦାନୀ ୩ ଗୁଣ ବୃଦ୍ଧି ହୋଇଛି। ଗତ ମାର୍ଚ୍ଚରେ ଭାରତ ରୁଷିଆରୁ ୫.୩ ବିଲିୟନ ୟୁରୋ ମୂଲ୍ୟର ତୈଳ ଆମଦାନୀ କରିଥିବା ଜଣାପଡ଼ିଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଉପସାଗରୀୟ ଦେଶଗୁଡ଼ିକର ତୈଳ ଆମଦାନୀ କରିବା ନେଇ ସମସ୍ୟା ଉପୁଜିଥିଲା। ଇରାନ୍ ଉପରୁ ଆମେରିକା କଟକଣା ହଟାଇବା ସହିତ ସେଠାରୁ ତୈଳ ଆମଦାନୀ କରିବାକୁ ଅନୁମତି ଦେଇଥିଲେ ହେଁ ରୁଷିଆ ତୈଳ ଉପରେ ଭାରତ ଅଧିକ ନିର୍ଭରଶୀଳ ହୋଇଥିବା ୟୁରୋପୀୟ ଥିଙ୍କ୍ ଟ୍ୟାଙ୍କ୍ 'ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର' ପକ୍ଷରୁ କୁହାଯାଇଛି।

# ନୂଆ ରେନଲ୍ଟ ଡଷ୍ଟରର ଅନାବରଣ

**ଭୁବନେଶ୍ୱର, ୧୪।୪(ଅନୁରାଧା ମହାରଣା)**




ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ରେନଲ୍ଟ ଶୋ'ରୁମ୍ ପକ୍ଷରୁ ନୂଆ ରେନଲ୍ଟ ଡଷ୍ଟରର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଦମ୍‌ଦାର ଟର୍ବୋ ପେଟ୍ରୋଲ ଇଞ୍ଜିନ ସହ ଆସିଥିବା ଏହି ନୂଆ ଡଷ୍ଟରର ପ୍ରାରମ୍ଭିକ ମୂଲ୍ୟ ୧୦.୪୯ ଲକ୍ଷ ଟଙ୍କା ରଖାଯାଇଛି। ଅନାବରଣ କାର୍ଯ୍ୟକ୍ରମରେ ଏମ୍‌ପି ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଗର୍ଗଶନ ଅଟୋମୋବାଇଲ୍ସର ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ ଓ ଗ୍ରୁପ୍ ଚେୟାରମ୍ୟାନ୍ ସତୀଶ ଗର୍ଗ ପ୍ରମୁଖ ଯୋଗଦେଇ ନୂଆ ଡଷ୍ଟରର ବିଶେଷତ୍ୱ ସମ୍ପର୍କରେ ଗ୍ରାହକମାନଙ୍କୁ ସୂଚନା ଦେଇଥିଲେ। ନୂଆ ରେନଲ୍ଟ ଡଷ୍ଟରକୁ ରେନଲ୍ଟ ଗୋଷ୍ଠୀର ସ୍ୱତନ୍ତ୍ର ଢାଞ୍ଚା ଉପରେ ନିର୍ମାଣ କରାଯାଇଛି, ଯାହା ଗାଡ଼ିକୁ ଅଧିକ ମଜଭୁତ କରିଛି। ଏହାର ଟର୍ବୋ ଇଞ୍ଜିନ୍ ୧୬୩ ପିଏସ୍ ଶକ୍ତି ଏବଂ ୨୮୦ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ଗାଡ଼ିରେ ଅତ୍ୟାଧୁନିକ ମଲ୍ଟିମିଡିଆ ବ୍ୟବସ୍ଥା ରହିଛି। ଉନ୍ନତ ଆଲୋକ ବ୍ୟବସ୍ଥା, ବିଶାଳ ଖୋଲା ଛାତ, ସ୍ୱୟଂଚାଳିତ ପଛ ଦ୍ୱାର, ପବନ ଚଳାଚଳ ସୁବିଧା ଥିବା ଆଗ ସିଟ୍, ତାପମାତ୍ରା ନିୟନ୍ତ୍ରଣ ବ୍ୟବସ୍ଥା, ୧୭ଟି ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଚତୁର୍ଦ୍ଦିଗ ଦେଖିପାରୁଥିବା କ୍ୟାମେରା ଭଳି ଅତ୍ୟାଧୁନିକ ସୁବିଧା ଦିଆଯାଇଛି। ଏହା ୪ଟି ଭିନ୍ନ ରଙ୍ଗରେ ଉପଲବ୍ଧ। ଅନ୍ୟପକ୍ଷରେ ବିଦ୍ୟୁତ୍ ଏବଂ ଇନ୍ଧନର ମିଶ୍ରିତ ବ୍ୟବସ୍ଥା ଥିବା ମଡେଲ ପାଇଁ ମଧ୍ୟ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏଥିରେ ୧.୮ ଲିଟର(ପେଟ୍ରୋଲ) ଇଞ୍ଜିନ୍ ସହ ଏକ ବ୍ୟାଟେରି ଦିଆଯାଇଛି। ଯାହା ସହରାଞ୍ଚଳରେ ୮୦% ପର୍ଯ୍ୟନ୍ତ କେବଳ ବିଦ୍ୟୁତ୍ ସାହାଯ୍ୟରେ ଚାଲିପାରିବ।

# ମୁଜରବାନୀଙ୍କୁ ପିଏସ୍ଏଲ୍‌ରୁ ୨ ବର୍ଷ ବାସନ୍ଦ

ନୂଆଦିଲ୍ଲୀ,୧୪।୪(ପି.ଟି.)

ଆଇପିଏଲ୍‌ରେ ଖେଳିବା ପାଇଁ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍) ଛାଡ଼ିଥିବା ଜିମ୍ବାୱେ ଫାଷ୍ଟ ବୋଲର ବ୍ଲେସିଂ ମୁଜରବାନୀଙ୍କୁ ମଙ୍ଗଳବାର ଦୁଇ ବର୍ଷ ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ବାସନ୍ଦ କରାଯାଇଛି। ଫଳରେ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ସେ ପିଏସ୍ଏଲ୍‌ରେ ଖେଳିପାରିବେ ନାହିଁ। ଜିମ୍ବାୱେ ପେସର ପ୍ରଥମେ ପିଏସ୍ଏଲ୍‌ରେ ଇସ୍‌ଲାମାବାଦ ୟୁନାଇଟେଡ୍ ପକ୍ଷରୁ ଖେଳିବା ପାଇଁ ଚୁକ୍ତି କରିଥିଲେ। ହେଲେ ପରେ ଚୁକ୍ତିରୁ ଓହରି କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍) ପାଇଁ ଆଇପିଏଲ୍‌ରେ ଖେଳିଥିଲେ। ଏହି ଡାହାଣହାତୀ ପେସର ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ତୃତୀୟ ସର୍ବାଧିକ ୧୩ ଉଇକେଟ ନେଇଥିଲେ, ଯାହାଫଳରେ ଜିମ୍ବାୱେ ସୁପର-୮ ଖେଳିଥିଲେ। ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମାନଙ୍କ ବଦଳରେ ତାଙ୍କୁ କେକେଆର୍ ଦଳରେ ସାମିଲ କରିଥିଲା। ସେ ଏପର୍ଯ୍ୟନ୍ତ ଆଇପିଏଲ୍‌ରେ ୨ ମ୍ୟାଚ୍ ଖେଳି ୪ ଉଇକେଟ ନେଇଛନ୍ତି।



ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଲନ୍ ବଲ୍ସ ଚାମ୍ପିୟନଶିପ୍‌ର ପୁରୁଷ ବିଭାଗ ପେୟାର୍ସ ଓ ଫୋର୍ସ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତର ନବନୀତ ସିଂ ପଦକ ଓ ଟ୍ରଫି ପ୍ରଦର୍ଶନ କରୁଛନ୍ତି।

# ବିଶ୍ୱକପ୍ ପୂର୍ବରୁ ଘାନାର ନୂଆ କୋଚ୍



ଆକ୍ରା (ଘାନା), ୧୪।୪(ଏପି)

ଫିଫା ବିଶ୍ୱକପ୍ ହେବାକୁ ମାତ୍ର ଦୁଇ ମାସରୁ କମ୍ ସମୟ ଥିବା ବେଳେ ଘାନା କାର୍ଲୋସ କ୍ୱିରୋଜ୍‌ଙ୍କୁ ଏହାର ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ନୂଆ କୋଚ୍ ଭାବେ ନିଯୁକ୍ତି ଦେଇଛି। କ୍ୱିରୋଜ ତୁରନ୍ତ ଦାୟିତ୍ୱ ଗ୍ରହଣକରି ତାଙ୍କ କାର୍ଯ୍ୟାରମ୍ଭ କରିଥିବା ଘାନା ଫୁଟ୍‌ବଲ ଆସୋସିଏଶନ କହିଛି। ଜୁନ୍ ୧୭ରେ ଟରଣ୍ଟୋଠାରେ ପାନାମା ବିପକ୍ଷ ମ୍ୟାଚ୍ ଖେଳି ଘାନା ଗ୍ରୁପ୍ 'ଏଲ୍'ରେ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଦଳ ପରେ ବୋଷ୍ଟନ ବାହାରେ ଇଂଲଣ୍ଡ ଏବଂ ଫିଲାଡେଲ୍‌ଫିଆରେ କ୍ରୋଏସିଆ ସହ ମୁକାବିଲା କରିବ। 'ବ୍ଲାକ୍ ଷ୍ଟାର' ଭାବେ ପରିଚିତ ଘାନା ମେ' ୨୨ରେ ମେକ୍ସିକୋ ଏବଂ ଜୁନ୍ ୨ରେ ୱେଲ୍ସକୁ ଭେଟିବ। ଘାନାର କୋଚ୍ ପଦ ପାଇଁ ଦେଶ ଓ ବିଦେଶରୁ ୬୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ କ୍ୱିରୋଜ୍‌ଙ୍କ ପ୍ରଚୁର ବିଶ୍ୱକପ୍ ଅଭିଜ୍ଞତା ରହିଛି। ତାଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ୨୦୦୨ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲା। ତାଙ୍କ ଦେଶ ପର୍ତ୍ତୁଗାଲ୍ ୨୦୧୦ ସଂସ୍କରଣରେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ପୁନଶ୍ଚ ସେ ୨୦୧୪ ଓ ୨୦୧୮ ଟୁର୍ନାମେଣ୍ଟରେ ଇରାନ ଦଳର କୋଚ୍ ଦାୟିତ୍ୱରେ ଥିଲେ। ନିକଟ ଅତୀତରେ କ୍ୱିରୋଜ ଓମାନ୍‌ର କୋଚ୍ ଦାୟିତ୍ୱ ନେଇଥିଲେ। ମାତ୍ର ଓମାନ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବାରୁ ୩ ସପ୍ତାହ ପୂର୍ବରୁ ସେ ତାଙ୍କ ପଦରୁ ଓହରି ଯାଇଥିଲେ। ଓଟୋ ଆଡୋଙ୍କ ସ୍ଥାନରେ କ୍ୱିରୋଜଙ୍କୁ ନିଯୁକ୍ତି ମିଳିଛି। ଆଡୋଙ୍କ ଅଧୀନରେ ଘାନା କ୍ରମାଗତ ୪ଟି ୱାର୍ମଅପ୍ ମ୍ୟାଚ୍‌ରେ ପରାଜିତ ହେବାରୁ ମାର୍ଚ୍ଚ ୩୧ରେ ତାଙ୍କୁ କୋଚ୍ ପଦରୁ ବହିଷ୍କୃତ କରାଯାଇଥିଲା।

# ଏପ୍ରିଲ ଶେଷ ସପ୍ତାହରେ ଓସିଏର ପ୍ରତିଭା ଚୟନ ଶିବିର

**ଆବାସିକ ଏକାଡେମୀ ନିମନ୍ତେ ବଛାଯିବେ ବାଳିକା ଖେଳାଳି**

କଟକ,୧୪।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚଳିତମାସ ଶେଷ ସପ୍ତାହରେ ୧୫ ବର୍ଷରୁ କମ୍ ବାଳିକା ବର୍ଗର ପ୍ରତିଭା ଚୟନ ଶିବିର ଦ୍ୱିତୀୟଥର ନିମନ୍ତେ ଆୟୋଜନ କରାଯିବ। ଗତ ଜାନୁଆରୀ ୩୧ ସୁଦ୍ଧା ୧୫ ବର୍ଷରୁ କମ୍ ବୟସ ହୋଇଥିବା ଖେଳାଳିମାନେ ହିଁ ଶିବିରରେ ଭାଗ ନେଇପାରିବେ। ଜନ୍ମ ପ୍ରମାଣପତ୍ର ଦାଖଲ କରିବା ଖେଳାଳିମାନଙ୍କ ନିମନ୍ତେ ବାଧ୍ୟତାମୂଳକ। ଓସିଏର ଅଫିସିଆଲ ୱେବ୍‌ସାଇଟ୍‌ରେ ଖେଳାଳିମାନେ ନାମ ପଞ୍ଜୀକରଣ କରିପାରିବେ। ଶିବିରରୁ ବଛାଯିବାକୁ ଥିବା ଖେଳାଳି ଓସିଏର ଆବାସିକ ଏକାଡେମୀରେ ରହିବାର ସୁଯୋଗ ପାଇବେ। ଉନ୍ନତ ଧରଣର ପ୍ରଶିକ୍ଷଣ ସହିତ ଶିକ୍ଷା ଗ୍ରହଣ ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜାମକୁ ଜିତାଇଲେ ଅଲ୍‌ରାଉଣ୍ଡର ସୁପ୍ରୀତ



ସୁପ୍ରୀତ ପାଢ଼ୀ



ଆୟୁଷ ଦାସ

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

କଟକ,୧୪।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଗଞ୍ଜାମ ୧୧୪ ରନରେ ବାଲେଶ୍ୱରକୁ ହରାଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅଲ୍‌ରାଉଣ୍ଡର ସୁପ୍ରୀତ ପାଢ଼ୀ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ନିମପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୮ ଉଇକେଟ ହରାଇ ୨୫୬ ରନ୍ କରିଥିଲା। ସତ୍ୟମ୍ ଲେଙ୍କା ୮୩ ଏବଂ ସୁପ୍ରୀତ ୪୪ ରନ୍ କରିଥିଲେ। ଜବାବରେ ବାଲେଶ୍ୱର ୧୪୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ସୁପ୍ରୀତ ୨୦ ରନ ବ୍ୟୟରେ ୫ ଉଇକେଟ ଦଖଲକରି ବାଲେଶ୍ୱରର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟପକ୍ଷେ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସୁନ୍ଦରଗଡ଼ ୨୨୯ ରନ୍‌ରେ ମୟୂରଭଞ୍ଜକୁ ହରାଇଛି। ୧୪୫ ରନ୍‌ର ଅପରାଜିତ ଇନିଂସ ଖେଳିଥିବା ବିଜୟୀ ଦଳର ଆୟୁଷ ଦାସ ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଛନ୍ତି। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଅନୁଗୋଳ ୯ ଉଇକେଟରେ ସମ୍ବଲପୁର-ଏ'କୁ, କଟକ-ଏ ୨୧୪ ରନରେ ବୌଦ୍ଧକୁ, ଯାଜପୁର ୧୭୪ ରନରେ ନବରଙ୍ଗପୁରକୁ ଏବଂ ମାଲକାନଗିରି ୧ ଉଇକେଟରେ କୋରାପୁଟକୁ ପରାସ୍ତ କରିଛି।

# ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି କ୍ୟାଡେଟ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୧୪।୪(ତପନ ସ୍ୱାଇଁ)

ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ୧୬ଶ ଜାତୀୟ ସବ୍-ଜୁନିୟର ବାଳିକା ହକିରେ ଓଡ଼ିଶା ବ୍ରୋଞ୍ଜ୍ ପଦକ ହାସଲ କରିଛି। ଓଡ଼ିଶା ଦଳର ଏହି ସଫଳତା ପଛରେ ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର(ଏଚ୍‌ପିସି)ର କ୍ୟାଡେଟ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପ୍ରତିଯୋଗିତାରେ ଏଚ୍‌ପିସିର ବିଷ୍ଣୁପ୍ରିୟା ସେଠୀ ଏବଂ କିରଣ କୁଜୁର ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ରୋଞ୍ଜ୍ ପଦକ ମୁକାବିଲାରେ ଓଡ଼ିଶା ଦଳ ଉତ୍ତରପ୍ରଦେଶକୁ ୪-୨ ଗୋଲରେ ହରାଇ ପୋଡିୟମ ଫିନିଶ୍ କରିଥିଲା। ଏହି ସଫଳତା ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିରେ ପ୍ରଦାନ କରାଯାଉଥିବା ଉନ୍ନତ ପ୍ରଶିକ୍ଷଣ, ଶୃଙ୍ଖଳା ଏବଂ ଆଥଲେଟ୍ ବିକାଶ ବ୍ୟବସ୍ଥାକୁ ସ୍ପଷ୍ଟ କରିଛି। ଏଚ୍‌ପିସିର ପରିଚାଳନା କର୍ତ୍ତୃପକ୍ଷ ଏବଂ କୋଚିଂ ଷ୍ଟାଫ୍ ବିଷ୍ଣୁପ୍ରିୟା ସେଠୀ, କିରଣ କୁଜୁର ଏବଂ ସମଗ୍ର ଓଡ଼ିଶା ଦଳକୁ ସେମାନଙ୍କର ପ୍ରଭାବୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି।




ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ବାଳିକା ହକି ଦଳ।

# ଦୀପ୍ତି, ଅଭିଷେକ ପ୍ଲେୟର ଅଫ୍ ଦି ଇୟର

ଲଣ୍ଡନ, ୧୪।୪(ପି.ଟି.)

ୱିଜଡେନ୍ ଅଲ୍‌ମାନାକ ୨୦୨୬ ପୁରସ୍କାର ବିଜେତାଙ୍କ ମଧ୍ୟରେ ସବୁଠାରୁ ଅଧିକ ଭାରତୀୟ କ୍ରିକେଟର ରହିଛନ୍ତି। ସେମାନେ ପୁରସ୍କାର ମଧ୍ୟରୁ ୭ଟି ହାସଲ କରିପାରିଛନ୍ତି। ଦୀପ୍ତି ଶର୍ମା ଓ ଅଭିଷେକ ଶର୍ମା ଯଥାକ୍ରମେ ମହିଳା କ୍ରିକେଟର ଅଫ୍ ଦି ଇୟର ଏବଂ ଟି୨୦ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ୱିଜଡେନ ଫାଇଭ୍ କ୍ରିକେଟର୍ସ ଅଫ୍ ଦି ଇୟରଙ୍କ ମଧ୍ୟରେ ଶୁବମନ ଗିଲ୍, ମହମ୍ମଦ ସିରାଜ, ରିଷଭ ପନ୍ତ ଓ ରବୀନ୍ଦ୍ର

**ୱିଜ୍‌ଡେନ୍ ଆୱାର୍ଡ**

ଜାଡେଜା ପ୍ରମୁଖ ସ୍ଥାନ ପାଇଛନ୍ତି। ଗତବର୍ଷ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସେମାନେ ଏହି ପୁରସ୍କାରର ହକ୍‌ଦାର ହୋଇଛନ୍ତି। ପୁରସ୍କାର ଜିତିଥିବା ଅଣଭାରତୀୟ ଦ୍ୱୟ ହେଲେ ଅଷ୍ଟ୍ରେଲିଆର ପ୍ରମୁଖ ପେସ୍ ବୋଲର ମିଚେଲ ଷ୍ଟାର୍କ। ସେ ପୁରୁଷ କ୍ରିକେଟର ଅଫ୍ ଦି ୱାର୍ଲ୍ଡ ପୁରସ୍କାର ଲାଭ କରିଛନ୍ତି। ଅନ୍ୟ ଜଣେ ଇଂଲଣ୍ଡ ବ୍ୟାଟର ହସିବ ହମିଦ ମଧ୍ୟ ଫାଇଭ୍ କ୍ରିକେଟର୍ସ ଅଫ୍ ଦି ଇୟର ପୁରସ୍କାର ବିଜେତା ହୋଇଛନ୍ତି। ଦୀପ୍ତି ଗତବର୍ଷର ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ



ଦୀପ୍ତି ଶର୍ମା ଓ ଅଭିଷେକ ଶର୍ମା।

ବିଶ୍ୱକପ୍‌ରେ ୨୨ ଉଇକେଟ ସହ ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ମୁମ୍ବାଇରେ ଅନୁଷ୍ଠିତ ଫାଇନାଲରେ ତାଙ୍କ ଅଲରାଉଣ୍ଡ ପ୍ରଦର୍ଶନକୁ ପାଥେୟକରି ଭାରତ ପ୍ରଥମଥର ବିଶ୍ୱ ଟାଇଟଲ ବିଜୟୀ ହୋଇପାରିଥିଲା। ସେ ଆହୁରି ମଧ୍ୟ ୯ଟି ମ୍ୟାଚରେ ୩ ଅର୍ଦ୍ଧଶତକ ସହ ୨୧୫ ରନ୍ ସଂଗ୍ରହ କରିଥିଲେ। ଅଭିଷେକଙ୍କ ପାଇଁ ୨୦୨୫ ସିଜନ ଖୁବ୍ ଭଲ ଥିଲା। ସେ ୨୧ଟି ମ୍ୟାଚ ଖେଳି ୫ ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ସହ ୮୫୯ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୯୩ ରହିଥିଲା। ଇଂଲିଶ ଗ୍ରୀଷ୍ମଋତୁରେ ଭାରତ ଟେଷ୍ଟ ଅଧିନାୟକ ଗିଲ୍ ଭଲ ଫର୍ମରେ ଥିଲେ। ସେ ୭୫୨ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଚମତ୍କାର ପ୍ରଦର୍ଶନ ଯୋଗୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଭାରତ ୨-୨ରେ ଡ୍ର ରଖିଥିଲା। କେବଳ ଏଜବାଷ୍ଟନ ଟେଷ୍ଟରେ ତାଙ୍କ ୪୩୦ ରନ୍ ସବୁଠାରୁ ଉଲ୍ଲେଖନୀୟ ଥିଲା। ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଥିଲେ ପେସ୍ ବୋଲର ସିରାଜ। ସେ ୨୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଚତୁର୍ଥ ଟେଷ୍ଟରେ ଆଘାତପ୍ରାପ୍ତ ହେବା ପୂର୍ବରୁ ସେ ୪୭୯ ରନ୍ ସଂଗ୍ରହ କରିଥିଲେ। ଆଘାତପ୍ରାପ୍ତ କାରଣରୁ ସେ ୫ମ ମ୍ୟାଚ୍ ଖେଳିପାରି ନ ଥିଲେ। ପାଦର ଏକ ଆଙ୍ଗୁଠିରେ ଫ୍ରାକ୍‌ଚର ସତ୍ତ୍ୱେ ସେ ମାଞ୍ଚେଷ୍ଟରରେ ଦ୍ୱିତୀୟ ଇନିଂସ୍‌ରେ ୫୪ ରନ୍ ସ୍କୋର କରିପାରିଥିଲେ।

# ସଚିନଙ୍କ ରେକର୍ଡ ଭାଙ୍ଗିପାରନ୍ତି ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ,୧୪।୪:** ବର୍ତ୍ତମାନ ଭାରତୀୟ କ୍ରିକେଟ୍‌ର ସବୁଠୁ ଚର୍ଚ୍ଚିତ ଚେହେରା ବୈଭବ ସୂର୍ଯ୍ୟବଂଶୀ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିବାକୁ ଯାଉଛନ୍ତି। ଏକ ରିପୋର୍ଟ ମୁତାବକ, ଆଇପିଏଲ୍ ପରେ ହେବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ଟୁର୍ ଲାଗି ଶର୍ଟଲିଷ୍ଟ କରାଯାଇଥିବା ଖେଳାଳିଙ୍କ ମଧ୍ୟରେ ୧୫ ବର୍ଷୀୟ ବୈଭବଙ୍କ ନାମ ରହିଛି। ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଡିଫେଣ୍ଡ କରିଥିବାରୁ ଅଜିତ୍ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଏହି ସିରିଜ୍ ଲାଗି ଦଳର ବେଞ୍ଚ୍ ଷ୍ଟ୍ରେନ୍ଥ୍ ଟେଷ୍ଟ କରିବାକୁ ଚାହୁଁଛି। ବୈଭବ ଆୟର୍ଲାଣ୍ଡ ଟୁର୍ ଲାଗି ଦୌଡ଼ରେ ରହିଛନ୍ତି ଏବଂ ଚୟନକର୍ତ୍ତା ଅନ୍ୟମାନଙ୍କ ସହ ତାଙ୍କୁ ଶର୍ଟଲିଷ୍ଟ କରିଛନ୍ତି ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ସୂତ୍ରରୁ ଜଣାପଡ଼ିଥିବା ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଛି। ବୟସ ବର୍ଗର କ୍ରିକେଟ୍‌ରେ ଅନେକ ରେକର୍ଡ ଭଙ୍ଗ କରିଥିବା ବୈଭବ ରାଜସ୍ଥାନ ରୟାଲ୍ସ ପାଇଁ ଚଳିତ ଆଇପିଏଲ୍‌ରେ ଖୁବ୍ ଭଲ ପ୍ରଦର୍ଶନ କରିଛନ୍ତି। ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ୨୬ ବଲ୍‌ରେ ୭୮, ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୧୭ ବଲ୍‌ରେ ୫୨ ଓ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୧୪ ବଲ୍‌ରେ ୩୯ ରନ୍‌ର ଇନିଂସ୍ ଖେଳିଥିଲେ। ଆଇପିଏଲ୍ ଚେୟାରମ୍ୟାନ୍ ଅରୁଣ ଧୁମାଲ କହିଛନ୍ତି, ଚଳିତ ଆଇପିଏଲ୍‌ରେ ବୈଭବଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଏହି ପ୍ରୋଡିଜି ସର୍ବକନିଷ୍ଠ ଖେଳାଳି ଭାବେ ଭାରତୀୟ ଦଳ ପାଇଁ ପଦାର୍ପଣ କରିବା ଲାଗି ହକ୍‌ଦାର।

# ସନ୍‌ରାଇଜର୍ସ ଦଳରେ ମଦୁଶନକା

ନୂଆଦିଲ୍ଲୀ, ୧୪।୪(ପି.ଟି.)



ଚଳିତ ଆଇପିଏଲ୍‌ର ଅବଶିଷ୍ଟାଂଶ ପାଇଁ ଆଘାତପ୍ରାପ୍ତ ବ୍ରାଇଡନ କାର୍ସିଙ୍କ ସ୍ଥାନରେ ଶ୍ରୀଲଙ୍କା ପେସ୍ ବୋଲର ଦିଲସାନ୍ ମଦୁଶନକା ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ଯୋଗଦେବେ। ଗତମାସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଆଇପିଏଲ୍ ଓପନ ପୂର୍ବରୁ ନେଟ୍ସରେ ଅଭ୍ୟାସ କରୁଥିବା ବେଳେ କାର୍ସିଙ୍କ ହାତରେ ଆଘାତ ଲାଗିଥିଲା। ଇଂଲଣ୍ଡର ଏହି ପେସ୍ ବୋଲର ଗତଥର ଜାନୁଆରୀରେ ଆସେସ୍ ସିରିଜ୍‌ରେ ଖେଳିଥିଲେ। ମଦୁଶନକା ଶ୍ରୀଲଙ୍କା ତରଫରୁ ଗୋଟିଏ ଟେଷ୍ଟ, ୨୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୯ ଅନ୍ତର୍ଜାତୀୟ ଟି୨୦ ଖେଳି ମୋଟ ୭୦ ଉଇକେଟ ଅକ୍ତିଆର କରିଛନ୍ତି। ସେ ୭୫ ଲକ୍ଷ ଟଙ୍କା ବିନିମୟରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ଯୋଗଦେବେ। ଶ୍ରୀଲଙ୍କାର ଏହି ବୋଲର ଆଇପିଏଲ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଂଶବିଶେଷ ଥିଲେ।

# ବର୍ଷିତା, ସାନ୍‌ଭି, ସଂରଚନା ସେମିଫାଇନାଲରେ

**ଏଆଇଟିଏ-ଓଟିଏ ଜୁନିୟର ସୁପର ସିରିଜ୍ ଟେନିସ୍**

ଭୁବନେଶ୍ୱର, ୧୪।୪(ତପନ ସ୍ୱାଇଁ)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଆଣ୍ଡ୍ କଣ୍ଟ୍ରି କ୍ଲବ୍‌ଠାରେ ଚାଲିଥିବା ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଜୁନିୟର(୧୬ ବର୍ଷରୁ କମ୍) ସୁପର ସିରିଜ୍ ଟେନିସ୍ ଟୁର୍ନାମେଣ୍ଟର ବାଳିକା ବର୍ଗ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଉତ୍ତର ପ୍ରଦେଶର ଆଶି ଶମ୍‌ଶେରୀ ଏବଂ ଓଡ଼ିଶାର ବର୍ଷିତା ବର୍ମା, ସାନ୍‌ଭି ମହାନ୍ତି ଓ ସଂରଚନା ଦାସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ କ୍ୱାର୍ଟର ଫାଇନାଲରେ ଆଶି ପଶ୍ଚିମବଙ୍ଗର ନିଆଲଖି ଦାସଙ୍କୁ ୬-୦, ୬-୧ ସେଟ୍‌ରେ ହରାଇଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶାର ବର୍ଷିତା ପଶ୍ଚିମବଙ୍ଗର ଶ୍ରେୟା ବାନିକଙ୍କୁ ୬-୩, ୬-୨ରେ ପରାସ୍ତ କରିଛନ୍ତି। ସେହିପରି ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଯଥାକ୍ରମେ ଓଡ଼ିଶାର ସାନ୍‌ଭି ଆନ୍ଧ୍ରପ୍ରଦେଶର ଲସ୍ୟା ପ୍ରିୟା ପପ୍ପାଲାଙ୍କୁ ୬-୦, ୬-୪ ଏବଂ ସଂରଚନା ପଶ୍ଚିମବଙ୍ଗର ଈଶନା ଦାସଙ୍କୁ ୬-୦, ୬-୦ ସେଟ୍‌ରେ ହରାଇଛନ୍ତି। ବାଳକ ବର୍ଗର ରାଉଣ୍ଡ ଅଫ୍-୧୬ରେ ବିଜୟୀ ହୋଇ ଓଡ଼ିଶାର ସୂର୍ଯ୍ୟାଂଶ ପଟ୍ଟନାୟକ ଓ ଆୟୁଷ ପଟ୍ଟନାୟକ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ବାଳକ ଡବଲ୍ସ କ୍ୱାର୍ଟର ଫାଇନାଲରେ ଆସାମର ସମ୍ବିଦ ବୋରୋ ଓ କର୍ନାଟକର ଅର୍ଜୁନ ଶାସ୍ତ୍ରୀଙ୍କ ଯୋଡ଼ି ଝାଡ଼ଖଣ୍ଡର ସମୟ ଆଗମାନ ଓ ଛତିଶଗଡ଼ର ତନଭ୍ୟା ଗୋଏଲଙ୍କୁ ୬-୦, ୬-୩ ସେଟ୍‌ରେ ପରାସ୍ତ କରିଛି।

# ସଞ୍ଜୁ ସାମ୍‌ସନ ପ୍ଲେୟର ଅଫ୍ ଦି ମନ୍ଥ

ଦୁବାଇ, ୧୪।୪(ପି.ଟି.)

ଭାରତ ଓପ୍‌ନର ସଞ୍ଜୁ ସାମ୍‌ସନ ମଙ୍ଗଳବାର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଭାରତକୁ ଟି୨୦ ବିଶ୍ୱକପ୍ ବିଜୟୀ କରାଇବାରେ ତାଙ୍କର ବଡ଼ ଭୂମିକା ରହିଥିଲା। ସାମ୍‌ସନ ଟୁର୍ନାମେଣ୍ଟର ପ୍ରଥମ ଭାଗରେ ଖେଳି ନ ଥିଲେ। ମାତ୍ର ଶେଷଭାଗରେ ବଡ଼ବଡ଼ ଗେମ୍‌ରେ ତାଙ୍କର ପ୍ରଦର୍ଶନ ଜବରଦସ୍ତ ଥିଲା, ଯାହାକି ଭାରତକୁ ଟାଇଟଲ ବିଜୟୀ କରାଇବାରେ ସହାୟକ ହୋଇଥିଲା। ଗତ ୫ ମାସ ହେଲା ବିଭିନ୍ନ ଦେଶର ଖେଳାଳି ଏହି ପୁରସ୍କାର ପାଇଥିଲେ। ସେମାନେ ହେଲେ ଦକ୍ଷିଣ ଆଫ୍ରିକାର ସିମନ ହାର୍ମର, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ, ନ୍ୟୁଜିଲାଣ୍ଡର ଡେରିଲ ମିଚେଲ ଓ ପାକିସ୍ତାନର ଶିବଜାଦା ଫରହାନ୍। ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିବା ଏକ ଅବିଶ୍ୱସନୀୟ ଅନୁଭବ। ବିଶେଷକରି ଏହା ମୋ କ୍ରିକେଟ ଯାତ୍ରାର ସବୁଠାରୁ ବିସ୍ମରଣୀୟ ପର୍ଯ୍ୟାୟ ସମୟରେ ଆସିଛି। ପୁରୁଷ ଟି୨୦ ବିଶ୍ୱକପ୍‌ରେ ଭାରତର ବିଜୟରେ ଭୂମିକା ଗ୍ରହଣ କରିବା ଦ୍ୱାରା ପ୍ରକୃତରେ ତାଙ୍କର ଏକ ସ୍ୱପ୍ନ ସାକାର ହୋଇଛି ବୋଲି ସାମ୍‌ସନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ସାମ୍‌ସନ ନିୟମିତ ଭାବେ ଚୂଡ଼ାନ୍ତ ଏକାଦଶର ଅଂଶବିଶେଷ ନ ଥିଲେ। ଶେଷରେ ଭାରତର ନିଶ୍ଚିତ ବିଜୟ ଦରକାର ପଡୁଥିବା ସୁପର-୮ ପର୍ଯ୍ୟାୟରେ ଖେଳିବା ପାଇଁ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ପ୍ରଥମେ ସେ ଜିମ୍ବାୱେ ବିପକ୍ଷରେ ୨୪ ରନ୍ କରିଥିଲେ। ଏହାପରେ ସେ ଫର୍ମକୁ ଫେରିଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚରେ ସେ ମାତ୍ର ୩ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ତାଙ୍କ ଆକ୍ରମଣାତ୍ମକ ୯୭ ରନ୍ ସହାୟତାରେ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ପରେ ମାର୍ଚ୍ଚ ୫ରେ ୱାଙ୍ଖଡେଠାରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ବିସ୍ଫୋରକ ୮୯ ରନ୍ ସଂଗ୍ରହ କରିଥିଲେ, ଯାହାଫଳରେ ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୫୩ ରନ୍ ସଂଗ୍ରହ କରିପାରିଥିଲା। ଇଂଲଣ୍ଡ ୭ ରନ୍‌ରେ ଏହି ମ୍ୟାଚ ହାରିଯାଇଥିଲା। ଶେଷରେ ଅହମଦାବାଦରେ ଟାଇଟଲ ମୁକାବିଲା ବେଳେ ସେ ସମାନ ୮୯ ରନ୍ ସଂଗ୍ରହ କରିଥିଲେ। ଭାରତ ଏହି ମ୍ୟାଚ୍‌ରେ ୯୬ ରନରେ ବିଜୟଲାଭ କରିଥିଲା। ଏହି ୩ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସାମ୍‌ସନ ମୋଟ ୨୭୫ ରନ୍ କରିଥିଲେ। ତାଙ୍କର ଆଭରେଜ୍ ୧୩୭.୫୦ ଏବଂ ଷ୍ଟ୍ରାଇକ୍ ରେଟ୍ ୧୯୯.୨୭ ରହିଥିଲା। ସାମସନ ପ୍ରଥମଥର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଲାଭ କରିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ନ୍ୟୁଜିଲାଣ୍ଡର ଆମେଲି କେର୍ ତୃତୀୟଥର ଲାଗି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଛନ୍ତି। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା।



## କୁକୁଡ଼ା ଚିଆଁ ପାଳନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକାଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

## ସବୁଜ ଗୋଖାଦ୍ୟ ଫସଲ



ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ ଗାଡ଼ି ସଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ , ୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭାବନା ଥିଲେ ଶେଷଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ମହୁବାକ୍ସର ଯତ୍ନ



ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରିଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

# ଗ୍ରୀଷ୍ମକାଳୀନ ସବୁଜ ଗୋଖାଦ୍ୟ ବ୍ୟବସ୍ଥା



କେଶବ କୁମାର ମହାପାତ୍ର

ସମସ୍ତଙ୍କୁ ଜଣା ଯେ ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ, ପ୍ରଚଣ୍ଡ ରୌଦ୍ର ପରକାଶ। ମାତ୍ର ଆଜିକାଲି ବୈଶାଖ ମାସ ପର୍ଯ୍ୟନ୍ତ ଖରା ଅପେକ୍ଷା କରୁନାହିଁ। ଫଗୁଣ ମାସରୁ ଟାଣ ଖରା ଆରମ୍ଭ ହୋଇଯାଉଛି। ପରିବେଶ ପ୍ରଦୂଷଣ, ଜଙ୍ଗଲ ଧ୍ୱଂସ ଇତ୍ୟାଦି ପାଇଁ ପୃଥିବୀର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ଗଲା କିଛି ବର୍ଷ ହେଲା ଅଂଶୁଘାତର ଆତଙ୍କ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଛି। ଯାହା ଦେଖାଯାଉଛି ମଣିଷମାନଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ଗୃହପାଳିତ ପଶୁପକ୍ଷୀମାନଙ୍କୁ ମଧ୍ୟ ଅଂଶୁଘାତ ହେବା ସମ୍ଭାବନା ଥାଏ । ଅଂଶୁଘାତରୁ ରକ୍ଷାପାଇବା ପାଇଁ ଖରାଦିନରେ ଗୋରୁମାନଙ୍କୁ ଯଥେଷ୍ଟ କଞ୍ଚାଘାସ ଖାଇବାକୁ ଦେବା ଦରକାର। କାରଣ କଞ୍ଚାଘାସରେ ଥିବା ଭିଟାମିନ 'କ' ରେ ଅଂଶୁଘାତରୁ ରକ୍ଷା କରିବାର ଶକ୍ତି ରହିଛି। ଘାସଚାଷ ସାଧାରଣତଃ ବର୍ଷାଦିନରେ ଅଧିକ ହୋଇଥାଏ। ଶୀତଦିନରେ ତା'ଠାରୁ କମ୍ ପୁଣି ଖରାଦିନେ ଆହୁରି କମିଯାଏ। ଖରାଦିନେ ଜଳସେଚନର ସୁବିଧା ଓ ବୁଲା ଗୋରୁଙ୍କ କବଳରୁ ରକ୍ଷା ମିଳିଲେ ଘାସ ଚାଷ ହୋଇପାରିଥାଏ । ଋତୁକାଳୀନ ଘାସ ଚାଷ ବ୍ୟତୀତ ଯଦି ସବୁଦିନିଆ ଘାସ କିଆରିର ଯତ୍ନ ନିଆଯିବ, ଗୋଖାଦ୍ୟ ଉପଯୋଗୀ ଗଛର ପତ୍ରକୁ କିଛି କିଛି ଯୋଗାଡ଼ କରିହେବ ଏବଂ ବର୍ଷା ଓ ଶୀତଦିନର ବଳକା ଘାସକୁ ଯଦି ପୂର୍ବରୁ ସାଇତା ଯାଇପାରିବ, ତାହା ହେଲେ ଗୋରୁଙ୍କର ଖରାଦିନରେ କୌଣସି ଅସୁବିଧା ହେବନାହିଁ ।

**ଋତୁକାଳୀନ ଘାସଚାଷ**

ଯେଉଁ ଘାସ ଅଧିକ ମରୁଡ଼ିସହଣୀ, କମ୍ ଜଳସେଚନ ଆବଶ୍ୟକ କରିଥାଏ ଓ କମ୍ ଦିନରେ ଅମଳ ହୋଇଥାଏ, ଖରାଦିନରେ ସେହି ଘାସ ଚାଷକରିବା ଉଚିତ। ସେହି ପ୍ରକାର ଘାସ ମଧ୍ୟରେ ଶସ୍ୟଜାତୀୟ ଜୁଆର,ବାଜରା, ଟେଓସେଣ୍ଟ, ମିଠାସୁଦାନ ଓ ଛୁଇଁଜାତୀୟ ବରଗୁଡ଼ି ଓ ଗୁଆଁର ଇତ୍ୟାଦି ପ୍ରଧାନ। ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦ ଶଗଡ଼ ସଢ଼ା ଗୋବର ଖତ, ୧ କୁଇଣ୍ଟାଲ ସିଙ୍ଗିଲ ସୁପର ଫସ୍‌ଫେଟ୍/୫୦ କି.ଗ୍ରା. ଡି.ଏ .ପି , ୧୦ କି.ଗ୍ରା. ପଟାସ ସାର ଦେଇ ମଞ୍ଜି ବୁଣାଯାଇଥାଏ। ଜୁଆର ଓ ଟେଓସେଣ୍ଟ ପାଇଁ ୧୫ କି.ଗ୍ରା., ମିଠାସୁଦାନ ୧୦ କି.ଗ୍ରା. ,ବାଜରା ୪ କି.ଗ୍ରା., ବରଗୁଡ଼ି ଓ ଗୁଆଁର ପାଇଁ ୧୦ କି.ଗ୍ରା. ମଞ୍ଜି ଏକର ପ୍ରତି ଆବଶ୍ୟକ ପଡ଼ିଥାଏ। ଏମ୍‌ପି ଚେରୀ ଓ ବାଜରା ଇତ୍ୟାଦିରେ ଚଅଁର ବାହାରିବା ପରେ ଓ ବରଗୁଡ଼ି, ଗୁଆଁର ଇତ୍ୟାଦିରେ ଫୁଲ ହୋଇ ଛୁଇଁ ଧରିଲା ପରେ ଘାସ ଅମଳ ହୋଇଥାଏ। ଏକର ପ୍ରତି ସମସ୍ତ ଶସ୍ୟଜାତୀୟ ଘାସରୁ ୧୦୦ରୁ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ। ମଞ୍ଜି ବୁଣାହେବାର ୨ସପ୍ତାହ ପରେ ଓ ଜୁଆର ଇତ୍ୟାଦିର ପ୍ରତ୍ୟେକ ଥର ଘାସ ଅମଳ ପରେ ୧୫ ରୁ ୨୦ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରାଗଲେ ଅଧିକ ଅମଳ ମିଳିଥାଏ। ଖରାଦିନରେ ଅନାବନା ଘାସ, ବାଲୁଙ୍ଗା, ରୋଗ ଓ ପୋକର ସମସ୍ୟା ବେଶି ନ ଥାଏ । ଅଧିକ ଜଳସେଚନର ସୁବିଧା ଥିଲେ ଗୋଖାଦ୍ୟ ଉପଯୋଗୀ ମକା ମଧ୍ୟ ଚାଷ କରାଯାଇପାରିବ। ଶୀତଦିନରୁ ସବୁଦିନ ଆଲୁସର୍ନ ଘାସ ବଞ୍ଚିଥିଲେ ଉପଯୁକ୍ତ ଜଳସେଚନ ଓ ସାରଖତ ପାଇଲେ ଉତ୍ତମ ପୁଷ୍ଟିସାରଯୁକ୍ତ ଘାସ ଅମଳ ମିଳିପାରିବ।

"ଜୁଆର ଓ ଟେଓସେଣ୍ଟ ପାଇଁ ୧୫ କି.ଗ୍ରା., ମିଠାସୁଦାନ ୧୦ କି.ଗ୍ରା. ,ବାଜରା ୪ କି.ଗ୍ରା., ବରଗୁଡ଼ି ଓ ଗୁଆଁର ପାଇଁ ୧୦ କି.ଗ୍ରା. ମଞ୍ଜି ଏକର ପ୍ରତି ଆବଶ୍ୟକ ପଡ଼ିଥାଏ। ଏମ୍‌ପି ଚେରୀ ଓ ବାଜରା ଇତ୍ୟାଦିରେ ଚଅଁର ବାହାରିବା ପରେ ଓ ବରଗୁଡ଼ି, ଗୁଆଁର ଇତ୍ୟାଦିରେ ଫୁଲ ହୋଇ ଛୁଇଁ ଧରିଲା ପରେ ଘାସ ଅମଳ ହୋଇଥାଏ। ଏକର ପ୍ରତି ସମସ୍ତ ଶସ୍ୟଜାତୀୟ ଘାସରୁ ୧୦୦ରୁ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ। ମଞ୍ଜି ବୁଣାହେବାର ୨ସପ୍ତାହ ପରେ ଓ ଜୁଆର ଇତ୍ୟାଦିର ପ୍ରତ୍ୟେକ ଥର ଘାସ ଅମଳ ପରେ ୧୫ ରୁ ୨୦ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରାଗଲେ ଅଧିକ ଅମଳ ମିଳିଥାଏ।"



**ସବୁଦିନିଆ ଘାସ**

ପୂର୍ବରୁ ଥିବା ସଙ୍କରହାତିଆ, ପାରା ଇତ୍ୟାଦ ସବୁଦିନିଆ ଘାସର ଶୀତଦିନରେ ଅମଳ କମିଯାଇଥାଏ। ଖରା ଆରମ୍ଭ ହେବା ମାତ୍ରେ ସେଥିରୁ ଯଥେଷ୍ଟ ଘାସ ଅମଳ ମିଳିପାରିବ । ସଙ୍କରହାତିଆରୁ ଏକର ପ୍ରତି ଖରାଦିନରେ ୨୦୦ ରୁ ୨୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଓ ପାରାରୁ ୧୦୦ ରୁ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଘାସ ଅମଳ ମିଳିପାରିବ। ବର୍ଷାଦିନରୁ ଯଦି ମରୁଡ଼ିସହଣୀ ଗିନି, ସଦାବାହାର, କଙ୍ଗୋସିଂନାଲ, ଷ୍ଟାଇଲୋ ଇତ୍ୟାଦି ଚାଷ କରାଯାଇଥିବ, ସାମାନ୍ୟ ଜଳସେଚନ କିମ୍ବା ଅଦିନିଆ ବର୍ଷା ପାଇଲେ ସେଥିରୁ ମଧ୍ୟ କିଛି ଘାସ ଅମଳ ମିଳିପାରିବ ।

**ଖରାଦିନରେ ଘାସ କ୍ଷେତ୍ର ପରିଚାଳନା**

ଖରାଦିନରେ ଠିକ୍ ଭାବରେ ଘାସ କ୍ଷେତ୍ର ପରିଚାଳନା କଲେ କମ୍ ଖର୍ଚ୍ଚରେ ଓ କମ ପରିଶ୍ରମରେ ଅଧିକ ଘାସ ଉତ୍ପାଦନ ହୋଇପାରିବ। ଫଳରେ ଚାଷୀ ଓ ଗାଈ ଗୋରୁ ଉଭୟେ ଉପକୃତ ହୋଇପାରିବେ।

➤ସବୁଦିନିଆ ଘାସଫସଲ ପାଇଁ ଅନୁମୋଦିତ ମଞ୍ଜି ହାରର ୧୦%ରୁ ୧୫% ଶତକଡ଼ା ଅଧିକ ମଞ୍ଜି ବ୍ୟବହାର କଲେ ଅନାବନା ଗଛ ଦମନ ହେବ, ଅଧିକ ଗଛ ଯୋଗୁ ଖରା ସିଧାସଳଖ କିଆରିରେ ନ ପଡ଼ିବାର ଜମିରେ ବତର ଅଧିକ ଦିନ ରହିବ। ଜମିରେ ଯଥେଷ୍ଟ ଗୋବରଖତ ଦେଇ ମଞ୍ଜି ବୁଣିଲେ ଜମିର ଜଳଧାରଣ କ୍ଷମତା ଅଧିକ ହେବ ଓ ବତର ଅଧିକ ଦିନ ରହିବ ।

➤ଖରା ସମୟରେ ଜଳସେଚନନ କରି ରାତ୍ରିରେ ଜଳସେଚନ କଲେ ଜମି ରାତି ସାରା ଭଲଭାବରେ ବତୁରି ଅଧିକ ଦିନ ପର୍ଯ୍ୟନ୍ତ ବତର ରହିବ ।

➤ଯବକ୍ଷାରଜାନ ସାରକୁ ଏକାଥରକରେ ପ୍ରୟୋଗ ନ କରି ୨/୩ ଥରରେ ପ୍ରୟୋଗ କଲେ ଅଧିକ ସୁଫଳ ମିଳିବ।

➤ସଙ୍କରହାତିଆ କିଆରିରେ ଘାସକୁ ଅଧିକ ବଢ଼ିବାକୁ ନ ଦେଇ ୩ ରୁ ୪ ଫୁଟ ହେଲେ କାଟି ଦେବା ଭଲ । ଫଳରେ ଅଧିକ ଥର ଓ ଅଧିକ ପରିମାଣର ଘାସ ଅମଳ ମିଳିପାରିବ।

➤ସଙ୍କରହାତିଆ ଇତ୍ୟାଦି ସବୁଦିନିଆ ଘାସ କିଆରିରେ ଅମଳ ପରେ ପୁଣି ଘାସ ଲମ୍ବା ହୋଇ କିଆରି ଭର୍ତ୍ତି ନ ହେବା ପର୍ଯ୍ୟନ୍ତ ଡାଳପତ୍ର, ନଡ଼ା ଇତ୍ୟାଦି ଦ୍ୱାରା ଫାଙ୍କା ଥିବା ସ୍ଥାନକୁ ଆଛାଦିକରଣ କଲେ ଅଧିକ ଦିନ ଅନ୍ତରରେ ଜଳସେଚନର ଆବଶ୍ୟକତା ପଡ଼ିଥାଏ।

ବର୍ଷାଦିନ ଓ ଶୀତଦିନର ବଳକା ଘାସରୁ ନରମ କାଣ୍ଡଯୁକ୍ତ ଘାସକୁ କାଣ୍ଡ 'ହେ' ବା ଘାସଶୁଖୁଆ ଓ ଟାଣକାଣ୍ଡଯୁକ୍ତ ଘାସକୁ 'ସାଇଲେଜ୍' ବା ଘାସ ଆଚାର ଭାବରେ ସାଇତି ରଖାଯାଇଥିବ। ଘାସ ବଦଳରେ ସେସବୁକୁ ମଧ୍ୟ ଖାଇବାକୁ ଦିଆଯାଇପାରିବ। ମୋଟ ଆବଶ୍ୟକ ଥିବା ଘାସ ଓଜନର ୩/୪ ଭାଗ ସାଇଲେଜ ଓ ୧/୪ ଭାଗ 'ହେ' ଗୋରୁଙ୍କୁ ଖୁଆଇଲେ ତାହା ଯଥେଷ୍ଟ ହୋଇଥାଏ। ସୁବାବୁଲ, ଅଗସ୍ତି, ଶିରିଷ, ଚାକୁଣ୍ଡା, ଡିମିରି, ,ଅଶ୍ୱତ୍ଥ,ବର, ବାଉଁଶ, ପଣସ ଇତ୍ୟାଦି ଗଛର ପତ୍ରକୁ ମଧ୍ୟ ଖରାଦିନରେ କିଛିକିଛି ଦିଆଯାଇପାରେ। ତେଣୁ ଖରାଦିନରେ ଜଳସେଚନ ପରିଚାଳନା, ଉପଯୁକ୍ତ ସମୟରେ ଘାସ ଅମଳ,ମଞ୍ଜିସାର ଖତ ଇତ୍ୟାଦି ଠିକ୍ ଭାବରେ ବିନିଯୋଗ କରିବା ଦ୍ୱାରା କମ୍ ପରିଶ୍ରମ, କମ୍ ଖର୍ଚ୍ଚ ଓ କମ୍ ଜମିରୁ ଅଧିକ ସବୁଜ ଗୋଖାଦ୍ୟର ଅମଳ ମିଳିପାରିବ। ଫଳରେ ଗୋରୁ ସୁଷମ ଓ ସନ୍ତୁଳିତ ଖାଦ୍ୟ ପାଇବା ସହ ଅଂଶୁଘାତ ଭଳି ମହାବିପତ୍ତିରୁ ବର୍ତ୍ତିଯାଇପାରିବେ।

-ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା, ବାଲେଶ୍ୱର, ମୋ : ୯୪୩୭୧୧୭୪୦୬

## ଆଖୁଚାଷରେ କୋଡ଼ାଖୁସା



ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ଆଖୁରେ ପିଲ ବାହାରିବା ସମୟରେ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ର ଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡ଼ା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

## ଡାଲିଜାତୀୟ ଫସଲ ଅମଳ ସମୟରେ...

ଛୁଇଁ ୮୦ରୁ ୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



# ଖରାଦିନିଆ ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା : ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କରଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ।

ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ସଢ଼ା ଗୋବର ଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।



## ନଳିତାର ଉନ୍ନତ କିସମ

ନଳିତା ମାର୍ଚ୍ଚ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣା ଯାଇଥାଏ। ଜେଆର୍‌ଓ-୫୨୪ (ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡସଢ଼ା ଓ ମୂଳସଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷକରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା. ଫସ୍‌ଫରସ୍ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ,୮କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।

# ଧାନଚାଷରେ କାଣ୍ଡବିନ୍ଧା ପୋକ ଦମନ



ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ଏକ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୫/୨୦୨୬ Bhubaneswar, Wednesday, April 15/ 2026


# ସିଏସ୍‌କେର ଦ୍ୱିତୀୟ ବିଜୟ



ଉଇକେଟ ନେବା ପରେ ନୂର୍ ଅହମଦଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଚେନ୍ନାଇ,୧୪।୪**

ନୂର ଅହମଦଙ୍କ ଯାଦୁଗରି ବୋଲିଂ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୩୨ ରନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ସିଏସ୍‌କେ ଦ୍ୱାରା ଧାର୍ଯ୍ୟ ୧୯୩ ରନର ଟାର୍ଗେଟ ଜବାବରେ କେକେଆର୍ ୭ ଉଇକେଟ ହରାଇ ୧୬୦ ରନ କରିପାରିଥିଲା। ଏହା ଚେନ୍ନାଇର ଦ୍ୱିତୀୟ ବିଜୟ ହୋଇଥିବା ବେଳେ କେକେଆର୍ ଲାଗି ଏହା ଚତୁର୍ଥ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ଆରମ୍ଭରୁ ଶସ୍ତାରେ ଅଧିନାୟକ ଋତୁରାଜ ଗାଏକ୍ୱାଡ(୭)ଙ୍କ ଉଇକେଟ ହରାଇଥିଲା। ନଂ.୩ରେ ଆସିଥିବା ଆୟୁଷ ମାହାତ୍ରେ ଓ ସାମସନ ଦ୍ୱିତୀୟ ଉଇକେଟରେ ୨୨ ବଲରେ ଦ୍ରୁତ ୪୭ ରନ କରିଥିଲେ। ପାୱାରପ୍ଲେର ଅନ୍ତିମ ବଲରେ ମାହାତ୍ରେ ୧୭ ବଲରେ ୬ ଚୌକା ଓ ୨ ଛକା ସହାୟତାରେ ୩୮ ରନ କରି ଆଉଟ୍ ହୋଇଥିଲେ। ଏହାପରେ କେକେଆର୍‌ର ସ୍ପିନରମାନେ ସିଏସ୍‌କେର ରନ ଗତିକୁ ରୋକି ଦେଇଥିଲେ। ଏକଦା ୬ ଓଭର ସୁଦ୍ଧା ୭୨/୨ ସ୍କୋର କରିଥିବା ସିଏସ୍‌କେ ୧୫ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୧୪୨ ରନ କରିଥିଲା। ଏଥିମଧ୍ୟରେ ଦଳ ସେଟ୍ ବ୍ୟାଟର ସାମସନ (୩୧ ବଲ, ୪୮ ରନ, ୪ ଚୌକା ଓ ୩ ଛକା)ଙ୍କ ଉଇକେଟ ମଧ୍ୟ ହରାଇଥିଲା। ବୈଭବ ଆରୋରାଙ୍କ ୧୬ତମ ଓଭରରେ ୨୦ ରନ ଆସିବା ପରେ ସିଏସ୍‌କେର ରନ ଗତି ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା। ହେଲେ ସର୍ଫରାଜ (୧୮ ବଲ, ୨୩ ରନ, ୧ ଚୌକା ଓ ୨ ଛକା) ଓ ଡେୱାଲ୍ଡ ବ୍ରେଭିସ (୨୯ ବଲ, ୪୧ ରନ, ୪ ଚୌକା ଓ ୨ ଛକା) କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଜେମି ଓଭରଟନ (୭) ଓ ଶିବମ ଦୁବେ (୧୩) ଫେଲ ମାରିଥିଲେ। ଫଳରେ ସିଏସ୍‌କେ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୨ ରନ କରିଥିଲା। କୋଲକାତା ପାଇଁ କାର୍ତ୍ତିକ ତ୍ୟାଗି ଦୁଇଟି ଉଇକେଟ ନେଇଥିଲେ। ଜବାବରେ କେକେଆର୍ ଆରମ୍ଭରୁ ଦୁଇ ଓପନର ଫିନ ଆଲେନ (୧) ଓ ସୁନୀଲ ନାରିନ (୧୭ ବଲ, ୨୪ ରନ, ୨ ଲେଖାଏ ଚୌକା ଓ ଛକା)ଙ୍କ ଉଇକେଟ ହରାଇଥିଲା। ନଂ. ୩ରେ ଆସିଥିବା ଅଧିନାୟକ ଅଜିଙ୍କ୍ୟ ରାହାନେ, ଅଙ୍ଗକ୍ରିଶ ରଘୁବଂଶୀଙ୍କ ସହ ମିଶି ତୃତୀୟ ଉଇକେଟରେ ୫୦ ରନ ଯୋଡ଼ିଥିଲେ। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ରଘୁବଂଶୀ ୧୯ ବଲରେ ୨୭ (୩ ଚୌକା ଓ ୧ ଛକା), ଅଧିନାୟକ ରାହାନେ ୨୨ ବଲରେ ୨୮ (୨ ଛକା), କାମେରନ ଗ୍ରୀନ (୦) ଓ ରିଙ୍କୁ ସିଂ (୬) ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ରୋଭମାନ ପାୱେଲ ୨୨ ବଲରେ ୩୧ (୧ ଚୌକା ଓ ୨ ଛକା) ଓ ରମନଦୀପ ସିଂ ୨୩ ବଲରେ ୩୫ (୪ ଚୌକା ଓ ୧ ଛକା) ରନ କରିଥିଲେ। କେକେଆର ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୭ ଉଇକେଟ ହରାଇ ୧୬୦ ରନ କରିପାରିଥିଲା। ଚେନ୍ନାଇ ପାଇଁ ନୂର ଅହମଦ ୩ ଓ ଅଂଶୁଲ କାମ୍ବୋଜ ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୯୨/୫ (ସଞ୍ଜୁ ସାମସନ-୪୮, ଡେୱାଲ୍ଡ ବ୍ରେଭିସ-୪୧, ଆୟୁଷ ମାହାତ୍ରେ-୩୮, କାର୍ତ୍ତିକ ତ୍ୟାଗି-୩୫/୨, ଅନୁକୂଲ ରୟ-୨୧/୧)। କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୧୬୦/୭ (ରମନଦୀପ ସିଂ-୩୫, ରୋଭମାନ ପାୱେଲ-୩୧*, ନୂର ଅହମଦ-୩/୨୧, ଅଂଶୁଲ କାମ୍ବୋଜ-୨/୩୨, ଅକିଲ ହୁସେନ-୧/୨୬)।

### କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ କେକେଆର୍ ଖେଳାଳି

ସିଏସ୍‌କେ ବିପକ୍ଷ ମୁକାବିଲାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳର ଖେଳାଳିମାନେ ଭାରତର ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର ସି ଡି ଗୋପୀନାଥଙ୍କ ସ୍ମୃତିରେ କଳା ଆର୍ମବ୍ୟାଣ୍ଡ ପରିଧାନ କରିଥିଲେ। ଗୋପୀନାଥଙ୍କର ୯୬ ବର୍ଷ ବୟସରେ ଗତ ୯ ତାରିଖରେ ପରଲୋକ ଘଟିଥିଲା। ୧୯୫୨ରେ ଭାରତୀୟ ଦଳର ସର୍ବ ପ୍ରଥମ ଟେଷ୍ଟ ବିଜୟ ଦଳର ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ୧୯୫୧ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିବା ଗୋପୀନାଥ ଭାରତ ପାଇଁ ୮ ମ୍ୟାଚ୍ ଖେଳିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ଲକ୍ଷ୍ନୌ**

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୦ | ୧ | ୭ | +୦.୭୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୩ | ୧ | ୦ | ୬ | +୧.୧୪୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୦ | ୪ | -୦.୪୨୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୦ | ୨ | -୦.୭୭୨ |
| ନାଇଟ ରାଇଡର୍ସ | ୫ | ୦ | ୪ | ୧ | ୧ | -୧.୩୮୫ |

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

### ୧୭ ବର୍ଷରୁ କମ୍ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ

**ସୋଚି(ରୁଷିଆ) ୧୪।୪(ପି.ଟି.)**

ଭାରତର ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳ ରୁଷିଆ ବିପକ୍ଷ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୩-୦ ଗୋଲ୍‌ରେ ପରାଜିତ ହୋଇଛି। ଘରୋଇ ଦଳ ପକ୍ଷରୁ ଭାଲେରିଆ ମେନ୍‌ୟେଲୋଭା ଦୁଇଟି(୪୯ ଓ ୫୨ତମ ମିନିଟ୍) ବ୍ୟକ୍ତିଗତ ଗୋଲ୍ ଦେଇଥିବା ବେଳେ ଅନ୍ୟ ଗୋଲ୍‌ଟି ସୋଫିଆ ସ୍ୟାତନାୟା ୧୮ତମ ମିନିଟ୍‌ରେ ସ୍କୋର କରିଥିଲେ। ଚାଇନାରେ ଖେଳାଯିବାକୁଥିବା ୧୭ ବର୍ଷରୁ କମ୍ ମହିଳା ଏଏଫ୍‌ସି ଏସିଆନ କପ୍ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତିସ୍ୱରୂପ ଏହି ମ୍ୟାଚ୍ ଖେଳାଯାଉଛି। ୩ ଦିନ ପୂର୍ବେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୦-୪ ଗୋଲ୍‌ରେ ହାରିଯାଇଥିଲା। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଏପ୍ରିଲ ୧୭ରେ ଖେଳାଯିବ।






# 'ୱର୍ନଙ୍କ ମୃତ୍ୟୁ ଲାଗି କୋଭିଡ୍ ଭାକ୍ସିନ୍ ଦାୟୀ'

**ନୂଆଦିଲ୍ଲୀ,୧୪।୪:** ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଲେଗ୍ ସ୍ପିନର ଶେନ୍ ୱର୍ନଙ୍କ ହଠାତ୍ ପରଲୋକ ଘଟିବାର ୪ ବର୍ଷ ପରେ ତାଙ୍କ ମୃତ୍ୟୁକୁ ନେଇ ପୁଅ ଜ୍ୟାକ୍‌ସନ ୱର୍ନ ମୁହଁ ଖୋଲିଛନ୍ତି। ୱର୍ନ ୫୨ ବର୍ଷ ବୟସରେ ୨୦୨୨ରେ ଥାଇଲାଣ୍ଡର ଏକ ରିଜର୍ଟରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ହଠାତ୍ ତାଙ୍କର ମୃତ୍ୟୁ ଖବର ପୂରା କ୍ରିକେଟ୍ ଜଗତକୁ ଚକିତ କରିଦେଇଥିଲା। ପୁଅ ଜ୍ୟାକ୍‌ସନଙ୍କ ମତରେ ଶେନ୍‌ଙ୍କ ମୃତ୍ୟୁରେ କୋଭିଡ୍-୧୯ ଭାକ୍ସିନ୍‌ର ଭୂମିକା ଥାଇପାରେ।

ମୁଁ ନିଶ୍ଚିତ ଯେ, ବାପାଙ୍କ ମୃତ୍ୟୁରେ କୋଭିଡ୍ ଭାକ୍ସିନ୍‌ର ଭୂମିକା ରହିଛି। ମୋ ମତରେ ଏବେ ଏ ସମ୍ପର୍କରେ କହିବା ବିବାଦୀୟ ହେବନାହିଁ। ଯଦି ବାପାଙ୍କର ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା ଥିଲା, ତେବେ ତାହାକୁ କୋଭିଡ୍ ଭାକ୍ସିନ ହିଁ ବାହାରକୁ ଆଣିଥିଲା। ବାପାଙ୍କ ମୃତ୍ୟୁ ଖବର ପାଇବା ପରେ ମୁଁ ତୁରନ୍ତ କୋଭିଡ୍ ଓ ଭାକ୍ସିନକୁ ଦାୟୀ କରିଥିଲି। ବାପାଙ୍କ ମୃତ୍ୟୁ ପରେ ସର୍ବସାଧାରଣରେ ମୁଁ ଏ ସମ୍ପର୍କରେ କଥା ହେବାକୁ ଚାହୁଁଥିଲି। କିନ୍ତୁ ଶେଷରେ ମୁଁ ତାହା ନ କରିବାକୁ ନିଷ୍ପତ୍ତି ନେଇଥିଲି। ନ ହେଲେ ମୁଁ ଭିନ୍ନ ସ୍ଥିତିରେ ଥାଆନ୍ତି ବୋଲି ଜ୍ୟାକ୍‌ସନ '୨ ୱାର୍ଲ୍ଡ କୋଲାଇଡ୍' ନାମକ ଏକ ପଡ୍‌କାଷ୍ଟରେ କହିଛନ୍ତି। ଏହାବାଦ୍ ସେ ପ୍ରକାଶ କରିଛନ୍ତି, କୋଭିଡ୍ ପୂର୍ବରୁ ଅନେକ ଲୋକଙ୍କର ହୃଦ୍‌ଘାତରେ ମୃତ୍ୟୁ ହେଉଥିଲା। କିନ୍ତୁ ବାପା ପୂରା ଠିକ୍ ଥିଲେ। ମୋ ମତରେ ତାଙ୍କୁ ୩ରୁ ୪ ଭାକ୍ସିନ ଡୋଜ୍ ଦିଆଯାଇଥିଲା। ସେଗୁଡ଼ିକୁ ନେବାକୁ ସେ ଚାହୁଁନ ଥିଲେ। ମାତ୍ର କାମ କରିବା ପାଇଁ ତାଙ୍କୁ ବାଧ୍ୟହୋଇ ଭାକ୍ସିନ ନେବାକୁ ପଡ଼ିଥିଲା। ବାପା ସେହି ସମୟରେ ସୁସ୍ଥ ଥିଲେ ଏବଂ ଖୁସିରେ ଥିଲେ। ହଁ, ବାପା ମଦ ପିଇବା ସହ ଧୂମ୍ରପାନ କରନ୍ତି। କିନ୍ତୁ ଅନେକ ଲୋକ ସେମାନଙ୍କର ୮୦ ଓ ୯୦ ବର୍ଷର ହେବା ପରେ ବି ଧୂମ୍ରପାନ କରିବା ସହ ବାପାଙ୍କଠାରୁ ଅଧିକ ମଦ ପିଅନ୍ତି। ଉଲ୍ଲେଖଯୋଗ୍ୟ, ମୃତ୍ୟୁର କିଛି ମାସ ପୂର୍ବରୁ ୨୦୨୧ରେ ଇଂଲଣ୍ଡରେ ଦି ହଣ୍ଡ୍ରେଡ୍ ବେଳେ ୱର୍ନ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିଲେ। ହେଲେ ସେତେବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ନ ଥିଲା।







Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. ^Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. $To avail corporate offer employee ID card is mandatory. #Ex-Showroom Price of HF Deluxe Self Cast OBD2B in Bhubaneswar.

**Authorized Dealers:** **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Associate Dealers:** **Deogarh:** Jindal Motors - 9437056659, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Bamra:** Choudhury Motors - 9938274720, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **Rampur:** Aruna Automobiles - 8114331356, **Banei:** Bhagwan Automation - 9437249425.

VML.5794.2025ODI



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ